


ଅଲ୍ଲୀ ଅବ୍ବାସଙ୍କ ଫିଲ୍ମରେ ଅହାନ୍
▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-279 ◆TUESDAY ◆07 APRIL 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୭୯ ◆ମଙ୍ଗଳବାର ◆୦୭ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ହାଜତରେ ବାପା-ପୁଅଙ୍କୁ ମାରିଥିବା ୯ ପୁଲିସ କର୍ମଚାରୀଙ୍କୁ ମୃତ୍ୟୁଦଣ୍ଡ

■ ମଦୁରାଇ, ୬।୪ (ଏଜେନ୍ସି): ତାମିଲନାଡୁରେ ବାପା-ପୁଅ ହାଜତମୃତ୍ୟୁ ମାମଲାରେ ୯ ଜଣ ପୁଲିସ କର୍ମଚାରୀଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି ମଦୁରାଇର ଏକ ଅଦାଲତ। ୨୦୨୦ର ଏହି ବର୍ବରକାଣ୍ଡ ପାଇଁ ପୁଲିସ କର୍ମଚାରୀଙ୍କୁ ଆଜି ମୃତ୍ୟୁଦଣ୍ଡ ଦେଇ ଉଦାହରଣ ସୃଷ୍ଟି କରିଛନ୍ତି। କୋଭିଡ୍ ସମୟରେ ମିଛ ମାମଲାରେ ଫସାଇ ପୁଲିସ ଏହି ବ୍ୟବସାୟୀ ବାପା-ପୁଅଙ୍କୁ ଥାନା ଭିତରେ ଅକଥନୀୟ ନିର୍ଯାତନା ଦେବାରୁ ସେମାନଙ୍କର ମୃତ୍ୟୁ



ଘଟିଥିଲା ଏବଂ ଏହା ସେତେବେଳେ ଦେଶବ୍ୟାପୀ ଉଦ୍‌ବେଗ ସୃଷ୍ଟି କରିଥିଲା। ଏହାକୁ ବିରଳରୁ ବିରଳତମ ମାମଲା ଦର୍ଶାଇ ମଦୁରାଇର ଜିଲ୍ଲା ଜଜ୍ ଜି. ମୁଥୁକୁମାରନ ୯ ଅଭିଯୁକ୍ତ ପୁଲିସ ଅଧିକାରୀ/କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଛନ୍ତି।

ମୃତ୍ୟୁ ଦଣ୍ଡାଦେଶ ପାଇଥିବା ପୁଲିସ ମଧ୍ୟରେ ଅଛନ୍ତି ଜଣେ ଇନ୍ସପେକ୍ଟର, ଦୁଇ ଜଣ ସବ୍‌ଇନ୍ସପେକ୍ଟର, ଦୁଇ ଜଣ ହେଡ୍ କନେଷ୍ଟବଳ ଏବଂ ୪ ଜଣ କନେଷ୍ଟବଳ। ଏହି ମାମଲାରେ ୧୦ ଜଣଙ୍କୁ ଗିରଫ କରାଯାଇଥିଲା ବେଳେ ଜଣେ ଅଭିଯୁକ୍ତ ପୁଲିସ ଅଫିସର କୋଭିଡ୍ ରୋଗରେ ଆକ୍ରାନ୍ତ ହୋଇ ୨୦୨୦ରେ ପ୍ରାଣ ହରାଇଥିଲେ। ୨୦୨୧ରେ ମାମଲାର ବିଚାରପ୍ରକ୍ରିୟା ଆରମ୍ଭ ହୋଇଥିଲା।

ସୂଚନାଯୋଗ୍ୟ ଯେ ବାପା ଜୟରାଜ ଏବଂ ପୁଅ ବେନିକ୍ସଙ୍କର ଏକ ମୋବାଇଲ ଦୋକାନ ରହିଛି। ଜୟରାଜ ତାଙ୍କ ପୁଅର ମୋବାଇଲ ଦୋକାନରେ ବସିଥିବା ବେଳେ ୧୯ ଜୁନ୍ ୨୦୨୦ରେ ▶ପୃଷ୍ଠା-୭

## କମିବନି କାଳବୈଶାଖୀ

### ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା, କୁଆପଥର ମାଡ଼



■ ଭୁବନେଶ୍ୱର, ୬।୪ (ସମିସ): ଓଡ଼ିଶା ଆକାଶରୁ ହଟୁନାହିଁ କଳାହାଣ୍ଡିଆ ମେଘ। ବୈଶାଖ ଆଗମନ ପୂର୍ବରୁ ରାଜ୍ୟରେ ଚାଲିଛି ଝମାଝମ୍ ବର୍ଷା। ବର୍ଷାର ପ୍ରଭାବ ବିଶେଷ ରହୁ ନ ଥିଲେ ମଧ୍ୟ ଆକଶରେ ଚକ୍‌ମକ୍ ବିଜୁଳି ଚମକୁଛି। ଘଡ଼ଘଡ଼ି ସାଙ୍ଗକୁ ସ୍ଥାନେ ସ୍ଥାନେ କୁଆପଥର ମାଡ଼ ଲୋକଙ୍କୁ ଭୟଭୀତ କରାଇ ଦେଉଛି। ଗଲା ୩-୪ ଦିନ ହେବ ଉପକୂଳବର୍ତ୍ତୀ ଜିଲ୍ଲା ସମୟରେ ଆଭ୍ୟନ୍ତରୀଣ ଓଡ଼ିଶାରେ ଏହି ସ୍ଥିତି ଲାଗି ରହିଛି। ସୋମବାର ବଲାଙ୍ଗିରରେ କୁଆପଥର ବର୍ଷା କଶ୍ମୀରର ଭ୍ରମ ସୃଷ୍ଟି କରିଛି। ଦିନ ବେଳା ଯାହା ଯେମିତି ଖରାଟିଆ ପାଗ ରହୁଛି; ହେଲେ ଅପରାହ୍ଣ ପରେ ପାଗରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆସିବା ସହ ରାଜ୍ୟର ଅଧିକାଂଶ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସ୍ଥିତି ସୃଷ୍ଟି ହେଉଛି। ଏହି ସମୟରେ ଅନେକ ସ୍ଥାନରେ ପବନର ବେଗ ମଧ୍ୟ ବୃଦ୍ଧି ୪୦ରୁ ୫୦ କିମି ପର୍ଯ୍ୟନ୍ତ ରହୁଛି। ସାରା ରାଜ୍ୟରେ ପାଣିପାଗର ଏଭଳି ପ୍ରଭାବ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି।

- ଏପ୍ରିଲରେ ଅସ୍ଥିର ପାଣିପାଗ ସ୍ଥିତି
- ମେ' ସାଜିବ ବର୍ଷର ଉତ୍ତପ୍ତ ମାସ
- ସ୍ୱାଭାବିକ ଆସିପାରେ ମୌସୁମୀ

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ମଙ୍ଗଳବାର ରାଜ୍ୟର ୭ ଜିଲ୍ଲା କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜକୁ ବଜ୍ରପାତ ସହ ବର୍ଷା ଓ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଅନ୍ୟପଟେ ପାଣିପାଗ ▶ପୃଷ୍ଠା-୭

## ପୁଣି ଇରାନକୁ ଟ୍ରମ୍ପଙ୍କ ଧମକ

# ଗୋଟିଏ ରାତିରେ ଧ୍ୱଂସ

## ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଉଡ଼ାଇ ଦିଆଯିବ ସମସ୍ତ ଶକ୍ତି କେନ୍ଦ୍ର ଓ ସେତୁ

■ ତେହରାନ/ୱାସିଂଟନ, ୬।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଯୁଦ୍ଧର ନିଆଁ ଆହୁରି ଭୟଙ୍କର ରୂପ ଧାରଣ କରିଛି। ସୋମବାର ପ୍ରତ୍ୟୁଷରେ ଆମେରିକା ଓ ଇସ୍ରାଏଲର ମିଳିତ ବିମାନ ଆକ୍ରମଣରେ ଇରାନର ଶକ୍ତିଶାଳୀ ସାମରିକ ସଂଗଠନ ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ର ଗୁଇନ୍ଦା ମୁଖ୍ୟ ମେଜର ଜେନେରାଲ ମଜିଦ ଖାଦେମି ପ୍ରାଣ ହରାଇଛନ୍ତି। ଇରାନ ରାଜଧାନୀ ତେହରାନ ସମେତ ବିଭିନ୍ନ ଆବାସିକ ଅଞ୍ଚଳକୁ ଟାର୍ଗେଟ କରି କରାଯାଇଥିବା ଏହି ଆକ୍ରମଣରେ ଖାଦେମିଙ୍କ ସମେତ ପ୍ରାୟ ୨୫ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଏହାକୁ ନେଇ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ହର୍ମୁଜ ଖୋଲିବା ସହିତ ଯୁଦ୍ଧବିରତି ଲାଗି ଆମେରିକା ଦେଇଥିବା ପ୍ରସ୍ତାବକୁ ଇରାନ ପୁଣି ପ୍ରତ୍ୟାଖ୍ୟାନ କରିଛି। ଇରାନ କହିଛି ଯେ ଏହା କେତେକ ସର୍ତ୍ତ ସହିତ ସ୍ଥାୟୀ ଯୁଦ୍ଧବିରତି ଚାହୁଁଛି। ଅସ୍ଥାୟୀ ଯୁଦ୍ଧବିରତି ଇରାନକୁ ଗ୍ରହଣୀୟ ନୁହେଁ। ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଦେଇଥିବା ୪୮ ଘଣ୍ଟିଆ ସମୟସୀମା ମଙ୍ଗଳବାର ସନ୍ଧ୍ୟାରେ ଶେଷ ହେବାକୁ ଯାଉଥିବା ବେଳେ ଯୁଦ୍ଧବିରତି ନେଇ ସହମତି ହୋଇପାରୁ



ନାହିଁ। ତେଣୁ ଯୁଦ୍ଧ ଆହୁରି ଭୟଙ୍କର ଓ ବିଧ୍ୱଂସୀ ହେବା ନେଇ ଆଶଙ୍କା ପ୍ରକାଶ ପାଇଲାଣି। ଏହି ଆଶଙ୍କା ମଧ୍ୟରେ ରାଷ୍ଟ୍ରପତି

**ଆମେରିକା ଆକ୍ରମଣରେ ଆଇଆର୍‌ଜିସି ଗୁଇନ୍ଦା ମୁଖ୍ୟ ମାଜିଦ ନିହତ**

ଟ୍ରମ୍ପ ଆଜି ପୁଣି ଧମକ ଦେଇଛନ୍ତି। ସେ କହିଛନ୍ତି ଯେ ସମଗ୍ର ଇରାନକୁ ଧ୍ୱଂସ କରିବା ଲାଗି ଗୋଟିଏ ରାତି ହିଁ ଯଥେଷ୍ଟ। ଏହି ରାତି ଆସନ୍ତାକାଲି ହୋଇପାରେ। ଆମେରିକାର ସେନା ଅନ୍ୟମାନଙ୍କ ଅପେକ୍ଷା ଅଧିକ ଦକ୍ଷ। ଗୋଟିଏ ରାତିରେ ହଜାର ହଜାର କମାଣ୍ଡୋ ଇରାନରେ ଅବତରଣ କରି ଧ୍ୱଂସଲୀଳା ଚଳାଇବେ। ଶକ୍ତିଶାଳୀ କ୍ଷେପଣାସ୍ତ୍ର ମଧ୍ୟ ପ୍ରସ୍ତୁତ ହୋଇରହିଛି। ଇରାନର ସମସ୍ତ ଶକ୍ତି ପ୍ରତିଷ୍ଠାନ ଓ ପୋଲକୁ ଧ୍ୱଂସ କରିଦିଆଯିବ ବୋଲି ସେ ଧମକ ଦେଇଛନ୍ତି।

ଟ୍ରମ୍ପଙ୍କ ଏଭଳି ଧମକରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଇରାନ। ଇରାନ ସଂସଦର ବାଚସ୍ପତି କହିଛନ୍ତି ଯେ ଆମେରିକା ଓ ଇସ୍ରାଏଲକୁ କଡା ଜବାବ ଦେବାଲାଗି ଇରାନ ପ୍ରସ୍ତୁତ ଅଛି। ଟ୍ରମ୍ପଙ୍କ ▶ପୃଷ୍ଠା-୭

## ୧୪ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତ

■ ଭୁବନେଶ୍ୱର, ୬।୪ (ସମିସ): ରାଜ୍ୟ ସରକାର ସୋମବାର ୧୪ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତି ଦେଇଛନ୍ତି। ଦୀର୍ଘଦିନ ଧରି ବିଶ୍ୱବିଦ୍ୟାଳୟରେ ଅଚଳାବସ୍ଥା ଜାରି ରହିବା ପରେ କୁଳାଧିପତି ତଥା ରାଜ୍ୟପାଳ ଖାଲି ଥିବା ସମସ୍ତ ପଦରେ ନୂତନ ନିଯୁକ୍ତି ଦେଇଛନ୍ତି।

ସୂଚନାଯୋଗ୍ୟ, ଖାଲି ପଡ଼ିଥିବା ପଦରେ ନିଯୁକ୍ତି ଦେବାରେ ମାତ୍ରାଧିକ ବିଳମ୍ବ କାରଣରୁ ବିରୋଧୀ ସରକାରଙ୍କୁ ଘେରିଥିଲେ। ଏ ସଂକ୍ରାନ୍ତରେ ବିଜେଡି ରାଜ୍ୟପାଳଙ୍କୁ ଭେଟି ତୁରନ୍ତ କୁଳପତି ନିଯୁକ୍ତି ପାଇଁ ଦାବିପତ୍ର ପ୍ରଦାନ କରିବା ସହ ସାମ୍ବାଦିକ ସମ୍ମିଳନୀରେ ଏହି ପ୍ରସଙ୍ଗକୁ ପ୍ରମୁଖତାର ସହ ଲୋକଲୋଚନକୁ ଆଣିଥିଲା। କୁଳପତି ନିଯୁକ୍ତି ହୋଇ ନ ପାରିବା ସରକାରଙ୍କ ଅପାରଗପଣିଆର ପରିଣାମ ବୋଲି ବିଜେଡି ଅଭିଯୋଗ କରିଥିଲା। ଖାଲି ସେତିକି ନୁହେଁ, ବିଧାନସଭା ଅଧିବେଶନରେ ବି ବିରୋଧୀ ଦଳ ବିଧାୟକମାନେ ବାରମ୍ବାର ଏ ▶ପୃଷ୍ଠା-୭

| ବିଶ୍ୱବିଦ୍ୟାଳୟ | କୁଳପତି |
|---|---|
| ଉତ୍କଳ | ଚଣ୍ଡୀ ପ୍ରସାଦ ନନ୍ଦ |
| ରେଭେନ୍ସା | ଅର୍କ କୁମାର ଦାସ ମହାପାତ୍ର |
| ଧରଣୀଧର | ସଞ୍ଜୟ କୁମାର ପାତ୍ର |
| ଗଙ୍ଗାଧର ମେହେର | ବ୍ୟୋମକେଶ ତ୍ରିପାଠୀ |
| ଖଲ୍ଲିକୋଟ | ଅସୀମା ସାହୁ |
| ମା' ମାଣିକେଶ୍ୱରୀ | ପଵନ କୁମାର ଅଗ୍ରୱାଲ |
| ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ | ଶିବରାମ ତ୍ରିପାଠୀ |
| ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ | ମହେନ୍ଦ୍ର କୁମାର ମହାନ୍ତି |
| ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ | ବିଭୂତି ଭୂଷଣ ମଲିକ |
| ରମାଦେବୀ | ଜ୍ୟୋତ୍ସ୍ନା କେ.ବି ରାଉତ |
| ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ | ପ୍ରଭାତ କୁମାର ମହାପାତ୍ର |
| ବିକ୍ରମଦେବ ବିଶ୍ୱବିଦ୍ୟାଳୟ | ହୃଷୀକେଶ ସେନାପତି |
| ଓଡ଼ିଆ ବିଶ୍ୱବିଦ୍ୟାଳୟ | ସତ୍ୟନାରାୟଣ ଆଚାର୍ଯ୍ୟ |
| ଫକୀର ମୋହନ ବିଶ୍ୱବିଦ୍ୟାଳୟ | ସନ୍ତୋଷ ତ୍ରିପାଠୀ (ଅପରିବର୍ତ୍ତିତ) |






### ସରକାରଙ୍କ 'ୟୁ' ଟର୍ଣ୍ଣ

## ମନ୍ତ୍ରୀ କହିଲେ 'ନା', ସଚିବ କହିଲେ 'ହଁ'

- କେନ୍ଦ୍ର ନିୟମ ନ ଜାଣି ମନ୍ତ୍ରୀ କରିଥିଲେ ମନା
- ଦିନକ ପରେ ସଚିବଙ୍କ ମୁହଁରେ କୁହାଇଲେ 'ହଁ'
- ୫ କେଜି ଟାଙ୍କି ପାଇଁ ଲୋଡ଼ା କେବଳ ପରିଚୟପତ୍ର

■ ଭୁବନେଶ୍ୱର, ୬।୪ (ସମିସ): କେନ୍ଦ୍ର ସରକାର, ବିଭିନ୍ନ ପେଟ୍ରୋଲିୟମ କମ୍ପାନୀ ୫ ଲିଟର ଗ୍ୟାସ ସିଲିଣ୍ଡର ପ୍ରଦାନରେ କୌଣସି ପ୍ରତିବନ୍ଧକ ଲଗାଇ ନାହାନ୍ତି। ଗତ ୧୨ ଦିନ ମଧ୍ୟରେ ସାରା ଦେଶରେ ପାଖାପାଖି ୭ ଲକ୍ଷ ୫ ଲିଟର ଗ୍ୟାସ ସିଲିଣ୍ଡର ସଂଯୋଗ ଦିଆଯାଇଛି। କେବଳ ଗତ ୪ ତାରିଖ ଅର୍ଥାତ୍ ଗୋଟିଏ ଦିନରେ ବିଭିନ୍ନ ପେଟ୍ରୋଲିୟମ କମ୍ପାନୀର ଡ଼ିଲରମାନେ ଦେଶରେ ୯୦ ହଜାର ୫ କେଜି ଟାଙ୍କି ଦେଇଛନ୍ତି। ଏ ନେଇ କୌଣସି ପ୍ରତିବନ୍ଧକ ମଧ୍ୟ ଜାରି ହୋଇ ନାହିଁ। ମାତ୍ର ରାଜ୍ୟ ଯୋଗାଣମନ୍ତ୍ରୀ ଦିନକ ତଳେ ସଫାସଫା ରାଜ୍ୟରେ ୫ ଲିଟର ଟାଙ୍କି ବିକ୍ରି ହେବ ନାହିଁ ବୋଲି ମନା କରିଥିଲେ। ଏହାକୁ ନେଇ ରାଜ୍ୟ ସରକାର ଅଡୁଆରେ ▶ପୃଷ୍ଠା-୭

### ଆଜାଦ୍‌ନଗର ବୋମା ବିସ୍ଫୋରଣ ମାମଲା

## ଏନ୍‌ଆଇଏ ନେଲା ତଦନ୍ତ ଭାର

■ ଭୁବନେଶ୍ୱର, ୬।୪ (ସମିସ): ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଆଜାଦ୍‌ନଗର ଅଞ୍ଚଳରେ ବୋମା ବିସ୍ଫୋରଣ ମାମଲାର ତଦନ୍ତ ଭାର ଏନ୍‌ଆଇଏ ହାତକୁ ଯାଇଛି। ଏଣିକି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏହାର ତଦନ୍ତ କରିବ। ପୂର୍ବରୁ ଏହି ମାମଲାର ତଦନ୍ତ ଭାର କମିଶନରେଟ୍ ପୁଲିସ ହାତରେ ଥିଲା। ତେବେ ବିସ୍ଫୋରଣ ସ୍ଥଳରୁ ଆର୍‌ଡିଏକ୍ସରେ ବ୍ୟବହୃତ ଏକ ଉପାଦାନ ମିଳିବା ପରେ ଏନ୍‌ଆଇଏ ଏହାର ତଦନ୍ତଭାର ନେଇଛି। ମଫି ଘରେ ହୋଇଥିବା ବିସ୍ଫୋରଣ, ଅପରାଧିକ ଲିଙ୍କ, ଆତଙ୍କୀ ହମଲା ସମ୍ପର୍କରେ ଏନ୍‌ଆଇଏ ତଦନ୍ତ କରିବ। ଗତ ଜାନୁଆରୀ ୨୭ ତାରିଖରେ ସୁନ୍ଦରପଦା ଆଜାଦ ନଗର ଅଞ୍ଚଳରେ ଥିବା ଏକ ୫ମହଲା ଘରର ଛାତ ଉପରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ▶ପୃଷ୍ଠା-୭

**ମଫିର କ୍ରାଇମ୍ ନେଟ୍‌ୱର୍କର ଖୋଲତାଡ଼ ହେବ**

## ଗିଳିଦେଲେ ଲଘୁ ଖଣିଜ ଦ୍ରବ୍ୟ

### ଦିନ ଦ୍ୱିପ୍ରହରେ ବେଧଡ଼କ ଲୁଟ୍, ସରକାର ନୀରବଦ୍ରଷ୍ଟା

■ ଭୁବନେଶ୍ୱର, ୬।୪ (ସମିସ): ରାଜ୍ୟରେ ଲଘୁ ଖଣିଜ ଦ୍ରବ୍ୟ ଚୋରି ସୀମା ଲଂଘିଲାଣି। ୩୦ଟି ଯାକ ଜିଲ୍ଲାରେ ବେଧଡ଼କ ଭାବରେ ବାଲିଠୁ ମୋରମ, ପଥର ଯାଏଁ ଚୋରା ଚାଲାଣ ହେଉଥିଲେ ହେଁ ସରକାର ଏକପ୍ରକାର ମୁହଁରେ ତୁଣ୍ଡି ବାନ୍ଧି ବସିଛନ୍ତି। ସ୍ଥାନୀୟ ସ୍ତରରେ ବିଜେପି ନେତା-ଖଣି ବିଭାଗ ଓ ପୁଲିସର ମଧୁଚନ୍ଦ୍ରିକାରେ ଲଘୁ ଖଣିଜ ଦ୍ରବ୍ୟକୁ ଲୁଟିନିଆଯାଉଛି ବୋଲି ଏବେ ସାଧାରଣରେ କ୍ଷୋଭ ପ୍ରକାଶ ପାଉଛି। ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ହଜାର ହଜାର କୋଟି ଟଙ୍କାର ବାର୍ଷିକ ରାଜସ୍ୱ ହରାଉଥିବା ବେଳେ ସରକାରଙ୍କ ନିରବତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି।

ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ରାଜ୍ୟବ୍ୟାପୀ ଏହି ଚୋରି ସୀମା ଲଂଘିଥିବା ବିରୋଧୀ ଦଳ କରିଥିବା ଅଭିଯୋଗ ଯେ ଅସତ୍ୟ ନୁହେଁ ତାହା ପ୍ରମାଣିତ ହୋଇଛି। ଖୋଦ ଖଣିମନ୍ତ୍ରୀ ବିଭୂତି ଜେନା

- ଶାସକ ଦଳ ନେତା-ବିଭାଗ-ପୁଲିସ ମଧ୍ୟରେ ମଧୁଚନ୍ଦ୍ରିକା
- ସରକାର ହରାଉଛନ୍ତି ଶହଶହ କୋଟି ଟଙ୍କାର ରାଜସ୍ୱ

ବିଧାନସଭାରେ ବି ଏହାକୁ ସ୍ୱୀକାର କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟରେ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣରେ ସଂପୃକ୍ତି ଥିବା କାରଣରୁ ମୋଟ ୪୬୭୬ଟି ଗାଡ଼ି ଧରା ହୋଇଛି ଓ ସେମାନଙ୍କ ନିକଟରୁ ୪୮ କୋଟି ୧୬ ଲକ୍ଷ ୮୭୦୦୧ ଟଙ୍କା ଜରିମାନା ▶ପୃଷ୍ଠା-୭








## ସିଇସିଙ୍କ ବିରୋଧରେ ଆଗତ ମହାଭିଯୋଗ ନୋଟିସ ଖାରଜ

ନୂଆଦିଲ୍ଲୀ, ୬।୪(ଏଜେନ୍ସି): ଭାରତର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ତାଙ୍କ ପଦରୁ ହଟାଇବା ପାଇଁ ବିରୋଧୀ ଦଳ ଦେଇଥିବା ମହାଭିଯୋଗ ନୋଟିସ ଖାରଜ ହୋଇଯାଇଛି। ଉଭୟ ଲୋକସଭା ବାଚସ୍ପତି ଏବଂ ରାଜ୍ୟସଭା ଅଧ୍ୟକ୍ଷ ଏହି ନୋଟିସକୁ ଖାରଜ କରି କହିଛନ୍ତି ଯେ ନୋଟିସ ବିସ୍ତୃତ ଭାବେ ଅନୁଧ୍ୟାନ କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଗତ ମାର୍ଚ୍ଚ ୧୨ରେ ଦିଆଯାଇଥିବା ଏହି ପ୍ରସ୍ତାବରେ ୧୦୦ରୁ ଅଧିକ ସାଂସଦ ଦସ୍ତଖତ କରିଥିଲେ। ବିରୋଧୀ ଇଣ୍ଡିଆ ମେଣ୍ଟର ସାଂସଦମାନେ ମିଳିତ ଭାବେ ଏହି ନୋଟିସ ଦେଇଥିଲେ। ଭାରତର ସଂସଦୀୟ ଇତିହାସରେ ଏହା ପ୍ରଥମଥର, ଯେଉଁଠି ଜଣେ ମୁଖ୍ୟ ନିର୍ବାଚନ କମିସନଙ୍କୁ ହଟାଇବା ପାଇଁ ଏଭଳି ନୋଟିସ ଦିଆଯାଇଛି। ମୁଖ୍ୟ ନିର୍ବାଚନ କମିସନର ଶାସକ ବିଜେପିକୁ ସୁହାଇଲା ଭଳି କାର୍ଯ୍ୟ କରୁଛନ୍ତି। ବିରୋଧୀଙ୍କ ଦାବି ଅନୁଯାୟୀ, ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର୍) ମାଧ୍ୟମରେ କମିସନ କେନ୍ଦ୍ର ସରକାରଙ୍କୁ ଫାଇଦା ପହଞ୍ଚାଇବାକୁ ଚେଷ୍ଟା କରୁଛନ୍ତି। ଖାସ୍ କରି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ କମିସନ ଜାଣିଶୁଣି ଭୋଟର ତାଲିକାରୁ ପ୍ରକୃତ ଭୋଟରଙ୍କ ନାମ କାଟି ଦେଇ ବିଜେପିକୁ ଫାଇଦା ଦେବାକୁ ଚେଷ୍ଟା କରୁଛନ୍ତି।

## ଇରାନ ପାଇଁ ଲେହରେ ୨୫ ହଜାର ଟଙ୍କାରେ ନିଲାମ ହେଲା ଗୋଟିଏ ଅଣ୍ଡା

ଲେହ, ୬।୪(ଏଜେନ୍ସି): ମାନବିକତାର କୌଣସି ସୀମା ବା ଭୂଗୋଳ ନାହିଁ। ଯେତେବେଳେ ବିଶ୍ୱର ଏକ କୋଣରେ ଯୁଦ୍ଧ ଓ ନିର୍ଯାତନର ବିଭୀଷିକା ଦେଖାଦିଏ, ଅନ୍ୟ ଏକ କୋଣରୁ ସମବେଦନାର ହାତ ବଢ଼ିଆସେ। ସମ୍ପ୍ରତି ଇରାନରେ ଚାଲିଥିବା ଯୁଦ୍ଧ ପୀଡିତ ଶିଶୁ ଏବଂ ସାଧାରଣ ନାଗରିକଙ୍କୁ ସାହାଯ୍ୟ କରିବା ପାଇଁ ଲଦାଖର ଲେହ ଜିଲ୍ଲାରେ ଏକ ନିଆରା ସହାୟତା ଅଭିଯାନ ଦେଖିବାକୁ ମିଳିଛି। ଲେହ ଜିଲ୍ଲାରେ ଆୟୋଜିତ ଏକ ଦାନ ଅଭିଯାନ ସମୟରେ ଜଣେ ସ୍ଥାନୀୟ ବାସିନ୍ଦା, ଶବିର ହୁସେନ ମାତ୍ର ୧୦ ଟଙ୍କାର ଗୋଟିଏ ଅଣ୍ଡାକୁ ୨୫, ୦୦୦ ଟଙ୍କାର ନିଲାମ ଧରି ସାରା ଦେଶର ଦୃଷ୍ଟିଆକର୍ଷଣ କରିଛନ୍ତି। ଇରାନ ଯୁଦ୍ଧରେ ପୀଡିତଙ୍କୁ ସହାୟତା ଦେବାକୁ ଏହି ଅର୍ଥ ବିନିଯୋଗ କରାଯିବ ବୋଲି ସେ କହିଛନ୍ତି। ଗୋଟିଏ ସାଧାରଣ ଅଣ୍ଡାକୁ ହଜାର ହଜାର ଟଙ୍କାରେ ନିଲାମ କରାଯିବା ଏକ ବଡ଼ କଥା। କେବଳ ଏହି ଅଣ୍ଡା ନୁହେଁ, ଇରାନକୁ ସହାୟତା ପ୍ରଦାନ କରିବା ପାଇଁ ଜମ୍ମୁ-କଶ୍ମୀର ଏବଂ ଲଦାଖର ଲୋକମାନେ ନିଜ କ୍ଷମତା ଅନୁଯାୟୀ ବିଭିନ୍ନ ସାମଗ୍ରୀ ଦାନ କରୁଛନ୍ତି। ମହିଳାମାନେ ନିଜର ସୁନା, ରୂପା ଦାନ କରୁଥିବା ବେଳେ ଶିଶୁମାନେ ନିଜର ଜମାପୁଞ୍ଜି ବା ଇଦି ଟଙ୍କା ସାହାଯ୍ୟ ପାଇଁ ପ୍ରଦାନ କରୁଛନ୍ତି।

## ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅଙ୍କୁ ଆଜୀବନ ଜେଲ୍

ବିଳାସପୁର, ୬।୪(ଏଜେନ୍ସି): ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଅଜିତ ଯୋଗୀଙ୍କ ପୁଅ ତଥା ଜନତା କଂଗ୍ରେସ ନେତା ଅମିତ ଯୋଗୀଙ୍କୁ ରାଜ୍ୟର ହାଇକୋର୍ଟ ଏନସିପି ନେତା ରାମାବତାର ଜଗିଙ୍କ ହତ୍ୟାକାଣ୍ଡ ମାମଲାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ହାଇକୋର୍ଟ ତାଙ୍କୁ ୭ଦିନ ମଧ୍ୟରେ ଆତ୍ମସର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ରମେଶ ସିହ୍ନା ଏବଂ ବିଚାରପତି ଅରବିନ୍ଦ କୁମାର ବର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ଏହି ରାୟ ଶୁଣାଇଛନ୍ତି। ତେବେ ଅମିତ ଏହି ମାମଲା ବିରୋଧରେ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି। ସୂଚନାଯୋଗ୍ୟ, ଛତିଶଗଡ଼ର ବ୍ୟବସାୟୀ ତଥା ଏନସିପି ନେତା ରାମାବତାର ଜଗିଙ୍କୁ ୨୦୦୩ ଜୁନ୍ ୪ରେ ହତ୍ୟା କରାଯାଇଥିଲା। ସିବିଆଇକୁ ଏହାର ତଦନ୍ତ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ପରେ ମାମଲାରେ ନିମ୍ନ ଅଦାଲତ ୨୦୦୭ରେ ୨୮ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ସେତେବେଳେ ପ୍ରମାଣ ଅଭାବରୁ ଅମିତ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। କିନ୍ତୁ ଜଗିଙ୍କ ପୁଅ ପରେ ଏହି ନିଷ୍ପତ୍ତିକୁ ଚାଲେଞ୍ଜ କରିଥିଲେ। ହେଲେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲେ ମଧ୍ୟ ପରବର୍ତ୍ତୀ ଶୁଣାଣି ପାଇଁ ପୁନର୍ବାର ମାମଲାକୁ ହାଇକୋର୍ଟକୁ ପଠାଯାଇଥିଲା। ସିବିଆଇର ଆବେଦନ ପରେ ହାଇକୋର୍ଟ ଏହି ୨୩ ବର୍ଷ ପୁରୁଣା ମାମଲାର ଅନ୍ତ ଆଣି ଅମିତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅନ୍ୟପକ୍ଷେ ଅଭିଯୁକ୍ତ ଅମିତ ହାଇକୋର୍ଟଙ୍କ ଠାରୁ ତାଙ୍କୁ ଉଚିତ୍ ନ୍ୟାୟ ମିଳିପାରି ନାହିଁ ଏବଂ ସେ ନିର୍ଦ୍ଦୋଷ ସତ୍ତ୍ୱେ ଦଣ୍ଡାଦେଶ ପାଇଛନ୍ତି ବୋଲି କହିଛନ୍ତି। ଏହି ମାମଲାକୁ ସେ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିବେ ବୋଲି ସୂଚନା ଦେଇଛନ୍ତି।

## ଭାରତରେ ପ୍ରଥମ: ରାଜ୍ୟସଭା ସାଂସଦ ଭାବେ ଶପଥ ନେଲେ ଏଲ୍‌ଜିବିଟି

ନୂଆଦିଲ୍ଲୀ, ୬।୪(ଏଜେନ୍ସି): ସୋମବାର ସଂସଦ ଭବନରେ ୧୯ ଜଣ ନବନିର୍ବାଚିତ ରାଜ୍ୟସଭା ସାଂସଦ ଶପଥ ଗ୍ରହଣ କରିଛନ୍ତି। ଏହି ସାଂସଦମାନଙ୍କ ମଧ୍ୟରେ ଅଛନ୍ତି ସୁପ୍ରିମ କୋର୍ଟର ଆଡଭୋକେଟ୍ ମେନେକା ଗୁରୁସ୍ୱାମୀ। ସେ ଏଲଜିବିଟିକ୍ୟୁ ସମୁଦାୟର ହୋଇଥିବାରୁ ରାଜ୍ୟସଭାରେ ସାଂସଦ ଭାବେ ଶପଥ ନେଇ ଇତିହାସ ରଚିଛନ୍ତି।



ଏହାପୂର୍ବରୁ ଏଲଜିବିଟି ସମୁଦାୟର କେହି ରାଜ୍ୟସଭା ସାଂସଦ ହୋଇନଥିଲେ। ତାଙ୍କୁ ମମତାଙ୍କ ଟିଏମ୍‌ସି ସାଂସଦ କରିଛି। ଶପଥ ନେଇଥିବା ୧୯ ଜଣ ସାଂସଦଙ୍କ ମଧ୍ୟରୁ ମହାରାଷ୍ଟ୍ରରୁ ୫, ଓଡ଼ିଶାରୁ ୩, ତାମିଲନାଡୁର ୬ ଓ ପଶ୍ଚିମବଙ୍ଗରୁ ୫ଜଣ ସାଂସଦ ରହିଛନ୍ତି। ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନଙ୍କ ଉପସ୍ଥିତିରେ ସମସ୍ତ ସାଂସଦ ଶପଥ ପାଠ କରିଥିଲେ। ଗତ ମାର୍ଚ୍ଚ ୧୬ ତାରିଖରେ ୧୦ଟି ରାଜ୍ୟର ୩୭ଟି ବିଧାନସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

## ସିକିମ୍‌ରେ ପ୍ରକୃତିର ତାଣ୍ଡବ

ଗାଙ୍ଗଟକ/ଲକ୍ଷ୍ନୌ, ୬।୪(ଏଜେନ୍ସି): ଉତ୍ତର ଓ ଉତ୍ତର-ପୂର୍ବ ଭାରତର ପାଣିପାଗ ରୂପ ଭୟଙ୍କର ରୂପ ହୋଇଛି। ସିକିମ୍‌ର ମାଙ୍ଗନ ଜିଲ୍ଲାରେ ପ୍ରବଳ ବର୍ଷା ଓ ତୁଷାରପାତ ଯୋଗୁଁ ଭୂସ୍ଖଳନ ଘଟି ପ୍ରାୟ ୧୫୦୦ ପର୍ଯ୍ୟଟକ ଫସି ରହିଛନ୍ତି। ଅନ୍ୟପଟେ, ବିଗତ ୭୨ ଘଣ୍ଟା ମଧ୍ୟରେ ଉତ୍ତର ପ୍ରଦେଶରେ ଝଡ଼ବର୍ଷା ଓ ବଜ୍ରପାତ ଯୋଗୁଁ ୧୫ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ରବିବାର ସିକିମ୍‌ର ଲାଚେନ-ଚୁଙ୍ଗଥାନ ରୋଡ୍‌ରେ ଭୂସ୍ଖଳନ ଯୋଗୁଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଫସି ରହିଥିବା ୧୫୦୦ ପର୍ଯ୍ୟଟକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ଅଭିଯାନ ଆରମ୍ଭ କରାଯାଇଛି। ୟୁପିର କାଶୀ, ଗୋଣ୍ଡା, ସୁଲତାନପୁର ଏବଂ କାନପୁର ସମେତ ୧୧ଟି ଜିଲ୍ଲାରେ ପ୍ରବଳ ବର୍ଷା ଓ ଘଣ୍ଟାପ୍ରତି ୪୦-୫୦ କିମି ବେଗରେ ପବନ ବହିଛି। ଗତ ୩ ଦିନ ମଧ୍ୟରେ ବଜ୍ରପାତ ଯୋଗୁଁ ୧୫ ଜଣ ପ୍ରାଣ ହରାଇଛନ୍ତି।

**ମଧ୍ୟପ୍ରାଚ୍ୟ ମହାଯୁଦ୍ଧ**

# ଅସ୍ଥାୟୀ ଯୁଦ୍ଧବିରତି ପାଇଁ ପ୍ରସ୍ତୁତ ନୁହେଁ ଇରାନ



- **୪୫ ଦିନିଆ ଯୁଦ୍ଧବିରତି ପାଇଁ ପାକିସ୍ତାନ ପ୍ରସ୍ତାବକୁ ଇରାନର ପ୍ରତ୍ୟାଖ୍ୟାନ**
- **ଅସ୍ଥାୟୀ ଯୁଦ୍ଧବିରତି ପାଇଁ ଖୋଲିବ ନାହିଁ ହର୍ମୁଜ ପ୍ରଣାଳୀ: ଇରାନ**
- **ନିଜର ୧୦ ଦଫା ସର୍ତ୍ତ ଉପସ୍ଥାପନ କଲା**

ତେହରାନ/ୱାସିଂଟନ, ୬।୪(ଏଜେନ୍ସି): ପାଖାପାଖି ୬ ସପ୍ତାହର ଭୟଙ୍କର ସଂଘର୍ଷ ପରେ ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧ ବନ୍ଦ କରିବା ପାଇଁ ଏକ ବଡ଼ ଧରଣର କୂଟନୈତିକ ପଦକ୍ଷେପ ନିଆଯାଇଛି।। ଇଜିପ୍ଟ, ପାକିସ୍ତାନ ଓ ତୁର୍କୀର ମଧ୍ୟସ୍ଥତାରେ ଉଭୟ ଦେଶକୁ ୪୫ ଦିନିଆ ଅସ୍ତ୍ରବିରତିର ପ୍ରସ୍ତାବ ଦିଆଯାଇଛି। ଶାନ୍ତି ପ୍ରସ୍ତାବ ମୁଖ୍ୟତଃ ୩ଟି ଦେଶ ଇଜିପ୍ଟ, ପାକିସ୍ତାନ ଓ ତୁର୍କୀ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏହି ମଧ୍ୟସ୍ଥି ଦେଶଗୁଡ଼ିକ ଆଶା କରୁଛନ୍ତି ଯେ ୪୫ ଦିନର ଶାନ୍ତି କାଳରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ମାଧ୍ୟମରେ ଏକ ସ୍ଥାୟୀ ସମାଧାନ ବାହାର କରାଯାଇପାରିବ। ଯୁଦ୍ଧ କାରଣରୁ ବନ୍ଦ ଥିବା ହର୍ମୁଜ ପ୍ରଣାଳୀକୁ ଖୋଲିବା ଏହି ଚୁକ୍ତିର ଏକ ପ୍ରମୁଖ ସର୍ତ୍ତ। ଏହାଦ୍ୱାରା ବିଶ୍ୱ ବଜାରକୁ ତେଲ ରପ୍ତାନୀ ସ୍ୱାଭାବିକ ହୋଇପାରିବ।

ତେବେ ସେମାନଙ୍କର ଏହି ପ୍ରସ୍ତାବକୁ ଇରାନ ପ୍ରତ୍ୟାଖ୍ୟାନ କରିଦେଇଛି। ଇରାନ ପକ୍ଷରୁ କୁହାଯାଇଛି ଯେ ଅସ୍ଥାୟୀ ଯୁଦ୍ଧବିରତି ଲାଗି ହର୍ମୁଜକୁ ଖୋଲାଯାଇପାରିବ ନାହିଁ। ଯୁଦ୍ଧବିରତି ପାଇଁ ଆମେରିକାର ୧୫ ସୂତ୍ରୀ ଫର୍ମୁଲାକୁ ଇରାନ ପ୍ରତ୍ୟାଖ୍ୟାନ କରିବା ସହିତ ନିଜ ପକ୍ଷରୁ ୧୦ ସୂତ୍ରୀ ସର୍ତ୍ତ ରଖିଛି। ଏହାର ସର୍ତ୍ତ ପୂରଣ ନହେଲେ ଯୁଦ୍ଧ ବନ୍ଦ ହେବନାହିଁ ବୋଲି ଘୋଷଣା କରିଛି ଇରାନ।

ଇରାନର ଏହି ପ୍ରତିକ୍ରିୟା ନେଇ କ୍ଷୁବ୍ଧ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଇରାନ ଏବେ ବଡ଼ ଧରଣର ଆକ୍ରମଣର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହୁ।

ଇରାନ ଦାବି କରୁଛି ଯେ ତାକୁ ଯୁଦ୍ଧ ଜନିତ କ୍ଷତିପୂରଣ ମିଳୁ ଏବଂ ଭବିଷ୍ୟତରେ ଯେପରି ଆକ୍ରମଣ ନ ହେବ ତା'ର ଗ୍ୟାରେଣ୍ଟି ଦିଆଯାଉ। ଅନ୍ୟପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ବିଦ୍ୟୁତ କେନ୍ଦ୍ର ଏବଂ ପୋଲଗୁଡ଼ିକ ଉପରେ ଭୟଙ୍କର ବୋମା ମାଡ଼ କରିବାକୁ ଚେତାବନୀ ଦେଇଛନ୍ତି। ଏହି ପ୍ରସ୍ତାବ ଏମିତି ସମୟରେ ଆସିଛି ଯେତେବେଳେ ସୋମବାର ସକାଳେ ଗୁଇନ୍ଦା ମୁଖ୍ୟ ମଜିଦ ଖାଦେମିଙ୍କର ଆମେରିକା-ଇସ୍ରାଏଲ ଆକ୍ରମଣରେ ମୃତ୍ୟୁ ଘଟିଛି। ତେଣୁ ଇରାନ ଏହି ଶାନ୍ତି ପ୍ରସ୍ତାବକୁ ଗ୍ରହଣ କରୁଛି କିମ୍ବା ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି, ତାହା ଉପରେ ନଜର ରହିଛି।

ଇରାନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଆମେରିକା ଏକ ସ୍ଥାୟୀ ଅସ୍ତ୍ରବିରତି ପାଇଁ ପ୍ରସ୍ତୁତ ଥିବା ଭଳି ମନେ ହେଉନାହିଁ। ତେଣୁ କୌଣସି ଚାପରେ ପଡ଼ି ଇରାନ ନିଷ୍ପତ୍ତି ନେବନାହିଁ। ଇରାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବାଘାଇ କହିଛନ୍ତି ଯେ ଆମେରିକାର ପୂର୍ବ '୧୫ ସୂତ୍ରୀ ପ୍ରସ୍ତାବ' ଅତ୍ୟଧିକ ଥିଲା, ଯାହାକୁ ଇରାନ ପୂର୍ବରୁ ପ୍ରତ୍ୟାଖ୍ୟାନ କରିସାରିଛି। ବର୍ତ୍ତମାନ ଇରାନ ନିଜର ଆଭିମୁଖ୍ୟ ପ୍ରସ୍ତୁତ କରିଛି ଓ ଉପଯୁକ୍ତ ସମୟରେ ଏହାର ଜବାବ ଦେବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ଇରାନକୁ କଡ଼ା ଚେତାବନୀ ଦେଇଥିଲେ। ସେ କହିଥିଲେ ଯେ, ଇରାନ ତୁରନ୍ତ ହର୍ମୁଜ ପ୍ରଣାଳୀ ଖୋଲୁ ନଚେତ୍ ନର୍କର ଯନ୍ତ୍ରଣା ଭୋଗିବାକୁ ପ୍ରସ୍ତୁତ ରହୁ। ଟ୍ରମ୍ପ ପ୍ରଥମେ ସୋମବାର ପର୍ଯ୍ୟନ୍ତ ସମୟ ଦେଇଥିଲେ, କିନ୍ତୁ ପରେ ଏହି ଡେଡ୍‌ଲାଇନକୁ ମଙ୍ଗଳବାର ସନ୍ଧ୍ୟା ପର୍ଯ୍ୟନ୍ତ ଘୁଞ୍ଚାଇଥିଲେ। ସେପଟେ ଇରାନ ସ୍ପଷ୍ଟ ଭାବେ କହିଛି ଯେ, ଆମେ ନିଜର ନ୍ୟାୟୋଚିତ ଦାବି ଉପସ୍ଥାପନ କରିବାରେ ପଛଘୁଞ୍ଚା ଦେବୁନାହିଁ। ଏହାକୁ ଆମର ଦୁର୍ବଳତା ନୁହେଁ, ନିଜର ସ୍ଥିତି ପ୍ରତି ଆତ୍ମବିଶ୍ୱାସ ବୋଲି ବୁଝିବା ଉଚିତ୍।

ଇତିମଧ୍ୟରେ ଦିଲ୍ଲୀରେ ଅବସ୍ଥାପିତ ଇରାନର ରାଷ୍ଟ୍ରଦୂତ କହିଛନ୍ତି ଯେ ଇରାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶକୁ ଶତ୍ରୁଙ୍କ ଆକ୍ରମଣରୁ ରକ୍ଷା କରିବା। ନିଜର ସାର୍ବଭୌମତ୍ୱ ପାଇଁ ଲଢ଼େଇ ଜାରି ରହିବ। ତେବେ ଆଲୋଚନା ପାଇଁ ମଧ୍ୟ ଦ୍ୱାର ଖୋଲା ରହିବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ମଧ୍ୟପ୍ରାଚ୍ୟ ବିବାଦ ସମାଧାନରେ ପାକିସ୍ତାନର ବିଶେଷ କିଛି ଭୂମିକା ନାହିଁ।

# ପାଇଲଟଙ୍କୁ ଉଦ୍ଧାର ପାଇଁ ନିଜ ବିମାନକୁ ନିଜେ ଉଡ଼ାଇଲା ଆମେରିକା



ୱାସିଂଟନ, ୬।୪(ଏଜେନ୍ସି): ନିଜର ବରିଷ୍ଠ ପାଇଲଟଙ୍କୁ ଉଦ୍ଧାର କରିବାକୁ ଯାଇ ଆମେରିକା ନିଜର ୧୦୦ ମିଲିୟନ ଡଲାର ଅର୍ଥାତ ୮୦୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ଅତ୍ୟାଧୁନିକ ବିମାନ ନିଜେ ବୋମା ମାଡ଼ କରି ଉଡାଇ ଦେଇଛି। ଶତ୍ରୁପକ୍ଷ ଅର୍ଥାତ ଇରାନ ହାତରେ ଯେପରି ଗୁପ୍ତ ବୈଷୟିକ ଜ୍ଞାନକୌଶଳ ନ ଲାଗିବ, ସେଥିପାଇଁ ଆମେରିକା ଏଭଳି କଠୋର ପଦକ୍ଷେପ ନେଇଛି। ଇରାନ ସୀମା ମଧ୍ୟରେ ଫସି ରହିଥିବା ନିଜର ଦୁଇଜଣ ବାୟୁସେନା କର୍ମଚାରୀଙ୍କୁ ଉଦ୍ଧାର କରିବା ପାଇଁ ଆମେରିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅପରେସନ ଚଳାଇଥିଲା। ଏହି ସମୟରେ ଆମେରିକା ଅତିକମ୍‌ରେ ଗୋଟିଏ କିମ୍ବା ଦୁଇଟି ହାଇଟେକ ପରିବହନ ବିମାନକୁ ନଷ୍ଟ କରିଦେଇଛି। ଆମେରିକାର ଏକ ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲ ବିମାନକୁ ଇରାନ ଦୁଇ ଦିନ ତଳେ ଗୁଳି କରି ଖସାଇ ଦେଇଥିଲା। ଏଥିରେ ଥିବା ଜଣେ କର୍ଣ୍ଣେଲ ର଼୍ୟାଙ୍କର ପାଇଲଟଙ୍କୁ ଉଦ୍ଧାର କରିବା ପାଇଁ ଆମେରିକାର ସ୍ପେଶାଲ ଅପରେସନ ଟିମ୍ ଇରାନର ମରୁଭୂମି ଅଞ୍ଚଳରେ ଅସ୍ଥାୟୀ ଭାବେ ଓହ୍ଲାଇଥିଲେ। ଉଦ୍ଧାର ପାଇଁ ଯାଇଥିବା ଏମସି-୧୩୦ର କମାଣ୍ଡୋ ୨ ବିମାନଗୁଡ଼ିକ ମଧ୍ୟରୁ ଅତିକମ୍‌ରେ ଗୋଟିଏ ବିମାନ ଯାନ୍ତ୍ରିକ ତ୍ରୁଟି କିମ୍ବା ନରମ ବାଲିରେ ଫସିଯିବା ଯୋଗୁଁ ଅକାମୀ ହୋଇପଡ଼ିଥିଲା। ଇରାନ ସେନା ମାଡ଼ି ଆସୁଥିବାରୁ, ଆମେରିକା ନିଜ ପାଇଲଟଙ୍କୁ ଅନ୍ୟ ଏକ ବିମାନରେ ଉଦ୍ଧାର କରି ନେଇଥିଲା, କିନ୍ତୁ ପଛରେ ରହିଯାଇଥିବା ବିମାନକୁ ନିଜେ ବୋମାମାଡ଼ କରି ଧ୍ୱଂସ କରିଦେଇଥିଲା। ତେବେ ଆମେରିକା କାହିଁକି ନିଜ ବିମାନକୁ ଉଡାଇଲା ସେ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଆମେରିକା ସେନାର ଏକ ନିୟମ ଅଛି ଯେ, ଯଦି କୌଣସି ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଶତ୍ରୁ ଅଞ୍ଚଳରେ ରହିଯାଏ, ତେବେ ତାହାକୁ ନଷ୍ଟ କରିଦିଆଯାଏ। ଏହି ବିମାନଗୁଡ଼ିକରେ ଅତ୍ୟନ୍ତ ଗୁପ୍ତ ସଞ୍ଚାର ଓ ନାଭିଗେସନ ସିଷ୍ଟମ ରହିଥାଏ। ଯଦି ଇରାନ ହାତରେ ଏହା ଲାଗିଥାନ୍ତା, ତେବେ ଆମେରିକା ସାମରିକ ରହସ୍ୟ ପ୍ରଘଟ ହେବାର ଆଶଙ୍କା ଥିଲା। ଏଠାରେ ମନେ ପକାଇ ଦିଆଯାଇପାରେ ଯେ, ପୂର୍ବରୁ ଓସାମା ବିନ୍ ଲାଡେନକୁ ମାରିବା ଅପରେସନ (ଆବୋଟାବାଦ୍) ସମୟରେ ମଧ୍ୟ ଆମେରିକା ନିଜର ଏକ ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରକୁ ଏହିଭଳି ଭାବେ ଉଡାଇ ଦେଇଥିଲା। ରିପୋର୍ଟ ଅନୁଯାୟୀ, ନଷ୍ଟ ହୋଇଥିବା ବିମାନଟି ଏକ୍‌ହେଡ ମାର୍ଟିନ ସି-୧୩୦ ଶ୍ରେଣୀର। ଏହା ସହ କିଛି ଛୋଟ ହେଲିକପ୍ଟର (ଏମ୍‌ଏଚ୍- ୬ ଲିଟିଲ ବାର୍ଡ୍ସ) ମଧ୍ୟ ନଷ୍ଟ ହୋଇଥିବା ଜଣାପଡ଼ିଛି। ସମସ୍ତ ବିପଦ ସତ୍ତ୍ୱେ ଆମେରିକା ନିଜର ଦୁଇଜଣ ଯବାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ସଫଳ ହୋଇଛି, ଯାହାକୁ ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖୁସି ବ୍ୟକ୍ତ କରିଛନ୍ତି। କିନ୍ତୁ ଇରାନର ଆଇଆରଜିସି ଏହାକୁ ଆମେରିକାର ପରାଜୟ ବୋଲି ଅଭିହିତ କରିଛି। ଇରାନ ସେନା ଅନୁଯାୟୀ, ରାଷ୍ଟ୍ରପତି ଟ୍ରମ୍ପଙ୍କ ଅପମାନକୁ ଲୁଚାଇବା ପାଇଁ ଆମେରିକା ନିଜେ ନିଜ ବିମାନକୁ ଉଡ଼ାଇଛି।

# ଦିଲ୍ଲୀ ବିଧାନସଭା ପରିସରରେ ଆତଙ୍କ

## ଗେଟ୍ ଭାଙ୍ଗି ଭିତରକୁ ପଶିଲା, ପୁଣି ଫେରିଗଲା କାର୍



- **ମୁଖାପିନ୍ଧା ଅଭିଯୁକ୍ତ ଗିରଫ**
- **ଗେଟ୍ ପାଖରେ ରଖିଥିଲେ ଫୁଲତୋଡ଼ା**

ନୂଆଦିଲ୍ଲୀ, ୬।୪(ଏଜେନ୍ସି): ଯେଉଁଠାରେ ଗଣତନ୍ତ୍ରର ମନ୍ଦିର ସୁରକ୍ଷିତ ରହିବା କଥା, ସେଠି ସୁରକ୍ଷା ବ୍ୟବସ୍ଥାର ତ୍ରୁଟି ଅତି ବ୍ୟଙ୍ଗାତ୍ମକ ଭାବେ ପଦାରେ ପଡ଼ିଛି। ଦେଶର ରାଜଧାନୀ ଦିଲ୍ଲୀର ବିଧାନସଭା ପରିସରରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି, ଯାହା ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥାକୁ ଧୂଳିସାତ କରିଦେଇଛି। ସୋମବାର ଦିନ ପ୍ରାୟ ୨ଟା ସମୟରେ ଏକ ଅଜ୍ଞାତ ଧଳା ରଙ୍ଗର ସିଆଜ୍ କାର୍ ଦିଲ୍ଲୀ ବିଧାନସଭାର ମୁଖ୍ୟ ଫାଟକକୁ ଜୋରଦାର ଧକ୍କା ଦେଇ ପରିସର ମଧ୍ୟକୁ ମାଡ଼ିଯାଇଥିଲା। ଏହି ଅଚାନକ ଆକ୍ରମଣରେ ସୁରକ୍ଷାକର୍ମୀ ଓ କର୍ମଚାରୀମାନେ ସ୍ତବ୍ଧ ହୋଇଯାଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, କାର୍‌ଟି ଦ୍ରୁତଗତିରେ ଆସି ଗେଟ୍ ଭାଙ୍ଗି ଭିତରକୁ ପଶିବା ସହ କିଛି ସମୟ ପରିସର ମଧ୍ୟରେ ବୁଲିଥିଲା। ଉପସ୍ଥିତ ଲୋକ କିଛି ବୁଝିବା ପୂର୍ବରୁ ଚାଳକ କାର୍‌ଟିକୁ ପଛକୁ ନେଇ ପୁନର୍ବାର ଗେଟ୍‌ରେ ଧକ୍କା ଦେଇ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲା। ଦିଲ୍ଲୀ ପୁଲିସ ଏହି ଘଟଣାକୁ ଅତି ଗମ୍ଭୀରତାର ସହ ଗ୍ରହଣ କରିଛି। ପୁଲିସ ଏବେ ସିସିଟିଭି ଫୁଟେଜ ଏବଂ ଫରେନସିକ ପ୍ରମାଣ ଆଧାରରେ ଗାଡ଼ି ଓ ଚାଳକକୁ ଚିହ୍ନଟ ପାଇଁ ତନାଘନା ଜାରି ରଖିଛି। ଏବେ ଏହି ଘଟଣା ଦିଲ୍ଲୀ ବିଧାନସଭାର ସୁରକ୍ଷା ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାରେ କେହି ଆହତ ହେବାର ସୂଚନା ମିଳିନାହିଁ, କିନ୍ତୁ ଅଜଣା ଗାଡ଼ି ଚାଳକର ଉଦ୍ଦେଶ୍ୟ କ'ଣ ଥିଲା ତାହା ଏବେ ବି ରହସ୍ୟ ଘେରରେ ରହିଛି। ଯଦିଲ୍ଲୀ ବିଧାନସଭାର ୨ ନଂ ଗେଟ୍ ଭାଙ୍ଗି ଜଣେ ମୁଖାପିନ୍ଧା ବ୍ୟକ୍ତି ନିଜ କାର୍ ସହ ଭିତରକୁ ପ୍ରବେଶ କରିବା ଘଟଣା ସାରା ଦେଶରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ତେବେ ମାତ୍ର କିଛି ଘଣ୍ଟାର ଅପରେସନ ପରେ ଦିଲ୍ଲୀ ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତଙ୍କ ନାମ ସରବଜିତ ସିଂହ ବୋଲି ଜଣାପଡ଼ିଛି। ତାଙ୍କୁ ଦିଲ୍ଲୀର ରୂପନଗର ଅଞ୍ଚଳରୁ ଗିରଫ କରାଯାଇଛି। ବ୍ୟବହୃତ ଗାଡ଼ି ହେଉଛି ଟାଟା ସିଆରା। ପୂର୍ବରୁ ଏହା ଏକ ଧଳା ସିଆଜ୍ ଗାଡ଼ି ବୋଲି ସନ୍ଦେହ କରାଯାଉଥିଲା। ସେ ବିଧାନସଭା ବାଚସ୍ପତି ବିଜେନ୍ଦ୍ର ଗୁପ୍ତାଙ୍କ କାର୍ଯ୍ୟାଳୟ ପାଖରେ ଗାଡ଼ି ରଖି ଓହ୍ଲାଇଥିଲେ। ସେ ସେଠାରେ ଏକ ଫୁଲତୋଡ଼ା ରଖିବା ସହ ବାଚସ୍ପତିଙ୍କ କାର୍ ଉପରକୁ କାଳି ମାଡ଼ କରିଥିଲେ। ଏହାପରେ ସେ ଅତି ଶାନ୍ତ ଭାବେ ଗାଡ଼ି ନେଇ ସେହି ଭଙ୍ଗା ଗେଟ୍ ବାଟେ ବାହାରକୁ ଚାଲିଯାଇଥିଲେ।

## ଚନ୍ଦ୍ରକକ୍ଷରେ ଆର୍ଟେମିସ୍-୨

ନୂଆଦିଲ୍ଲୀ, ୬।୪(ଏଜେନ୍ସି): ମହାକାଶ ବିଜ୍ଞାନ କ୍ଷେତ୍ରରେ ଏବେ ଏ ନୂଆ ରେକର୍ଡ ସୃଷ୍ଟି ହେବାକୁ ଯାଉଛି। ଦୀର୍ଘ ୫୩ ବର୍ଷ ପରେ ପୃଥିବୀର କକ୍ଷପଥ ଛାଡ଼ି ମାନବଜାତି ପୁଣିଥରେ ଗଭୀର ମହାକାଶରେ ପାଦ ଥାପିଛି। ଏପ୍ରିଲ ୬ ତାରିଖରେ ନାସାର 'ଆର୍ଟେମିସ-୨' ମିଶନର ୪ ଜଣ ମହାକାଶଚାରୀ ଚନ୍ଦ୍ରର ମାଧ୍ୟକର୍ଷଣ ଶକ୍ତି ବଳୟ ମଧ୍ୟରେ ପ୍ରବେଶ କରିଛନ୍ତି। ଏହି ମିସନ ମାନବ ମହାକାଶ ଯାନ ଇତିହାସରେ ପୃଥିବୀଠାରୁ ସବୁଠାରୁ ଦୂରକୁ ଯିବାର ନୂଆ ରେକର୍ଡ ସ୍ଥାପନ କରିବାକୁ ଯାଉଛି। ଏହି କ୍ରମରେ ୧୯୭୦ ମସିହାରେ 'ଆପୋଲୋ-୧୩' ମିଶନର ରେକର୍ଡ ଭାଙ୍ଗିବା ନିଶ୍ଚିତ ହୋଇଛି। ଆପୋଲୋ-୧୩ ମିଶନ ପୃଥିବୀଠାରୁ ୪, ୦୦, ୧୭୧ କିମି ଦୂରକୁ ଯାଇ ରେକର୍ଡ କରିଥିଲା। ଆର୍ଟେମିସ୍-୨ ଏହି ରେକର୍ଡକୁ ଅତିକ୍ରମ କରି ପୃଥିବୀଠାରୁ ୪, ୦୬, ୭୭୩ କିମି ଦୂରତାରେ ପହଞ୍ଚିବ। ଏହି ମହାକାଶଚାରୀମାନେ ଏପ୍ରିଲ ୭ରେ ଭାରତୀୟ ସମୟ ରାତି ୧୨.୧୫ରେ ମିନିଟ୍‌ରେ ଚନ୍ଦ୍ରର ପଛ ପଟ ଦେଇ ଏକ ପରିକ୍ରମା ଆରମ୍ଭ କରିବେ ଏବଂ ପରେ ପୃଥିବୀ ଅଭିମୁଖେ ଯାତ୍ରା କରିବେ। ଏହି ମିଶନରେ ଓରିଅନ ମହକାଶଯାନ ଚନ୍ଦ୍ରର ମାଧ୍ୟାକର୍ଷଣ ଶକ୍ତିକୁ ଏକ ସ୍ଲିଙ୍ଗସଟ୍ ଭଳି ବ୍ୟବହାର କରିବ। ଏହାର ଅର୍ଥ ହେଉଛି, ଯଦି ମହାକାଶଯାନର ଇଞ୍ଜିନ ଫେଲ୍ ହୁଏ, ତଥାପି ଚନ୍ଦ୍ରର ମାଧ୍ୟାକର୍ଷଣ ଶକ୍ତି ଯାନଟିକୁ ଆପେ ଆପେ ପୃଥିବୀ ଆଡକୁ ଠେଲି ଦେବ। ଏହି ମିଶନର ଯଥେଷ୍ଟ ଗୁରୁତ୍ୱ ରହିଛି। ପୃଥିବୀର ଚୁମ୍ବକୀୟ କ୍ଷେତ୍ର ବାହାରେ ମହାକାଶଚାରୀମାନେ ପ୍ରବଳ ମହାଜାଗତିକ ବିକିରଣର ସାମ୍ନା କରିବେ। ସେମାନଙ୍କ ଶରୀର ଉପରେ ଏହାର ପ୍ରଭାବ କିଭଳି ପଡୁଛି, ତାହା ମଙ୍ଗଳ ଗ୍ରହ ଅଭିଯାନ ପାଇଁ ଅତ୍ୟନ୍ତ ଜରୁରୀ। ପୃଥିବୀକୁ ଫେରିବା ସମୟରେ ଓରିଅନ୍ କ୍ୟାପସୁଲର ବେଗ ଘଣ୍ଟାପ୍ରତି ୪୦, ୨୦୦ କିମି ରହିବ, ଯାହାକି ଏପର୍ଯ୍ୟନ୍ତ କୌଣସି ମାନବବାହୀ ମହାକାଶ ଯାନ ପାଇଁ ସର୍ବାଧିକ। ତେବେ ଏହି ମହାକାଶଚାରୀ ମାନେ ଚନ୍ଦ୍ର ପୃଷ୍ଠରେ ଓହ୍ଲାଇବେ ନାହିଁ ଓ ପରିକ୍ରମା କରି ପୃଥିବୀ ଫେରିଆସିବାର କାର୍ଯ୍ୟକ୍ରମ ରହିଛି।



**ସବୁଠାରୁ ଦୂରତମ ଯାତ୍ରାର ରେକର୍ଡ ଭାଙ୍ଗିବେ ୪ ମହାକାଶଚାରୀ**

# ମାଲଦା ଘଟଣାରେ ମୁଖ୍ୟ ସଚିବ, ଡିଜିପିଙ୍କୁ ଭର୍ତ୍ସନା



ନୂଆଦିଲ୍ଲୀ, ୬।୪(ଏଜେନ୍ସି): ପଶ୍ଚିମବଙ୍ଗର ମାଲଦା ଜିଲ୍ଲାରେ ବିଚାର ବିଭାଗୀୟ ଅଧିକାରୀମାନଙ୍କୁ ଘେରଉ କରାଯିବା ଘଟଣାରେ ସୋମବାର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚି ଏବଂ ଜଷ୍ଟିସ୍ ବିପିନ ପାଞ୍ଚୋଲିଙ୍କ ଖଣ୍ଡପୀଠ ଏହି ମାମଲାର ତଦନ୍ତ ଭାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଏପ୍ରିଲ ୧ରେ ମାଲଦା ଜିଲ୍ଲାରେ ଭୋଟର ତାଲିକାରୁ ନାମ କଟାଯିବା ପ୍ରସଙ୍ଗକୁ ନେଇ ବିରୋଧ ପ୍ରଦର୍ଶନ ହୋଇଥିଲା। ଏହି ସମୟରେ ଉତ୍ତ୍ୟକ୍ତ ଲୋକେ ୭ ଜଣ ବିଚାର ବିଭାଗୀୟ ଅଧିକାରୀଙ୍କୁ ଘଣ୍ଟା ଘଣ୍ଟା ଧରି ଘେରଉ କରି ରଖିଥିଲେ। ଅଧିକାରୀମାନଙ୍କ ମଧ୍ୟରେ ୩ ଜଣ ମହିଳା ବିଚାରପତି ମଧ୍ୟ ରହିଥିଲେ। ସୁପ୍ରିମକୋର୍ଟ ଆଜି ପଶ୍ଚିମବଙ୍ଗର ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟଶୈଳୀକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଘେରାଉ ସମୟରେ କଲିକତା ହାଇକୋର୍ଟର ପ୍ରଧାନବିଚାରପତିଙ୍କ ଫୋନ୍ କଲ୍ ନ ଉଠାଇବା କାରଣରୁ କୋର୍ଟ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ(ଡିଜିପି)ଙ୍କୁ ଭର୍ତ୍ସନା କରିଛନ୍ତି।

# ମୋତେ ୧୯, ମୋ ସ୍ୱାମୀଙ୍କୁ ୪୦ ବର୍ଷ; ତାଙ୍କ ସହ ରହିପାରିବି ନାହିଁ

ଗ୍ୱାଲିୟର, ୬।୪(ଏଜେନ୍ସି): ସାମାଜିକ ନୀତିନିୟମ ଏବଂ ପାରିବାରିକ ଚାପକୁ ପଛରେ ପକାଇ ନିଜ ପସନ୍ଦର ଜୀବନସାଥୀ ସହ ରହିବାକୁ ଅନୁମତି ପାଇଛନ୍ତି ଜଣେ ୧୯ ବର୍ଷୀୟା ଯୁବତୀ। ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ଗ୍ୱାଲିୟର ବେଞ୍ଚ୍ ଏହି ମାମଲାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ, ଜଣେ ସାବାଳିକା ବା ସ୍ୱାଧୀନ ବ୍ୟକ୍ତି କାହା ସହ ରହିବେ, ତାହା ନିଷ୍ପତ୍ତି ନେବାର ସମ୍ପୂର୍ଣ୍ଣ ଅଧିକାର ତାଙ୍କର ରହିଛି।

ଆମ ସମାଜରେ ବିବାହ ଏକ ପବିତ୍ର ବନ୍ଧନ ହୋଇଥିବା ବେଳେ ବେଳେବେଳେ ବୟସର ବ୍ୟବଧାନ ଓ ପାରିବାରିକ ଚାପ ସମ୍ପର୍କୁ ଦୁର୍ବିସହ କରିଦିଏ। ଏଭଳି ଏକ ସନ୍ଧି କ୍ଷଣରେ ଜଣେ ୧୯ ବର୍ଷୀୟା ଯୁବତୀ ନିଜ ଜୀବନର ନିଷ୍ପତ୍ତି ନିଜେ ନେବା ପାଇଁ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଏହା ଏବେ ବ୍ୟକ୍ତିଗତ ଅଧିକାର ଓ ସ୍ୱାଧୀନତାର ନୂତନ ଉଦାହରଣ ସୃଷ୍ଟି କରିଛି। ଯୁବତୀ ଜଣକ ପ୍ରାୟ ଏକ ବର୍ଷ ତଳେ ୪୦ ବର୍ଷୀୟ ଅବଧେଶଙ୍କୁ ବିବାହ କରିଥିଲେ। ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବୟସ ବ୍ୟବଧାନ ୨୧ ବର୍ଷ ରହିଥିଲା। ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ଏହି ବିବାହରେ ସେ ଖୁସି ନଥିଲେ ଏବଂ ତାଙ୍କୁ ଦୁର୍ବ୍ୟବହାର କରାଯାଉଥିଲା। ସ୍ୱାମୀ ଅବଧେଶ ଏକ 'ହେବିୟସ କର୍ପସ' ପିଟିସନ ଦାଖଲ କରି ଦାବି କରିଥିଲେ ଯେ, ଅନୁଜ କୁମାର ନାମକ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ବେଆଇନ ଭାବେ ଅଟକ ରଖିଛନ୍ତି। ପୁଲିସ ଯୁବତୀଙ୍କୁ ଉଦ୍ଧାର କରି କୋର୍ଟରେ ହାଜର କରିବା ପରେ ସେ ସମସ୍ତଙ୍କ ସାମ୍ନାରେ ନିର୍ଭୟରେ କହିଥିଲେ ଯେ, ମୁଁ ଜଣେ ସାବାଳିକା। ମୁଁ ନିଜ ଇଚ୍ଛାରେ ରହୁଛି। ମୁଁ ସ୍ୱାମୀ କିମ୍ବା ବାପାମା'ଙ୍କ ପାଖକୁ ଯିବାକୁ ଚାହେଁ ନାହିଁ, ମୁଁ ଅନୁଜଙ୍କ ସହ ରହିବାକୁ ଚାହେଁ। ସେ କହିଥିଲେ ଯେ ତାଙ୍କୁ ୧୯ ବର୍ଷ ହୋଇଥିବା ବେଳେ ସ୍ୱାମୀଙ୍କୁ ୪୦ ବର୍ଷ। ତେଣୁ ସ୍ୱାମୀଙ୍କ ସହ ରହିବାକୁ ସେ ଚାହାନ୍ତି ନାହିଁ। ଏହାପରେ କୋର୍ଟ ଯୁବତୀଙ୍କୁ ନିଜ ନିଷ୍ପତ୍ତି ଉପରେ ପୁନର୍ବିଚାର କରିବାକୁ କାଉନସେଲିଂ ପାଇଁ ପଠାଇଥିଲେ। କିନ୍ତୁ ସେଠାରେ ଯୁବତୀ ଜଣକ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଯୁବତୀଙ୍କ ପ୍ରେମିକ ଅନୁଜ କୋର୍ଟକୁ ପ୍ରତିଶ୍ରୁତି ଦେଇଛନ୍ତି ଯେ, ସେ ଯୁବତୀଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ ନେବେ ଏବଂ ତାଙ୍କ ସୁରକ୍ଷା ନିଶ୍ଚିତ କରିବେ। ଯୁବତୀଙ୍କ ସୁରକ୍ଷା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ଆଗାମୀ ୬ ମାସ ପର୍ଯ୍ୟନ୍ତ ଶୌର୍ଯ୍ୟ ଦିଦି (ମହିଳା ସ୍ୱେଚ୍ଛାସେବୀ) ତାଙ୍କ ଯୋଗାଯୋଗରେ ରହିବେ ଓ ତାଙ୍କ ଭଲମନ୍ଦ ବୁଝିବେ। ଜଷ୍ଟିସ ଆନନ୍ଦ ପାଠକ ଓ ଜଷ୍ଟିସ୍ ପୁଷ୍ପେନ୍ଦ୍ର ଯାଦବଙ୍କ ଖଣ୍ଡପୀଠ କହିଛନ୍ତି ଯେ, ସାମାଜିକ ନୈତିକତା ଅପେକ୍ଷା ଜଣେ ନାଗରିକଙ୍କ ସାମ୍ବିଧାନିକ ଅଧିକାର ବଡ଼। ଯେହେତୁ ଯୁବତୀ ଜଣକ ସାବାଳିକା, ତେଣୁ ତାଙ୍କୁ ତାଙ୍କ ଇଚ୍ଛା ବିରୁଦ୍ଧରେ କାହା ପାଖରେ ରହିବାକୁ ବାଧ କରାଯାଇପାରିବ ନାହିଁ। ଜଣେ ବୟସ୍କ ବ୍ୟକ୍ତିଙ୍କ ଜୀବନର ପସନ୍ଦକୁ ପରିବାର, ବିବାହ କିମ୍ବା ସାମାଜିକ ଚାପ ଦ୍ୱାରା ନିୟନ୍ତ୍ରଣ କରାଯାଇପାରିବ ନାହିଁ। ଏହି ରାୟରେ ଆହ୍ଲାବାଦ ହାଇକୋର୍ଟଙ୍କ ଏକ ପୁରୁଣା ରାୟକୁ ମଧ୍ୟ ଦର୍ଶାଯାଇଛି, ଯେଉଁଥିରେ କୁହାଯାଇଥିଲା ଯେ, ସାମାଜିକ ନୈତିକତା ଏବଂ ଆଇନ ପୃଥକ ଅଟେ। ସମାଜର ଚିନ୍ତାଧାରା ଜଣେ ନାଗରିକଙ୍କ ବ୍ୟକ୍ତିଗତ ଅଧିକାରକୁ ଛଡ଼ାଇ ନେଇପାରିବ ନାହିଁ।

## ବଡ଼ ଇଞ୍ଜିନ ସଂସ୍ଥାର ଡିପିଆରକୁ ତ୍ରୁଟିପୂର୍ଣ୍ଣ କହିଲା ସାନ ଇଞ୍ଜିନ

# ଦେଶରେ ୨୯ ଠିକ୍; କେବଳ ଓଡ଼ିଶାରେ ଭୁଲ୍!

ଭୁବନେଶ୍ୱର,୬।୪(ସମିସ): ଗତ କ୍ୟାବିନେଟ୍ ବୈଠକରେ ରାଜ୍ୟ ସରକାର ମେଟ୍ରୋ ପ୍ରକଳ୍ପର ତଣ୍ଟି ଚିପିଦେବା ପରେ ସରକାରଙ୍କ ଉପରେ ସାଂଘାତିକ ବର୍ଷିଛନ୍ତି ବିରୋଧୀ । ଏକପକ୍ଷରେ ବଡ଼ ଇଞ୍ଜିନ୍ ସଂସ୍ଥା ପ୍ରସ୍ତୁତ କରିଥିବା ମେଟ୍ରୋ ଡିପିଆର୍ ଭୁଲ ବୋଲି ରାଜ୍ୟ ସରକାରଙ୍କ ପ୍ରଭାବଶାଳୀ ମନ୍ତ୍ରୀ ନାନାବାୟା କାହାଣୀକୁ ବିରୋଧୀ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହନ୍ତି । କେନ୍ଦ୍ରୀୟ ସଂସ୍ଥାର ଡ଼ିପିଆରକୁ ରାଜ୍ୟର କେଉଁ ପଣ୍ଡିତମାନେ ମୂଲ୍ୟାୟନ କରି ତ୍ରୁଟିପୂର୍ଣ୍ଣ ବୋଲି ରିପୋର୍ଟ ଦେଇଛନ୍ତି, ସେମାନଙ୍କ ନାମକୁ ସାର୍ବଜନୀନ କରିବାକୁ ମଧ୍ୟ ବିରୋଧୀ ଦାବି କରିଛନ୍ତି ।

ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ସାରା ଦେଶରେ ୩୦ ମେଟ୍ରୋ ପ୍ରକଳ୍ପର ଡ଼ିପିଆର୍ ପ୍ରସ୍ତୁତ କରିଛି । କୋଲକତା ମେଟ୍ରୋ ଓ ଚେନ୍ନାଇ ଏମ୍ଆର୍‌ଟିଏସ୍‌ର ଡ଼ିପିଆର ସହ ଇନ୍ଦୋର-ଉଜ୍ଜୟିନୀ, ଇନ୍ଦୋର-ପିଥମପୁର, ମୁମ୍ବାଇ ମେଟ୍ରୋର ପ୍ରଥମ ପର୍ଯ୍ୟାୟ, ପୁନେ ମେଟ୍ରୋ, ନବୀ ମୁମ୍ବାଇ ମେଟ୍ରୋ, ଉତ୍ତରପ୍ରଦେଶରେ ବୈଶାଳୀ-ମୋହନ ନଗର, ନୋଇଡ଼ା ଇଲେକ୍ଟ୍ରୋନିକ୍ ସିଟିରୁ ସାହିବାବାଦ, କର୍ଣ୍ଣାଟକରେ ବେଙ୍ଗାଲୁରୁ ମେଟ୍ରୋର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ସହ କୋଚି ମେଟ୍ରୋ, ଅହମ୍ମଦାବାଦ ମେଟ୍ରୋ, ଲକ୍ଷ୍ନୌ ମେଟ୍ରୋ, ପାଟନା ମେଟ୍ରୋ, ହାଇଦାବାଦ

■ ମେଟ୍ରୋକୁ ନେଇ ସାନ ଇଞ୍ଜିନ ମନ୍ତ୍ରୀଙ୍କ ନାନାବାୟା କାହାଣୀ
■ ରାଜ୍ୟ ସରକାରଙ୍କୁ ବିଜେଡି ଓ କଂଗ୍ରେସର ସମାଲୋଚନା

ମେଟ୍ରୋ ଓ ହାଇସ୍ପିଡ୍ ରେଳ ଲିଙ୍କ, ଲୁଧିଆନା ମେଟ୍ରୋ, ଥିରୁଭନନ୍ତପୁରମ୍ ଓ କୋଝିକୋଟ ମେଟ୍ରୋ ଡ଼ିପିଆର ପ୍ରସ୍ତୁତ କରିଛି । ଅଧିକାଂଶ ରାଜ୍ୟରେ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ପ୍ରସ୍ତୁତ କରିଥିବା ଡ଼ିପିଆର ଅନୁସାରେ କାର୍ଯ୍ୟ ହୋଇଛି । କିଛି ସହରରେ ମେଟ୍ରୋ ଗଡ଼ିଲାଣି, ମାତ୍ର ଓଡ଼ିଶାରେ ଦ୍ୱୈତନଗରୀରେ ଦିଲ୍ଲୀ ମେଟ୍ରୋ ପ୍ରସ୍ତୁତ କରିଥିବା ଡ଼ିପିଆର କିପରି ଭୁଲ ହେଲା ତାହା ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ ଦ୍ୱୈତ ନଗରୀ ଓ ପରବର୍ତ୍ତୀ ସମୟରେ ଏହାକୁ ପୁରୀ ସମ୍ପ୍ରସାରଣ ପାଇଁ ପ୍ରୟାସ ଆରମ୍ଭ କରିଥିଲେ । ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା, ବଜେଟରେ ପ୍ରଥମ ବର୍ଷ ପାଇଁ ହଜାରେ କୋଟି ଟଙ୍କା ବରାଦ କରିଥିଲେ । ସାରା ଦେଶରେ ଓ ବିଜେପି ଶାସିତ ରାଜ୍ୟଗୁଡ଼ିକରେ ଅଧିକାଂଶ ମେଟ୍ରୋ ପ୍ରକଳ୍ପର ତତ୍ତ୍ୱାବଧାନ କରିଥିବା ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ମଧ୍ୟ ଓଡ଼ିଶାରେ ମେଟ୍ରୋ ପାଇଁ ଡ଼ିପିଆର୍ ପ୍ରସ୍ତୁତ କରିଥିଲା । ଏଥିପାଇଁ ରାଜ୍ୟ ରାଜକୋଷରୁ ୨୭୩ କୋଟି ଟଙ୍କା ବ୍ୟୟ ମଧ୍ୟ କରାଗଲା । ମାତ୍ର ରାଜ୍ୟରେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ହେଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଳେ ଶ୍ରେୟ ନେଇଯିବେ, ତେଣୁ ଏହାକୁ ମୂଳରୁ ବନ୍ଦ କରିଦିଆଗଲା ବୋଲି ଏବେ ବିରୋଧୀ ଅଭିଯୋଗ କରିଛନ୍ତି । କୌତୂହଳର କଥା ହେଉଛି ବଡ଼ ଇଞ୍ଜିନ୍ କେନ୍ଦ୍ର ସରକାରଙ୍କ ଅଧିନସ୍ଥ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନର ଡ଼ିପିଆର୍ ଭୁଲ ବୋଲି ଖୋଦ୍ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିବାକୁ ପଛାଇ ନାହାନ୍ତି । ତେବେ ରାଜ୍ୟର କେଉଁ ବିଶେଷଜ୍ଞମାନେ ଏହି ଡିପିଆରକୁ ତର୍ଜମା କରି ତାହାକୁ ତ୍ରୁଟିପୂର୍ଣ୍ଣ ବା ଭୁଲ କହିଲେ ସେମାନଙ୍କ ସମ୍ପର୍କରେ ମନ୍ତ୍ରୀ କୌଣସି ମନ୍ତବ୍ୟ ଦେଇନାହାନ୍ତି । କୌତୂହଳର ବିଷୟ ହେଉଛି ପ୍ରକଳ୍ପ ବନ୍ଦ ନିଷ୍ପତ୍ତି ଠିକ୍ ବୋଲି ପ୍ରମାଣିତ କରିବା ନିମନ୍ତେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରତିବର୍ଷ ରାଜ୍ୟ ରାଜକୋଷକୁ ବିପୁଳ କ୍ଷତି ସହିବାକୁ ପଡ଼ିବ ବୋଲି ମଧ୍ୟ ମନ୍ତ୍ରୀ ମନ୍ତବ୍ୟ ଦେଇଛନ୍ତି ।

# ଶପଥ ନେଲେ ଓଡ଼ିଶାର ୩ ସାଂସଦ

## ମନମୋହନ, ସଂତୃପ୍ତ ଓ ଦିଲ୍ଲୀପଙ୍କ ଓଡ଼ିଆରେ ଶପଥ ପାଠ





ଭୁବନେଶ୍ୱର,୬।୪(ସମିସ): ନିକଟରେ ସମାପ୍ତ ରାଜ୍ୟସଭା ନିର୍ବାଚନରେ ବିଜୟୀ ହୋଇଥିବା ଓଡ଼ିଶାର ୪ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ସୋମବାର ୩ ଜଣ ଶପଥ ଗ୍ରହଣ କରିଛନ୍ତି । ସେମାନେ ହେଲେ ବିଜେପି ସାଂସଦ ମନମୋହନ ସାମଲ, ବିଜେଡି ସାଂସଦ ଡ. ସଂତୃପ୍ତ ମିଶ୍ର ତଥା ବିଜେପି ସମର୍ଥିତ ସ୍ୱାଧୀନ ସାଂସଦ ଦିଲ୍ଲୀପ ରାୟ । ରାଜ୍ୟସଭା ଅଧ୍ୟକ୍ଷ ସି.ପି ରାଧାକ୍ରିଷ୍ଣନ ୩ ସାଂସଦଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଯାଇଛନ୍ତି । ସମସ୍ତ ସାଂସଦ ଓଡ଼ିଆ ଭାଷାରେ ଶପଥ ଗ୍ରହଣ କରିଥିଲେ । ତେବେ ବିଜେପିର ଅନ୍ୟତମ ସାଂସଦ ସୁଜିତ୍ କୁମାର ସୋମବାର ଶପଥ ନେଇ ନ ଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କର ରାଜ୍ୟସଭାରେ ଏହା ଦ୍ୱିତୀୟ ପାଳି । ସେ ପ୍ରଥମ ପାଳିରେ ୨୦୦୦ରୁ ୨୦୦୪ ମସିହା ପର୍ଯ୍ୟନ୍ତ ରାଜ୍ୟସଭା ସାଂସଦ ଥିଲେ । ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ତଥା ବିଜେଡିର ବରିଷ୍ଠ ନେତା ଡ. ସଂତୃପ୍ତ ମିଶ୍ର ପ୍ରଥମ ଥର ପାଇଁ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି । ଅପରପକ୍ଷେ ଦିଲ୍ଲୀପ ରାୟଙ୍କର ଏହା ରାଜ୍ୟସଭାରେ ତୃତୀୟ ପାଳି । ସେ ପୂର୍ବରୁ ଗୋଟିଏ ଥର ଜନତା ଦଳ ଟିକଟରେ ରାଜ୍ୟସଭାକୁ ଯାଇଥିବା ବେଳେ ଥରେ ସ୍ୱାଧୀନ ଭାବେ ନିର୍ବାଚିତ ହୋଇଥିଲେ । ଏଥର ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି ।

# ଦୁର୍ଘଟଣାରେ ଗଲା ୬ ଜୀବନ, ୫ ଗୁରୁତର

ଉମରକୋଟ/ବାଲେଶ୍ୱର, ୬।୪ (ସମିସ): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଦୁଇଟି ସ୍ଥାନରେ ଦୁର୍ଘଟଣା ମୋଟ ୬ଜଣଙ୍କ ଜୀବନ ନେଇଛି । ନବରଙ୍ଗପୁର ଓ ବାଲେଶ୍ୱର ଜିଲ୍ଲାରେ ୩ଜଣ ଲେଖାଏଁ ପ୍ରାଣ ହରାଇଛନ୍ତି ।

ସୋମବାର ରାତିରେ ନବରଙ୍ଗପୁର ଜିଲ୍ଲା ଦେଇ ଯାଇଥିବା ଭାରତମାଳା ରାସ୍ତାର ବଡ଼କୁମାରୀ ନିକଟରେ ଦୁଇ କାର୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣେ ଶିଶୁ ସମେତ ୩ଜଣଙ୍କ ମୃତ୍ୟୁ ହୋଇଛି । ମୃତକମାନେ ହେଲେ, ଆଶୁତୋଷ ରଥ(୧୦), ଅରୁଣ ପଣ୍ଡା ଓ ସୁବ୍ରତ ଶତପଥୀ । ସଂପର୍କରେ ଆଶୁତୋଷଙ୍କ ଅଜା ଅରୁଣ ବୋଲି ଜଣାଯାଇଛି । ଅପରପକ୍ଷେ, ଏହି ଦୁର୍ଘଟଣାରେ ୫ଜଣରୁ ଅଧିକ ଗୁରୁତର ହୋଇଛନ୍ତି । ଆହତମାନଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

ସୂଚନାନୁସାରେ, କୋରାପୁଟ ସୁନାବେଡ଼ାଠାରୁ ସମ୍ପର୍କୀୟମାନେ ଏକ କାର୍‌ରେ ନବରଙ୍ଗପୁର ଜିଲ୍ଲା ଝରିଗାଁ ଚିତାବେଡ଼ା ଗ୍ରାମକୁ ଭୋଜି ଖାଇବାକୁ ଯାଇଥିଲେ । ସମସ୍ତେ ଭାରତମାଳା ୧୩୦ ସିଡି ଜାତୀୟ ରାଜପଥରେ ଫେରୁଥିବା ବେଳେ ଉମରକୋଟ ବଡ଼କୁମାରୀ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବରଯାତ୍ରୀ କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । କାର୍‌ଟି କଳାହାଣ୍ଡି ମଟରରୁ ରାଇଘର ହଳଦୀକୁ ଆସୁଥିଲା । ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ହିଁ ଆଶୁତୋଷ, ଅରୁଣ ଓ ସୁବ୍ରତଙ୍କ ମୃତ୍ୟୁ ହୋଇଯାଇଥିଲା । ଉମରକୋଟ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତାହତଙ୍କୁ ଉଦ୍ଧାର



କରି ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଛନ୍ତି । ଆହତମାନେ ହେଲେ, ବଂଶୀଧର ପଣ୍ଡା, ବିଶ୍ୱଜିତ ପଣ୍ଡା, ଗଜାନନ ଦାସ (୩୧), ଜିତେନ୍ଦ୍ର ସରାପ (୩୬), ସ୍ୱସ୍ତିକ କୋରାପ (୩୬) । ବଂଶୀଧର, ବିଶ୍ୱଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଉମରକୋଟ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଛି ।

ସେହିପରି, ବାଲେଶ୍ୱର ଜିଲ୍ଲା ସୋର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ଦହିସଡ଼ା ମଉର୍ଣ୍ଣ ହୋଟେଲ ସମ୍ମୁଖରେ ଗତ ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ହୋଇଛି । ସୂଚନାନୁସାରେ, ଗତକାଲି ବିଳମ୍ବିତ ରାତିରେ ରାସ୍ତାକଡ଼ରେ ଅଚଳ ହୋଇ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ବାଲେଶ୍ୱରରୁ ସୋର ଅଭିମୁଖେ ଆସୁଥିବା ଏକ ଲୁହାପ୍ଲେଟ୍ ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା । ଫଳରେ ଟ୍ରକ୍‌ରେ ଥିବା ୩ଜଣ ଚାପି ହୋଇ ରହି ଯାଇଥିଲେ । ଖବର ପାଇ ସୋର ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ୍ କଟର୍‌ରେ ଟ୍ରକ୍ କ୍ୟାବିନକୁ କାଟି ସମସ୍ତଙ୍କୁ ଉଦ୍ଧାର କରିଥିଲେ । ସେମାନଙ୍କୁ ଜାତୀୟ ରାଜପଥ ଆମ୍ବୁଲାନ୍ସରେ ସୋର ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିବା ସହ ମେଡିକାଲରେ ପହଞ୍ଚି ଶବ ଜବତ କରିଛି । ଖବର ଲେଖା ହେବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରିନାହିଁ ।

# ମେଟ୍ରୋ ବାତିଲ ନିଷ୍ପତ୍ତି ବିଜେପି ସରକାରଙ୍କ ହୀନମନ୍ୟତାର ପରିଚୟ: ବିଜେଡି

ଭୁବନେଶ୍ୱର,୬।୪(ସମିସ): ପୂର୍ବ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମେଟ୍ରୋ ପ୍ରକଳ୍ପକୁ ରାଜ୍ୟ ସରକାର ବାତିଲ କରିବା ନିଷ୍ପତ୍ତିକୁ ନେଇ ଆଜି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜେଡି । ମେଟ୍ରୋ ପ୍ରକଳ୍ପ ବାତିଲ ନିଷ୍ପତ୍ତି ବିଜେପି ସରକାରଙ୍କ ହୀନମନ୍ୟତାର ପରିଚୟ ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି । ଶଙ୍ଖ ଭବନରେ ସୋମବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଭୁବନେଶ୍ୱର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱର (ମଧ୍ୟ ନିର୍ବାଚନମଣ୍ଡଳୀ) ବିଧାୟକ ଅନନ୍ତ ନାରାୟଣ ଜେନା, କଟକ ମେୟର ସୁବାସ ସିଂ ଓ ଭୁବନେଶ୍ୱର ମେୟର ସୁଲୋଚନା ଦାସ ରାଜ୍ୟ ବିଜେପି ସରକାରଙ୍କ ମେଟ୍ରୋ ପ୍ରକଳ୍ପର ବାତିଲ ନିଷ୍ପତ୍ତିକୁ ବିରୋଧ କରିବା ସହିତ ଏହାର ପୁନଃବିଚାର କରିବା ପାଇଁ ଦାବି କରିଛନ୍ତି ।

ଅଶୋକ ପଣ୍ଡା କହିଥିଲେ ଯେ ରାଜଧାନୀ ଭୁବନେଶ୍ୱର ଓ କଟକ ସହରର ବାସିନ୍ଦାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଦୁଇ ସହର ମଧ୍ୟରେ ଗମନାଗମନର ଉନ୍ନତି ପାଇଁ ନବୀନ ସରକାର ମେଟ୍ରୋ ପ୍ରକଳ୍ପକୁ ଆରମ୍ଭ କରିଥିଲେ । କିନ୍ତୁ ଦୁଃଖ ଓ ପରିତାପର ବିଷୟ, ରାଜ୍ୟର ବିଜେପି ସରକାର ହୀନମନ୍ୟତାର ପରିଚୟ ଦେଇ ତାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମେଟ୍ରୋ ପ୍ରକଳ୍ପକୁ ବନ୍ଦ କରାଯିବାକୁ ନେଇ ମନ୍ତ୍ରୀମାନେ ଭିନ୍ନ ଭିନ୍ନ କଥା କହୁଛନ୍ତି, ଏହା କେବଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବା ପାଇଁ ଉଦ୍ଦିଷ୍ଟ ।



■ ସମଗ୍ର ରାଜ୍ୟବାସୀଙ୍କ ପାଇଁ ଗର୍ବର ବିଷୟ ହୋଇଥାନ୍ତା
■ ମେଟ୍ରୋ ପ୍ରକଳ୍ପରେ ଆର୍ଥିକ କ୍ଷତି ଦାବି କପୋଳକଳ୍ପିତ
■ ନବୀନ ଶ୍ରେୟ ନେଇଯିବା ଭୟରେ ଏଭଳି ନିଷ୍ପତ୍ତି

ଅନନ୍ତ ନାରାୟଣ ଜେନା କହିଥିଲେ ଯେ ଦେଶର ୧୮ଟି ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ସଫଳତାର ସହିତ ଚାଲୁଛି । ଗମନାଗମନ କ୍ଷେତ୍ରରେ ମେଟ୍ରୋ ଏକ ମାଇଲଖୁଣ୍ଟ ହୋଇଥା'ନ୍ତା । ପୂର୍ବରୁ ଡିପିଆର୍ ପ୍ରସ୍ତୁତ ହେବା ସମୟରେ ଏହା କ୍ଷତି ହେବ ବୋଲି ଆକଳନ ହୋଇ ନ ଥିଲା । ଏବେ କିପରି କ୍ଷତି ହେବ ବୋଲି କୁହାଯାଉଛି? ମେଟ୍ରୋ ଚାଲିଲେ ବର୍ଷକୁ ଦୁଇ ହଜାର କୋଟି ଟଙ୍କା କ୍ଷତି ହେବ ବୋଲି ରାଜ୍ୟ ବିଜେପି ସରକାର କହୁଥିବା କଥା କେବଳ ମନଗଢ଼ା କାହାଣୀ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲେ, ନବୀନ ପଟ୍ଟନାୟକଙ୍କୁ ଶ୍ରେୟ ମିଳିବ ବୋଲି ଭାବି ବିଜେପି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି । ରାଜ୍ୟବାସୀ ଓ ଭବିଷ୍ୟତ ପିଢ଼ିଙ୍କ ପ୍ରତି ଡବଲ ଇଞ୍ଜିନ ସରକାରଙ୍କ ଏହା ଚରମ ପ୍ରତାରଣା ।

ସୁବାସ ସିଂ କହିଥିଲେ ଯେ ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ, କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କ ଏକ ଜଏଣ୍ଟ ଭେଞ୍ଚର୍ କମ୍ପାନୀ । ଗ୍ଲୋବାଲ ଟେଣ୍ଡର ମାଧ୍ୟମରେ ୬୨୫୫.୯୪ କୋଟି ଟଙ୍କାର ମେଟ୍ରୋ ପ୍ରକଳ୍ପ ନବୀନ ବାବୁ ଆରମ୍ଭ କରିଥିଲେ । ମେଟ୍ରୋ ପ୍ରକଳ୍ପ ବନ୍ଦ ନିଷ୍ପତ୍ତି ପାଇଁ ରାଜ୍ୟବାସୀ କେବେ ଏ ସରକାରକୁ କ୍ଷମା ଦେବେ ନାହିଁ । ୨୦୦୭ ମସିହାରୁ ରାଜ୍ୟରେ କଟକ ଓ ଭୁବନେଶ୍ୱର ମଧ୍ୟରେ ମେଟ୍ରୋ ଚଳାଚଳ ପାଇଁ ଦାବି ହୋଇ ଆସୁଥିଲା । କେନ୍ଦ୍ର ସରକାର ସହାୟତା ନ ଦେବାରୁ ନବୀନ ସରକାର ନିଜସ୍ୱ ସମ୍ବଳରେ ୨୦୨୩ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିଥିଲେ ବୋଲି ସେ ମତବ୍ୟକ୍ତ କରିଥିଲେ ।

ମେୟର ସୁଲୋଚନା ଦାସ କହିଥିଲେ ଯେ ମେଟ୍ରୋ ପ୍ରକଳ୍ପ କେବଳ ଭୁବନେଶ୍ୱର ଓ କଟକ ବାସିନ୍ଦାଙ୍କ ପାଇଁ ନୁହେଁ; ବରଂ ସମଗ୍ର ରାଜ୍ୟବାସୀଙ୍କ ପାଇଁ ଏକ ଗର୍ବର ବିଷୟ ଥିଲା । ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ସରକାର ୨୦୩୬ ମସିହାରେ ବିକଶିତ ଓଡ଼ିଶା ଗଠନ କଥା କହୁଛନ୍ତି । ମେଟ୍ରୋ ପ୍ରକଳ୍ପ ବିନା ବିକଶିତ ଓଡ଼ିଶା ଗଠନ ସ୍ୱପ୍ନ ଦେଖିବା କେତେଦୂର ଯୁକ୍ତିଯୁକ୍ତ । ଭୁବନେଶ୍ୱର, କଟକ, ପୁରୀ, ପାରାଦ୍ୱୀପ ଅର୍ଥନୈତିକ ରିଜିଅନ ପାଇଁ ମେଟ୍ରୋ ଏକ ନୂତନ ସମ୍ଭାବନା ହେବାକୁ ଯାଉଥିଲା । ତେଣୁ ରାଜ୍ୟ ସରକାର ମେଟ୍ରୋ ରେଳ ପ୍ରକଳ୍ପର ବାତିଲ ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ ବୋଲି ସେ ଦାବି କରିଛନ୍ତି ।

## ଲତାହରଣ ବାଲି ସଇରାତକୁ ନେଇ ଦୁଇ ଜିଲ୍ଲା ମୁହାଁମୁହିଁ

# ବୋମା ମାଡ଼ରେ ଜଳିଗଲା ଜେସିବି, ଟ୍ରାକ୍ଟର୍

ନାଉଗାଁ,୬।୪(ସମିସ): ମାସେ ହେବ ଜଗତସିଂହପୁର ଜିଲ୍ଲା ପଟେ ପୁରୀ ଜିଲ୍ଲାର ରହିଯାଇଥିବା ଏକ ବାଲି ସଇରାତକୁ ନେଇ ଉଭୟ ଜିଲ୍ଲାର ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ଲାଗି ରହିଛି । ଉଭୟ ଜିଲ୍ଲାର ବିପକ୍ଷବାଦୀ ଲୋକ ବିଧାୟକ ଓ ସାଂସଦଙ୍କୁ ଡାକି ବୈଠକ କରୁଥିବା ଏବଂ ସୀମା ଦେଇ ବାଲି ଚାଲାଣକୁ ଜଗିଥିବା ବେଳେ ଗତ ବିଳମ୍ବିତ ରାତ୍ରିରେ ବାଲି ଘାଟରେ ବୋମାମାଡ଼ ଓ ଫାଙ୍କା ଗୁଳି ଚାଳନା ମଧ୍ୟ କରାଯାଇଛି । ଏହି ବୋମାମାଡ଼ ଏତେ ଭୟଙ୍କର ଥିଲା ଯେ ସେଠାରେ ଥିବା ଏକ ଜେସିବି ଓ ଏକ ଟ୍ରାକ୍ଟର୍ ପୋଡ଼ି ଯାଇଥିଲା । ଘଟଣା ପରେ ଜଗତସିଂହପୁର ଜିଲ୍ଲାର ଲୋକମାନେ ଏକପ୍ରକାର ଭୟଭୀତ ହୋଇ ଆଉ ଘରୁ ବାହାରି ପାରୁନାହାନ୍ତି ।

ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ଅନ୍ତର୍ଗତ ଦେବୀ ନଦୀ ଲତାହରଣ ବାଲି ସଇରାତକୁ ଗତବର୍ଷ କାକଟପୁର ତହସିଲ ପକ୍ଷରୁ ନିଲାମ କରାଯାଇ ଜଗତସିଂହପୁର ଆଲିପିଙ୍ଗଳସ୍ଥିତ ଜୈନିକ ଠିକାଦାରଙ୍କୁ ବାଲି ଉତ୍ତୋଳନ ପାଇଁ ଅନୁମତି ଦିଆଯାଇଥିଲା । ପୂର୍ବରୁ ଉକ୍ତ ବାଲି ସଇରାତରୁ କିଛି ବ୍ୟକ୍ତି ସେଠାରୁ ଚୋରା ବାଲି ଉଠାଇ ବେଶ୍ ମାଲେମାଲେ ହେଉଥିଲେ । ବର୍ତ୍ତମାନ ଉକ୍ତ ବାଲିଘାଟଟି ଟେଣ୍ଡର୍ ହୋଇଯାଇଥିବାରୁ ଉକ୍ତ ବାଲିଘାଟରୁ ଚୋରା ବାଲି ଉଠାଉଥିବା ବ୍ୟକ୍ତିମାନଙ୍କର ବ୍ୟାପକ କ୍ଷତି ଘଟିଛି । ଏହାକୁ ନେଇ ଉକ୍ତ ବ୍ୟକ୍ତିମାନେ କାକଟପୁର ବ୍ଲକ୍ ଅଧୀନ ମୁତୁଣିଆ ଗ୍ରାମ ଏବଂ ନାଉଗାଁ ବ୍ଲକ ଅଧୀନ ଡାହାଣୀଖିଆ ଗ୍ରାମର କିଛି ଗ୍ରାମବାସୀଙ୍କୁ ଉସୁକାଇ ଉକ୍ତ ସଇରାତରୁ ବାଲି ଉତ୍ତୋଳନକୁ ବିରୋଧ କରୁଛନ୍ତି ।

ଅନ୍ୟପକ୍ଷରେ, ଉକ୍ତ ବାଲି ସଇରାତରୁ ଖୁବ କମ୍ ଟଙ୍କାରେ ଉକ୍ତ ଗ୍ରାମର ଲୋକମାନେ ବାଲି ପାଉଥିବାରୁ ଏବେ ନିଲାମ ସରକାରଙ୍କ ଏହି ଟେଣ୍ଡର୍ ପ୍ରକ୍ରିୟାକୁ ସମର୍ଥନ କରୁଥିବା ଦେଖାଯାଇଛି । ସପକ୍ଷ ଓ ବିପକ୍ଷ ଗୋଷ୍ଠୀକୁ ନେଇ ଦୁଇ ଜିଲ୍ଲାର ଲୋକମାନଙ୍କ ମଧ୍ୟରେ ଗତ ଏକ ମାସ ହେବ ଛକାପଞ୍ଝା ମଧ୍ୟ ଲାଗି ରହିଛି । ପରିସ୍ଥିତି ଏଭଳି ହୋଇଛି ଯେ ଶେଷରେ ବୋମା ମାଡ଼ ପର୍ଯ୍ୟନ୍ତ ମଧ୍ୟ କଥାଯିବା ସହ ଫାଙ୍କା ଗୁଳି ଚାଳନା ହୋଇଛି । ଏହି ଘଟଣାକୁ ନେଇ କାକଟପୁର ଥାନାରେ ଲିଖିତ ଅଭିଯୋଗ ହେବା ପରେ ସେଠାରେ ପୁଲିସ୍ ମୁତୟନ କରାଯାଇଛି । ଭୌଗୋଳିକ ଦୃଷ୍ଟିକୋଣରୁ ଦେବୀ ନଦୀର ଏହି ବାଲି ସଇରାତଟି ଜଗତସିଂହପୁର ଜିଲ୍ଲା ପଟେ ଥିବା ଓ ପୁରୀ ଜିଲ୍ଲା କାକଟପୁର ଅଞ୍ଚଳରେ ହେଉଥିବାରୁ ଉଭୟ ଜିଲ୍ଲାର ପୁଲିସ ଘଟଣା ପ୍ରତି ଗୁରୁତ୍ୱ ଦେବା ଓ ଲୋକଙ୍କୁ ଭୟଭୀତ କରୁଥିବା ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ସାଧାରଣରେ ଦାବି ଜୋର ଧରିଛି ।

## ପରିଷଦ ଭାଙ୍ଗିବାର ୧୯ ମାସ ପରେ ନିଯୁକ୍ତି

# ୨୩ ଜିଲ୍ଲାରେ ନୂଆ ଏସ୍‌ଡିସି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ

ଭୁବନେଶ୍ୱର,୬।୪(ସମିସ): କ୍ଷମତାକୁ ଆସିବା ପରେ ୨୦୨୪ ସେପ୍ଟେମ୍ବର ମାସରେ ରାଜ୍ୟର ନୂଆ ବିଜେପି ସରକାର ଜିଲ୍ଲା ଉନ୍ନୟନ ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିବା ସ୍ୱତନ୍ତ୍ର ବିକାଶ ପରିଷଦକୁ ଭାଙ୍ଗିଦେଲେ । ପ୍ରାୟ ୧୯ ମାସ ଧରି ଅଚଳ ରହିବା ପରେ ସୋମବାର ରାଜ୍ୟ ସରକାର ୨୩ଟି ଜିଲ୍ଲାରେ ସ୍ୱତନ୍ତ୍ର ବିକାଶ ପରିଷଦରେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ନିଯୁକ୍ତି ଦେଇଛନ୍ତି । ଏଥିରେ ୨୩ଜଣ ମହିଳାଙ୍କ ସହ ମୋଟ ୪୬ ଜଣ ସାମିଲ ଥିବା ବେଳେ

■ ୨୩ ମହିଳା ନେତ୍ରୀଙ୍କ ସହ ମୋଟ ୪୬ ଜଣଙ୍କୁ ନିଯୁକ୍ତି
■ ୨୦୧୭ ମସିହାରେ ଏସ୍‌ଡିସି ଗଠନ କରିଥିଲେ ନବୀନ

ପ୍ରାୟ ସମସ୍ତେ ବିଜେପିର ନେତା ଓ ନେତ୍ରୀ ବୋଲି ଜଣାପଡ଼ିଛି । ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

ସରକାରଙ୍କ ପକ୍ଷରୁ ଜାରି ତାଲିକା ଅନୁଯାୟୀ, ଅନୁଗୁଳ ଜିଲ୍ଲାରେ ଅଧ୍ୟକ୍ଷ ଭାବେ ବଶିଷ୍ଠ ନାୟକଙ୍କୁ ନିଯୁକ୍ତି ମିଳିଥିଲା ବେଳେ ବଲାଙ୍ଗିରରେ ବଲ୍ଲଭ ଧରୁଆ, ବାଲେଶ୍ୱରରେ ବିପିନ ମାରାଣ୍ଡି, ବରଗଡ଼ରେ ଗୋବର୍ଦ୍ଧନ ଭୋଇ, ବୌଦ୍ଧ- ଡମ୍ବୁରଧର କଅଁର, ଦେବଗଡ଼ରେ ପ୍ରଶାନ୍ତ କୁମାର ବେହେରା, ଢେଙ୍କାନାଳରେ ନାଉରୀ ସିଂ, ଗଜପତିରେ କାମଦେବ ବଡ଼ନାୟକ, ଗଞ୍ଜାମରେ ନୀଳମାଧବ ପାତ୍ର, ଯାଜପୁରରେ ରାଜେନ୍ଦ୍ର କାଣ୍ଡୁଲିଆ, ଝାରସୁଗୁଡ଼ାରେ ସମଲ ନାୟକଙ୍କୁ ନିଯୁକ୍ତି ମିଳିଛି । ସେହିପରି କଳାହାଣ୍ଡିରେ ବିଜୟ କୁମାର ଦିଶାରୀଙ୍କୁ ଅଧ୍ୟକ୍ଷ ଭାବେ ଦାୟିତ୍ୱ ମିଳିଥିବା ବେଳେ କନ୍ଧମାଳରେ ମାନଗୋବିନ୍ଦ ପ୍ରଧାନ, କେନ୍ଦୁଝରରେ ମମିତା ନାଏକ, କୋରାପୁଟରେ ଭଗବାନ ମୁଦୁଲି, ମାଲକାନଗିରିରେ ଗଙ୍ଗାଧର ସୋଡି, ମୟୂରଭଞ୍ଜରେ ଡାକ୍ତର ବୁଧାନ ମୁର୍ମୁ, ନବରଙ୍ଗପୁରରେ ବାସନ୍ତୀ ମାଝୀ, ନୟାଗଡ଼ରେ ତ୍ରିନାଥ ମଲ୍ଲିକ, ନୂଆପଡ଼ାରେ ଇଂଜିନିୟର ହୋମସିଂ ମାଝୀ, ରାୟଗଡ଼ାରେ ବିଦ୍ୟାଧର ଶବର, ସମ୍ବଲପୁରରେ ଭଗୀନ୍ଦ୍ର କିଷାନ ଓ ସୁନ୍ଦରଗଡ଼ ଜିଲ୍ଲାରେ ସନ୍ତୋଷ କୁମାର ଅମାତଙ୍କୁ ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଛି ।

ସେହିପରି ସ୍ୱତନ୍ତ୍ର ପରିଷଦର ଉପାଧ୍ୟକ୍ଷ ଭାବେ ଅନୁଗୁଳରେ ସୁରୁମଣି ଛତରଙ୍କୁ ନିଯୁକ୍ତି ମିଳିଥିବା ବେଳେ ବଲାଙ୍ଗିରରେ ଜୟନ୍ତୀ ଭୋଇ, ବାଲେଶ୍ୱରରେ ଝରଣା ସିଂ, ବରଗଡ଼ରେ ତିଳୋତ୍ତମା ଭୁଏ, ବୌଦ୍ଧରେ ଝରଣା ଜାନୀ, ଦେବଗଡ଼ରେ ପ୍ରମିଳା କିଷାନ, ଢେଙ୍କାନାଳରେ ସେବତୀ ଭୋଇ, ଗଜପତିରେ ପଙ୍କଜିନୀ ଦଳାଇ, ଗଞ୍ଜାମରେ ଲଳିତା ପ୍ରଧାନ, ଯାଜପୁରରେ ସାନି ଜାରିକାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ସେହିପରି ଝାରସୁଗୁଡ଼ାରେ ସଂଯୁକ୍ତା ଓରାମ, କଳାହାଣ୍ଡିରେ ରୀନା ଭୋଇ, କନ୍ଧମାଳରେ କଳ୍ପନା କୁମାରୀ କହଁର, କେନ୍ଦୁଝରରେ ମାନସ କୁମାର ନାୟକ, କୋରାପୁଟରେ ସୁକାନ୍ତି ମାଝୀ, ମାଲକାନଗିରରେ ସାବିତ୍ରୀ ପଡିଆମି, ମୟୂରଭଞ୍ଜରେ କୌଶଲ୍ୟା ନାୟକ, ନବରଙ୍ଗପୁରରେ ଲିଙ୍ଗରାଜ ଭତ୍ରା, ନୟାଗଡରେ ସମିତା ଦେହୁରୀ, ନୂଆପଡ଼ାରେ ବେଲାମତି ମାଝୀ, ରାୟଗଡ଼ାରେ ମଞ୍ଜୁଳା ମିନିଆକା, ସମ୍ବଲପୁରରେ ସୁଷମା ମୁଣ୍ଡା ଓ ସୁନ୍ଦରଗଡ଼ ଜିଲ୍ଲାରେ ଗାଙ୍ଗୀ କିଣ୍ଡୋଙ୍କୁ ଉପାଧ୍ୟକ୍ଷା ଭାବେ ନିଯୁକ୍ତି ଦିଆଯାଇଛି ।

ସୂଚନାଯୋଗ୍ୟ, ବିଜେଡି ସରକାର ୨୦୧୭ ମସିହା ସେପ୍ଟେମ୍ବର ୨୧ ତାରିଖରେ ପ୍ରଥମେ ୯ଟି ଜିଲ୍ଲା ଯଥା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଗଜପତି, କନ୍ଧମାଳ, ରାୟଗଡା, ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ଏସଡିସି ଗଠନ କରିଥିଲେ । ପରେ ୨୦୨୩ ମସିହା ମେ'ମାସରେ ବିଜେଡି ସରକାର ଆଉ ୧୪ଟି ଜିଲ୍ଲା ଯଥା - ବଲାଙ୍ଗିର, ଗଞ୍ଜାମ, ବୌଦ୍ଧ, ବାଲେଶ୍ୱର, ସମ୍ବଲପୁର, ଢେଙ୍କାନାଳ, କଳାହାଣ୍ଡି, ନୟାଗଡ଼, ନୂଆପଡ଼ା, ଅନୁଗୁଳ, ବରଗଡ଼, ଯାଜପୁର, ଝାରସୁଗୁଡ଼ା ଓ ଦେବଗଡ଼ ଜିଲ୍ଲାରେ ଏସ୍‌ଡିସିକୁ ସମ୍ପ୍ରସାରିତ କରିଥିଲେ ।

# ବାହାର ରାଜ୍ୟର ୧୦ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ବାଣିଜ୍ୟିକ ଯାତ୍ରୀବାହୀ ଗାଡ଼ିକୁ ନୂତନ ପରମିଟ୍ ମନା

କଟକ,୬।୪(ସମିସ): ବାହାର ରାଜ୍ୟରେ ପଞ୍ଜୀକୃତ ହୋଇଥିବା ୧୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ବାଣିଜ୍ୟିକ ଯାତ୍ରୀବାହୀ ଗାଡ଼ି ଯଥା ବସ୍ ଇତ୍ୟାଦିକୁ ଆଉ ଓଡ଼ିଶାରେ ନୂତନ ପରମିଟ୍ ପ୍ରଦାନ କରାଯିବ ନାହିଁ । ଏପରିକି, ବାହାର ରାଜ୍ୟର ଗାଡ଼ିର ଏଠାରେ ମାଲିକାନା ପରିବର୍ତ୍ତନ କରିବା ଉପରେ ରୋକ୍ ଲଗାଇବାକୁ ରାଜ୍ୟ ପରିବହନ ପ୍ରାଧିକରଣ ନିଷ୍ପତ୍ତି ନେଇଛି । ପୂର୍ବରୁ ଅନୁମତି ନେଇସାରିଥିବା ଗାଡ଼ିଗୁଡ଼ିକ କ୍ଷେତ୍ରରେ କୌଣସି ଅସୁବିଧା ହେବ ନାହିଁ । ପୂର୍ବ ଅନୁମତି ଥାଇ କୌଣସି ଗାଡ଼ି ଓଡ଼ିଶାରେ ଚଳାଚଳ ପାଇଁ କୌଣସି ସମସ୍ୟା ନାହିଁ ବୋଲି ପରିବହନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ସେହିଭଳି ଓଡ଼ିଶାରେ ପଞ୍ଜୀକୃତ ଗାଡ଼ି କିମ୍ବା ଆନ୍ତଃରାଜ୍ୟ ପରମିଟ୍ ଥିବା ଗାଡ଼ି ପାଇଁ ମଧ୍ୟ କୌଣସି ସମସ୍ୟା ନାହିଁ ବୋଲି କୁହାଯାଇଛି । ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଅନ୍ୟ ରାଜ୍ୟର ଖରାପ ମାନର ଯାତ୍ରୀବାହୀ ବାଣିଜ୍ୟିକ ଗାଡ଼ି ଓଡ଼ିଶାକୁ ମାଲିକାନା ପରିବର୍ତ୍ତନ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଗତ ୨୦୨୩ ଜୁଲାଇ ୧୯ରେ ପରିବହନ ପ୍ରାଧିକରଣ ବୈଠକରେ ହୋଇଥିବା ଉପରୋକ୍ତ ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ଆର୍‌ଟିଓମାନଙ୍କୁ ପରିବହନ କମିସନରଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଛି ।








## ସେବାୟତଙ୍କ କଳିରେ ଠାକୁରଙ୍କୁ ବଳି

# ସାତଘଣ୍ଟା ଉପାସ ରହିଲେ ଶ୍ରୀଲିଙ୍ଗରାଜ

ଭୁବନେଶ୍ୱର, ୬।୪(ସମିସ): ମନ୍ଦିର ଅବ୍ୟବସ୍ଥିତ ନିତିକାନ୍ତିକୁ କେନ୍ଦ୍ରକରି ଶ୍ରୀଲିଙ୍ଗରାଜଙ୍କୁ ମାସେ ଦୁଇ ମାସ ଅନ୍ତରରେ ପ୍ରାୟ ଉପବାସ ରହିବାକୁ ପଡୁଛି। ଅନେକ ସମୟରେ ସେବାୟତଙ୍କ କଳିରେ ଲିଙ୍ଗରାଜ ମଝିରେ ବଳି ପଡୁଛନ୍ତି। ସେବାୟତମାନେ ଠାକୁରଙ୍କ ନୀତିକାନ୍ତି ବନ୍ଦ କରିବା ସହିତ ଦିଅଁଙ୍କୁ ଉପବାସରେ ରଖିଦେଉଛନ୍ତି। ଫଳରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭାବାବେଗକୁ କୁଠାରଘାତ ପହଁଚାଉଛି।



ବୈଶାଖ ମାସ ପ୍ରଥମ ସୋମବାର ଦିନ ଲିଙ୍ଗରାଜ ମନ୍ଦିରକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କୁ ସମାଗମ ଦେଖିବାକୁ ମିଳିଥିଲା। ମନ୍ଦିର ଖୋଲାଯାଇ ମଙ୍ଗଳ ଆଳତି ଆବକାଶ କରାଯାଇ ସାହାଣ ମେଲା ଦର୍ଶନ ଆରମ୍ଭ ହୋଇଥିଲା। ହେଲେ ଏହି ସମୟରେ ବ୍ରାହ୍ମଣ ନିଯୋଗ ପକ୍ଷରୁ ଲିଙ୍ଗରାଜଙ୍କ ଲିଙ୍ଗକୁ ଘୋଡ଼ାଇ ରଖିଥିବା ରୂପାଘୋଡ଼କୁ କାଢ଼ି ନେବାକୁ ଚେଷ୍ଟା କରୁଥିଲେ। ଏହାକୁ ବଡୁ ସେବାୟତ କମଳାକାନ୍ତ ବଡୁ ବିରୋଧ କରିଥିଲେ। ଫଳରେ ଉଭୟ ସେବାୟତଙ୍କ ମଧ୍ୟରେ ପାଠିତୁଣ୍ଡ ସହିତ ଠେଲାପେଲା ହୋଇଥିଲା। ଫଳରେ ଜଣେ ସେବାୟତ ଆହତ ହୋଇଥିଲେ। ଦିନ ୧୦ ଟାରୁ ଉଭୟ ନିଯୋଗ ପକ୍ଷରୁ ଲିଙ୍ଗରାଜଙ୍କ ସମସ୍ତ ନିତିକାନ୍ତି ବନ୍ଦ କରିବା ସହ ଲିଙ୍ଗରାଜ ଉପବାସରେ ରହିଥିଲେ। ସୋମବାର ପରି ଦିନରେ ଲିଙ୍ଗରାଜ ଉପବାସ ରହିଥିବାରୁ ଏହି ଘଟଣାକୁ ନେଇ ଭକ୍ତଙ୍କ ମହଲରେ ତୀବ୍ର ଆସନ୍ତୋଷ ଦେଖା ଦେଇଥିଲା।

ପରେ ଏହି ଘଟଣାକୁ ନେଇ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିବା ସହ ଏହି ଘଟଣାକୁ ନେଇ କାର୍ଯ୍ୟାଳୟ ପକ୍ଷରୁ ଏହି ଘଟଣାକୁ ତଦନ୍ତ କରିବା ପାଇଁ ଏକ ଟିମ୍ ଗଠନ ସହିତ ଆସନ୍ତା ୨୦ ତାରିଖ ଟ୍ରଷ୍ଟ ବୋର୍ଡ଼ରେ ଏହା ଘଟଣା ଉପରେ ଆଲୋଚନା କରାଯାଇ ଦୋଷୀ ବିରୋଧରେ ଦଣ୍ଡ ବିଧାନ କରାଯିବ ନେଇ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଏଡ଼ିଏମ୍ ରମେଶ ଚନ୍ଦ୍ର ଜେନା, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ଭାରିମଲ, ପ୍ରସନ୍ନ ପୂଜାପଣ୍ଡା, ମହାସୁଆର ବିରଞ୍ଚି ନାରାୟଣ ପତି, ହିମାଦ୍ରୀ ଭୂଷଣ ମହାପାତ୍ର, କମଳାକାନ୍ତ ବଡୁ, ଅଞ୍ଚଳ ବଡୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ବୈଠକ ପରେ ଲିଙ୍ଗରାଜଙ୍କର ନିତିକାନ୍ତି ସ୍ୱାଭାବିକ ହୋଇଥିଲା।

ହେଲେ ଏଠାରେ କଥା ଉଠୁଛି ଯେ କେବଳ ଏହି ଗୋଟେ ଦିନ ନୁହେଁ। ପୂର୍ବରୁ ମଧ୍ୟ ଲିଙ୍ଗରାଜ ବାରମ୍ବାର ଉପବାସ ରହିଛନ୍ତି। ସେବାୟତମାନେ ସେମାନଙ୍କ ମନ ମୁତାବକ ଦିଅଁଙ୍କ ନୀତିକାନ୍ତି ବନ୍ଦ କରିଦେଉଛନ୍ତି। ଲିଙ୍ଗରାଜ ଉପବାସରେ ରହିବା ପରେ ତଦନ୍ତ କରିବା ପାଇଁ ଟିମ୍ ମଧ୍ୟ ଗଠନ କରାଯାଇଛି ହେଲେ ଫଳ ଘର ଶୂନ୍। ଥରକୁ ଥର ନୀତିକାନ୍ତି ବନ୍ଦ ହେଲେ ଘନଘନ ବୈଠକ ବସୁଛି। ତତ୍ପରତା ଦେଖା ଦେଉଛି କିନ୍ତୁ ଏହା କେବଳ କିଛି ସମୟ ପାଇଁ ରହୁଛି। ନା ଲିଙ୍ଗରାଜଙ୍କ ପାଇଁ ଆଇନ୍ ବିଭାଗ ତତ୍ପରତା ଦେଖାଉଛି ନା ପ୍ରଶାସନ କ୍ଷେତ୍ରରେ ତତ୍ପରତା ପ୍ରକାଶ ପାଉଛି। ବାଟି ବାଟି ସମ୍ପତ୍ତିର ମାଲିକ ହୋଇ ମଧ୍ୟ ଲିଙ୍ଗରାଜ ଉପବାସରେ ରହୁଛନ୍ତି।

**ପୁରୁଣା ଫଟୋ: ପୁରୁଣା ସ୍ମୃତି**



ଭୁବନେଶ୍ୱର, ୬।୪(ସମିସ): ମନ୍ଦିରମାଳିନୀ ସହର ଭୁବନେଶ୍ୱର ସାଇତି ରଖିଛି ଅନେକ ଐତିହ୍ୟ କୀର୍ତ୍ତିରାଜି। ତାର ପ୍ରତ୍ୟେକ ପୃଷ୍ଠାରେ ଶତାବ୍ଦୀ ପୁରୁଣା ମନ୍ଦିର ଓ ମଠ। ଯାହାକୁ ଦେଖିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ମଧ୍ୟ ଛୁଟି ଆସନ୍ତି ପର୍ଯ୍ୟଟକ। କେବଳ ବର୍ତ୍ତମାନ ସମୟରେ ନୁହଁ ଅନେକ ବର୍ଷ ପୂର୍ବରୁ ମଧ୍ୟ ଏଠାକାର ଐତିହ୍ୟ କିର୍ତ୍ତିରାଜି ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ସେଥିପାଇଁ ତ ସେ ସମୟରେ ବି ଶଗଡ଼ ଓ ପରେ ରିକ୍ସାରେ ବୁଲି ଏଠାରେ ଥିବା ମନ୍ଦିରକୁ ଦେଖିବାକୁ ଆସନ୍ତି ବୋଲି ଲୋକଙ୍କଠୁ ଶୁଣିବାକୁ ମିଳେ। କିଏ ଏହାକୁ କ୍ୟାମେରାରେ କଏଦ କରି ନିଏ ତ କିଏ ନିଜ ରଙ୍ଗ ତୁଳୀ ସାହାଯ୍ୟରେ ଉତାରିନିଏ। ସେହିପରି ଏକ ସମୟର ଫଟୋ ସାମାଜିକ ଗଣମାଧ୍ୟମରେ ଆଜିର ଆକର୍ଷଣ ଥିଲା।

ଏହି ଫଟୋଚିତ୍ରଟି ଅନନ୍ତ ବାସୁଦେବ ମନ୍ଦିରର ପ୍ରବେଶରୁ ଭିତରକୁ ଆସିବା ପାର୍ଶ୍ୱର ଫଟୋ। ଫଟୋଟି ୫୭ ବର୍ଷ ପୁରୁଣା ବୋଲି ଜଣାପଡ଼ିଛି। ଅନନ୍ତ ଭାସୁଦେବ ମନ୍ଦିର ପୁରୁଣା ଭୁବନେଶ୍ୱରର ବିଷ୍ଣୁଙ୍କ ଅବତାର କୃଷ୍ଣଙ୍କୁ ଉତ୍ସର୍ଗୀକୃତ ମନ୍ଦିର। ତ୍ରୟୋଦଶ ଶତାବ୍ଦୀରେ ଏହି ମନ୍ଦିର ନିର୍ମାଣ କରାଯାଇଥିଲା ଏବଂ ସେଠାରେ କୃଷ୍ଣ, ବଳରାମ ଏବଂ ସୁଭଦ୍ରାଙ୍କର ସମ୍ପୂର୍ଣ୍ଣ ମୁର୍ତ୍ତୀ ପୂଜା କରାଯାଇଥାଏ। ଏହି ମନ୍ଦିର ରାଜା ଭାନୁଦେବଙ୍କ ଶାସନ କାଳରେ ଅନଙ୍ଗବିମା ତୃତୀୟଙ୍କ ଝିଅ ଚନ୍ଦ୍ରିକା ଦେବୀଙ୍କ ସମୟରୁ ଆରମ୍ଭ ହୋଇଥିଲା ବୋଲି ଇତିହାସ କହେ।

## ୫ କେଜି ଗ୍ୟାସ୍ ସିଲିଣ୍ଡର ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ଦାବି

ଭୁବନେଶ୍ୱର, ୬।୪(ସମିସ): ଓଡ଼ିଶାରେ ୫ କେଜି ଏଲପିଜି ଗ୍ୟାସ ସିଲିଣ୍ଡର ଯୋଗାଣ ଓ ବିକ୍ରି ଉପରେ ରୋକ ଲଗାଇବା ବିଜେପି ସରକାରଙ୍କ ଏକ ସ୍ପଷ୍ଟ ଜନବିରୋଧୀ ଓ ଯନ୍ତ୍ରଣାଦାୟକ ପଦକ୍ଷେପ। ଏହି ଛୋଟ ସିଲିଣ୍ଡର ଉପରେ ପ୍ରବାସୀ ଶ୍ରମିକ, ଛାତ୍ରଛାତ୍ରୀ, ବେକାର ଯୁବକ- ଯୁବତୀ ଓ ଅତି କ୍ଷୁଦ୍ର ଦୋକାନୀମାନେ ଦୈନିକ ଜୀବନ ଚଳାଇବା ପାଇଁ ନିର୍ଭର କରୁଥିଲେ। ସଙ୍କଟକାଳୀନ ପରିସ୍ଥିତିରେ ସରକାରଙ୍କ କାମ ହେଉଛି ଲୋକଙ୍କ ସମସ୍ୟା ସମାଧାନ କରିବା। କିନ୍ତୁ ସରକାର ତାହାର ପୂର୍ଣ୍ଣ ବିପରୀତ ପଥ ଅନୁସରଣ କରୁଛନ୍ତି। ଏହା ପୂର୍ବରୁ ଏଲପିଜି ସିଲିଣ୍ଡରରେ ଇ-କେୱାଇସି କରିବା ପାଇଁ ବାଧ୍ୟତା ମୁଳକ କରାଯାଇଛି। ନତୁବା ଗ୍ୟାସ ସଂଯୋଗ କଟିଯିବ। ଏହିଭଳି ଜଟିଳତା ଦ୍ୱାରା ସାଧାରଣ ଲୋକଙ୍କୁ ବହୁ ଅସୁବିଧାରେ ପକାଇ ଦେଇଥିବା ବିଜେପି ସରକାର ବର୍ତ୍ତମାନ ୫ କେଜି ଗ୍ୟାସ ସିଲିଣ୍ଡର ବନ୍ଦ କରି ସମସ୍ୟାକୁ ଆହୁରି ଘନୀଭୂତ କରିଛନ୍ତି। ଏହା ଗରିବ ଓ ଶ୍ରମଜୀବୀ ବର୍ଗର ଜୀବନକୁ ସିଧାସଳଖ ପ୍ରଭାବିତ କରିବା ସହ ଦୈନିକ ଜୀବିକା ଉପରେ ଗଭୀର ଆଘାତ କରିବ। ସି.ପି.ଆଇ.(ଏମ୍) ଏହି ଜନବିରୋଧୀ ନିଷ୍ପତ୍ତିକୁ ଦୃଢ଼ଭାବେ ନିନ୍ଦା କରୁଛି। ସରକାର ତୁରନ୍ତ ଏହି ଜନ ବିରୋଧୀ ନିର୍ଦ୍ଦେଶ ପ୍ରତ୍ୟାହାର କରି ୫ କେଜି ଗ୍ୟାସ ସିଲିଣ୍ଡର ଯୋଗାଣ ପୁନର୍ବାର ଆରମ୍ଭ କରିବାକୁ ଦାବି କରୁଛୁ। ସାଧାରଣ ଲୋକଙ୍କ ଦୁଃଖକଷ୍ଟକୁ ଅବହେଳା କରି ଚାଲିଥିବା ଏପରି ପଦକ୍ଷେପ କେବେବି ଗ୍ରହଣଯୋଗ୍ୟ ନୁହେଁ ବୋଲି ସି ପି ଆଇ (ଏମ୍) ପକ୍ଷରୁ କୁହାଯାଇଛି।

## ବେଆଇନ ବିସ୍ଥାପନ ବନ୍ଦ ଦାବିରେ ଗଣଧାରଣା




ଭୁବନେଶ୍ୱର, ୬।୪(ସମିସ): ଓଡ଼ିଶାରେ ଶିଳ୍ପାୟନ ଓ ତଥାକଥିତ ବିକାଶ ନାମରେ ସଂଖ୍ୟାଗରିଷ୍ଠ ଜନଗଣଙ୍କ ଜୀବନ ଓ ଜୀବିକା ବିପନ୍ନ କରାଇ ବେଆଇନ ବିସ୍ଥାପନ ବିରୋଧରେ ରାଜ୍ୟର ଜନଗଣଙ୍କ ଜୀବନ, ଜୀବିକା, ପ୍ରାକୃତିକ ସମ୍ପଦ ଓ ପରିବେଶ ସୁରକ୍ଷା ଦାବିରେ ସୋମବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିସ୍ଥାପିତଙ୍କ ବିପନ୍ନ ଜୀବନ ଜୀବିକାକୁ ନେଇ ରାଜ୍ୟସ୍ତରୀୟ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ମହାକାଳପଡ଼ାର ରାମଚଣ୍ଡି କୃଷକ ସଭା ନେତା ପ୍ରଶାନ୍ତ ଚୌଧୁରୀ, ସୁନ୍ଦରଗଡ଼ ଜିଲ୍ଲାର ବେଦାନ୍ତ, ଏମ୍‌ସିଏଲ, ଓଏମ୍‌ସି, ଏନଟିପିସିର ବିସ୍ଥାପନ ବିରୋଧୀ ଆନ୍ଦୋଳନର ନେତା ଶୁକଦେବ ପ୍ରଧାନ ପ୍ରମୁଖଙ୍କୁ ନେଇ ଗଠିତ ସଭାପତିମଣ୍ଡଳୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗଣଧାରଣାରେ ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ଉଦ୍‌ବୋଧନ ଦେଇଥିଲେ। ଏହି ଗଣଧାରଣାରେ ସିପିଆଇ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ସରକାରଙ୍କ ଆଦିବାସୀ ଓ ଦଳିତଙ୍କୁ ଭିଟାମାଟିରୁ ହଟାଇବା ଷଡ଼ଯନ୍ତ୍ର କରିଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଏହି ଗଣଧାରଣାରେ ଗୋପାଳପୁର ଟାଟା ଷ୍ଟିଲ ଭୂମି ଅଧିଗ୍ରହଣ ବିରୋଧୀ ଗଣ ସଂଗ୍ରାମ ସମିତିର ଅଧ୍ୟକ୍ଷ ତଥା ସିପିଆଇର ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡି, ରାଜ୍ୟ ସହସମ୍ପାଦକ ଜୟନ୍ତ ଦାସ, ସିପିଆଇ ନେତା ଦାମୋଦର ବେହେରା, ରମଣୀରଞ୍ଜନ ରାଉତରାୟ, ନୀଳଗିରି କୃଷକ ମଞ୍ଚର ନିରଞ୍ଜନ ବାରିକ ପ୍ରମୁଖ ଏକ ପ୍ରତିନିଧିମଣ୍ଡଳୀରେ ଯାଇ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

## ସୋଆ ଏନ୍‌ଏସ୍‌ଏସ୍ ପକ୍ଷରୁ ସପ୍ତାହ ବ୍ୟାପୀ ଶିବିର

ଭୁବନେଶ୍ୱର, ୬।୪(ସମିସ):ସୋଆ ପରିଚାଳିତ ଆଇଟିଇଆର ଆଇବିସିଏସ୍‌ର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଭୁବନେଶ୍ୱର ନିକଟସ୍ଥ ଗ୍ରାମଗୁଡ଼ିକରେ ଏକ ସପ୍ତାହବ୍ୟାପୀ ଶିବିର ପରିଚାଳନା କରିଛନ୍ତି। ଆଇଟିଇଆରର ଛାତ୍ରଛାତ୍ରୀମାନେ ଅଭିନବ 'ବାୟୋ ସେବା' ବାର୍ତ୍ତା ପ୍ରସାରିତ କରିବା ବେଳେ ଏହା ମୁଖ୍ୟତଃ ବରିଷ୍ଠ ବ୍ୟକ୍ତିଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ କରାଯାଇଥିଲା। ସ୍ୱେଚ୍ଛାସେବୀମାନେ ପଥପ୍ରାନ୍ତ ନାଟକ ପରିବେଷଣ କରି ବାଲ୍ୟ ବିବାହ, ଯୌତୁକ ପ୍ରଥା, ସଫେଇ, ଋତୁସ୍ରାବ ସମୟରେ ସ୍ୱଚ୍ଛତା ଏବଂ ଗଣତନ୍ତ୍ରକୁ ସୁରକ୍ଷିତ ରଖିବା ନେଇ ଭୋଟ ଦାନ ଅଧିକାର ସମ୍ପର୍କରେ ବୁଝାଇଥିଲେ ବୋଲି ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ସଂଯୋଜକ ଡ. କମଳ ଲୋଚନ ମହାନ୍ତ କହିଛନ୍ତି। ଏଥିରେ ଅନୁଷ୍ଠାନର ଡିନ୍ ପ୍ରଫେସର ଅୟସ କାନ୍ତ ମହାନ୍ତି, ସୋଆ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅନନ୍ତ ପ୍ରସାଦ ନନ୍ଦ ଉପସ୍ଥିତ ଥିଲେ।



## ସପ୍ତାହେ ମଧ୍ୟରେ ବହି ଯୋଗାଇବାକୁ ଦାବି

ଭୁବନେଶ୍ୱର, ୬।୪(ସମିସ): ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇଥିଲେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ମିଳିପାରିନି। ବହୁ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନାହାନ୍ତି। ଫଳରେ ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହେଉଥିବା ଅଭିଯୋଗ କରି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା) ପକ୍ଷରୁ ଗଣଶିକ୍ଷା ବିଭାଗ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି ଯେ ୧୯୯୭ ରୁ ଏପର୍ଯ୍ୟନ୍ତ ପ୍ରାଥମିକ ଶିକ୍ଷକ ପଦ ବୃଦ୍ଧି କରାଯାଇ ନାହିଁ। ମାତ୍ର ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଓ ଶିଶୁବାଟିକା ଶ୍ରେଣୀ ଯୋଗ କରାଯାଇଛି। ଏଣୁ ଶିକ୍ଷକ ପଦ ବୃଦ୍ଧି କରି ନିଯୁକ୍ତି ଦିଆଯାଉ। ନିଯୁକ୍ତି ଦିନ ଠାରୁ ନିୟମିତ ହେବା ପର୍ଯ୍ୟନ୍ତ କାର୍ଯ୍ୟକାଳକୁ ନୋସନାଲ୍ ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରୀରେ ଗଣନା କରିବା, କେନ୍ଦ୍ରିୟ ହାରରେ ଦରମା, ଛାତ୍ରଶିକ୍ଷକ ଅନୁପାତକୁ ପ୍ରାଥମିକ ବିଦ୍ୟାଳୟରେ ୩୦:୧ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୫:୧ ପରିବର୍ତ୍ତେ ୨୦:୧ ଓ ୨୫:୧ କରିବା, ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାକୁ ମାଗଣା ଓ ବାଧ୍ୟତାମୂଳକ କରିବା, ସପ୍ତାହେ ମଧ୍ୟରେ ପାଠ୍ୟପୁସ୍ତକ ଯୋଗାଇବା ପାଇଁ ସଂଘର ପକ୍ଷରୁ ଦାବି କରାଯାଇଛି। ଏହି ୫ ଜଣିଆ ପ୍ରତିନିଧି ଦଳରେ ସାଧାରଣ ସମ୍ପାଦକ ବିଭୂପ୍ରସାଦ ସାହୁ, କାର୍ଯ୍ୟକାରୀ ସଭାପତି ସୁଧାଂଶୁ ମଣ୍ଡଳ, ଯୁଗ୍ମ ସାଧାରଣ ସମ୍ପାଦକ ଅଗାଧୁ ସେଠୀ ଓ ଭୁବନେଶ୍ୱର ମଣ୍ଡଳ ସଭାପତି ଅକ୍ଷୟ ପାଲଟାସିଂ ପ୍ରମୁଖ ସାମିଲ ଥିଲେ।

## ଚୋରା ସୁନା ବିସ୍କୁଟ୍ ସିଣ୍ଡିକେଟ୍ ଘଟଣା

# ଦୁର୍ଦ୍ଧାନ୍ତ ରାଜାକୁ କର୍ଣ୍ଣାଟକ ପୁଲିସର ଜେରା

- ଆସୁଛନ୍ତି ବିହାର, ଆନ୍ଧ୍ର ଓ ଝାଡ଼ଖଣ୍ଡ ପୁଲିସ: କରାଯିବ ମାରାଥନ୍ ଜେରା
- ଜେଲ୍‌ରେ ରାଜା'ର ଆଣ୍ଟ ଭାଙ୍ଗୁନି, ଠିକ୍‌ଠାକ୍ ଉତ୍ତର ଦେଉନି

କଟକ, ୬।୪(ସମିସ): ଚୌଦ୍ୱାର ଜେଲରେ ଥିବା ବିହାରର ଦୁର୍ଦ୍ଧାନ୍ତ ଅପରାଧୀ ଶୁଭମ୍ ଓରଫ ରାଜା ସାହାଣୀକୁ ଆଜି କର୍ଣ୍ଣାଟକ ପୁଲିସ ଜେରା କରିଛି। କୋର୍ଟଙ୍କ ଅନୁମତି ପରେ ରାଜାକୁ ଚୌଦ୍ୱାର ଜେଲରେ କର୍ଣ୍ଣାଟକ ପୁଲିସ ଟିମ୍ ପଚରାଉଚରା ଜାରି ରଖିଛି। ଆସନ୍ତା କାଲି ବି କର୍ଣ୍ଣାଟକ ପୁଲିସ ଟିମ୍ ମାରାଥନ୍ ଜେରା କରିବ।

ରାଜା କର୍ଣ୍ଣାଟକ ମହୀଶୁର ଜିଲ୍ଲାର ହୁନସୁର୍ ଟାଉନ୍‌ରେ ୨୦୨୫ ଡିସେମ୍ବର ୨୮ ରେ ଏକ ଗହଣା ଦୋକାନରୁ ଡକାୟତି କରିଥିଲା। ଦିନ ପ୍ରାୟ ୨ଟା ବେଳେ ହୁନସୁର୍ ବସଷ୍ଟାଣ୍ଡ ନିକଟରେ 'ସ୍କାଏ ଗୋଲ୍ଡ'ଏବଂ 'ଡାଇମଣ୍ଡ'ଗହଣା ଦୋକାନରୁ ରାଜା ନେତୃତ୍ୱରେ ୫ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଫାଙ୍କା ଗୁଳିଚାଳନା କରି ମାତ୍ର ୬ ମିନିଟ୍‌ରେ ୮ କେଜି ସୁନା ଓ ହୀରା ଅଳଙ୍କାର ଲୁଟି ନେଇ ଯାଇଥିଲେ। ଏହି ମାମଲାରେ ୨୦୨୬ ଜାନୁଆରୀରେ ଦିଲ୍ଲୀର ଜେଠପୁରରେ ରହୁଥିବା ବିହାର ଦରଭଙ୍ଗାର ଋଷିକେଶ କୁମାର ସିଂହ ଓରଫ୍ ଛୋଟୁ ଓ ବିହାର ଭାଗଲପୁରର ପଙ୍କଜ କୁମାରକୁ ଗିରଫ କରାଯାଇଥିଲା। ଗତ ମାର୍ଚ୍ଚ ମାସରେ ହର୍‌ମନ ଓ ସୋନୁ ସିଂଙ୍କୁ ଗିରଫ କରାଯାଇଥିଲା। କିନ୍ତୁ କର୍ଣ୍ଣାଟକ ପୁଲିସ ରାଜାକୁ ଗିରଫ କରିବାରେ ବିଫଳ ହୋଇଥିଲା। ଶେଷରେ ଏପ୍ରିଲ ୧ ତାରଖରେ ଉତ୍ତରାଖଣ୍ଡର ଋଷିକେଶରୁ ରାଜା ସାହାଣୀକୁ ଗିରଫ କରାଯାଇଥିଲା। ରାଜକୁ ଋଷିକେଶରୁ ଟ୍ରାଞ୍ଜିଟ ରିମାଣ୍ଡରେ ଆଣି ଗିରଫ ଦର୍ଶାଇବା ପରେ କୋର୍ଟ ଚାଲାଣ କରି ଚୌଦ୍ୱାର ଜେଲରେ ସ୍ୱତନ୍ତ୍ର ସୁରକ୍ଷା ବଳୟରେ ରଖାଯାଇଛି। ରାଜା, ଚୌଦ୍ୱାର ଜେଲରୁ ଫେରାର୍ ହେବା ପରେ କର୍ଣ୍ଣାଟକରେ ଜୁଏଲାରୀ ଦୋକାନରୁ ୨୦ କୋଟି ଟଙ୍କାର ସୁନା ଅଳଙ୍କାର ଲୁଟିଥିଲା। ଏହି ମାମଲାରେ କର୍ଣ୍ଣାଟକ ପୁଲିସ ପଚରାଉଚରା ପାଇଁ କଟକ ଆସିଛି। କେବଳ କର୍ଣ୍ଣାଟକ ନୁହେଁ ବିହାର, ଆନ୍ଧ୍ର ଓ ଝାଡ଼ଖଣ୍ଡ ପୁଲିସ ଆସି ବିଭିନ୍ନ ମାମଲାରେ ଅଭିଯୁକ୍ତ ରାଜାକୁ ପଚରାଉଚରା କରିବ ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ କହିଛନ୍ତି।



୪ରାଜ୍ୟର ପୁଲିସ ବିଭିନ୍ନ ମାମଲାକୁ ନେଇ ଜେରା କରି ଫେରିବା ପରେ ଚୌଦ୍ୱାର ଜେଲରୁ ଫେରାର ହେବା ମାମଲାରେ କମିଶନରେଟ୍ ପୁଲିସ ୭ ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରିବ। ଏଠାରେ ସୂଚନାଯୋଗ୍ୟ, ବିହାର, କର୍ଣ୍ଣାଟକ, ଆନ୍ଧ୍ର ପ୍ରଦେଶ ଓ ଝାଡ଼ଖଣ୍ଡରେ ୧୦୦କୋଟି ଅଧିକ ଟଙ୍କାର ସୁନା ଅଳଙ୍କାର ଡକାୟତି ହୋଇଛି। ଅଭିଯୁକ୍ତ ରାଜା ନେତୃତ୍ୱରେ ଗଠିତ ଟିମ୍ ୨୦ କୋଟି ଟଙ୍କାର ସୁନା ଅଳଙ୍କାର ମାରଣାସ୍ତ୍ର ଦେଖାଇ ଡକାୟତି କରିଛନ୍ତି।

## ଓଟିଏମ ଶ୍ରମିକଙ୍କ ଭାଗ୍ୟକୁ ନେଇ ଅନିଶ୍ଚିତତା

# ଦୁଇ ବର୍ଷ ହେଲା ହୋଇପାରୁନି ଜମି ହସ୍ତାନ୍ତର

- ୫୨୨ ଏକରରୁ ୫୬ ଏକର ନେଇ ହାତବାନ୍ଧି ବସିଛି କମ୍ପାନୀ
- ପ୍ରସ୍ତାବିତ ଟେକ୍ସଟାଇଲ୍, ଲଜିଷ୍ଟିକ୍ ପାର୍କ ଧୂଆଁବାଣ

ଚୌଦ୍ୱାର, ୬।୪(ସମିସ): ରାଜ୍ୟର ଏକଦା ପ୍ରମୁଖ ଶିଳ୍ପାନୁଷ୍ଠାନ ଭାବେ ପରିଚିତ ଚୌଦ୍ୱାରର ଓଟିଏମ୍ ସ୍ଥାନରେ ବିକଳ୍ପ ଶିଳ୍ପ ମୁଣ୍ଡ ଟେକିବାକୁ ନେଇ ପୁଣି ଅନିଶ୍ଚିତତା ବଢ଼ିବାରେ ଲାଗିଛି। ଚୌଦ୍ୱାର ପ୍ରତିଷ୍ଠିତ ଓଡ଼ିଶା ଟେକ୍ସଟାଇଲ ମିଲ୍ (ଲି) (ଓଟିଏମ) ବନ୍ଦ ହେବା ଫଳରେ ହଜାର ହଜାର ଶ୍ରମିକ ନିଜର ଜୀବିକା ହରାଇ ଏକ ଅନିଶ୍ଚିତ ଭବିଷ୍ୟତ ଆଡ଼କୁ ଠେଲି ହୋଇ ଯାଇଛନ୍ତି। ଡବଲ ଇଞ୍ଜିନ ସରକାର ଶ୍ରମିକମାନଙ୍କ ପ୍ରତି କୌଣସି ପଦକ୍ଷେପ ନ ନେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ ହେଉଛି। ସେହିଭଳି ବନ୍ଦ ଓଟିଏମ୍ ଖୋଲିବା ପାଇଁ ୧୭ ବର୍ଷ ଧରି ଆନ୍ଦୋଳନ ଚାଲିଥିଲା। ସେହି ସ୍ଥାନରେ ଗୁଜରାଟର ୱେଲସ୍ପନ୍ ଗ୍ରୁପ୍ ଟେକ୍ସଟାଇଲ୍ ଓ ଲଜିଷ୍ଟିକ୍ ପାର୍କ ଖୋଲିବ ବୋଲି ୨୦୨୪ରେ ଶିଳାନ୍ୟାସ ହେଲା। କିନ୍ତୁ ଗଲା ୨ ବର୍ଷ ଭିତରେ ଇଡ୍‌କୋ ୱେଲସ୍ପନକୁ ୫୬ ଏକର ଜମି ଦେଇଥିବା ବେଳେ ବାକି ଜମି ହସ୍ତାନ୍ତର ହୋଇପାରୁ ନ ଥିବାରୁ କାମ ଅଟକି ଯାଇଛି। ପାଖାପାଖି ୫୨୨ ଏକର ଜମି ଉପରେ ଓଟିଏମ୍ ଛିଡ଼ା ହୋଇଥିଲା। ୨୦୦୧ ଜୁଲାଇ ୩୧ରେ ଓଟିଏମ୍ ବନ୍ଦ ହୋଇଯିବା ପରେ ଚୌଦ୍ୱାରର ଅର୍ଥନୀତି ବିଗିଡ଼ି ଯାଇଥିଲା। ଓଟିଏମକୁ ଖୋଲିବା ପାଇଁ ୨୦୦୫ ସେପ୍ଟେମ୍ବର ୧ରୁ ଓଟିଏମ୍ ବଞ୍ଚାଅ ସଂଗଠନ ଓ ବିରାଟ ଜନକଲ୍ୟାଣ ସମିତି ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ୨୦୦୬ ସେପ୍ଟେମ୍ବର ୧୯ରେ ରାଜ୍ୟ ସରକାର ହାଇକୋର୍ଟରେ ୩୫ କୋଟି ଟଙ୍କା ଜମା ରଖିବା ସହ ଶୀଘ୍ର ଏହାକୁ ଖୋଲିବା ପାଇଁ ସତ୍ୟପାଠ ଦାଖଲ କରିଥିଲେ। ୨୦୨୨ ଅଗଷ୍ଟରେ ସରକାର ଆଉ ୧୧୫ କୋଟି ଟଙ୍କା ଦାଖଲ କରି ଓଟିଏମକୁ ମୁକୁଳାଇଥିଲେ। ସେହି ସମୟରେ ୱେଲସ୍ପନ୍ ଗ୍ରୁପ ଦ୍ୱାରା ଟେକ୍ସଟାଇଲ୍ ଓ ଲଜିଷ୍ଟିକ୍ ପାର୍କ ପ୍ରତିଷ୍ଠା ସହିତ ଶ୍ରମିକଙ୍କ ବକେୟା ପ୍ରଦାନ ପାଇଁ ଘୋଷଣା ହେଲା। ଫଳରେ ୨୦୨୪ ଫେବୃଆରୀ ୧୩ରେ ଜାରି ରହିଥିବା ଆନ୍ଦୋଳନ ପ୍ରତ୍ୟାହୃତ ହେଲା। କମ୍ପାନି ଆରମ୍ଭ ହେଲେ ୨୦ହଜାର ନିଯୁକ୍ତି ସୁଯୋଗ ମିଳିବ ବୋଲି ଘୋଷଣା ହୋଇଥିଲା। ଇଡ୍‌କୋ ଅଧୀନକୁ ଓଟିଏମର ସବୁ ଜମି ଆସିଥିଲେ ବି ବର୍ତ୍ତମାନ ସୁଦ୍ଧା କେବଳ ୪୭୮ ଏକର ଜମି ଅଧିଗ୍ରହଣ ହୋଇପାରିଛି। ଯେଉଁଥିରୁ ୫୬ ଏକର ସମ୍ପୃକ୍ତ ଘରୋଇ କମ୍ପାନୀକୁ ଦିଆଯାଇଛି। ସରକାର ଯେତେଶୀଘ୍ର ଜମି ଯୋଗାଇଦେବେ ସେତେଶୀଘ୍ର କାମ ଆରମ୍ଭ ହେବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ବାରମ୍ବାର ଘୋଷଣା କରି ଚାଲିଛନ୍ତି। କିନ୍ତୁ କେଉଁ କାରଣରୁ ଶିଳ୍ପ ଆଗକୁ ବଢ଼ିପାରୁ ନାହିଁ, ତାହାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ଆର୍ଥିକ ଅଭାବ ଯୋଗୁଁ ଶ୍ରମିକମାନଙ୍କ ପରିବାରରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଦୈନନ୍ଦିନ ଗୁଜରାଣ ମେଣ୍ଟାଇବା ଏକ ବଡ଼ ଆହ୍ୱାନ ହୋଇପଡ଼ିଛି। ସାମାଜିକସ୍ତରରେ ମଧ୍ୟ ସେମାନେ ମାନସିକ ଚାପ ଓ ଅବହେଳାର ଶିକାର ହେଉଛନ୍ତି, ଯାହା ଅତ୍ୟନ୍ତ ପରିତାପର ବିଷୟ। ଏହି ସମସ୍ୟାର ସମାଧାନ ପାଇଁ ସରକାରଙ୍କ ତରଫରୁ ତୁରନ୍ତ ବକେୟା ପାଉଣା ପ୍ରଦାନ ସହ ଏକ ସ୍ଥାୟୀ ନୀତି ପ୍ରଣୟନ ହେବା ଜରୁରୀ। ସ୍ଥାନୀୟ ଶିଳ୍ପାଞ୍ଚଳରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଶ୍ରମିକମାନଙ୍କୁ ଦକ୍ଷତା ବିକାଶ ତାଲିମ ପ୍ରଦାନ କରି ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଆବଶ୍ୟକ। ଶ୍ରମିକମାନଙ୍କ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷାବୃତ୍ତି ଏବଂ ପରିବାର ପାଇଁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଦ୍ୱାରା ସାମାଜିକ ସ୍ଥିତିରେ ସୁଧାର ଆସିପାରିବ। ସମସ୍ତ ପୁରୁଣା ମେସିନାରୀର ସଦୁପଯୋଗ କିମ୍ବା ଜମିର ଶିଳ୍ପଭିତ୍ତିକ ପୁନରୁଦ୍ଧାର ଦ୍ୱାରା ରାଜ୍ୟର ଅର୍ଥନୀତି ପୁଣି ଥରେ ସଜାଡ଼ି ହୋଇପାରିବ। ସମୂହ ପ୍ରଚେଷ୍ଟା ଓ ରାଜନୈତିକ ଇଚ୍ଛାଶକ୍ତି ହିଁ ଏହି ଶ୍ରମିକମାନଙ୍କ ଜୀବନରେ ପୁଣି ଥରେ ହସ ଫେରାଇ ଆଣିପାରିବ। ସାମ୍ପ୍ରତିକ ପରିସ୍ଥିତିରେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହିଁ ଓଡ଼ିଶାର ଶିଳ୍ପ ଗୌରବକୁ ଉଜ୍ଜୀବିତ ରଖିବାର ଏକମାତ୍ର ପନ୍ଥା।




ବର୍ତ୍ତମାନ ସମୟରେ ଓଟିଏମ କାରଖାନାରେ ନିଜର ଜୀବିକା ସୃଷ୍ଟି କରିଥିବା ହଜାର ହଜାର ପରିବାର କେବଳ ରୋଜଗାର ହରାଇନାହାନ୍ତି ବାସହରା ମଧ୍ୟ ହୋଇଛନ୍ତି। ଓଟିଏମ ଶ୍ରମିକ ଭାବେ କାମ କରିବା ସହିତ ଓଟିଏମ ପକ୍ଷରୁ ପ୍ରଦତ୍ତ କ୍ୱାଟରରେ ସେମାନେ ଦୟନୀୟ ଅବସ୍ଥାରେ ବସବାସ କରୁଛନ୍ତି। ଏଥିରେ ପୁଣି ସେମାନଙ୍କୁ ବିତାଡିତ କରାଯିବାର ବାରମ୍ବାର ଚେତାବନୀ ବାସିନ୍ଦାଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଉଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ଯଦି ଯଥା ସମୟରେ ସେମାନଙ୍କ ପ୍ରାପ୍ୟ ଦେଇଥାନ୍ତେ ତେବେ ଶ୍ରମିକମାନେ ଆଖପାଖ ଅଞ୍ଚଳରେ ଜାଗା ଖଣ୍ଡେ କିଣି ବସବାସ କରିପାରିଥାନ୍ତେ। ମାତ୍ର ସେତିକ ବି ତାଙ୍କ ଭାଗ୍ୟକୁ ଯୁଟିଲା ନାହିଁ। ତେଣୁ ଓଡ଼ିଶା ଟେକ୍ସଟାଇଲ୍ ମିଲ୍ (ଓଟିଏମ) ର ଶ୍ରମିକମାନଙ୍କ ପାଇଁ ବାସସ୍ଥାନ ସମସ୍ୟା ଏକ ସମ୍ବେଦନଶୀଳ ବିଷୟ। ଏହାର ସମାଧାନ ପାଇଁ ସରକାର ପଦକ୍ଷେପ ନେବା ନିହାତି ଜରୁରୀ ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି। ଏଥିସହିତ ବାସସ୍ଥାନ ଯୋଗାଇବା ପାଇଁ ପ୍ରସ୍ତାବ ରଖିବାକୁ ଅଞ୍ଚଳବାସୀ ସରକାରଙ୍କୁ ନିବେଦନ କରିଛନ୍ତି। ସମାନ ପରିସର କିମ୍ବା ନିକଟସ୍ଥ ଜମିରେ ଆବାସ ସରକାର କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷ ମିଲ୍‌ର ବଳକା ଜମି କିମ୍ବା ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଶ୍ରମିକମାନଙ୍କ ପାଇଁ ବହୁତଳ ବିଶିଷ୍ଟ ଆବାସ ନିର୍ମାଣ କରିବା, ଯେଉଁ ଶ୍ରମିକମାନେ ଦୀର୍ଘ ଦିନ ଧରି ସେଠାରେ ରହି ଆସୁଛନ୍ତି, ସେମାନଙ୍କୁ ସେହି ଜମିର ସ୍ଥାୟୀ ମାଲିକାନା କିମ୍ବା ପଟ୍ଟା ପ୍ରଦାନ କରାଗଲେ ସେମାନଙ୍କର ସାମାଜିକ ସ୍ଥିତି ସୁଦୃଢ଼ ହେବ ବୋଲି କୁହାଯାଉଛି। ଏହି ଶ୍ରମିକମାନଙ୍କୁ 'ଜାଗା ମିଶନ' କିମ୍ବା 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା' ଭଳି ସରକାରୀ ଗୃହ ନିର୍ମାଣ ଯୋଜନାରେ ଅଗ୍ରାଧିକାର ଭିତ୍ତିରେ ସାମିଲ କରାଯିବା ଉପରେ ଗୁରୁତ୍ୱ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ତେଣୁ ଏହି ପଦକ୍ଷେପ ମିଲ୍ ବନ୍ଦ ହେବା ପରେ ଅସହାୟ ହୋଇପଡ଼ିଥିବା ପରିବାରଗୁଡ଼ିକୁ ପୁନର୍ବାସ ପ୍ରଦାନ କରିବାରେ ଶ୍ରେଷ୍ଠ ମାଧ୍ୟମ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।



# ଅପରାଧୀ ଏକ; ସହଯୋଗୀ ଅନେକ

ଭୁବନେଶ୍ୱର, ୬।୪(ସମିସ): ସୁନ୍ଦରପଦା ବ୍ଲାଷ୍ଟର ମାଷ୍ଟର ମାଇଣ୍ଡ ସେହେନୱାଜ୍ ମଲ୍ଲିକ ଓରଫ ମୃତକ ମଫି। ରାଜଧାନୀରେ ଘଟିଥିବା ଲୋମ ହର୍ଷଣକାରୀ ବୋମା ବିସ୍ଫୋରଣ ମାମଲାରେ ଶେଷ ଥର ମଫି ସାମ୍ନାକୁ ଆସିଥିଲା। ବିସ୍ଫୋରକରେ ଆରଡ଼ିଏକ୍ସରେ ବ୍ୟବହାର ହେଉଥିବା ଏକ ଉପାଦାନ ମିଳିବା ତଦନ୍ତ ଭାର ସମ୍ପୂର୍ଣ୍ଣ ଏନ୍ଆଇଏ ହାତକୁ ଚାଲି ଯାଇଛି। ମଫି ଜଣେ ମାତ୍ର ଅଭିଯୁକ୍ତ ବହୁଦିନ ଧରି ରାଜଧାନୀର ଅପରାଧ ଜଗତକୁ

- ସୁନ୍ଦରପଦା ବ୍ଲାଷ୍ଟର ମାଷ୍ଟର ମାଇଣ୍ଡ ମଫି
- ଏନ୍ଆଇଏ ହାତକୁ ମାମଲା ଗଲା ପରେ ସହଯୋଗୀ ଛାନିଆ



ଦୋହଲାଉଥିଲା ବେଳେ ଏହାର ସହଯୋଗୀଙ୍କ ତାଲିକା ବହୁ ଲମ୍ବା। ଏନ୍ଆଇଏ ହାତକୁ ତଦନ୍ତ ଭାର ଗଲା ପରେ ସହଯୋଗୀଙ୍କ କ୍ୟାମ୍ପରେ ନିରାଶା ଛାଇ ଯାଇଛି। କାରଣ ମାମଲା ଚପାଇବାକୁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପର୍ଯ୍ୟନ୍ତ ଆଉ ହାତ ପାଇବ ନାହିଁ। ଏହି ଖବର ପ୍ରସାରିତ ହେବା ପରେ ଅଧିକାଂଶ ସହଯୋଗୀଙ୍କ ଫୋନ୍ ବନ୍ଦ ହୋଇଯାଇଥିଲା ବେଳେ ଆଉ କିଛି ଫେରାର୍ ହୋଇଯାଇଛନ୍ତି।

ମିଳିଥିବା ସୂଚନା ମୁତାବକ, ମଫି ନୂଆପଲ୍ଲୀର ଏକ ବସ୍ତିରେ ରହୁଥିଲା। ସେ ପ୍ରଥମେ ମାରପିଟ୍ ଏବଂ ଲୋକଙ୍କୁ ଧମକ ଚମକ ଦେଲା ଭଳି ଅପରାଧ କରୁଥିଲା। ଏହାପରେ ନୂଆପଲ୍ଲୀରେ ସେ ଏକ ଛୋଟ ଗ୍ୟାଙ୍ଗ୍ ତିଆରି କରିଥିଲା। ଏହି ଗ୍ୟାଙ୍ଗ୍ ପରବର୍ତ୍ତୀ ସମୟରେ ସ୍ଥାନୀୟ ଅଞ୍ଚଳରେ ଉତ୍ପାତ ମଚାଇଲେ। ଏପରିକି ଭୁବନେଶ୍ୱରର ଜଣେ କର୍ପୋରେଟରଙ୍କୁ ଛାଡ଼ିବାକୁ ପଛାଇଲେ ନାହିଁ। ଅପରାଧ କ୍ଷେତ୍ରରେ ମଫିର ବଢୁଥିବା ପତିଆରାକୁ ଦେଖି ମଫି ରାଜନେତାଙ୍କ ସମ୍ପର୍କରେ ଆସିଥିଲା। ଏହି ରାଜନେତାମାନେ ମଫି ଗ୍ୟାଙ୍ଗ୍‌କୁ ଫଣ୍ଡିଂ କଲେ। ରାଜନେତାଙ୍କ ଠାରୁ କେବଳ ଫଣ୍ଡିଂ ପାଇ ମଫି ସୀମିତ ରହି ନ ଥିଲା। ରାଜନେତାଙ୍କ ପାଖରେ ବସି ସେ ବହୁ ସରକାରୀ ଅଧିକାରୀ ଏବଂ ପୁଲିସ ଅଧିକାରୀଙ୍କ ସଂସ୍ପର୍ଶରେ ଆସିଥିଲା। ଏପରିକି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଜିଲ୍ଲା ସଂଖ୍ୟା ଲଘୁ ସେଲ୍‌ର ମୁଖ୍ୟ ଭାବେ କାର୍ଯ୍ୟରତ ଜଣେ ସଦସ୍ୟଙ୍କ ସହ ତାହାର ଘନିଷ୍ଠତା ବଢ଼ିଥିଲା।

ରାଜନୈତିକ ପୃଷ୍ଠପୋଷକତା, ସରକାରୀ ଅଧିକାରୀଙ୍କ ସହ ନିବିଡ଼ତା, ଜଣେ ପୁଲିସ ଅଧିକାରୀଙ୍କ ମୁଣ୍ଡ ଉପରେ ହାତ ରହିବା ପରେ ମଫି ନିଜ ଗ୍ୟାଙ୍ଗ୍‌କୁ ବିସ୍ତାର କରିଥିଲା। ଅପାରାଧୀଙ୍କୁ ନେଇ ଏକ ୨ଶହ ଜଣିଆ ଗ୍ୟାଙ୍ଗ୍ ତିଆରି କରିବାକୁ ମଫି ଯୋଗାନା କରିଥିଲା।

ଏଣୁ ନୂଆପଲ୍ଲୀ ଅଞ୍ଚଳରେ ଏକ ସହକାରୀ ଜାଗାକୁ ମାଡ଼ିବସି ଏକ ଯୁବ ସଂଗଠନ ଗଢା ହୋଇଥିଲା। ଏହି ସଂଗଠନରେ ଏଭଳି ସଦସ୍ୟମାନଙ୍କୁ ସାମିଲ କରାଯାଇଥିଲା ଯେ ଯେଉଁମାନଙ୍କ ନାମରେ ବିଭିନ୍ନ ଥାନାରେ ମାଲ ମାଲ ଅପରାଧିକ ମାମଲା ରହିଛି। ଏଠାକୁ ବହୁ କୁଜି ନେତା ନିୟମିତ ଭାବେ ଆସୁଥିଲେ। ମଫି ଧରା ପଡ଼ିବା ପରେ ସାଇନ୍ ବୋର୍ଡ ହଟାଇ ନିଆଯାଇଥିଲା।

ମଫି ନିଜ ସହଯୋଗୀଙ୍କ ସହ ବିଭିନ୍ନ ଅପରାଧିକ ମାମଲାରେ ଲିପ୍ତ ରହିଥିଲା। ମିଳିଥିବା ସୂଚାନ ମୁତାବକ ନିଶା କାରବାର, ଗୋ ଚାଲାଣ, ପ୍ରଭାବଶାଳୀଙ୍କ ପାଇଁ ଜମି ଅକ୍ତିଆର କରିବା ଭଳି କାମରେ ସେମାନେ ସାମିଲ ରହୁଥିବା ଅଭିଯୋଗ ହୋଇଛି। ଏଭଳି ଭାବେ ଟଙ୍କା କମାଉ କମାଉ ମଫି ବମ୍ ବ୍ଲାଷ୍ଟ୍ କରି ଟଙ୍କା କମାଇବାକୁ ଯୋଜନା କରୁଥିଲା। ମଫି ଏକ ରାଜ୍ୟରେ କେଉଁଠି ବୋମା ପକାଇବାକୁ ଯୋଜନା କରୁଥିଲା। କାହା ଠାରୁ ସୁପାରୀ ନେଇଥିଲା। କେଉଁ ସହଯୋଗୀ ମାନଙ୍କୁ ନେଇ ଅପରେସନ୍ କରିଥାନ୍ତା ତାହାର ବର୍ତ୍ତମାନ ଖୋଳତାଡ଼ କରାଯିବ। ଏହାକୁ ନେଇ ମଫି ସହଯୋଗୀମାନେ ଏବେ ଛାନିଆରେ।

## ଜମିବିକ୍ରି ଆଳରେ ୨୪ ଲକ୍ଷ ଠକେଇ



ଭୁବନେଶ୍ୱର, ୬।୪ (ସମିସ): ଜମି ବିକ୍ରି ଆଳରେ ୨୪ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ପାଣ୍ଡରା ଲୋପାମୁଦ୍ରା ନଗରରେ ରହୁଥିବା ପଟ୍ଟାମୁଣ୍ଡାଇ ଥାନା ବନ୍ଧସାହିର ପ୍ରମୋଦ କୁମାର ପଲେଇ (୪୨)।

ପୁଲିସ ସୂଚନାନୁଯାୟୀ, ହୃଷିକେଶ ସାମଲ ଏକ ଜମି କିଣିବା ପାଇଁ ଯୋଜନା କରୁଥିବା ବେଳେ ପ୍ରମୋଦ ନିଜ ଜମି ବିକ୍ରି କରିବ ବୋଲି କହିଥିଲା। ପ୍ରମୋଦ ଓ ତାଙ୍କ ପରିବାର ସଦସ୍ୟ ମାନଙ୍କ ସହ ହୃଷିକେଶ ଏକ ଚୁକ୍ତି କରିବା ସହ ଜମି ବାବଦକୁ ୨୪ ଲକ୍ଷ ଟଙ୍କା ଦେଇଥିଲେ। ଏହାପରେ ମଧ୍ୟ ଜମି ପଞ୍ଜିକରଣ କରିନଥିଲେ କି ଟଙ୍କା ଫେରାଇନଥିଲେ। ପରବର୍ତ୍ତୀ ସମୟରେ ପ୍ରମୋଦ ଓ ତାଙ୍କ ପରିବାର କିସ୍ତିରେ ଟଙ୍କା ଫେରସ୍ତ କରିବେ ବୋଲି ଚୁକ୍ତିନାମା କରିଥିଲେ। ସେଥିରେ ମଧ୍ୟ ବିଫଳ ହୋଇଥିଲେ। ଟଙ୍କା ଫେରାଇବାରେ ବିଫଳ ହେବାରୁ ପୁଣିଥରେ ଜମି ବିକ୍ରୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଦିନ ପରେ ଦିନ ଗଡ଼ି ଚାଲିଥିଲେ ମଧ୍ୟ ଜମି ବିକ୍ରି କରିନଥିଲେ।

ପ୍ରମୋଦ ପରବର୍ତ୍ତୀ ସମୟରେ ଟଙ୍କା ଫେରାଇବା ପାଇଁ ଏକାଧିକ ବ୍ୟାଙ୍କ୍ ଚେକ୍ ଦେଇଥିଲା। ସେଗୁଡ଼ିକ ଅବୈଧ ଓ ଜମା କରିବା ବେଳେ ଗୋଟିଏ ଚେକ୍ ବାଉନ୍ସ ମଧ୍ୟ ହୋଇଥିଲା। ସବୁଦିଗରୁ ବିଫଳ ହୋଇ ହୃଷିକେଶ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତ ସମୟରେ ଚୁକ୍ତିନାମା ଓ ଚେକ୍ ସମେତ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଯାଞ୍ଚ କରି ଜବତ କରିଥିଲା। ସୋମବାର ପ୍ରମୋଦକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରମୋଦ ନାମରେ ପୂର୍ବରୁ ଲକ୍ଷ୍ମୀସାଗର ଗୋଟିଏ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ଖଣ୍ଡା ବୁଲାଇ ଯୁବକ ଗିରଫ



ଭୁବନେଶ୍ୱର, ୬।୪ (ସମିସ): ଖଣ୍ଡା ବୁଲାଇ ଆତଙ୍କ ଖେଳାଉଥିବା ଅସାମାଜିକ ଯୁବକକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଗଣପତି ନଗର ବସ୍ତିରେ ରହୁଥିବା ବାଲେଶ୍ୱର ଜିଲ୍ଲା ଜଳେଶ୍ୱରର ପବିତ୍ର କୁମାର ଦଳେଇ (୨୦)।

ପୁଲିସ ସୂଚନାନୁଯାୟୀ, ସୋମବାର ସକାଳେ ନୂଆପଲ୍ଲୀ ଥାନାର ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଜଣେ ଯୁବକ ୟୁନିଟ୍ ୮ ଅଞ୍ଚଳରେ ଆତଙ୍କ ସୃଷ୍ଟି କରୁଥିବା ଖବର ମିଳିଥିଲା। ପୁଲିସ ଟିମ୍ ୮ ନଂ ଜୁଡ଼ିଓ ଶୋରୁମ୍ ନିକଟରେ ପହଞ୍ଚିବା ବେଳକୁ, ପବିତ୍ର ଖଣ୍ଡା ଦେଖାଇ ସାଧାରଣ ଲୋକମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଥିବା ଦେଖିବାକୁ ମିଳିଥିଲା। ପୁଲିସକୁ ଦେଖି ସେ ଏକ ଗାଡ଼ିରେ ଖଣ୍ଡା ଲୁଚାଇ ପଳାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ପୁଲିସ ତାକୁ କାବୁ କରି ନେଇଥିଲା। ତା' ଠାରୁ ଏକ କାର୍ ଓ ଗାଡ଼ି ଡିକିରୁ ଗୋଟିଏ ଖଣ୍ଡା ଜବତ କରିଥିଲା ପୁଲିସ। ଏନେଇ ନୂଆପଲ୍ଲୀ ଥାନା ପୁଲିସ ନିଜଆଡ଼ୁ ମାମଲା ରୁଜୁ କରି ପବିତ୍ରକୁ କୋର୍ଟ ଚାଲାଣ କରିଛି।

## ବୋତଲରେ ଆକ୍ରମଣ: ଅଭିଯୁକ୍ତ ଗିରଫ



ଧଉଳି, ୬।୪(ସମିସ): ମଦ ବୋତଲରେ ଆକ୍ରମଣ ଘଟଣାରେ ଧଉଳି ଥାନା ପୁଲିସ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଞ୍ଜାମ ଥାନା ମହାତ୍ମାଗାନ୍ଧୀ ମାର୍ଗ ଅଞ୍ଚଳର ରାଜେଶ କୁମାର ଦାଶ। ଖବରନେବାରେ ଜଣାପଡ଼ିଛି ଟି.ପ୍ରସାଦ ରାଓ ରବିବାର ରାତିରେ ତାଙ୍କ ସମ୍ପର୍କୀୟାଙ୍କ ଘରକୁ ଯାଇ ରାତ୍ରିଭୋଜନ କରୁଥିଲେ। ଏହି ସମୟରେ ସମ୍ପର୍କିୟାଙ୍କ ଭାଇ ରାଜେଶ ହଠାତ୍ ଟି. ରାଓଙ୍କୁ ପଛରୁ ଏକ ମଦ ବୋତଲ ସାହାଯ୍ୟରେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇ ରକ୍ତସ୍ରାବ ହୋଇଥିଲା। ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ରାଜେଶ ପୁନର୍ବାର ଭଙ୍ଗା ବୋତଲସାହାଯ୍ୟରେତାଙ୍କୁଆକ୍ରମଣକରିବାସହଅଶ୍ଳୀଳଭାଷାରେଗାଳିଦେଇଥିଲେ।ପରେ ଗୁରୁତରଆହତ ଟି. ରାଓଙ୍କୁ ତୁରନ୍ତ ଚିକିତ୍ସା ପାଇଁ ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ଚୋରି କରି ଧରାପଡ଼ିଲା ଘରୋଇ ସହାୟିକା



ଭୁବନେଶ୍ୱର, ୬।୪ (ସମିସ): ପୁଣି ବିଶ୍ୱାସରେ ବିଷ ଦେଇଛି ଘରୋଇ ସହାୟିକା। ଶଯ୍ୟାଶାୟୀ ରୋଗୀଙ୍କ ସେବା କରିବାକୁ ଆସି ଘରେ କଳାକନା ବୁଲାଇଛି। ଲକ୍ଷ୍ମୀସାଗର ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ସ୍ନିଗ୍ଧାରାଣୀ ପଟ୍ଟନାୟକ ଥାନାରେ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ପାଇବା ପରେ ଅଭିଯୁକ୍ତା ଘରୋଇ ସହାୟିକାକୁ ଗିରଫ କରିଛି ପୁଲିସ। ଗିରଫ ଯୁବତୀ ହେଲେ, ଗଞ୍ଜାମ ଜିଲ୍ଲା ବୈଦନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ରେଡ଼ିକା ସାହିର ଡି ବିମଳା ରେଡ୍ଡୀ (୨୭)। ପୁଲିସ ସୂଚନାନୁଯାୟୀ, ଲକ୍ଷ୍ମୀସାଗର ମ୍ୟାଙ୍ଗୋ ହୋଟେଲ ନିକଟରେ ରହୁଥିବା ସ୍ନିଗ୍ଧାରାଣୀଙ୍କ ସ୍ୱାମୀ ଅସୁସ୍ଥ ଶଯ୍ୟାଶାୟୀ ହୋଇ ପଡ଼ିଛନ୍ତି। ସ୍ନିଗ୍ଧା ତାଙ୍କ ସ୍ୱାମୀଙ୍କ ଯତ୍ନ ନେବା ପାଇଁ ବିମଳାଙ୍କୁ ଘରୋଇ ସହାୟିକା ଭାବରେ ନିୟୋଜିତ କରିଥିଲେ। ଗତମାସ ୩୧ ତାରିଖ ଦିନ ସ୍ନିଗ୍ଧା ଅଳ୍ପ ସମୟ ପାଇଁ ଘରୁ ବାହାରକୁ ଯାଇଥିଲେ। ଏହାରି ଭିତରେ ବିମଳା ୩୦ ଗ୍ରାମ ଓଜନର ସୁନା ଚେନ୍ ଚୋରିକରି ଫେରାର ହୋଇ ଯାଇଥିଲେ। ଏନେଇ ସେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଗତକାଲି ଲାଞ୍ଜିପଲ୍ଲୀ ସ୍ଥିତ ରେଡ଼ିକା ସାହିରେ ଚଢ଼ଉ କରି ବିମଳାଙ୍କୁ ଗିରଫ କରିଥିଲା। ସେ ଚୋରି କରିଥିବା ସୁନା ଚେନ୍‌ଟି ଆସ୍କାର ଜଣେ ବଣିଆଙ୍କୁ ବିକ୍ରି କରିଦେଇଛନ୍ତି ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲେ। ଅପରାହ୍ନରେ ବିମଳାଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ।

## ଶିକ୍ଷକ ନିଯୁକ୍ତି ବିଜ୍ଞପ୍ତି ଦାବିରେ ଗର୍ଜିଲେ ଆଶାୟୀ



ଭୁବନେଶ୍ୱର, ୬।୪(ସମିସ): ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ବହୁ ଶିକ୍ଷକ ପଦ ଖାଲି ପଡ଼ିଛି। ପ୍ରାୟ ୧୫ ହଜାର ପଦ ଫାଙ୍କା ପଡ଼ିଥିଲେ ମଧ୍ୟ ସରକାର ନୂତନ ନିଯୁକ୍ତି ଦେଉନାହାନ୍ତି। ଏପରିକି ୨୦୨୪ରୁ ଗୋଟିଓ ମଧ୍ୟ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଫଳରେ ହଜାର ହଜାର ଆଶାୟୀ ଆଜି ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ଆନ୍ଦୋଳନ କରିଛନ୍ତି। ଆଶାୟୀଙ୍କ ଅଭିଯୋଗ ହେଲା ପୂର୍ଣ୍ଣ ସହାୟତା ପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ୧୬୫୨ ପଦ ଖାଲି ପଡ଼ିଛି। ସେହିପରି ନୂତନ ସହାୟତା ପ୍ରାପ୍ତ ହାଇସ୍କୁଲରେ ୫୫୩୮ ଓ ସରକାରୀ ଉଚ୍ଚ ବିଦ୍ୟାଳୟରେ ୫୫୬୮ ଶିକ୍ଷକ ପଦରେ କେହି ନାହାନ୍ତି। ଗତବର୍ଷ ଅଗଷ୍ଟ ୮ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୨୦୬୪ଟି ଏସ୍ଏସ୍‌ବି ଟିଜିଟି ପଦ ପୂରଣ କରିବାକୁ କୁହାଯାଇଥିଲା। ଏପରିକି ସେହି ମାସ ସେଷ ସୁଦ୍ଧା ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ଉଲ୍ଲେଖ କରାଯାଇଥିଲା। ମାତ୍ର ଘୋଷଣାକୁ ପ୍ରାୟ ୭ ମାସ ଅତିକ୍ରମ କରିଥିଲେ ମଧ୍ୟ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଉନାହିଁ। ଯାହା ଆଶାୟୀଙ୍କ ଆଶାକୁ ଧୂଳିସାତ କରିବା ସହ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ ହେଉଥିବା ଅଭିଯୋଗ କରିଛନ୍ତି। ସରକାର ନୂତନ ନିଯୁକ୍ତି ପାଇଁ ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

### ହୋମିଓପାଥିକ ମେଡିକାଲ କଲେଜ ପରିଚାଳନାରେ ଅବ୍ୟବସ୍ଥା

## ନକଲି ଠିପିରେ ହେଉଛି ଔଷଧ ଭର୍ତ୍ତି

ଭୁବନେଶ୍ୱର, ୬।୪(ସମିସ): ରାଜ୍ୟର ସର୍ବପୁରାତନ ପ୍ରତିଷ୍ଠିତ ସରକାରୀ ହୋମିଓପାଥିକ ମେଡିକାଲ କଲେଜ ଡା. ଅଭିନ୍ନ ଚନ୍ଦ୍ର ହୋମିଓପାଥିକ ମେଡ଼ିକାଲ କଲେଜ ପରିଚାଳନା ବ୍ୟବସ୍ଥା ଏବେ ଅନ୍ଧକାର ଆଡକୁ ଠେଲି ହୋଇଯାଉଛି। କେବେ ରୋଗୀଙ୍କୁ ଔଷଧ ମିଳୁ ନାହିଁ। ପୁଣି କେତେବେଳେ ନିମ୍ନମାନର ଔଷଧ ପ୍ରଦାନ କରାଯାଉଛି। କେତେବେଳେ ଓପିଡ଼ିରେ ଡାକ୍ତର ରହୁ ନାହାନ୍ତି ପୁଣି କେତେବେଳେ ବିନା କୌଣସି ସରକାରୀ ବିଜ୍ଞପ୍ତୀରେ ଏଠାରେ ଜରୁରୀକାଳୀନ ବ୍ୟବସ୍ଥା

**ବଢୁଛି ଅସନ୍ତୋଷ**



ଆରମ୍ଭ କରାଗଲା ବୋଲି ଫଳକ ଟଙ୍ଗା ହୋଇ ଦୁଇଦିନ ପରେ ଏହି ଫଳକକୁ ହଟାଇ ନିଆଯାଉଛି। ଏଠାରେ ପରିସ୍ଥିତି ଏବେ ଏଭଳି ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି ଯେ ହସ୍ପିଟାଲକୁ ଔଷଧ ନେବା ପାଇଁ ଯୋଗାଯାଉଥିବା ପ୍ଲାଷ୍ଟିକ୍ ସିସି ଆଉ ଠିପି ବି ନକଲି।

ହସ୍ପିଟାଲ ପରିସରରେ ରୋଗୀ ଡାକ୍ତର ଦେଖାଇବା ପରେ ଔଷଧ କାଉଣ୍ଟର ପାଖକୁ ଯାଉଛନ୍ତି। ଚିଠା ଦେଖା ଦୋବା ପରେ ଅର୍ଦ୍ଧାଧିକ ଔଷଧ ମିଳୁ ନାହିଁ। ବାହାରୁ କିଣିବାକୁ ପରାମର୍ଶ ଦିଆଯାଉଛି। ଏହାପରେ ଯେଉଁ କେତୋଟି ହୋମିଓପାଥି ଔଷଧ ମିଳୁଛି ସେଗୁଡ଼ିକୁ ଠିପି ଖରାପ ଯୋଗୁଁ ଢାଳି ଯାଉଛି। ହସ୍ପିଟାଲ ପରିସରରେ ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ଔଧେ ନେଉଛନ୍ତି। ହେଲେ ଘର ପର୍ଯ୍ୟନ୍ତ ଗଲା ବେଳକୁ ଠିପି ଖରାପ ଯୋଗୁଁ ବାଟରେ ଢାଳି ଯାଉଛି। ତେବେ ଏହା ସରକାରଙ୍କ କି ପ୍ରକାର ଜନକଲ୍ୟାଣ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

ତେବେ ଏଭଳି ନିମ୍ନମାନର ନକଲି ଔଷଧକୁ ନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ହେଲେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନିରବଦ୍ରଷ୍ଟା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ସେହିପରି ହସ୍ପିଟାଲ ଓପିଡ଼ିରେ ନିୟମିତ ଭାବେ ଡାକ୍ତର ଆସୁ ନହାନ୍ତି। ମନମୁଖୀ ଡ୍ୟୁଟି କରୁଛନ୍ତି। ଏହା ଏକ ବହୁ ଦିନର ସମସ୍ୟା ହୋଇଥିଲେ ମଧ୍ୟ ହସ୍ପିଟାଲର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉ ନାହାନ୍ତି।

**କର୍ତ୍ତୃପକ୍ଷଙ୍କ ତ୍ରୁଟି ଯୋଗୁଁ ବନ୍ଦ ହେଲାଣି କର୍ମଚାରୀଙ୍କ ଦରମା, ନୂଆ ନିଯୁକ୍ତି ନାହିଁ**

ହସ୍ପିଟାଲର କିଛି କର୍ମଚାରୀ ୨୦୨୬ ମସିହା ଫେବୃଆରୀ ମାସର ଦରମା ଏପର୍ଯ୍ୟନ୍ତ ପାଇ ନାହାନ୍ତି। ଅଧ୍ୟକ୍ଷା, ନିଜର ଡାକ୍ତର ସ୍ୱାମୀ ଓ ମୁଖ୍ୟ କିରାଣୀ ଦରମା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିଦେଲେ। ହେଲେ ଅନ୍ୟମାନେ ଦରମା କିପରି ପାଇବେ ସେଥିପ୍ରତି ଧ୍ୟାନ ଦେଲା ନାହିଁ। ଏହି ତଥ୍ୟ ସକାଳରେ ପ୍ରକାଶ ପାଇବା ପରେ ଡାକ୍ତର, ରିଡର୍, ପ୍ରଫେସର ମାନଙ୍କ ଦରମା ପ୍ରଦାନ କରାଗଲା। ହେଲେ କିଛି ହସ୍ପିଟାଲ କର୍ମଚାରୀ ଫେବୃୟାରୀ ମାସର ଦରମା ଆଜି ପର୍ଯ୍ୟନ୍ତ ପାଇଲେ ନାହିଁ। ହସ୍ପିଟାଲରେ କାର୍ଯ୍ୟରତ ଜନୈକ କର୍ମଚାରୀ ଉକ୍ତ ମାସର ଦରମା ନ ପାଇ ଗତ ମାର୍ଚ୍ଚ ମାସରେ ଅବସର ଗ୍ରହଣ କଲେ। ହସ୍ପିଟାଲରୁ ବହୁ କର୍ମଚାରୀ ଅବସର ନେଉଥିଲାବେଳେ ତାଙ୍କ ସ୍ଥାନରେ ନୂତନ ନିଯୁକ୍ତି ହେଉନାହିଁ।


10001/18/2627

ଓଡ଼ିଶା ଶାସନ

# ଅଂଶୁଘାତ ସତର୍କତା

**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

OIPR-10001/10003/2/26-27/0001

**ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ**

NATIONAL HEALTH MISSION

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

# ସମ୍ପାଦକୀୟ



ବିଶ୍ୱର ଅଧିକାଂଶ ସମସ୍ୟା ପଛରେ କିଛି ଲୋକଙ୍କର ନିଜ ଗୁରୁତ୍ୱକୁ ଜାହିର କରିବାର ମାନସିକତା ହିଁ ଦାୟୀ ।
-ଟି ଏସ୍ ଏଲିଅଟ୍

ସକାଳ
THE SAKALA

## ଅସ୍ମିତା ଭୂଲୁଣ୍ଠିତ

ଡବଲ ଇଂଜିନ ସରକାର କ୍ଷମତାସୀନ ହେବା ପରେ ଆମ ରାଜ୍ୟକୁ ଦୋହରା ଫାଇଦା ମିଳିବ ବୋଲି ସମସ୍ତେ ଆଶା କରିବା ସ୍ୱାଭାବିକ । ହେଲେ କେନ୍ଦ୍ର ସରକାର ଓଡ଼ିଶାକୁ ପ୍ରାଧାନ୍ୟ ଦେବା ପରିବର୍ତ୍ତେ ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ଦେଉଥିବାର ପରିଲକ୍ଷିତ ହୋଇଛି । କ୍ଷମତାକେନ୍ଦ୍ର ପାଇଁ ଆନ୍ଧ୍ରର କ୍ଷମତାସୀନ ତେଲେଗୁ ଦେଶମ୍ ଦଳର ସାଂସଦଙ୍କ ସମର୍ଥନର ଆବଶ୍ୟକତା ଦୃଷ୍ଟିରୁ ଚନ୍ଦ୍ରବାବୁ ନାଇଡୁଙ୍କ ମୂଲଚାଲ ନିକଟରେ ଓଡ଼ିଶାର ସ୍ୱାର୍ଥ ନଗଣ୍ୟ ହୋଇପଡ଼ିଛି । କିନ୍ତୁ ଏକଥା ଭୁଲିଯିବା ଉଚିତ୍ ନୁହେଁ କି ଆମ ରାଜ୍ୟର ୨୧ ଲୋକସଭା ଆସନ ମଧ୍ୟରୁ ୨୦ଟି ବିଜେପି ଦଳକୁ ଯେଉଁ ବଳ ଦେଇଛି ତାହା ଆନ୍ଧ୍ରର ସମର୍ଥନ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି କିଛିଦିନ ମଧ୍ୟରେ କ୍ରମାଗତ ଏପରି କିଛି ଘଟଣା ଆଲୋଚନା ପରିସରକୁ ଆସିଛି ଯାହାକି ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି । ପ୍ରତିକ୍ରିୟା ଶୂନ୍ୟ ଆମ ସରକାର ହାଇକମାଣ୍ଡଙ୍କ ଭୟରେ ଛାନିଆ ହୋଇ ନିରବତା ଅବଲମ୍ବନ କରୁଥିବାରୁ ଆମ ଅସ୍ମିତା ଭୂଲୁଣ୍ଠିତ ହୋଇଥିବା ମନେ ହେଉଛି । ଯେତେଦୂର ମନେ ହୁଏ ରାଜ୍ୟର ସ୍ୱାର୍ଥ ରକ୍ଷା ସକାଶେ କେନ୍ଦ୍ର ଉପରେ ଚାପ ପ୍ରୟୋଗ କଲା ଭଳି ନେତୃତ୍ୱର ଅଭାବ ରହିଛି ।

ଏଥି ମଧ୍ୟରେ ତିନିଟି ଘଟଣା ରାଜ୍ୟବାସୀଙ୍କ ଆଲୋଚନା ପରିସରକୁ ଆସିଛି । ସବୁ ଯେମିତି ଗୋଟିଏ ପରେ ଗୋଟିଏ ଘଟିଚାଲିଛି ଓଡ଼ିଶାକୁ ହୀନଦୃଷ୍ଟିରେ ଦେଖିବା ପାଇଁ ବିଜେପିର କୁହାଳିଆ ନେତା ନିଶିକାନ୍ତ ଦୁବେଙ୍କୁ ପ୍ରୟୋଗ କରାଗଲା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ବଦ୍‌ନାମ କରିବା ସକାଶେ । ଦେଶର ସ୍ୱାର୍ଥରକ୍ଷା ପାଇଁ ତାଙ୍କର ଅପୂର୍ବ ସାହସିକତା ଓ ଅଦମ୍ୟ ନିଷ୍ଠା ଏପରିକି ସ୍ୱାଧୀନତା ସଂଗ୍ରାମ ସମୟର ଅବଦାନ ପ୍ରତି ଆଖିବୁଜି ଦେଇ ତାଙ୍କୁ ସିଆଇଏ ଏଜେଣ୍ଟ କହିବାକୁ ସେ ପଛଘୁଞ୍ଚା ଦେଲେ ନାହିଁ । ଦଳମତ ନିର୍ବିଶେଷରେ ଜାତୀୟ ସ୍ତରରୁ ରାଜ୍ୟ ପର୍ଯ୍ୟନ୍ତ ସବୁସ୍ତରରେ ପ୍ରତିବାଦ ହେବାରୁ ଦୁବେ ତାଙ୍କ ବକ୍ତବ୍ୟ ପ୍ରତ୍ୟାହାର କରିଥିଲେ । ବିଜୁବାବୁଙ୍କ ବ୍ୟକ୍ତିତ୍ୱ କୌଣସି ଗୋଟିଏ ଦଳ ମଧ୍ୟରେ ସୀମିତ ନଥିଲା । କଂଗ୍ରେସ ବିରୋଧୀ ଆନ୍ଦୋଳନର ସେ ଥିଲେ ଅନ୍ୟତମ ମହାନାୟକ । ଆଜିର କ୍ଷମତା ତାଙ୍କ ରାଜନୈତିକ ପ୍ରୟାସର ସୁଫଳ । ଜଣେ ଦିବଂଗତ ନେତାଙ୍କୁ ସଂକୀର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ନିନ୍ଦିତ କରିବା ସୌଜନ୍ୟ ହୀନତାର ପରିଚାୟକ ।

ଓଡ଼ିଶାରେ ଅବସ୍ଥାପିତ ପୂର୍ବତଟ ରେଳପଥ ଆର୍ଥିକ ଦୃଷ୍ଟିରୁ ଦେଶର ଅନ୍ୟ ଜୋନ ଅପେକ୍ଷା ଯଥେଷ୍ଟ ଆଗରେ ଥିବାରୁ ରେଳବାଇ ବ୍ୟୟବରାଦ ବେଳେ ରାଜ୍ୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଆମର ଯେଉଁ ଦାବି କରିବାର ହକ୍ ଥିଲା ତାହାକୁ କ୍ଷୁଣ୍ଣ କରିବା ସକାଶେ ଷଡ଼ଯନ୍ତ୍ର ଆରମ୍ଭ ହୋଇଯାଇଛି । ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଭୋଟ ରାଜନୀତି ସକାଶେ ବିଶାଖାପାଟଣାରେ ପ୍ରତିଷ୍ଠା ହୋଇଥିଲା ଦକ୍ଷିଣତଟ ରେଳପଥ । ଆର୍ଥିକ ଦୃଷ୍ଟିରୁ ସେହି ରେଳବାଇକୁ ସକ୍ଷମ କରିବା ପାଇଁ ଯୋଜନାବଦ୍ଧ ଉଦ୍ୟମ ଆରମ୍ଭ ହୋଇଯାଇଛି । ପ୍ରଥମେ ୱାଲଟିୟର ଡିଭିଜନର ଅର୍ଦ୍ଧେକ ଅଂଶ କାଢ଼ି ନିଆଯାଇ ରେଳପଥରେ ସଂଯୁକ୍ତ କରାଯାଇଥିଲା । ସେତେବେଳେ ଓଡ଼ିଶା ପକ୍ଷରୁ ବାରମ୍ବାର ଆପତ୍ତି ଦର୍ଶାଯାଇଥିଲେ ମଧ୍ୟ ସେଥିପ୍ରତି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଲେ ନାହିଁ । ନିକଟରେ ପଲାସା – ଇଚ୍ଛାପୁରମ ସେକ୍ସନକୁ ପୂର୍ବତଟ ରେଳପଥରୁ ପୁଣି ବାଦ ଦିଆଯାଇଛି । ଏହା ଫଳରେ ବାର୍ଷିକ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ହାନି ଘଟିବ । ଅଧିକ ଉପାର୍ଜନ କ୍ଷମତା ପାଇଁ ପୂର୍ବତଟ ରେଳପଥର ଯେଉଁ ସ୍ୱତନ୍ତ୍ର ମର୍ଯ୍ୟାଦା ଥିଲା ତାହା ହାନି ଘଟିବାକୁ ଯାଇଛି । ୱାଲଟିୟର ଡିଭିଜନର ଅଧୀନରେ ଥିବା ୧୧୦୬ କିମି ରେଳଲାଇନର ୪୫୧ କି.ମି ବିଜୟୱାଡା ଡିଭିଜନରେ ମିଶିଥିଲା । ଅବଶିଷ୍ଟ ୬୫୬ କିଲୋମିଟର ରେଳ ଲାଇନରୁ ରାୟଗଡ଼ା ଓ ଖୋର୍ଦ୍ଧାରୋଡ ଡିଭିଜନରେ ଯଥାକ୍ରମେ ୫୪୧ କିମି ଓ ୧୧୫ କିମି ରଖିବାକୁ ସ୍ଥିର ହୋଇଥିଲା । ବିସ୍ମୟକର କଥା ହେଉଛି, ଖୋର୍ଦ୍ଧାରୋଡ ଅଧୀନରେ ଥିବା ପଲାସା ଇଚ୍ଛାପୁରମ୍ ସେକ୍ସନକୁ କାଢ଼ି ନେଇ ପୁଣି ଦକ୍ଷିଣତଟ ରେଳପଥରେ ସଂଯୁକ୍ତ କରାଯାଇଛି । ସେହିପରି ରାୟଗଡ଼ା ଡିଭିଜନ ଅଧୀନରେ ଥିବା କୋଟାବାଲ୍‌ସା-ଗୁଣ୍ଟୁର ଲାଇନକୁ ମଧ୍ୟ ଦକ୍ଷିଣ ରେଳପଥରେ ସାମିଲ କରିବାକୁ ଯୋଜନା ଆରମ୍ଭ ହୋଇଯାଇଛି । ଛତିଶଗଡ଼ରୁ ଓଡ଼ିଶା ଦେଇ ବିଶାଖାପାଟଣା ବନ୍ଦରକୁ ସଂଯୋଗ କରୁଥିବା ୪୪୫ କିଲୋମିଟର ରେଳଲାଇନ ଲୁହାପଥର ପରିବହନର ମୁଖ୍ୟ ମାଧ୍ୟମ ହୋଇଛି । ଏହା ବ୍ୟତୀତ ପର୍ଯ୍ୟଟନ ଦୃଷ୍ଟିରୁ ସ୍ୱତନ୍ତ୍ର ଗୁରୁତ୍ୱ ମଧ୍ୟ ରହିଛି । ଏଭଳି ଏକ ଉଦ୍ୟମ ପୂର୍ବତଟ ରେଳପଥର ବିପୁଳ ଆର୍ଥିକ କ୍ଷତି ଘଟାଇବ । ଆନ୍ଧ୍ର ପ୍ରଦେଶରେ ଥିବା ସମସ୍ତ ରେଳ ଲାଇନକୁ ଖୋର୍ଦ୍ଧା ଡିଭିଜନରୁ ବାଦଦେଇ ଦକ୍ଷଣତଟ ରେଳପଥରେ ସାମିଲ କରିବା ସକାଶେ ଆନ୍ଧ୍ରପ୍ରଦେଶର ସାଂସଦମାନେ କେନ୍ଦ୍ର ଉପରେ ଚାପ ପକାଇଥିବାରୁ ପର୍ଯ୍ୟାୟକ୍ରମେ ଏହି ଅଦଳବଦଳ ପ୍ରକ୍ରିୟା ଚାଲିଛି । ରାଜ୍ୟ ଭିତ୍ତିରେ ରେଳପଥ ବିଭାଜନକୁ ସରକାର ଗୁରୁତ୍ୱ ଦେଇଥିବା ବେଳେ ଚକ୍ରଧରପୁର ଡିଭିଜନ ଅଧୀନରେ ଥିବା ଝାରସୁଗୁଡ଼ା – ରାଉରକେଲା ବାନ୍ଧିମୁଣ୍ଡା ଏବଂ ଖଡ଼ଗପୁର ଅଧୀନରେ ଥିବା ବାଲେଶ୍ୱର- ରୁପସା –ଜଳେଶ୍ୱର ରେଳଲାଇନ ପୂର୍ବତଟ ରେଳପଥର ଅନ୍ତର୍ଭୁକ୍ତ କରାଯାଇ ପାରନ୍ତା । ଡବଲ ଇଂଜିନ ସରକାର ସାଂସଦମାନେ ଏକ୍ଷେତ୍ରରେ ପଛଘୁଞ୍ଚା କାହିଁକି ଦେଇଛନ୍ତି?

ରେଳବାଇ ସାଂଗକୁ ନଦୀଜଳ ପ୍ରକଳ୍ପ ନେଇ ମଧ୍ୟ ଦୁଇପଡ଼ୋଶୀ ରାଜ୍ୟ ମଧ୍ୟରେ ବିବାଦୀୟ ପରିସ୍ଥିତି ଉପୁଜିଥିଲା । ଏଥିରେ ମଧ୍ୟ ଆନ୍ଧ୍ରପ୍ରଦେଶ ଜିତାପଟ ହାସଲ କରିଛି । ବଂଶଧାରା ନଦୀ ଉପରେ ନେରେଡ଼ି ବ୍ୟାରେଜ ପ୍ରତିଷ୍ଠା ପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ରାଜଶେଖର ରେଡ୍ଡୀ ଶୁଭପ୍ରଦାନ କରିଥିଲେ । ଏହାକୁ କେନ୍ଦ୍ର କରି ଦୁଇରାଜ୍ୟ ମଧ୍ୟରେ ୨୦୦୬ ରୁ ବିବାଦ ଲାଗି ରହିଛି । ବାଧ୍ୟ ହୋଇ, ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ୨୦୧୦ ରେ ଗଠିତ ବଂଶଧାରା ଜଳଟ୍ରିବ୍ୟୁନାଲ ଗତ ମାର୍ଚ୍ଚ ୩୦ ତାରିଖରେ ରାୟ ପ୍ରଦାନ କରିଛନ୍ତି । ଉଭୟ ପକ୍ଷର ଶୁଣାଣିକୁ ଗୁରୁତ୍ୱ ଦେବା ଅପେକ୍ଷା କେନ୍ଦ୍ରସରକାରଙ୍କ ପରାମର୍ଶ ହିଁ ଶେଷ କଥା ହୋଇଛି । ଆନ୍ଧ୍ରପ୍ରଦେଶକୁ ନେରେଡି ବ୍ୟାରେଜ ନିର୍ମାଣ ପାଇଁ ସ୍ୱତନ୍ତ୍ର ଅନୁମତି ମାଧ୍ୟମରେ ଆନ୍ଧ୍ର ସଂରକ୍ଷିତ ଜଳର ବୃହତ୍ ଅଂଶ ଉପଭୋଗ କରିବ । ଅଥଚ ଓଡ଼ିଶା ସରକାର ଏହି ପ୍ରକଳ୍ପ ପାଇଁ ୧୦୬ ଏକର ଜମି ଆନ୍ଧ୍ରକୁ ହସ୍ତାନ୍ତର କରିବେ । ଅବଶ୍ୟ ଓଡ଼ିଶା ପାଇଁ ବାମ ପାର୍ଶ୍ୱରେ ଅନ୍ୟ ଏକ ସ୍ଲୁଇସ ଗେଟ ନିର୍ମାଣ କରାଯିବ ବୋଲି ଦର୍ଶାଯାଇଛି । ବର୍ଷର ୬ ମାସ ଜଳ ତିରୋଟ ସମୟରେ ଦୁଇ ରାଜ୍ୟ ୫୦:୫୦ ଅନୁପାତରେ ଜଳବଣ୍ଟନ କରିବେ ।

ଆମେ ଏଠାରେ ଉଲ୍ଲେଖ କରିଥିବା ତିନିଟି ପ୍ରସଙ୍ଗ ନେଇ ରାଜ୍ୟରେ କ୍ଷମତାସୀନ ସରକାରଙ୍କ ପକ୍ଷରୁ କୌଣସି ସୋରଶବ୍ଦ ନାହିଁ । ଉପେକ୍ଷିତ ଓଡ଼ିଶା ସ୍ୱାର୍ଥ ଅସ୍ମିତାର ଅହଂକାରକୁ କ୍ଷୁର୍ଣ୍ଣ କରିବା ପୂର୍ବରୁ କ୍ଷମତା କେନ୍ଦ୍ର ସତର୍କ ହୋଇଯିବା ଉଚିତ । ମନେ ରଖିବା ଉଚିତ୍ ପ୍ରତିଶ୍ରୁତିର ପାହାଡ଼ ଉପରେ ଠିଆହୋଇ ସବୁଦିନ ଭୋଟ ଭିକ୍ଷା ମାଗିଲେ ଥାଳ ଭରିଯିବା ଏତେ ସହଜ ନୁହେଁ ।

# ନିର୍ବାଚିତ ଜନପ୍ରତିନିଧିଙ୍କ ଆଚରଣ ସଂହିତା

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥାରେ ସଂସଦ ଓ ବିଧାନସଭା କେବଳ ଆଇନ ପ୍ରଣୟନକାରୀ ସଂସ୍ଥା ନୁହନ୍ତି, ବରଂ ସରକାରୀ ଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ଗୋଟିଏ ଗୋଟିଏ ପ୍ରମୁଖ ଅନୁଷ୍ଠାନ ବା ସାମ୍ବିଧାନିକ ମନ୍ଦିର । ଏକ ସଂଘୀୟ ବ୍ୟବସ୍ଥାରେ ଏହି ଉଭୟ ଗୃହ ଦେଶର ଅଖଣ୍ଡତା ଓ ମର୍ଯ୍ୟାଦା ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ସାଂସଦମାନେ ଅନ୍ତର୍ଜାତୀୟ ମଞ୍ଚ, ସଂସଦୀୟ ପ୍ରତିନିଧିମଣ୍ଡଳ ଓ କୂଟନୈତିକ ଆଦାନପ୍ରଦାନରେ ଭାରତକୁ ପ୍ରତିନିଧିତ୍ୱ କରନ୍ତି । ସେମାନେ ବୈଦେଶିକ ନୀତି ଆଲୋଚନା, ବାଣିଜ୍ୟ ଚୁକ୍ତିନାମା ଓ ସାଂସ୍କୃତିକ କୂଟନୀତିରେ ଯୋଗଦାନ କରନ୍ତି । ପ୍ରାକୃତିକ ବିପର୍ଯ୍ୟୟ, ସାମାଜିକ ଅଶାନ୍ତି ବା ବିଭ୍ରାଟ, ଯୁଦ୍ଧ କିମ୍ବା ଆର୍ଥିକ ଆହ୍ୱାନ ଭଳି ସଙ୍କଟ ସମୟରେ ସାଂସଦମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ସମାନ କାର୍ଯ୍ୟ ରାଜ୍ୟସ୍ତରରେ ବିଧାୟକମାନେ କରନ୍ତି । ଲୋକସଭା ଓ ବିଧାନସଭା ସଦସ୍ୟମାନେ ସିଧାସଳଖ ନାଗରିକମାନଙ୍କ ଦ୍ୱାରା ନିର୍ବାଚିତ । ସାଂସଦ ଓ ବିଧାୟକମାନଙ୍କ ଦ୍ୱାରା ନିର୍ବାଚିତ ରାଜ୍ୟସଭା ସଦସ୍ୟମାନେ ରାଜ୍ୟ କିମ୍ବା ଦଳର ଦୃଷ୍ଟିକୋଣକୁ ପ୍ରତିନିଧିତ୍ୱ କରନ୍ତି । ଉଭୟ ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା, ନିଯୁକ୍ତି ଓ ସ୍ଥାନୀୟ ବିକାଶ ସମ୍ବନ୍ଧୀୟ ଚିନ୍ତାଧାରା ଉପସ୍ଥାପନ କରିବା ହେଉଛି ସେମାନଙ୍କ ଦାୟିତ୍ୱ ।

ସଂସଦର ସଦସ୍ୟ ସ୍ଥାନୀୟ କ୍ଷେତ୍ର ବିକାଶ ଯୋଜନା ପରିଚାଳନା କରନ୍ତି, ଯାହା ସେମାନଙ୍କ ନିର୍ବାଚନମଣ୍ଡଳୀରେ ଛୋଟଧରଣର ବିକାଶ ପ୍ରକଳ୍ପ ପାଇଁ ପାଣ୍ଠି ଆବଣ୍ଟନ କରେ । ସେହିପରି ବିଧାୟକମାନେ ବିଧାନସଭାର ସଦସ୍ୟ ସ୍ଥାନୀୟ କ୍ଷେତ୍ର ବିକାଶ ଯୋଜନା ପରିଚାଳନା କରନ୍ତି । ଏହି ପ୍ରକଳ୍ପଗୁଡ଼ିକରେ ରାସ୍ତା, ସ୍କୁଲ, ସ୍ୱାସ୍ଥ୍ୟସେବା ସୁବିଧା ଓ ପାନୀୟ ଜଳ ବ୍ୟବସ୍ଥା ନିର୍ମାଣ ଅନ୍ତର୍ଭୁକ୍ତ, ଯାହା ସିଧାସଳଖ ସ୍ଥାନୀୟ ଆବଶ୍ୟକତାକୁ ପୂରଣ କରେ । ଜନପ୍ରତିନିଧିମାନେ ଭୋଟର ଓ ସରକାରଙ୍କ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରନ୍ତି । ତେଣୁ ଉଭୟ ଗୃହ ଏହାର ସଦସ୍ୟମାନଙ୍କଠାରୁ ଆଚରଣ, ଶୃଙ୍ଖଳା ଓ ସୌଜନ୍ୟର ସର୍ବୋଚ୍ଚ ମାନଦଣ୍ଡ ଦାବି କରେ । ଏଥିପାଇଁ ଭାରତୀୟ ସମ୍ବିଧାନରେ ଆଚରଣ ସଂହିତା ପରାମର୍ଶ ବ୍ୟବସ୍ଥା ରହିଛି ।

ସଂସଦୀୟ ଶିଷ୍ଟାଚାର କେବଳ ଆନୁଷ୍ଠାନିକ ନିୟମର ଏକ ସେଟ୍ ବା ସଙ୍କଳନ ନୁହେଁ, ବରଂ ସମ୍ବିଧାନରେ ଲିଖିତ ମୂଲ୍ୟବୋଧର ପ୍ରତିଫଳନ - ଗଣତନ୍ତ୍ର, ଧର୍ମନିରପେକ୍ଷତା, ନ୍ୟାୟ, ସ୍ୱାଧୀନତା ଓ ଭାଇଚାରା, ଇତ୍ୟାଦି । ସେମାନେ ସାମ୍ବିଧାନିକ ମୂଲ୍ୟବୋଧକୁ ବଜାୟ ରଖିବେ, ସ୍ୱାର୍ଥର ଦ୍ୱନ୍ଦ୍ୱକୁ ଏଡ଼ାଇବେ ଏବଂ ସରକାରୀ ସେବାରେ ସ୍ୱଚ୍ଛତା ବଜାୟ ରଖିବେ ବୋଲି ଆଶା କରାଯାଏ । ନୈତିକ ତ୍ରୁଟି, ଦୁର୍ନୀତି କିମ୍ବା କ୍ଷମତାର ଅପବ୍ୟବହାର ସଂସଦୀୟ ଅଖଣ୍ଡତାକୁ ଦୁର୍ବଳ କରିଥାଏ ଏବଂ ନାଗରିକଙ୍କ ବିଶ୍ୱାସକୁ କ୍ଷୁଣ୍ଣ କରିଥାଏ । ସେମାନଙ୍କୁ ସଂସଦ ଭିତରେ ଓ ବାହାରେ ଉଚ୍ଚ ନୈତିକ ଏବଂ ବୃତ୍ତିଗତ ମାନଦଣ୍ଡ ବଜାୟ ରଖିବାକୁ ପଡ଼ିବ, ଜନପ୍ରତିନିଧି ଭାବରେ ସେମାନଙ୍କ ଭୂମିକା ଉପରେ ସକାରାତ୍ମକ ଭାବ ପ୍ରତିଫଳିତ କରିବାକୁ ପଡ଼ିବ । ସେମାନେ ଗୃହରେ ବ୍ୟକ୍ତିଗତ ଭାବରେ ଅଧ୍ୟକ୍ଷଙ୍କ ନିକଟକୁ ଯିବେ ନାହିଁ; ଆବଶ୍ୟକ ହେଲେ ଟେବୁଲରେ ଥିବା ଅଧିକାରୀଙ୍କ ମାଧ୍ୟମରେ ଚିଟ୍ ପଠାଇପାରିବେ; ଗୃହ ଭିତରକୁ ଅସ୍ତ୍ରଶସ୍ତ୍ର ଆଣିବେ ନାହିଁ କିମ୍ବା ପ୍ରଦର୍ଶନ କରିବେ ନାହିଁ; ଗୃହରେ କୌଣସି ପ୍ରକାରର ବ୍ୟାଜ୍ ପିନ୍ଧିବେ ନାହିଁ କିମ୍ବା ପ୍ରଦର୍ଶନ କରିବେ ନାହିଁ; ଅଧ୍ୟକ୍ଷଙ୍କ ଅନୁମତି ବିନା ପତାକା, ପ୍ରତୀକ କିମ୍ବା କୌଣସି ପ୍ରଦର୍ଶନୀ ପ୍ରଦର୍ଶନ କରିବେ ନାହିଁ; ଗୃହ ପରିସର ମଧ୍ୟରେ ସାମ୍ବାଦିକ ସମ୍ମିଳନୀ କରିବେ ନାହିଁ; ପ୍ରତିବାଦ ସ୍ୱରୂପ ଡକ୍ୟୁମେଣ୍ଟ ଚିରିବେ ନାହିଁ; ଗୃହ ଭିତରେ ସତ୍ୟାଗ୍ରହ କିମ୍ବା ଧାରଣାରେ ବସିବେ ନାହିଁ; ଇତ୍ୟାଦି । ଯଦି ସେମାନେ ଗୃହ ପରିସରରେ ଲିଫଲେଟ୍, ଡକ୍ୟୁମେଣ୍ଟ କିମ୍ବା ନିଜର ଅଭିମତ ପ୍ରସାରଣ କରିବାକୁ ଚାହାନ୍ତି, ତେବେ ସଂସଦୀୟ ସୌନ୍ଦର୍ଯ୍ୟ ବଜାୟ ରଖିବା ପାଇଁ ପୂର୍ବ ଅନୁମତି ନେବାକୁ ପଡ଼ିବ ।

ଜଣେ ଭଲ ଭାରତୀୟ ନିର୍ବାଚିତ ପ୍ରତିନିଧି, ଜଣେ ସାଂସଦ କିମ୍ବା ବିଧାୟକ ହୋଇପାରେ, ନାଗରିକମାନଙ୍କୁ ପ୍ରଭାବଶାଳୀ ଭାବରେ ପ୍ରତିନିଧିତ୍ୱ କରେ, ଦାୟିତ୍ୱ ସହିତ ଆଇନ ପ୍ରଣୟନରେ ଅଂଶଗ୍ରହଣ କରେ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖେ । ଏହି ଭୂମିକା ପାଇଁ ଜ୍ଞାନ, ଶୃଙ୍ଖଳା, ନୈତିକ ଆଚରଣ ଓ ଜାତୀୟ ପ୍ରାଥମିକତା ସହିତ ସ୍ଥାନୀୟ ନିର୍ବାଚନମଣ୍ଡଳୀର ଆବଶ୍ୟକତାକୁ ସନ୍ତୁଳିତ କରିବାର କ୍ଷମତା ଆବଶ୍ୟକ । ନିର୍ବାଚନ ନାମାଙ୍କନ ଓ ଅପଡେଟ୍ ସମୟରେ ସେମାନଙ୍କୁ ସମ୍ପତ୍ତି, ଦାୟିତ୍ୱ ଓ ଫୌଜଦାରୀ ମାମଲା (ଯଦି ଥାଏ) ଘୋଷଣା କରୁଥିବା ସତ୍ୟପାଠ ଦାଖଲ କରିବାକୁ ପଡ଼ିବ । ସ୍ୱଚ୍ଛତା ବଜାୟ ରଖିବା ଏକ ଶିଷ୍ଟାଚାର । ସମସ୍ତ ସଂସଦୀୟ ଓ ବିଧାନସଭା ସମାରୋହ ଏବଂ କାର୍ଯ୍ୟକ୍ରମରେ ସେମାନେ ଜାତୀୟ ପତାକା, ଜାତୀୟ ସଙ୍ଗୀତ ଓ ପ୍ରତୀକକୁ ସମ୍ମାନ ଦେବା ଉଚିତ । ସାଂସଦମାନେ ପାରମ୍ପରିକ ଭାବରେ ବିତର୍କରେ ଅଂଶଗ୍ରହଣ କରନ୍ତି ଏବଂ ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଧନ୍ୟବାଦ ପ୍ରସ୍ତାବ ଆଗତ କରନ୍ତି, ସାମ୍ବିଧାନିକ ପ୍ରୋଟୋକଲ ବା ନିୟମାନୁଗତ ଶିଷ୍ଟାଚାରକୁ ବଜାୟ ରଖନ୍ତି । ସେହିପରି ରାଜ୍ୟପାଳଙ୍କ ଅଭିଭାଷଣ ପରେ ଧନ୍ୟବାଦ ପ୍ରସ୍ତାବରେ ବିଧାୟକମାନେ ଅଂଶଗ୍ରହଣ କରନ୍ତି । ପ୍ରଶ୍ନକାଳ ସମୟରେ ସାଂସଦ ଓ ବିଧାୟକମାନେ ସ୍ୱଷ୍ଟ, ସଂକ୍ଷିପ୍ତ ଓ ପ୍ରାସଙ୍ଗିକ ପ୍ରଶ୍ନ ପଚାରିବା ଉଚିତ । ପରିପୂରକପ୍ରଶ୍ନ ମୂଳପ୍ରଶ୍ନର ପରିସର ମଧ୍ୟରେ ରହିବା ଉଚିତ । ଶୂନ୍ୟ ଘଣ୍ଟାରେ, ସଦସ୍ୟମାନେ ଜରୁରୀ ପ୍ରସଙ୍ଗ ବିଷୟରେ ଉଠାଇପାରିବେ, କିନ୍ତୁ ସେଗୁଡ଼ିକ ଅଯୌକ୍ତିକ କିମ୍ବା ବିଭ୍ରାନ୍ତକାରୀ ନୁହେଁ, ବରଂ ସଂକ୍ଷିପ୍ତ ଓ ତଥ୍ୟଭିତ୍ତିକ ହେବା ଆଶା କରାଯାଏ । ସାଂସଦ ଓ ବିଧାୟକମାନେ ସେମାନଙ୍କର ଭୋଟ ଅଧିକାର ପ୍ରୟୋଗ କରିବା ସମୟରେ ଦାୟିତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରିବା ଉଚିତ । ଯଦି କ୍ରସ୍-ଭୋଟିଂ ହୁଏ, ତେବେ ଏହା ବିବେକ ଓ ପ୍ରସଙ୍ଗ ଉପରେ ଆଧାରିତ ହେବା ସମୀଚୀନ, ବାହ୍ୟ ଚାପ କିମ୍ବା ପ୍ରଲୋଭନରେ ନୁହେଁ ।

ରାଜନୈତିକ ମତଭେଦ ସତ୍ତ୍ୱେ ସାଂସଦ ଓ ବିଧାୟକମାନେ ଦଳୀୟ ସୀମା ଭିତରେ ସଦସ୍ୟମାନଙ୍କୁ ସମ୍ମାନ କରିବା ଏବଂ ଗୃହ ଭିତରେ ନିରପେକ୍ଷ ପାରସ୍ପରିକ କ୍ରିୟା ସୁନିଶ୍ଚିତ କରିବା ଉଚିତ । ଯଦି କୌଣସି ନିଷ୍ପତ୍ତିର ପ୍ରତିବାଦ କରନ୍ତି କିମ୍ବା ମତଭେଦ ପ୍ରକାଶ କରନ୍ତି, ତେବେ ସାଂସଦ ଓ ବିଧାୟକମାନେ ଗୃହର କାର୍ଯ୍ୟକୁ ବାଧା ଦେବା ପରିବର୍ତ୍ତେ ଆନୁଷ୍ଠାନିକ ପ୍ରସ୍ତାବ, ଲିଖିତ ଅଭିଯୋଗ, ଗୃହ ତ୍ୟାଗ କିମ୍ବା ବୟକଟ ଭଳି ବୈଧ ବିକଳ୍ପ ବ୍ୟବହାର କରିପାରିବେ, ଯାହା ପ୍ରତୀକାତ୍ମକ ଓ ଶାନ୍ତିପୂର୍ଣ୍ଣ ହେବା ଉଚିତ । ମତଭେଦ ଥାଇପାରେ, କିନ୍ତୁ ସଂସଦ ବା ବିଧାନସଭାରେ ବିତର୍କର ସୁଯୋଗ ରହିଛି । ଅର୍ଥାତ୍ ସଦସ୍ୟମାନେ ଯୁକ୍ତିକୁ ବିରୋଧ କରିପାରନ୍ତି, କିନ୍ତୁ ବ୍ୟକ୍ତିତ୍ୱକୁ ନୁହେଁ । ସେମାନେ ଗୃହଭିତରେ ଦାୟିତ୍ୱର ସହ ନିଜ ନିଜର ବାକ୍ ସ୍ୱାଧୀନତା ବ୍ୟବହାର କରିବା ଉଚିତ । ବିତର୍କରେ ଅଂଶଗ୍ରହଣ କରିବା ସମୟରେ ସେମାନେ ଅପଶବ୍ଦ, କଥାବାର୍ତ୍ତା କିମ୍ବା ବ୍ୟଙ୍ଗାତ୍ମକ ଉଲ୍ଲେଖ ଏଡ଼ାଇବା ଉଚିତ । ସଂସଦୀୟ ନିୟମଗୁଡ଼ିକ ଅପମାନଜନକ, ମାନହାନିକାରୀ କିମ୍ବା ଅଣସଂସଦୀୟ ଭାଷା ବ୍ୟବହାରକୁ ନିଷେଧ କରେ । ନୈତିକ ଆଚରଣ ଜନସାଧାରଣଙ୍କ ବିଶ୍ୱାସକୁ ବୃଦ୍ଧି କରେ ଓ ଗଣତନ୍ତ୍ରକୁ ସୁଦୃଢ଼ କରେ । ଗୃହର କାର୍ଯ୍ୟଧାରା ପ୍ରାୟତଃ ଟେଲିଭିଜନରେ ପ୍ରସାରିତ ହୁଏ ବୋଲି ସ୍ୱୀକାର କରି, ସାଂସଦ ଓ ବିଧାୟକମାନେ ନିଶ୍ଚିତ କରିବା ଉଚିତ ଯେ ସେମାନଙ୍କର ଭାଷା ଓ ଆଚରଣ ଜନସାଧାରଣଙ୍କ ନିକଟରେ ଏକ ସକାରାତ୍ମକ ପ୍ରତିଛବି ପ୍ରଦାନ କରେ ।

ସ୍ୱାଧୀନ ଭାରତର ସମ୍ବିଧାନ ୧୯୫୦ ମସିହାରୁ ପ୍ରଣୟନ ହୋଇ ୭୬ ବର୍ଷ ହେଲାଣି, ତଥାପି ସାମ୍ବିଧାନିକ ଗୃହରେ ଅନେକ ବିଶୃଙ୍ଖଳ ଆଚରଣ ପ୍ରଦର୍ଶନ ହୋଇଚାଲିଛି । ଶୁଣିବାକୁ ମିଳେ ଯେ ଅନେକ ସଦସ୍ୟଙ୍କ ନାମରେ ଫୌଜଦାରୀ ମକଦ୍ଦମା ଚାଲୁ ରହିଛି । କିଛି ସଦସ୍ୟ/ସଦସ୍ୟା ଗୃହରେ ଅଧ୍ୟକ୍ଷ ବା ଅଧ୍ୟକ୍ଷାଙ୍କ ଟେବୁଲ ଉପରକୁ ଉଠି ଯାଉଛନ୍ତି, କାଗଜପତ୍ର ଚିରି ପକାଉଛନ୍ତି, ମାଇକ୍ରୋଫୋନ ଟଣାଟଣି କରି ଭାଙ୍ଗି ଦେଉଛନ୍ତି । ଗୃହର ମଧ୍ୟଭାଗକୁ ପଶି ଆସି ବାଧା ସୃଷ୍ଟି କରିବା, ଗୃହ ଭିତରେ ଘଣ୍ଟି ବଜାଇବା, ପାଟିତୁଣ୍ଡ କରିବା, ପ୍ଲାକାର୍ଡ, ବ୍ୟାନର, ଇତ୍ୟାଦି ଧରି ନାରାବାଜି କରିବା, ନିଜ ନିଜ ଭିତରେ ଧସ୍ତାଧସ୍ତି ହେବା, ମୁଥ ମରାମରି ହେବା, ଚପଲ ଫୋପାଡ଼ିବା, ଅନ୍ୟ କାହାରିକୁ କୁହାଇ ନ ଦେବା, ଘେରାଉ କରିବା, ଅନଶନ ଓ ସତ୍ୟାଗ୍ରହ କରି ବସିବା ଇତ୍ୟାଦି ଆଚରଣ ସଂହିତାର ଉଲ୍ଲଙ୍ଘନ କରେ ଓ ଜନମାନସରେ ଶୋଭା ପାଏନାହିଁ ।

ନିର୍ବାଚିତ ପ୍ରତିନିଧିମାନେ ଭାରତର ସମ୍ବିଧାନ ପ୍ରତି ବିଶ୍ୱସ୍ତ ରହିବା ଆବଶ୍ୟକ । ଏହା ନିଶ୍ଚିତ କରିବା ଉଚିତ ଯେ ଗୃହଭିତରେ ଓ ବାହାରେ ସେମାନଙ୍କର କାର୍ଯ୍ୟ ସାମ୍ବିଧାନିକ ମୂଲ୍ୟବୋଧ ଏବଂ ଗଣତାନ୍ତ୍ରିକ ନୀତି ସହିତ ସମନ୍ୱିତ ରହିବ । ସେମାନେ ଈଶ୍ୱରଙ୍କ ନାମରେ ଶପଥ କରନ୍ତି ଏବଂ ଗମ୍ଭୀରତାର ସହିତ ପ୍ରତିଜ୍ଞା କରନ୍ତି ଯେ ଆଇନ ଦ୍ୱାରା ପ୍ରତିଷ୍ଠିତ ଭାରତର ସମ୍ବିଧାନ ପ୍ରତି ପ୍ରକୃତ ବିଶ୍ୱାସ ଓ ଆନୁଗତ୍ୟ ବହନ କରିବେ, ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ବଜାୟ ରଖିବେ ଏବଂ ଯେଉଁ କର୍ତ୍ତବ୍ୟରେ ସେ ପ୍ରବେଶ କରିବାକୁ ଯାଉଛନ୍ତି ତାହା ବିଶ୍ୱସ୍ତ ଭାବରେ ପାଳନ କରିବେ । ଜନସାଧାରଣଙ୍କ ମତରେ ସେମାନଙ୍କ ପ୍ରତିନିଧିମାନେ ଏହି ଶପଥକୁ ସମ୍ମାନ ଜଣାଇ ପ୍ରତ୍ୟେକ କ୍ଷେତ୍ରରେ ଶାଳୀନତା ପ୍ରଦର୍ଶନ କରିବା ଶ୍ରେୟସ୍କର ।

ଶିକ୍ଷାବିତ୍, ମୋ୯୭୭୭୮୦୦୪୦୮

# ଅମୂଲ୍ୟ ସମ୍ପଦ-ଜଳ

**ହିମାଂଶୁ ଶେଖର ଫତେସିଂହ**

ଏକଦା ବିଖ୍ୟାତ ଇଂରେଜ କବି ସାମୁଏଲ ଟେଲର କୋଲେରିଜ ବିଶାଳ ସମୁଦ୍ର ବକ୍ଷରେ ନୌଯାତ୍ରା ସମୟରେ ପିଇବା ପାଣି ମୁନ୍ଦାଏ ନପାଇ ତହଳ ବିକଳ ହୋଇ ଲେଖିଥିଲେ, ଯାହାର ମର୍ମାଂଶ ହେଉଛି - 'ଚାରିଆଡ଼େ ଜଳ କିନ୍ତୁ ପିଇବା ପାଇଁ ବୁନ୍ଦାଏ ମଧ୍ୟ ନାହିଁ ।' ଏହି କାଳଜୟୀ ପଦ୍ୟାଂଶରୁ ପୃଥିବୀରେ ମାନବର ପାନୀୟ ତଥା ବ୍ୟବହାର ଉପଯୋଗୀ ଜଳର ସ୍ୱଳ୍ପତା ସମ୍ପର୍କରେ ସ୍ପଷ୍ଟ ହୁଏ । ଜଳ ଏକ ଅସରନ୍ତି ପ୍ରାକୃତିକ ସମ୍ବଳ ରୂପେ ବିବେଚିତ ହେଉଥିଲେ ହେଁ ମନୁଷ୍ୟର ବ୍ୟବହାର ଉପଯୋଗୀ ଜଳର ପରିମାଣ ଖୁବ ନଗଣ୍ୟ ।

ପୃଥିବୀରେ ଜୀବଜଗତର ସୃଷ୍ଟି ଓ ସ୍ଥିତି କେବଳ ଜଳ ଦ୍ୱାରା ହିଁ ସମ୍ଭବ ହୋଇପାରିଛି । ଏହା ଏକ ଅମୂଲ୍ୟ ପ୍ରାକୃତିକ ସମ୍ବଳ । ଶିଳ୍ପ, କୃଷି, ନିର୍ମାଣ କାର୍ଯ୍ୟ ଓ ମନୁଷ୍ୟର ଦୈନନ୍ଦିନ କାର୍ଯ୍ୟ ପାଇଁ ଏହା ଅପରିହାର୍ଯ୍ୟ । ପରିବେଶ ସନ୍ତୁଳନ, ପୋଷଣୀୟ ବିକାଶ, ସାମାଜିକ ଓ ଅର୍ଥନୈତିକ ପ୍ରଗତି, ଦାରିଦ୍ର୍ୟ ଦୂରୀକରଣ, ସୁସ୍ଥ ସମାଜ ଗଠନ ଆଦି ଜଳର ସୁବିନିଯୋଗ ଓ ସୁପରିଚାଳନା ଉପରେ ନିର୍ଭର କରିଥାଏ । ମାତ୍ର ସାମ୍ପ୍ରତିକ ସମୟରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି ଏବଂ ଶିଳ୍ପ ଓ କୃଷିର ଦ୍ରୁତ ଅଭିବୃଦ୍ଧି ଫଳରେ ଜଳର ବ୍ୟବହାର ବହୁଗୁଣିତ ହେବାରେ ଲାଗିଛି । ପୁନଶ୍ଚ ମନୁଷ୍ୟର ଅତ୍ୟାଧୁନିକ ଜୀବନଶୈଳୀ ଓ ଅପରିଣାମଦର୍ଶୀ କାର୍ଯ୍ୟଧାରା ଫଳରେ ଜଳ ପ୍ରଦୂଷଣର ବୃଦ୍ଧି ପାଇଚାଲିବାରୁ ବ୍ୟବହାର ଉପଯୋଗୀ ଜଳର ପରିମାଣ ହ୍ରାସ ପାଇ ଜଳସଙ୍କଟ ଭୟାବହ ହେବାରେ ଲାଗିଛି । ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଫଳରେ ପୃଥିବୀରେ ତୀବ୍ର ଜଳାଭାବ ସମସ୍ୟା ଦେଖାଦେଇଛି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସୂତ୍ରରୁ ପ୍ରକାଶ ଯେ ୨୦୨୫ ମସିହାରେ ପୃଥିବୀର ୨୨୦ କୋଟି ଲୋକ ନିରାପଦ ପାନୀୟ ଜଳ ପାଇବାରୁ ବଂଚିତ ହେଉଛନ୍ତି । ଏହାମଧ୍ୟରୁ ୨୯୬ ନିୟୁତ ଲୋକ ଅସୁରକ୍ଷିତ କୂପ କିମ୍ବା ଝରଣାରୁ ଜଳ ସଂଗ୍ରହ କରୁଛନ୍ତି । ସେହିପରି ପୃଥିବୀର ୧୧୫ ନିୟୁତ ଲୋକ ଭୂପୃଷ୍ଠସ୍ଥ ନଦୀ, ହ୍ରଦ, କେନାଲ, ପୋଖରୀ, ଗଡ଼ିଆ ଆଦିର ଦୂଷିତ ଜଳକୁ ବ୍ୟବହାର କରିଥା'ନ୍ତି । ଦୂଷିତ ଜଳ ବ୍ୟବହାର କାରଣରୁ ପୃଥିବୀରେ ପ୍ରତି ବର୍ଷ ପ୍ରାୟ ୧୪ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି । ଏହି ସଂଖ୍ୟା କ୍ରମେ ବୃଦ୍ଧି ପାଇ ଚାଲିଛି । ଏବେ ମଧ୍ୟ ପୃଥିବୀର କୋଟି କୋଟି ବାସଗୃହ, ଅଗଣିତ ବିଦ୍ୟାଳୟ, ଶିଳ୍ପକେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର, ବାଣିଜ୍ୟିକ କେନ୍ଦ୍ରରେ ବିଶୁଦ୍ଧ ଜଳ ଉପଲବ୍ଧ ହୋଇପାରିନାହିଁ । ଦୂଷିତ ଜଳର ସେବନ ଓ ପରିମଳ ଅବ୍ୟବସ୍ଥା ଫଳରେ ହଇଜା, ଟାଇଫଏଡ୍, କୋଲେରା, ପୋଲିଓ ପରି ବହୁ ମାରାତ୍ମକ ଜଳବାହିତ ରୋଗଗୁଡ଼ିକ ଦେଖାଦେଉଛି । ପୃଥିବୀରେ ପ୍ରତି ବର୍ଷ ୪୮୫୦୦୦ ଲୋକ କେବଳ ହଇଜାରେ ଓ ୯୫୦୦୦ ଲୋକ କୋଲେରାରେ ପ୍ରାଣତ୍ୟାଗ କରିଥା'ନ୍ତି ।

ଜଳ ପରିସଂସ୍ଥାରେ ସୃଷ୍ଟି ହୋଇ ମନୁଷ୍ୟ ଦ୍ୱାରା ବ୍ୟବହୃତ ହେବା ପରେ ଜଳଚକ୍ର ମାଧ୍ୟମରେ ପୁନର୍ବାର ପରିବେଶକୁ ଫେରିଆସିଥାଏ । ପୃଥିବୀରେ ଜଳସଙ୍କଟ ଦୂର କରିବା ପାଇଁ ଜଳଚକ୍ରକୁ ଅବାଧ ଓ କ୍ରିୟାଶୀଳ ରଖିବା ଅପରିହାର୍ଯ୍ୟ । ଏଥିପାଇଁ ଅରଣ୍ୟ, ପର୍ବତ, ନଦୀ, ହ୍ରଦ, ସମୁଦ୍ର ଆଦି ସମସ୍ତ ଜଳ ସମ୍ବନ୍ଧୀୟ ପରିସଂସ୍ଥାଗୁଡ଼ିକର ସୁରକ୍ଷା ନିତାନ୍ତ ଆବଶ୍ୟକ । ଜଳ ଭିତ୍ତିଭୂମି ଅନ୍ତର୍ଗତ ଜଳ ସଂଚୟ, ଜଳ ବିଶୋଧନ ଓ ଜଳ ଯୋଗାଣ ଆଦି କାର୍ଯ୍ୟ ସହିତ ସାମାଜିକ ଓ ଅର୍ଥନୈତିକ ପ୍ରଗତି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଜଳ ଭିତ୍ତିଭୂମି ସୁଦୃଢ଼ ନଥିଲେ ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହେବା ସହିତ ପରିସଂସ୍ଥା ଉପରେ ନକରାତ୍ମକ ପ୍ରଭାବ ପଡ଼ିଥାଏ ।

ଯେକୌଣସି ରାଷ୍ଟ୍ରରେ ପାନୀୟ ଜଳ ଯୋଗାଣ, ପରିମଳ ଓ ସ୍ୱାସ୍ଥ୍ୟ ସେବା ଆଦି ବିଭିନ୍ନ ଜଳ ସମ୍ବନ୍ଧୀୟ ସେବାର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ପ୍ରତିଟି ବାସଗୃହ, ବିଦ୍ୟାଳୟ, କାର୍ଯ୍ୟସ୍ଥଳ ଓ ସ୍ୱାସ୍ଥ୍ୟସେବାସ୍ଥଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଉତ୍ତମ ପରିମଳ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ସେବାର ଅପରିହାର୍ଯ୍ୟ ହୋଇଥାଏ । ଖାଦ୍ୟ ଉତ୍ପାଦନ, କୃଷି, ଶକ୍ତି, ଶିଳ୍ପ, ବାଣିଜ୍ୟ ଆଦି ସାମାଜିକ- ଅର୍ଥନୈତିକ କାର୍ଯ୍ୟରେ ଜଳ ବେଶ ଗୁରତ୍ୱ ବହନ କରିଥାଏ । ଖାଦ୍ୟ ଉତ୍ପାଦନ, ଖାଦ୍ୟ ନିରାପତ୍ତା, ପୋଷଣର ବିକାଶ, ଆୟ ବୃଦ୍ଧି ଆଦିରେ ଜଳର ପ୍ରମୁଖ ଭୂମିକା ରହିଛି । ତେଣୁ ଏହି କ୍ଷେତ୍ରରେ ଜଳର ଗୁରୁତ୍ୱକୁ ଯଥାଯଥ ଭାବେ ବିଚାର କରାଯିବା ଉଚିତ । ସେହିପରି ଚିତ୍ତବିନୋଦନ, ସାଂସ୍କୃତିକ ବିକାଶ, ଧାର୍ମିକ ଓ ଆଧ୍ୟାତ୍ମିକ ଚିନ୍ତନ ପରି ସାମାଜିକ ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ଜଳର ବିଶେଷ ଗୁରୁତ୍ୱ ରହିଛି । ତେଣୁ ମୋଟାମୋଟି ଭାବରେ କହିବାକୁ ଗଲେ ଘରୋଇ ଓ ପରିବାରିକ ଜୀବନର ସମୃଦ୍ଧି, ଜୀବିକାର ସୁରକ୍ଷା, ସଂସ୍କୃତିକ ଜୀବନ, ସୁସ୍ଥ ପରିବେଶ ଆଦିରେ ଜଳର ଗୁରୁତ୍ୱ ଉପଲବ୍ଧି କରିହୁଏ । ଅତଏବ ଏହି ବହୁମୂଲ୍ୟ ସମ୍ବଳକୁ ମାନବର କଲ୍ୟାଣରେ ସଫଳ ବିନିଯୋଗ ଉଦ୍ଦେଶ୍ୟରେ ଏହାର ବ୍ୟାପକ ଓ ବହୁମୁଖୀ ଗୁରୁତ୍ୱ ଉପରେ ଅନୁଶୀଳନ କରାଯିବା ବିଧେୟ ।

ମାନବ ସ୍ୱାସ୍ଥ୍ୟପାଇଁ ଜଳ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହୋଇଥିବାରୁ ରାଷ୍ଟ୍ରସଂଘ ସ୍ଥିରୀକୃତ ପୋଷଣୀୟ ବିକାଶ ଲକ୍ଷ୍ୟ ଅନ୍ତର୍ଗତ ଲକ୍ଷ୍ୟ-୬ ରେ ଆଗାମୀ ୨୦୩୦ ମସିହା ସୁଦ୍ଧା ସମସ୍ତଙ୍କ ପାଇଁ ସୁଲଭ ନିରାପଦ ବିଶୁଦ୍ଧ ପାନୀୟ ଜଳ ଓ ଉତ୍ତମ ପରିମଳ ବ୍ୟବସ୍ଥା ଯୋଗାଇ ଦେବାକୁ ଲକ୍ଷ୍ୟ ସ୍ଥିର କରାଯାଇଛି । ଜଳର ବିଧିସମ୍ମତ ବିନିଯୋଗ, ସୁପରିଚାଳନା ଓ ସଂରକ୍ଷଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି ।

ଗୁରୁଜଙ୍ଗ (ଖୋର୍ଦ୍ଧା), ମୋ: ୭୦୦୮୬୬୨୩୪୧

# ବିଜ୍ଞାନାଗାରରେ ଶୁକ୍ରାଣୁ ଓ ଡିମ୍ବାଣୁ ସୃଷ୍ଟି

**ଶ୍ରୀନନ**

**ବିଜ୍ଞାନ ବାର୍ତ୍ତା**

ବିଶ୍ୱରେ କ୍ରମଶଃ ହ୍ରାସ ପାଇଚାଲିଛି ଜନସଂଖ୍ୟା ବୃଦ୍ଧି ହାର । ଜାପାନ, ଚୀନ ଆଦି ଦେଶରେ ଏହା ବେଶ୍ କମ୍ ହୋଇଗଲାଣି । ଏସବୁ ସ୍ଥାନରେ ଜନସଂଖ୍ୟାକୁ ସ୍ଥିର ରଖିବା ପାଇଁ ଜନସଂଖ୍ୟା ଯେତିକି ହେବା ଦରକାର ଏହା ତା' ତଳକୁ ଖସି ଆସିଲାଣି । ଏହାର ନାନାଦି କାରଣ ରହିଛି । ତନ୍ମଧ୍ୟରୁ ମୁଖ୍ୟଟି ହେଲା ପ୍ରଜନନ ହାର ହ୍ରାସ । ପୁରୁଷଠାରେ ଶୁକ୍ରାଣୁ ହ୍ରାସ ପାଇବା ଏବଂ ନାରୀର ଡିମ୍ବାଣୁରେ କେତେକ ପରିବର୍ତ୍ତନ ଆସିବା ହେତୁ ଏପରି ଘଟୁଛି ।

ସନ୍ତାନଟିଏ ସୃଷ୍ଟି ହୋଇଥାଏ ଯେତେବେଳେ ପୁରୁଷର ଶୁକ୍ରାଣୁର ନାରୀର ଡିମ୍ବାଣୁ ସହିତ ସମାୟନ ଘଟେ । ଏହା ଫଳରେ ଯୁଗ୍ମଜଟିଏ ଉତ୍ପନ୍ନ ହୁଏ । ତାହା ନାରୀର ଗର୍ଭାଶୟରେ ପ୍ରତିରୋପିତ ହୁଏ । ସେଠାରେ ତାହା ଭ୍ରୂଣ ରୂପେ ବିକଶିତ ହୋଇ ପୂର୍ଣ୍ଣାଙ୍ଗ ପ୍ରାପ୍ତ ହେଲା ପରେ ଶିଶୁଟିଏ ହୋଇ ଜନ୍ମଲାଭ କରେ । ଏଣୁ ଏହି 'ହ୍ୟାପ୍ ଲଏଡ' କୋଷିକା ଦୁଇଟିର ଦକ୍ଷତା ହ୍ରାସ ପାଇଲେ ଏ ପ୍ରକ୍ରିୟା ବାଧାପ୍ରାପ୍ତ ହେବା ସ୍ୱାଭାବିକ । ଏପରିସ୍ଥଳେ ଭବିଷ୍ୟତରେ ବିଜ୍ଞାନାଗାର ମଧ୍ୟରେ ଭ୍ରୂଣୀୟ ମୂଳକୋଷ କିମ୍ବା ଚର୍ମକୋଷିକାକୁ ପୁନଃ କାର୍ଯ୍ୟକ୍ରମଣ ବା 'ରିପ୍ରୋଗ୍ରାମିଂ' କରି ତାହା ଉତ୍ପାଦନ କରାଯାଇପାରିବ ବୋଲି ଆଶା କରାଯାଏ ।

ଇଂଲଣ୍ଡର ହ୍ୟୁମ୍ୟାନ୍ ଫର୍ଟିଲାଇଜେସନ୍ ଆଣ୍ଡ ଏମ୍ବ୍ରିଓ ଅଥରିଟି'(ଏଚ୍‌ଏଫ୍‌ଇଏ)ର କେତେକ ବୈଜ୍ଞାନିକ ବିଶ୍ୱାସ କରିନ୍ତି ଯେ ଏହା ଖୁବ୍‌ଶୀଘ୍ର, ଅର୍ଥାତ୍ ୫ ରୁ ୧୦ ବର୍ଷ ମଧ୍ୟରେ ସମ୍ଭବ ହୋଇପାରେ । ଅଦ୍ୟାବଧି ଏଥିପାଇଁ ବ୍ୟବହୃତ ରିପ୍ରଡକ୍ଟିଭ ଇନ୍‌ଭିଟ୍ରୋ ଗାମେଟୋ ଜେନେସିସ୍' ପଦ୍ଧତି ଅବଲମ୍ବନ କରି ସେମାନେ ମୂଷାର ଡିମ୍ବାଣୁ ଓ ଶୁକ୍ରାଣୁ ପ୍ରସ୍ତୁତ କରି ସାରିଲେଣି । ମାଙ୍କଡ଼, ସିମ୍ପାଜୀ ଆଦି 'ପ୍ରିମେଟ୍' (ମଣିଷର ପୂର୍ବବଂଶଧର) ମାନଙ୍କଠାରେ ଏବେ ଏ ପରୀକ୍ଷା ଚାଲିଛି । 'ଏଚ୍‌ଏଫ୍‌ଇଏ' ର ରିପୋର୍ଟ ଅନୁସାରେ 'ଇନ୍‌ଭିଟ୍ରୋ ଗାମେଟୋ ଜେନେସିସ୍' ପ୍ରକ୍ରିୟା ମାଧ୍ୟମରେ ବିଜ୍ଞାନାଗାରରେ ବିବିଧ ପରୀକ୍ଷା ନିରୀକ୍ଷା ପାଇଁ ମଣିଷର ଡିମ୍ବାଣୁ ଓ ଶୁକ୍ରାଣୁ ପ୍ରସ୍ତୁତ ହୋଇପାରିବ । ତେବେ ଏହା କେତେଦୂର ନିରାପଦ ଓ ଫଳପ୍ରଦ ତାହା ନିଶ୍ଚିତ କଲା ପରେ ଏବଂ ସର୍ବସାଧାରଣରେ ଗ୍ରହଣୀୟ ହେଲା ପରେ ତାହାକୁ ପ୍ରଜନନ ଚିକିତ୍ସାରେ ବ୍ୟବହାର କଥା ଚିନ୍ତା କରାଯିବ ।

ଏହି ସଂସ୍ଥାର ମୁଖ୍ୟ ପିଟର ଥମ୍ପସନ୍‌ଙ୍କ ସୂଚନା ଅନୁସାରେ ଏ ଗବେଷଣା ଏବେ ଦ୍ରୁତ ଗତିରେ ଆଗେଇ ଚାଲିଛି । ତେବେ ତାହାକୁ ଚିକିତ୍ସା କ୍ଷେତ୍ରରେ କେବେ ବ୍ୟବହାର କରାଯିବ ସେ କଥା ନିଶ୍ଚିତ ହୋଇପାରିନାହିଁ । କାରଣ, ଏଥିରେ ତଥାପି ରହିଛି ଅନେକ ପ୍ରଶ୍ନ । ସେଥିପାଇଁ ଏ ଗବେଷଣା ଆମ ପ୍ରଚଳିତ ବିବିଧ ନିୟମାବଳୀ ତଥା ଆଇନ୍ କାନୁନ୍‌କୁ ଆଖିଆଗରେ ରଖି ଏବଂ ଏ ଚିକିତ୍ସାର ଯେପରି କୌଣସି ବିପଜ୍ଜନକ ପ୍ରୟୋଗ ନ ହୁଏ ସେଥିପ୍ରତି ଧ୍ୟାନ ଦେଇ ଆଗେଇବା ଲାଗି 'ଏଚ୍‌ଏଫ୍‌ଇଏ' ସୁପାରିସ କରିଛି । ଥମ୍ପସନ୍‌ଙ୍କ ମତରେ ବର୍ତ୍ତମାନ ପ୍ରଚଳିତ 'ହ୍ୟୁମାନ୍ ଫର୍ଟିଲାଇଜେସନ୍ ଆଣ୍ଡ ଏମ୍ବ୍ରିଓଲୋଜି ଆକ୍ଟ' ଚିକିତ୍ସା କ୍ଷେତ୍ରରେ 'ଇନଭିଟ୍ରୋ ଗାମେଟୋ ଜେନେସିସ୍' ବ୍ୟବହାରକୁ ବାରଣ କରିଛି । ସାରା ବିଶ୍ୱର ଅଧିକାଂଶ ଦେଶରେ ଏ ନିୟମ ପ୍ରଚଳିତ ଅଛି । ତେବେ ନେଦରଲ୍ୟାଣ୍ଡ ଓ ନରୱେ ଏଥିପାଇଁ ଅନୁମତି ଦେବା ଲାଗି ଆଇନ ପ୍ରଣୟନ ଦିଗରେ ପଦକ୍ଷେପ ଆରମ୍ଭ କରିଛନ୍ତି । ଅନ୍ୟ କେତେକ ଦେଶ ସେମାନଙ୍କୁ ଅନୁସରଣ କରିବାକୁ ଚିନ୍ତା କରୁଛନ୍ତି । ଆମ ଦେଶରେ ତାହା ହୁଏତ ନିକଟ ଭବିଷ୍ୟତରେ ହୋଇ ନପାରେ ।

ଏପ୍ରିଲ୍ ୨୦୨୩ ମସିହାରେ ଆମେରିକାର 'ନ୍ୟାସନାଲ୍ ଏକାଡେମିକ୍ ବୋର୍ଡ ଅନ୍ ହେଲଥ ସର୍ଭିସେସ୍'ର ଏକ ଅଧିବେଶନରେ ବୈଜ୍ଞାନିକମାନେ ଚିକିତ୍ସା କ୍ଷେତ୍ରରେ 'ଇନ୍‌ଭିଟ୍ରୋ ଗାମେଟୋ ଜେନେସିସ୍'ର ବ୍ୟବହାର ସପକ୍ଷରେ ଯୁକ୍ତି ବାଢ଼ିଥିଲେ । ସେମାନେ ଦର୍ଶାଇଲେ ଯେ ଏ ବ୍ୟବସ୍ଥାକୁ ଏଥିପାଇଁ ଖୁବ୍‌ଶୀଘ୍ର ତ୍ରୁଟିଶୂନ୍ୟ କରାଯାଇପାରିବ । ତାହା ହୋଇପାରିଲେ ତାହାକୁ ପ୍ରଜନନ ସମେତ ଅନ୍ୟାନ୍ୟ ଚିକିତ୍ସାରେ ବ୍ୟବହାର ଲାଗି ଅନୁମତି ମିଳିବା ଉଚିତ । ତେଣୁ ସେଠାରେ ସରକାର ଏ ଦିଗରେ ପଦକ୍ଷେପ ଲାଗି ଚିନ୍ତା କରୁଛନ୍ତି ।

ଯମପଡ଼ା (କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ପାଟକୁରାରୁ ଅପହୃତ ଛାତ୍ରୀ ବିରିବାଟୀରୁ ଉଦ୍ଧାର; ୨ ଗିରଫ

କେନ୍ଦ୍ରାପଡ଼ା, ୬।୪ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଅଞ୍ଚଳରୁ ଅପହୃତ ଜଣେ ନାବାଳିକାକୁ ପୁଲିସ କଟକ ଜିଲ୍ଲା ବିରିବାଟୀ ଅଞ୍ଚଳରୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ଏହି ଘଟଣାରେ ପୁଲିସ୍ ୨ଜଣ ଯୁବକଙ୍କୁ ଗିରଫ କରିବା ସହ ଅପହରଣରେ ବ୍ୟବହୃତ ଏକ କାର୍ ଜବତ କରିଛି। ଗିରଫଦ୍ୱୟଙ୍କ ମଧ୍ୟରୁ ଜଣେ ନାବାଳକ ଥିବା ଜଣାଯାଇଛି। ଅନ୍ୟ ଅଭିଯୁକ୍ତଜଣଙ୍କ ହେଲା, ରାମଚନ୍ଦ୍ରପୁର ପଞ୍ଚାୟତ କଉଡ଼ିଆବରାଇ ଅଞ୍ଚଳର ଅନନ୍ତ ନାଥ। ସେ ଗାଡ଼ି ଚଳାଉଥିଲା। ସେହିପରି, ହରିଦାସପୁର ପଞ୍ଚାୟତ ବେରାଡ଼ି ଗ୍ରାମର ଦେବପ୍ରସାଦ ପରିଡ଼ା (୨୨) ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ହୋଇଥିବା ବେଳେ ସେ ଫେରାର୍ ରହିଛି। ସୂଚନାନୁଯାୟୀ, ପାଟକୁରା ଯମୁନାବାଦଗଡ଼ାର ଦୁଇ ଛାତ୍ରୀ ଆଜି କୋଚିଂ ସାରି ସାଙ୍ଗ ହୋଇ ଫେରୁଥିଲେ। ଏହି ସମୟରେ କିଛି ଦୁର୍ବୃତ୍ତ ଏକ କାର୍‌ରେ ଆସି ସେମାନଙ୍କ ମଧ୍ୟରୁ ଜଣଙ୍କୁ ଅପହରଣ କରିନେଇଥିଲେ। ଖବର ପାଇ ପୁଲିସ ତତ୍ପରତା ପ୍ରକାଶ କରିଥିଲା। ଅପହରଣକାରୀଙ୍କୁ ପିଛା କରି କଟକ ଜିଲ୍ଲା କନ୍ଦରପୁର ଥାନା ଅଧୀନ ବିରିବାଟୀ ଅଞ୍ଚଳରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା।

ପାଟକୁରା ଥାନା ଅଧିକାରୀ ମହମ୍ମଦ ଜାମସେଦ କହିଛନ୍ତି, ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ ଚାଲିଛି। ଅପରପକ୍ଷେ, ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବିଶେଷକରି ସ୍କୁଲ ଓ କଲେଜ ଯାଉଥିବା ଛାତ୍ରଛାତ୍ରୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

# ବିଜେଡିରୁ ନିଲମ୍ବିତ ହେଲେ ଭଦ୍ରକର ମଣ୍ଡଳ ଦମ୍ପତି

ଭୁବନେଶ୍ୱର, ୬।୪ (ସମିସ): ବିଜେଡି ରାଜ୍ୟ ପରିଷଦ ସଦସ୍ୟା ତଥା ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ଏବଂ ତାଙ୍କ ସ୍ୱାମୀ ତଥା ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କୁ ନିଲମ୍ବିତ କରିଛି ବିଜେଡି। ଦଳ ବିରୋଧୀ ଗତିବିଧିରେ ଲିପ୍ତ ଥିବା କାରଣରୁ ମଣ୍ଡଳ ଦମ୍ପତିଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ନେଇ ବିଜେଡି କାର୍ଯ୍ୟାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ରହସ୍ୟ ବଢ଼ାଉଛି ନାବାଳିକା ଶୁଭଲକ୍ଷ୍ମୀର ମୃତ୍ୟୁ

**ପୁଲିସ୍‌ର ତଦନ୍ତ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଲା ପରିବାର**

ରାଜନଗର, ୬।୪ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଚାନ୍ଦିବାଉଁଶମୂଳ ପଞ୍ଚାୟତ ଅନ୍ତର୍ଗତ ବଡ଼କୋଲ୍ଲା ଗାଁରେ ଗତ ୨ ତାରିଖ ଦିନ ଶିଶୁକନ୍ୟା ଶୁଭଲକ୍ଷ୍ମୀଙ୍କ ମୃତ୍ୟୁକୁ ନେଇ ରହସ୍ୟ ବଢ଼ିବାରେ ଲାଗିଛି। ଶୁଭଲକ୍ଷ୍ମୀ ନିଖୋଜ ହେବା ଓ ପରବର୍ତ୍ତୀ ଘଟଣାକ୍ରମକୁ ଦେଖିଲେ ଏହା ରହସ୍ୟମୟ ହେବାରେ ଲାଗିଛି। ଅନ୍ୟପକ୍ଷରେ ପୁଲିସ ଗତକାଲି ଅଟକ ରଖିଥିବା ଦୁଇ ଜଣଙ୍କୁ ଛାଡ଼ିଦେବା ପରେ ପରିବାରଲୋକେ ପୁଲିସ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଶୁଭଲକ୍ଷ୍ମୀର ହତ୍ୟାକାରୀକୁ ଦଣ୍ଡ ଦିଆଯିବା ଦରକାର, ଆମର ଆଉ କିଛି ଆବଶ୍ୟକ ନାହିଁ ବୋଲି ବୋଲି ଶୁଭଲକ୍ଷ୍ମୀର ଅଜା, ଆଈ ଓ ବାପା କହିଛନ୍ତି।

ଗତକାଲି ଶୁଭଲକ୍ଷ୍ମୀଙ୍କ ଅଜା କାଳନ୍ଦୀ ନାୟକ ରାଜନଗର ଥାନାରେ ପହଞ୍ଚି ନାତି ମୃତ୍ୟୁର ପ୍ରତିଶୋଧ ପାଇଁ ପଡ଼ୋଶୀ ବେନୁ ଚରଣ ଦାସ, ତାଙ୍କ ପତ୍ନୀ ଅହଲ୍ୟା ଦାସ, ଝିଅ ସତ୍ୟଭାମା ପାତ୍ର, ପୁଅ ପ୍ରଶାନ୍ତ ଦାସ ଓ ବେନୁଙ୍କ ଶଳାର ପୁଅ ଏଣ୍ଡୁଳାପୁର ଭେଡିସାହିର ଜୟାରାମ ସ୍ୱାଇଁ ଯୋଜନାବଦ୍ଧ ଭାବେ ନତୁଣୀକୁ ହତ୍ୟା କରିଥିବା ନେଇ ଅଭିଯୋଗ ଦେଇଛନ୍ତି। କାଳନ୍ଦୀଙ୍କ ସହ ତାଙ୍କ ଭାଇ ହଳଧର, ଜଳଧର, ଜ୍ୱାଇଁ ମାନଗୋବିନ୍ଦ ସେନାପତି ହତ୍ୟା ଅଭିଯୋଗ କରିଥିଲେ। କିନ୍ତୁ, ବ୍ୟବଚ୍ଛେଦ ରିପୋର୍ଟ ନ ଆସିବା ଯାଏଁ ଆମେ କିଛି କରିପାରିବୁ ନାହିଁ ବୋଲି ପୁଲିସ୍ କହିଥିଲା।

ଖାଲି ସେତିକି ନୁହେଁ, ଶୁଭଲକ୍ଷ୍ମୀଙ୍କ ବାପା ଓ ଅଜା ଅଭିଯୋଗ କରିଛନ୍ତି ଯେ ଥାନାଧିକାରୀ ସେମାନଙ୍କୁ କହିଥିଲେ ଯେ ଶୁଭଲକ୍ଷ୍ମୀ ଦେହରେ କାହାରି ହାତ ଚିହ୍ନ ନାହିଁ। ପ୍ରଶ୍ନ ଉଠୁଛି, ଯଦି ବ୍ୟବଚ୍ଛେଦ ରିପୋର୍ଟ ଆସିନାହିଁ, ପୁଲିସ କିପରି ଶୁଭଲକ୍ଷ୍ମୀ ଦେହରେ କାହାରି ହାତ ଚିହ୍ନ ନାହିଁ ବୋଲି ଜାଣିଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସେହିପରି, ଶୁଭଲକ୍ଷ୍ମୀଙ୍କ ଶବ ମିଳିବା ପରେ ପୁଲିସ ସନ୍ଧାନୀ କୁକୁର ବାରମ୍ବାର ପଡ଼ୋଶୀ ବେନୁଙ୍କ ଘରେ ପଶିଥିଲା। କିନ୍ତୁ ପୁଲିସର କହିବା କଥା, ସନ୍ଧାନୀ କୁକୁର ଆଧାରରେ କାହାକୁ ବାନ୍ଧି ହେବନି। ପରିବାରଲୋକଙ୍କ ଏହି ଅଭିଯୋଗ ପୁଲିସର ତଦନ୍ତ ପ୍ରକ୍ରିୟା ଉପରେ ସନ୍ଦେହ ବଢ଼ାଇଛି। ଅନ୍ୟପକ୍ଷରେ ନ୍ୟାୟ ନ ମିଳିଲେ ମୁଁ ଆତ୍ମହତ୍ୟା କରିବି ବୋଲି କାନ୍ଦିକାନ୍ଦି ଶୁଭଲକ୍ଷ୍ମୀଙ୍କ ଆଈ ଦମୟନ୍ତୀ ନାୟକ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହାଜତରେ ବାପା-ପୁଅଙ୍କୁ...

ପୁଲିସ ତାଙ୍କୁ ଉଠାଇ ଆଣିଥିଲା। ପୁଲିସ କହିଥିଲା ଯେ କୋଭିଡ କର୍ଫ୍ୟୁ ଉଲ୍ଲଂଘନ କରି ସେ ଦୋକାନ ଖୋଲିଥିଲେ। କିନ୍ତୁ ତଦନ୍ତ ବେଳେ ଏହା ମିଛ ବୋଲି ଜଣାପଡ଼ିଥିଲା। ବାପାଙ୍କୁ ଅଟକ ରଖାଯାଇଥିବାରୁ ଏହାର ପ୍ରତିବାଦ ପାଇଁ ପୁଅ ବେନିକ୍ସ ଥାନା ଯାଇଥିବା ବେଳେ ପୁଲିସ ଉଭୟ ବାପା-ପୁଅଙ୍କୁ ରାତିସାରା ଥାନାରେ ରଖି ଅମାନବୀୟ ନିର୍ଯାତନା ଦେଇଥିଲା। ପୁଲିସ ସେମାନଙ୍କୁ ଏତେ ମାଡ଼ ମାରିଥିଲା ଯେ ଥାନାସାରା ରକ୍ତ ପଡ଼ିଥିଲା। ସେମାନଙ୍କ କପଡ଼ା ସାହାଯ୍ୟରେ ଏହି ରକ୍ତ ପୋଛିବା ଲାଗି ପୁଲିସ ସେମାନଙ୍କୁ ବାଧ୍ୟ କରିଥିଲା ବୋଲି ଥାନାରେ ଉପସ୍ଥିତ ଜଣେ କନେଷ୍ଟବଳ କୋର୍ଟରେ ସାକ୍ଷ୍ୟ ଦେଇଥିଲେ। ସକାଳେ କୋର୍ଟରେ ସେମାନଙ୍କୁ ହାଜର କରାଯାଇଥିଲା। କୋର୍ଟ ଏହି ବାପା-ପୁଅଙ୍କୁ ଜେଲ୍ ହାଜତକୁ ପଠାଇଦେଇଥିଲା। ସେମାନଙ୍କର ମେଡିକାଲ ଚିକିତ୍ସା ନକରି ସିଧା ଜେଲ ପଠାଇ ଦିଆଯାଇଥିଲା। ଜେଲରେ ଥିବା ବେଳେ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ୨୨ ତାରିଖରେ ପୁଅର ମୃତ୍ୟୁ ଘଟିଥିବା ବେଳେ ଏହାର ଗୋଟିଏ ଦିନ ପରେ ବାପାଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ଶବ ବ୍ୟବଚ୍ଛେଦ ବେଳେ ଜଣାପଡ଼ିଥିଲା ଯେ ସେମାନଙ୍କ ଦେହ ସାରା ମାଡ଼ର ଚିହ୍ନ ଥିଲା। ଏହାକୁ ନେଇ ସାରା ଦେଶରେ ଉଦବେଗ ପ୍ରକାଶ ପାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସିବିଆଇ ଏହି ମାମଲାର ତଦନ୍ତ କରି ସେହିବର୍ଷ ସେପଟେମ୍ବର ୨୫ ତାରିଖରେ ୯ ପୁଲିସ ଅଧିକାରୀ/କର୍ମଚାରୀଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା।

### ଗୋଟିଏ ରାତିରେ...

ଧମକ ଏହାକୁ ଡରାଇପାରିବ ନାହିଁ। ଟ୍ରମ୍ପ ଯେଉଁ ଭୁଲ କରିବାକୁ ଯାଉଛନ୍ତି, ତାହା ଆମେରିକା ପାଇଁ ଆତ୍ମଘାତୀ ସାବ୍ୟସ୍ତ ହେବ ବୋଲି ସେ ଚେତାବନୀ ଶୁଣାଇଛନ୍ତି। ନିଜର ଶୀର୍ଷ ନେତାଙ୍କୁ ହରାଇବା ପରେ ଇରାନ କ୍ଷେପଣାସ୍ତ୍ର ମାଧ୍ୟମରେ ଇସ୍ରାଏଲ ଓ ଉପସାଗରୀୟ ଆରବ ପଡୋଶୀ ଦେଶଗୁଡ଼ିକ ଉପରେ ପାଲଟା ଅକ୍ରମଣ କରିଛି। ଗୋଟିଏ ମାସରୁ ଅଧିକ ସମୟ ଧରି ଚାଲିଥିବା ଏହି ଯୁଦ୍ଧରେ ଇରାନ ଏହାର ସର୍ବୋଚ୍ଚ ନେତା ଅଲି ଖାମନେଇ ଏବଂ ଅଲି ଲାରିଜାନିଙ୍କ ଭଳି ପ୍ରଭାଶାଳୀ ବ୍ୟକ୍ତିତ୍ୱ ହରାଇ ସାରିଛି, ଯାହା ଦେଶର ଶାସନ ବ୍ୟବସ୍ଥାକୁ ଦୋହଲାଇ ଦେଇଛି। ଏହି ଅକ୍ରମଣ ଏମିତି ସମୟରେ ହୋଇଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ ପ୍ରଣାଳୀକୁ ପୁନର୍ବାର ଖୋଲିବା ପାଇଁ ତେହରାନକୁ ଦେଇଥିବା ସମୟସୀମା ଶେଷ ହେବାକୁ ଯାଉଛି। ଅନ୍ୟପଟେ ୪୫ ଦିନିଆ ଅସ୍ତ୍ରବିରତି ପାଇଁ ଆଲୋଚନା ଜାରି ରହିଥିଲେ ମଧ୍ୟ ସାମ୍ପ୍ରତିକ ପରିସ୍ଥିତି ଏହାକୁ ଜଟିଳ କରିଦେଇଛି। ଆଇଆରଜିସି ମଧ୍ୟ ଏ ନେଇ ମନ୍ତବ୍ୟ ଦେଇଛି ଓ ଖାଦେମି ସହିଦ ହେବା ନେଇ ନିଶ୍ଚିତ କରିଛି। ଦେଶର ସୁରକ୍ଷା ଓ ବିପ୍ଳବକୁ ବଞ୍ଚାଇବା ପାଇଁ ତାଙ୍କର ଅର୍ଦ୍ଧଶତାବ୍ଦୀର ଅବଦାନ ସର୍ବଦା ମାର୍ଗଦର୍ଶକ ହୋଇ ରହିବ ବୋଲି ଆଇଆରଜିସି ତରଫରୁ କୁହାଯାଇଛି।

### ୧୪ ବିଶ୍ୱବିଦ୍ୟାଳୟରେ...

ସଂକ୍ରାନ୍ତରେ ପ୍ରଶ୍ନ କରି ସରକାରଙ୍କୁ ଘାଇଲା କରିଥିଲେ। ଉଚ୍ଚଶିକ୍ଷାର ଦୁର୍ଗତି ପାଇଁ ଗୃହ ଭିତରେ ଓ ବାହାରେ ସରକାରଙ୍କୁ ଦାୟୀ କରି ଚାପ ସୃଷ୍ଟି କରିଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର୍ ଚଣ୍ଡୀ ପ୍ରସାଦ ନନ୍ଦ ନିଯୁକ୍ତି ପାଇଥିବା ବେଳେ ରେଭେନ୍ସା ପାଇଁ ପ୍ରଫେସର୍ ଅର୍କ କୁମାର ଦାସ ମହାପାତ୍ର ନିଯୁକ୍ତ ହୋଇଛନ୍ତି। କେଉଁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର୍ ସଞ୍ଜୟ କୁମାର ପାତ୍ର, ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର୍ ବ୍ୟୋମକେଶ ତ୍ରିପାଠୀ, ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର୍ ଅସୀମା ସାହୁ, କଳାହାଣ୍ଡି ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର ପୱନ କୁମାର ଅଗ୍ରୱାଲ, କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର୍ ଶିବରାମ ତ୍ରିପାଠୀ, ମୟୂରଭଞ୍ଜ ବାରିପଦାସ୍ଥିତ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର୍ ମହେନ୍ଦ୍ର କୁମାର ମହାନ୍ତି, ବଲାଙ୍ଗିରସ୍ଥିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର୍ ବିଭୂତି ଭୂଷଣ ମଲିକ, ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ 'ରମାଦେବୀ' ପାଇଁ ପ୍ରଫେସର୍ ଜ୍ୟୋତ୍ସ୍ନା କେ.ବି ରାଉତ, ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର୍ ପ୍ରଭାତ କୁମାର ମହାପାତ୍ର, ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର ହୃଷୀକେଶ ସେନାପତି ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ କୁଳପତି ଭାବେ ନିଯୁକ୍ତି ପାଇଛନ୍ତି। ନୂତନ ତାଲିକାରେ କେବଳ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର୍ ସନ୍ତୋଷ ତ୍ରିପାଠୀ ଅପରିବର୍ତ୍ତିତ ରହିଛନ୍ତି। ଏନେଇ କୁଳାଧିପତି ତଥା ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନବନିଯୁକ୍ତ କୁଳପତିଙ୍କ ଦୃଷ୍ଟିକୋଣ ଏବଂ ମାର୍ଗଦର୍ଶନରେ ବିଶ୍ୱବିଦ୍ୟାଳୟଗୁଡ଼ିକ ଶିକ୍ଷା, ଗବେଷଣା ଏବଂ ନବସୃଜନ କ୍ଷେତ୍ରରେ ଉତ୍କର୍ଷ ହାସଲ କରି ଓଡ଼ିଶାରେ ଉଚ୍ଚଶିକ୍ଷାର ଭବିଷ୍ୟତକୁ ଗଢ଼ି ତୋଳିବ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାତି ଆଶାବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ୧୩ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପାଇଁ ଗତବର୍ଷ ଜୁନ୍‌ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ମଧ୍ୟ ଏଥିରେ ଯୋଡ଼ି ହୋଇଥିଲା। ପ୍ରାୟ ୧୦ମାସ ପରେ ସମସ୍ତ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ହୋଇଛନ୍ତି।

### କମିବନି କାଳବୈଶାଖୀ...

ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ ଏପ୍ରିଲ ମାସରେ ମିଶ୍ରିତ ପାଣିପାଗ ସ୍ଥିତି ଜାରି ରହିବ। ସେ କହିଛନ୍ତି, ଚଳିତ ଗ୍ରୀଷ୍ମ ଋତୁରେ ମୌସୁମୀ ଆଗମନ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ସ୍ଥିତି ଦେଖିବାକୁ ମିଳିବ। ଏପ୍ରିଲ ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ଏବଂ ନିର୍ଦ୍ଧାରିତ ତାପମାତ୍ରା (୩୫-୩୮ ଡିଗ୍ରୀ) ରହିବାର ସମ୍ଭାବନା ଅଛି। ଉତ୍ତର ଭାରତ ଦେଇ ଗତି କରୁଥିବା ପଶ୍ଚିମା-ଝଡ଼ଗୁଡ଼ିକ ଓଡ଼ିଶାରେ କାଳବୈଶାଖୀ ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବେ। ଏହି ବର୍ଷା ଏକ "ବାୟୁମଣ୍ଡଳୀୟ ବଫର୍' ଭାବେ କାମ କରି ପ୍ରଖର ଗ୍ରୀଷ୍ମ ପ୍ରବାହରୁ ସୁରକ୍ଷା ଦେବ। ତେବେ ମେ' ମାସରେ ଗ୍ରୀଷ୍ମପ୍ରବାହ ଚରମ ସୀମାରେ ପହଞ୍ଚିବ। ମେ' ମାସ ବର୍ଷର ସବୁଠାରୁ ଉତ୍ତପ୍ତ ମାସରେ ପରିଣତ ହେବ, ଯେଉଁଥିରେ ପଶ୍ଚିମ ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ ଟପିପାରେ। ବର୍ଷା ସ୍ୱାଭାବିକ ରହିବ, କିନ୍ତୁ ଏହା ଅତ୍ୟନ୍ତ ଅନିଶ୍ଚିତ ଏବଂ କ୍ଷଣସ୍ଥାୟୀ ହୋଇପାରେ। ଜୁନ୍ ମାସ ବେଳକୁ ବାୟୁମଣ୍ଡଳର ତାପମାତ୍ରାରେ କିଛିଟା ହ୍ରାସ ଆସିବ; କିନ୍ତୁ ଆର୍ଦ୍ରତା ବୃଦ୍ଧି ପାଇବାରୁ ଗୁଳୁଗୁଳି ବଢ଼ିବ। ସ୍ୱାଭାବିକ ଭାବେ ଜୁନ୍ ୧୦ ରୁ ୧୫ ମଧ୍ୟରେ ଓଡ଼ିଶାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବ ବୋଲି ପ୍ରଫେସର ପଶୁପାଳକ ପୂର୍ବାନୁମାନ କରିଛନ୍ତି।

### ମନ୍ତ୍ରୀ କହିଲେ...

ପଡ଼ିଲେ, ଦେଶରେ ଗ୍ୟାସ ସଙ୍କଟ ତୀବ୍ର ହେଉଛି ବୋଲି ଗୋଟିଏ ବାର୍ତ୍ତା ରାଜ୍ୟରେ ବ୍ୟାପିଲା। ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଲା। କଥା ଦିଲ୍ଲୀରେ ପହଞ୍ଚିଲା, ଶେଷରେ ମାତ୍ର ୨୪ ଘଣ୍ଟା ମଧ୍ୟରେ ବାଧ ହୋଇ ସରକାର ତାଙ୍କର ନିଷ୍ପତ୍ତି ବଦଳାଇଲେ। ମାତ୍ର ୫ ଲିଟର ଟାଙ୍କି ମିଳିବ ନାହିଁ ବୋଲି ଗତକାଲି ଘୋଷଣା କରିଥିବା ଯୋଗାଣମନ୍ତ୍ରୀ ଆଉ ପଦାକୁ ବାହାରିଲେ ନାହିଁ; ବିଭାଗୀୟ ସଚିବଙ୍କ ମୁହଁରେ ୫ ଲିଟର ଟାଙ୍କି ପ୍ରଦାନରେ କିଛି ସମସ୍ୟା ନାହିଁ ଓ କେବଳ ପରିଚୟ ପତ୍ର ଦେଖାଇ କୌଣସି ବ୍ୟକ୍ତି ୫ ଲିଟର ଗ୍ୟାସ ସିଲିଣ୍ଡର ନେଇପାରିବ ବୋଲି କୁହାଇଛନ୍ତି। ଯୋଗାଣ ମନ୍ତ୍ରୀଙ୍କ ବଡ଼ବୋଲାପଣ ଯୋଗୁଁ ସରକାର ବାରମ୍ବାର ସମାଲୋଚିତ ହେଉଥିବାରୁ, ଏଥିରୁ ବିରତ ରହିବା ଓ ସବିଶେଷ ତଥ୍ୟ ବୁଝି ବିବୃତି ବା ମନ୍ତବ୍ୟ ଦେବାକୁ ତାଙ୍କର କିଛି କ୍ୟାବିନେଟ ସହଯୋଗୀ ମଧ୍ୟ ପରାମର୍ଶ ଦେଇଛନ୍ତି।

ରବିବାର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜ୍ୟରେ ଆଉ ୫ କେଜି ଗ୍ୟାସ୍ ମିଳିବ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଥିଲେ। ମନ୍ତ୍ରୀଙ୍କ ଏହି ଘୋଷଣା ପରେ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ଶ୍ରମଜୀବୀମାନେ ଆତଙ୍କିତ ହୋଇପଡ଼ିଥିଲେ। ସାଧାରଣତଃ ବର୍ତ୍ତମାନ ଗ୍ୟାସ୍ ସିଲିଣ୍ଡର ଟିଏ ପାଇବା ପାଇଁ ଅନେକ ଝାଳ ବୁହାଇବାକୁ ପଡୁଥିବା ବେଳେ ଯେ କୌଣସି ସ୍ଥିତିରେ ହେଉ ପଛେ ଲୋକେ ଗ୍ୟାସ ପାଇବା ପାଇଁ ବ୍ୟାକୁଳ ହେଉଛନ୍ତି। ଏହି ସ୍ଥିତିରେ ମନ୍ତ୍ରୀ ଶ୍ରୀ ପାତ୍ର ୫ କେଜିଆ ଗ୍ୟାସ୍ ବିକ୍ରି ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇବା ନେଇ ଘୋଷଣା କରିଥିବାରୁ ଲୋକଙ୍କ ଭିତରେ ପ୍ରବଳ ଅସନ୍ତୋଷ ଦେଖା ଦେଇଥିଲା। ଖୋଲା ବଜାରରେ ୧୪ କେଜିଆ ଟାଙ୍କି ପାଇବା ପାଇଁ ହେଲେ ଲୋକଙ୍କୁ ୩-୪ ହଜାର ଟଙ୍କା ଦେବାକୁ ପଡୁଥିବା ବେଳେ ୫ କେଜିଆ ଗ୍ୟାସ ୧୫୦୦ ଟଙ୍କା ଦେଇ ଆଣିବାକୁ ପଡୁଛି। ଦିନ ମଜୁରିଆ ଓ ଭଡ଼ାରେ ରହୁଥିବା ଛାତ୍ରଛାତ୍ରୀମାନେ ଦୁଃଖେ କଷ୍ଟେ ଟଙ୍କା ୧୫୦୦ ଦେଇ ୫ କେଜିଆ ଗ୍ୟାସ୍ ଆଣି ଚଳିଯାଉଥିଲେ। ହେଲେ ମନ୍ତ୍ରୀଙ୍କ ମନ୍ତବ୍ୟ ଏହି ଘଟଣା ଆହୁରି ରୋଚକ ହୋଇଥିଲା। ତେବେ ସୋମବାର ସକାଳୁ ଯୋଗାଣ ବିଭାଗ ତତ୍ପର ହୋଇ ତୁରନ୍ତ ଏହି ଘଟଣାରେ ସ୍ପଷ୍ଟିକରଣ ରଖିବା ସହ ୫ କେଜିଆ ଗ୍ୟାସ ବିତରଣ ପୂର୍ବବତ୍ ଜାରି ରହିବ ବୋଲି କହିଥିଲା। ଏହା ପରେ ଖୋଦ୍ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟସିଂ ସାମ୍ବାଦିକ ସମ୍ମିଳନୀ କରି ୫ କେଜିଆ ଗ୍ୟାସ ଯୋଗାଣ ବନ୍ଦ ହେବ ନାହିଁ ବୋଲି ସୁନିଶ୍ଚିତ କରାଇଥିଲେ।

ଯୋଗାଣ ସଚିବ ଶ୍ରୀ ସିଂ କହିଛନ୍ତି ଯେ ରାଜ୍ୟରେ ପେଟ୍ରୋଲ ଓ ଡିଜେଲ, ଗ୍ୟାସ ଆଦିରେ କୌଣସି ଅଭାବ ନାହିଁ। ଗୋଟେ ଦୁଇଟି ସ୍ଥାନରେ ପେଟ୍ରୋଲ-ଡିଜେଲ ମିଳିବାରେ ସମସ୍ୟା ହେଉଛି କିନ୍ତୁ ଅସୁବିଧା ନାହିଁ। ସେହିପରି ଏଲ୍‌ପିଜି ଗ୍ୟାସ୍‌ରେ କୌଣସି ସମସ୍ୟା ନାହିଁ। ବର୍ତ୍ତମାନ ୭୦ ପ୍ରତିଶତ ପିଏନ୍‌ଜି ଗ୍ୟାସ୍ ପ୍ରଦାନ କରାଯାଉଛି। ଯେଉଁଠି ଅତି ଆବଶ୍ୟକ ଅଛି ସେଠାକୁ ୨୦ ପ୍ରତିଶତ ପିଏନ୍‌ଜି ଆଗୁଆ ଯୋଗାଇ ଦିଆଯାଇଛି। ଏହାକୁ ମନିଟରିଂ କରିବାକୁ ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ଅଛି। ତେବେ ୫ କେଜି ସିଲିଣ୍ଡରକୁ ନେଇ ତୈଳ କମ୍ପାନୀ ମାନେ ଇ-କେୱାଇସି କରି ଗ୍ୟାସ ଦେଉଛନ୍ତି। ସେଥିରେ କୌଣସି ଅସୁବିଧା ନାହିଁ। ଶ୍ରମିକ ଓ ଛାତ୍ରଛାତ୍ରୀ ମାନେ ୫ କେଜି ଗ୍ୟାସ୍ ନେବାକୁ ହେଲେ ପରିଚୟ ପତ୍ର ଦେଖାଇ ନେଇପାରିବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ସେ ଆହୁରି କହିଛନ୍ତି, ତୈଳ କମ୍ପାନୀ ମାନେ ବିଭିନ୍ନ ସ୍ଥାନରେ କ୍ୟାମ୍ପ୍ କରି ୫ କେଜି ଗ୍ୟାସ୍ ପ୍ରଦାନ କରୁଛନ୍ତି। ତେବେ କେବଳ ବିନା ଅନୁମତିରେ ବ୍ୟବସାୟ କରୁଥିବା ଲୋକଙ୍କ ଉପରେ ଏହି କଟକଣା ରହିଛି ବୋଲି ସେ କହିଛନ୍ତି। କଳାବଜାରୀ ରୋକିବା ପାଇଁ ହିଁ ଏହି ପଦକ୍ଷେପ ନିଆଯାଇଛି ବୋଲି ଶ୍ରୀ ସିଂହ କହିଛନ୍ତି। କେନ୍ଦ୍ର ସରକାର ପ୍ରବାସୀ ଶ୍ରମିକ ଓ ଛାତ୍ରଛାତ୍ରୀମାନଙ୍କୁ ୫ କେଜିର ଗ୍ୟାସ୍ ଦେବାରେ କୌଣସି ସମସ୍ୟା ନ ହେବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ନିଜର ପରିଚୟପତ୍ର ଦେଖାଇ ୫ କେଜି ଫ୍ରି ଟ୍ରେଡିଂ ଏଲପିଜି ଭରିପାରିବାର ନିୟମ କରାଯାଇଛି। ତେବେ ଏହା କେବଳ ଗ୍ୟାସ କମ୍ପାନୀଗୁଡ଼ିକ ହିଁ ଯୋଗାଇ ଦେବେ ବୋଲି ନିଷ୍ପତ୍ତି ହୋଇଛି।

### ଏନ୍‌ଆଇଏ ନେଲା ...

ବୋମା ଭିଡିଲା ବେଳେ ଏଭଳି ବିସ୍ଫୋରଣ ହୋଇଥିଲା। ଏଥିରେ ବୋମା ଭିଡୁଥିବା ମୁଖ୍ୟ ଅଭିଯୁକ୍ତ ସେହେନୱାଜ୍ ମଲ୍ଲିକ, ତା'ର ମା', ବାନ୍ଧବୀ ଏବଂ ଜଣେ ସହଯୋଗୀ ଏଥିରେ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପରବର୍ତ୍ତି ସମୟରେ ମଫି ଓ ତା' ମା'ଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବିସ୍ଫୋରଣର ଶବ୍ଦ ଏତେ ଭୟଙ୍କର ଥିଲା ଯେ ଅଞ୍ଚଳବାସୀଙ୍କ ନିଦ ହଜାଇ ଦେଇଥିଲା। ଖବରପାଇ କମିଶନରେଟ୍ ପୁଲିସ ଏବଂ ଏନ୍‌ଆଇଏ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ପ୍ରାରମ୍ଭରୁ ବିସ୍ଫୋରକରେ ଆର୍‌ଡିଏକ୍ସରେ ବ୍ୟବହୃତ ଉପାଦାନ ବୋମାରେ ମିଳିବା ନେଇ ସନ୍ଦେହ କରାଯାଉଥିଲା। ଏଣୁ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରି ଫରେନ୍‌ସିକ୍ ଲ୍ୟାବ୍‌କୁ ପରିକ୍ଷଣ ପାଇଁ ପଠାଯାଇଥିଲା। ରିପୋର୍ଟ ଆସିବା ପରେ ଏନ୍‌ଆଇଏ ଏହାର ତଦନ୍ତ ଭାର ହାତକୁ ନେଇଥିଲା। ଏନ୍‌ଆଇଏ ଏକ ମାମଲା ରୁଜୁ କରିବା ସହ ତଦନ୍ତର ପୂର୍ଣ୍ଣ ଭାର କମିସନରେଟ ପୁଲିସ ଠାରୁ ହାତକୁ ନେଇଛି।

ତେବେ ଏହି ସାମଗ୍ରୀ କେଉଁଠୁ ଆସିଲା। ମଫିର କ୍ରାଇମ୍ ନେଟ୍‌ୱାର୍କ କଣ ରହିଛି। କେଉଁ ଆନ୍ତରାଜ୍ୟ ବୋମ ବିସ୍ଫୋରଣ ଗ୍ୟାଙ୍ଗ୍ ସହ ତାହାର ଲିଙ୍କ୍ ରହିଛି। ସେହିପରି ଏତେ ପରିମାଣର ବିସ୍ଫୋରକ ସାମଗ୍ରୀ କେଉଁଠାରେ ବ୍ୟବହାର ହୋଇଥାନ୍ତା। ଏ ସମ୍ପର୍କରେ ଅଧିକ ଖୋଳତାଡ଼ କରିବ ଏନ୍‌ଆଇଏ। ଏପରିକି ମୁଖ୍ୟ ଅଭିଯୁକ୍ତ ତଥା ମୃତ ମଫିର ଗାର୍ଲଫ୍ରେଣ୍ଡ ଏବଂ ତାର ସାଙ୍ଗଙ୍କୁ ଖୁବ୍‌ଶୀଘ୍ର ପଚରାଉଚରା କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

### ଗିଳିଦେଲେ ଲଘୁ...

ଆକାରରେ ଆଦାୟ ହୋଇଥିବା ମନ୍ତ୍ରୀଙ୍କ ଉତ୍ତର ସିଧା ଖଣି ଚୋରିକୁ ଇଙ୍ଗିତ କରିଛି। କୌତୂହଳର କଥା ହେଉଛି ୨୦୨୫-୨୬ ଆର୍ଥିକ ବର୍ଷର ୧୧ ମାସ ଅର୍ଥାତ୍ ଫେବ୍ରୁଆରୀ ମାସ ସୁଦ୍ଧା ଏହି ରିପୋର୍ଟ ଲଘୁ ଖଣିଜ ସଇରାତ ଚୋରାଚାଲାଣକୁ ସ୍ପଷ୍ଟ ପ୍ରମାଣିତ କରିଛି। ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଫେବ୍ରୁଆରୀ ଶେଷ ସୁଦ୍ଧା ମୋଟ ୫୦୪୫ଟି ଗାଡ଼ି ଜବତ କରାଯାଇଥିବା ବେଳେ ସେମାନଙ୍କଠାରୁ ୫୨ କୋଟି ୪୨ ଲକ୍ଷ ୨୨୫୬୩ ଟଙ୍କା ଜରିମାନା ଆକାରରେ ଆଦାୟ ହୋଇଛି। କେବଳ ବାଲେଶ୍ୱରରେ ଏହି ୨ ବର୍ଷରେ ପ୍ରାୟ ୧୫ କୋଟି ଟଙ୍କାର ଜରିମାନା ରାଶି ଆଦାୟ କରାଯାଇଛି।

ଖଣିଜ ଚଢ଼ଉ, ଜୋରିମାନା ଆଦାୟ ଯେତିକି ହେଉଛି; ବାସ୍ତବିକତା ତାହାଠାରୁ ଭିନ୍ନ ବୋଲି କୁହାଯାଉଛି । ଯାହା ଦିଶୁଛି, ତାହା ସମୁଦ୍ରକୁ ଶଙ୍ଖେ ଓ ଏହାର ହଜାର ହଜାର ଗୁଣ ସାମଗ୍ରୀ ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି । କୋରାପୁଟ, କଟକ, ଯାଜପୁର, ପୁରୀ, ଭଦ୍ରକ, ବାଲେଶ୍ୱର, ସମ୍ବଲପୁର, ଝାରସୁଗୁଡ଼ା, ଜଗତସିଂହପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ପରି ଜିଲ୍ଲା ଗୁଡ଼ିକରେ ଦିନ ଦ୍ୱିପ୍ରହରରେ ବେଆଇନ ଭାବରେ ହଜାର ହଜାର ସଂଖ୍ୟାରେ ଗାଡ଼ି ବାଲି ଉତ୍ତୋଳନ କରୁଛନ୍ତି। ପୁଲିସ, ଖଣି ବିଭାଗ ପାଖରେ ଖବର ଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଶାସକ ଦଳର ନେତାଙ୍କ ପ୍ରଭାବ କାରଣରୁ ପ୍ରଶାସନ ଏକପ୍ରକାର ହାତବାନ୍ଧି ବସିଛି। ରାଜ୍ୟ ସରକାର ଚୋରା ଚାଲାଣ ରୋକିବା ତଥା ଯାଞ୍ଚ କରିବା ପାଇଁ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ, ଉପଖଣ୍ଡ ସ୍ତରୀୟ କମିଟି ଏବଂ ତହସିଲସ୍ତରୀୟ କମିଟି ଗଠନ କରିଛନ୍ତି। ମାତ୍ର ତାହା କେଉଁ କାମକୁ ନୁହେଁ ଓ ପୁଲିସ, ଖଣି ଅଧିକାରୀ ଖଣିଜସମ୍ପଦ ମାଫିଆଙ୍କ କାଠପିତୁଳା ସାଜିଥିବା ଅଭିଯୋଗ ହେଉଛି । ଏପରିକି ମାଫିଆଙ୍କ ଠାରୁ ବଟି ଆଦାୟ ପାଇଁ ଶାସକ ଦଳର ମନ୍ତ୍ରୀ ବିଧାୟକମାନେ ନିଜ ଅଞ୍ଚଳରେ ନିଜ ପସନ୍ଦର ତହସିଲଦାର, ଆଇଆଇସି ନିଯୁକ୍ତି ଦେଉଥିବା ମଧ୍ୟ ବିରୋଧୀ ଅଭିଯୋଗ କରିଛନ୍ତି। ଯେଉଁଠାରେ ସ୍ଥାନୀୟ ଅଞ୍ଚଳରେ ଚୋରା ଚାଲାଣ ବିରୋଧରେ ଅସନ୍ତୋଷ ତୀବ୍ର ହେଉଛି, ସେଠାରେ ହିଁ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଉଛି। ନ ହେଲେ ବାକିସ୍ଥାନରେ ଏହି ଚୋରା ଚାଲାଣ ଜାରି ରହିଥିବା ନେଇ ବିରୋଧୀ ତଥା ବୁଦ୍ଧିଜୀବି ମହଲ କ୍ଷୋଭ ପ୍ରକାଶ କରିଛନ୍ତି। ସରକାର ତୁରନ୍ତ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନନେଲେ ମାଫିଆ ଓଡ଼ିଶାକୁ ଖୋଳ କରିଦେବେ ବୋଲି ବୁଦ୍ଧିଜୀବି ମହଲ ଉଦବେଗ ପ୍ରକାଶ କରିଛନ୍ତି।


ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ
ଗଢିବ ଦିବା ଏକ ଉନ୍ନତ ଜୀବନ

**ସାର୍ବଜନୀନ ବିଜ୍ଞପ୍ତି**

ଉଜ୍ଜୀବନ ମାଇକ୍ରୋବ୍ୟାଙ୍କି ଗ୍ରୁପ୍ ଋଣ / ବ୍ୟକ୍ତିଗତ ଋଣ ଗ୍ରାହକମାନେ, ଯାହାଙ୍କର ଋଣ ସେପ୍ଟେମ୍ବର 2024 ପୂର୍ବରୁ ବିତରଣ ହୋଇଥିଲା ଏବଂ ଯେଉଁମାନେ ଅଗ୍ରିମ ଭାବରେ EMIs ଦେଇଛନ୍ତି କିନ୍ତୁ ସୁଧ ଲାଭ ପାଇନାହାନ୍ତି । ଦାବି ପ୍ରକ୍ରିୟା ଏବଂ ସାହାଯ୍ୟ ପାଇଁ ସବୁଠାରୁ ନିକଟସ୍ଥ ଉଜ୍ଜୀବନ ଶାଖାକୁ ଯାଆନ୍ତୁ। ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ ଦ୍ୱାରା ଜନହିତରେ ଜାରି କରାଯାଇଛି ।

ପ୍ରାଧିକୃତ ସ୍ୱାକ୍ଷରକାରୀ
ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ
ତାରିଖ: 20-02-2026

**NOTICE**

By virtue of an affidavit sworn before the Notary Public, Cuttack, dated 21.02.2026 I, Bithika Das, W/o. Susil Kumar Behera resident of At- Kuansh, PO/PS/Dist- Bhadrak, Pin-756100, Odisha have changed my name from Bithika Behera to Bithika Das. Henceforth, I shall be known as **Bithika Das** for all purposes.
(Bithika Das)

**NOTICE**

By virtue of an affidavit sworn before the Notary Public, Cuttack, dated 31.03.2026 I, Gopal Bhoi S/o. Krushna Chandra Bhoi resident of At/PO- Kendubilwa, Prataprudrapur, P.S.- Balianta, Dist- Khordha, Odisha, Pin-752102 have changed my name from Gopinath Bhoi to Gopal Bhoi. Henceforth, I shall be known as **Gopal Bhoi** for all purposes.
(Gopal Bhoi)

**NOTICE**

By virtue of an affidavit sworn before the Notary Public, Cuttack, dated 31.03.2026 I, Gudia Begum W/o. Manjur Alli Khan resident of At/PO-Bamadevpur, Dist- Jajpur, Pin-755014, Odisha have changed my name from Gudia to Gudia Begum. Henceforth, I shall be known as Gudia Begum for all purposes.
(Gudia Begum)

**AFFIDAVIT**

I, Subhash Chandra Barik, aged about 57 years, S/o- Late Dasarath Barik, resident of At- Hatapada, Ward No.3, Bargarh, State: Odisha, PIN: 768028 declared by this affidavit No. 714, dtd- 06/04/2026 that now onwards I shall be known as **SUBASH CHANDRA BARIK** for all future purposes.

**AFFIDAVIT**

I, Pradeep Kuamr Nayak, aged about 57 years, S/o- Purna Chandra Nayak, resident of At-B/1 MCL Colony Balinga, Basundhara, PS- Hemgir, Dist- Sundargarh, PIN-770076, State: Odisha declared by this affidavit No. 68, dtd- 02/04/2026 that now onwards I shall be known as **PRADEEP KUMAR NAYAK** for all future purposes.

**AFFIDAVIT**

I, Pragyan Paramita Samantray, aged about 39 years, W/o- Binayak Das, resident of At- Kunheipada, Ps- Baranga, Dist- Cuttack, Pin- 754005, Odisha do hereby declare by this affidavit No. 713, dtd-06/04/2026, that now onwards I shall be known as **PRANGYA PARAMITA SAMANTRAY** for all future purposes.

**Notice (for Minor)**

By virtue of an affidavit sworn before The court of Executive Magistrate, Betnoti, Majurbhanj, dated 01-09-2025 I, Biswanatha Hembram, AT-Gargadia (Dhadasahi, PO- Agria, PS-Baising, Dist-Mayurbhanj, PIN-757025 declare that I have changed the name, date of birth, father's name, mother's name and address of my grand daughter from Sukanti Munda, to Sukanti Hembram, Date of Birth 21.03.2011, D/O (L) Kundu Hembram (Father), (L) Geeta Hembram (Mother) At Gargadia (Dhadasahi), PO: Agria, PS: Baisinga Dist, Mayurbhanj PIN 757025, Odisha. Henceforth, she shall be known as **Sukanti Hembram** for all purposes.
Biswanatha Hembram

**NOTICE**

By virtue of an affidavit sworn before the Notary Public, Cuttack, dated 28.01.2026 I, AK Yashraj S/o. Keshab Chandra Behera permanent resident of At-Plot No. 3E/384, Sector–9, CDA, Near Jugal Kishore Park, VTC-Cuttack Sadar, P.O.- Avinab Bidanasi, Dist- Cuttack, Odisha, Pin- 753014 have changed my name from A K Yashraj to AK Yashraj. Henceforth, I shall be known as **AK Yashraj** for all purposes.
(AK Yashraj)

**NOTICE**

By virtue of an affidavit sworn before the Notary Public, Cuttack, dated 05.02.2026 I, Samir Kumar Amanta, aged about 45 years, S/o. Basanta Amanta resident of At-Atharbanka, Atharbanki Rly. Colony, Paradip, Dist-Jagatsinghpur, Pin- 754120 have changed my name from Samira Amanta to Samir Kumar Amanta. Henceforth, I shall be known as **Samir Kumar Amanta** for all purposes.
Samir Kumar Amanta

27001/5/2627

**ଓଡିଶା ଆଦର୍ଶ ବିଦ୍ୟାଳୟ, ଟେନ୍ଥୁଲିଖୁଣ୍ଟି, ଗୁଡଭେଲା, ବଲାଙ୍ଗିର**

ବିଜ୍ଞାପନ ସଂଖ୍ୟା – ୦୦୧ | ତାରିଖ – ୦୬.୦୪.୨୦୨୬

**ଆଦର୍ଶ ବିଦ୍ୟାଳୟ, ଟେନ୍ଥୁଲିଖୁଣ୍ଟି, ଗୁଡଭେଲାର ଛାତ୍ରାବାସ ନିମନ୍ତେ ଚୁକ୍ତିଭିତ୍ତିକ ନିଯୁକ୍ତି ବିଜ୍ଞପ୍ତି**

ଓଡିଶା ସରକାରଙ୍କ ଅଧିନରେ ପରିଚାଳିତ ବଲାଙ୍ଗିର ଜିଲ୍ଲାର ଗୁଡଭେଲା ବ୍ଲକ ଅନ୍ତର୍ଗତ ଓଡିଶା ଆଦର୍ଶ ବିଦ୍ୟାଳୟ, ଟେନ୍ଥୁଲିଖୁଣ୍ଟିର ଛାତ୍ରାବାସ (Non-KGBV) ନିମନ୍ତେ Warden, Head Cook, Assistant Cook, Chowkidar-cum-Sweeper ଚୁକ୍ତିଭିତ୍ତିକ ନିୟୋଜନ ନିମନ୍ତେ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଛାତ୍ରାବାସ ପାଇଁ ଆବେଦନ କରୁଥିବା ପ୍ରାର୍ଥୀମାନେ ପୁରୁଷ ହେବା ଆବଶ୍ୟକ । ସମସ୍ତ ପଦବୀ ସମ୍ପୂର୍ଣ୍ଣ ଭାବରେ ଅସ୍ଥାୟୀ ଓ ଚୁକ୍ତିଭିତ୍ତିକ ଅଟେ । ଆବେଦନ ଫର୍ମରେ ଆବଶ୍ୟକ ପ୍ରମାଣପତ୍ର ସଂଲଗ୍ନ କରି ତା.-୦୭.୦୪.୨୦୨୬ ରୁ ୨୧.୦୪.୨୦୨୬ ରିଖ ସୁଦ୍ଧା ଓଡିଶା ଆଦର୍ଶ ବିଦ୍ୟାଳୟ, ଟେନ୍ଥୁଲିଖୁଣ୍ଟି, ଗୁଡଭେଲାର ଠିକଣାରେ ରେଜିଷ୍ଟ୍ରି ପୋଷ୍ଟ / ସ୍ପିଡ ପୋଷ୍ଟ କରି ଏବଂ ବିଦ୍ୟାଳୟରେ କେବଳ କାର୍ଯ୍ୟଦିବସରେ ସମୟ ସକାଳ ଘ. ୦୬.୩୦ ମି. ରୁ ଘ. ୧୦.୩୦ ମି. ମଧ୍ୟରେ ଆବେଦନ କରିବା ଆବଶ୍ୟକ । ବିଜ୍ଞାପନର ସମ୍ପୂର୍ଣ୍ଣ ବିବରଣୀ ଏବଂ ଆବେଦନ ଫର୍ମ https://balangir.odisha.gov.in ଏବଂ https://oav.edu.in/OAVBMD ରେ ଉପଲବ୍ଧ ଅଟେ ।

ସା/- ଅଧକ୍ଷ
ଓଡିଶା ଆଦର୍ଶ ବିଦ୍ୟାଳୟ, ଟେନ୍ଥୁଲିଖୁଣ୍ଟି, ଗୁଡଭେଲା, ବଲାଙ୍ଗିର
OIPR-27001/27216/1/26-27/0001

32001/22/2627

**GOVERNMENT OF ODISHA DEPARTMENT OF WATER RESOURCES**
**INVITATION OF BIDS (IFB)**
**OFFICE OF THE EXECUTIVE ENGINEER**
**BOUDH IRRIGATION DIVISION, BOUDH, Pin-762014**
e-mail id – eebidboudh@gmail.com
"e"-procurement Notice No. – 01/2026-27
**Bid Identification No. EE BOD-01/2026-27**

The Executive Engineer, Boudh Irrigation Division, Boudh, on behalf of Governor of Odisha invites online Percentage rate tenders in Single cover system to be received in online mode only for the works as detailed below. Bid documents consisting of work, estimated cost, cost of tender paper, EMD, time of completion, Class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the work | Canal lining & Repair of Canal Structure |
| 2 | No of Works | 11 Nos |
| 3 | Class of Contractor | "B" & "C" Class (Odisha PWD or relevant class of other licensing Authority.) |
| 4 | Bid Identification No. | EEBOD-01/2026-27 |
| 5 | Estimated Cost | Varies approximately from 21.72 lakhs to 39.49 lakhs |
| 6 | Period of Completion | 6 (Six) Calendar Months |
| 7 | Date & time of availability of bid documents in the Portal | From 10.04.2026 (11.00 AM) to 24.04.2026 (05.30 P.M.) |
| 8 | Last date/time for receipt of bids through online | 24.04.2026 up to 05.30 P.M. |
| 9 | Date of Opening of Bid through online | 27.04.2026 (11.00 AM onwards in the Office of the undersigned.) |
| 10 | Name of the Officer inviting Bid | Executive Engineer, Boudh Irrigation Division, Boudh (Dist.-Boudh) |

Further details can be seen from the e-Procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.

Executive Engineer
Boudh Irrigation Division, Boudh
OIPR-32001/32111/1/26-27/0001

13001/47/2627

**Office of the Executive Engineer, Public Health Division, Angul**
Ph # 06764-296431, Email-eephangul@yahoo.in
QUOTATION CALL NOTICE NO. 12 OF 2025-26

The Addl. Chief Engineer, P.H. Division, Angul on behalf of Governor of Odisha, invites sealed quotations from the Water Tanker Owners / Contractors duly registered under State/ Central Govt. for deployment of Mini Truck mounted/Truck Mounted/Tractor mounted water tanker of capacity 4 KL/ Tata ACE 2 KL including supply of all materials, labour, T&P, fuel & lubricant along with driver and helper etc. for distribution of drinking water from PHEO loading ponts to different locations within the town on daily basis minimum four trips/day during **Summer-2026 (April, May, June)** in different ULBs under mentioned below. Last date & time for receipt of quotation upto **5.00 PM** of dt. **06.04.2026** & quotation will opened next day i.e **12.30 PM dt. 07.04.2026**. The quotationer should enclose attested copy of valid contractor registration certificate, GST, Pan card, Registration certificate, Fitness certificate/permit/pollution free certificate/insurance of vehicle/driving license of the driver. The rate should be quoted per day vehicle basis against each ULB & inclusive of hire charges of vehicle, fuel & lubricants along with salary of driver & helper. In case the intending bidder does not own Mini Truck Mounted/Truck Mounted/Tractor Mounted water tanker he is required to furnish the original necessary agreement in proper form duly executed with the owner of the vehicle/water tanker towards hiring of the same for the above purpose. The number of vehicle and number of days to be engaged may vary as per requirement. The authority reserves the right to reject any or all the quotations without assigning any reason thereof.

| Sl No | Name of ULBs | EMD 1% of quoted value | No of vehicle | Capacity of vehicle in KL | Tentative period of engagement | Unit | Rate/ Day/ Vehicle Word | Rate/ Day/ Vehicle figure |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Angul | The quotation must be accompanied by 1 % earnest money deposit of the quoted value in shape of NSC, POTD, Post Office Saving Bank Account, Deposit receipt of any scheduled bank, and duly pleged in favour of Executive Engineer, P.H. Division, Angul. | 1 | 4 KL | 75 days | Per day | | |
| 2 | Talcher | | 1 | 4 KL | 75 days | -do- | | |
| 3 | Dhenkanal | | 5 | 4 KL | 75 days | -do- | | |
| | | | 2 | 2 KL | | | | |
| 4 | Kamakhyan agar | | 1 | 4 KL | 75 days | -do- | | |
| 5 | Bhuban | | 1 | 4 KL | 75 days | -do- | | |
| 6 | Hindol | | 1 | 4 KL | 75 days | -do- | | |

Addl. Chief Engineer,
P.H. Division, Angul
OIPR-13001/13056/1/26-27/0001

**TPNODL**
TP NORTHERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP Northern Odisha Distribution Limited**
Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40109OR2021PLC035951; Website: www.tpnodl.com

**NOTICE INVITING TENDER (NIT) April 05th, 2026**

TP Northern Odisha Distribution Limited invites tender from eligible Bidders for the following:

| Sl.No. | Tender Enquiry No. | Work Description |
|---|---|---|
| 1 | TPNODL/OT/2026-27/2500001159 | Rate Contract for Supply of 11KV & 33KV Metering Units |
| 2 | TPNODL/OT/2026-27/2500001160 | Rate Contract for Supply of Earthing Equipment & GI Wire |
| 3 | TPNODL/OT/2026-27/2500001161 | Rate Contract for Supply of Uniform for TPNODL Employees |

• MSMEs registered in the State of Odisha shall pay tender fee of **Rs. 1,000/- including GST.**
•• EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website **https://tpnodl.com**. All tenders will be available on TPNODL website. Future communication / corrigendum to tender documents, if any, shall be available on website.

Chief- Contracts & MM







# ସିଙ୍ଗାପୁରରେ ଝଲସିଲା ଓଡ଼ିଶାର ବାଲୁକା କଳା

ଭୁବନେଶ୍ୱର, ୬।୪(ସମିସ): ସିଙ୍ଗାପୁର ଓଡ଼ିଆ ସମାଜ (ଓଏସଏସ୍) ପକ୍ଷରୁ ଜଆଇଆଇଏସ୍ ଅଡିଟୋରିୟମରେ ଉତ୍କଳ ଦିବସ-୨୦୨୬ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଙ୍ଗାପୁରରେ ଭାରତର ଉଚ୍ଚାୟୁକ୍ତ ସିଲପ୍ ଆମ୍ବୁଲେ ଯୋଗଦେଇଥିବା ବେଳେ ଭାରତୀୟ ବ୍ୟାଙ୍କ ଓ ବିଭିନ୍ନ ସାମାଜିକ ସଂଗଠନର ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ପ୍ରାରମ୍ଭରେ ଓଏସଏସ୍ ଅଧକ୍ଷ ସୁବ୍ରତ ନାୟକ ସ୍ୱାଗତଭାଷଣ ଦେଇଥିଲେ। ତେବେ କାର୍ଯ୍ୟକ୍ରମରେ ଆକର୍ଷଣ ପାଲଟିଥିଲା ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ



ଲାଇଭ୍ ସ୍ୟାଣ୍ଡ ଆନିମେସନ୍ ପ୍ରଦର୍ଶନ। ପ୍ରାୟ ୩୦ ମିନିଟ୍ ଧରି ପ୍ରଦର୍ଶିତ ଏହି ସ୍ୟାଣ୍ଡ ଆନିମେସନ୍‌ରେ ଶ୍ରୀ ପ୍ରଧାନ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା ଓ ପର୍ଯ୍ୟଟନ ସହିତ ସିଙ୍ଗାପୁରର ଐତିହ୍ୟକୁ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ। ସେହିଭଳି ଶ୍ରୀ ପ୍ରଧାନ ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ଉପରେ ଆଧାରିତ ଏକ ଛୋଟ ଟେବଲଟପ୍ ବାଲୁକା ଶିଳ୍ପ ତିଆରି କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନଙ୍କୁ ସମ୍ମାନୀତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଓଡ଼ିଶା ଆଦିବାସୀ ମହାସଂଘ ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର, ୬।୪(ସମିସ): ଓଡ଼ିଶା ଆଦିବାସୀ ମହାସଂଘ ପକ୍ଷରୁ ୨୦ ଦଫା ଦାବି ଲୋୟର ପିଏମଜିଠାରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ରହିଛି ଅନ୍ୟ ବର୍ଗଙ୍କ ପରି ଆଦିବାସୀର ଧର୍ମର ସମ୍ମାନ ରକ୍ଷା କରାଯିବା ଏବଂ ଜନଗଣନାରେ ପୃଥକ କୋଡ୍, କଲମର ପ୍ରଚଳନ, ପେଶା ଆଇନ୍‌ର ତୁରନ୍ତ କାର୍ଯ୍ୟକାରୀ, ଖଣି ଖାଦାନ, ଶିଳ୍ପରେ ବର୍ତ୍ତମାନ ଆଦିବାସୀ କୌଣସି ଉନ୍ନତି କରିପାରିବ ନାହିଁ। ଏହାର ବିସ୍ଥାପନ ଓ ପ୍ରଦୂଷଣ ଆଦିବାସୀଙ୍କୁ ସମ୍ପୂର୍ଣ୍ଣ ଧ୍ୱଂସ କରୁଛି। ଏ ନୀତି ବର୍ଜନ କରିବା, ଗୁଣାତ୍ମକ ଶିକ୍ଷା ପାଇଁ ସ୍ୱତନ୍ତ୍ର ଶିକ୍ଷା ବ୍ୟବସ୍ଥା ପ୍ରଥମ ଶ୍ରେଣୀରୁ ଲାଗୁ କରିବା, ଏକଲବ୍ୟ ଓ ଅନୁସୂଚିତ ଜାତି ଜନଜାତି ଦ୍ୱାରା ପରିଚାଳିତ ସମସ୍ତ ସ୍କୁଲରେ ଆବଶ୍ୟକ ଶିକ୍ଷକ ପ୍ରତି ଧ୍ୟାନ ଦିଆଯାଉ, ଶିକ୍ଷକମାନେ ସ୍କୁଲରେ ରହିବା ବାଧ୍ୟତାମୂଳକ ହେଉ, ଭୂସଂସ୍କାର ଆଇନରେ ଚଞ୍ଚକତା କରି ଭୁବନେଶ୍ୱର ଅଞ୍ଚଳରେ ଲୁଟ୍ ହୋଇଥିବା ଆଦିବାସୀ ଜମିକୁ ତୁରନ୍ତ ଫେରାଇବାର ବ୍ୟବସ୍ଥା କରିବା, ଜଙ୍ଗଲ ଅଧିକାର ଅଧିନିୟମକୁ କଡ଼ାକଡ଼ି ଲାଗୁ କରାଯାଉ ଏବଂ ଆଦିବାସୀ ଦଖଲରେ ଥିବା ସମସ୍ତ ଜମିର ଅଧିକାର ଅବିଳମ୍ବେ ପ୍ରଦାନ, ସ୍ୱାସ୍ଥ୍ୟ ଓ ଶିକ୍ଷା



ଇତ୍ୟାଦି ବିଭାଗରେ ଅନେକ ଡାକ୍ତର ପଦବୀ ଆଦିବାସୀଙ୍କର ତୁରନ୍ତ ଭରଣା କରିବା ଭଳି ମୋଟ ୨୦ ଦଫା ଦାବି ଉପସ୍ଥାପନା କରିଥିଲେ।

# ବାଲୁକା କଳାରେ 'ବିନ୍ଦୁସାଗର'



**୧୭ ତାରିଖରେ ମୁକ୍ତିଲାଭ**

ଭୁବନେଶ୍ୱର, ୬।୪(ସମିସ): ଆସନ୍ତା ୧୭ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ବିନ୍ଦୁସାଗର'। ସିନେମାର ପ୍ରମୋସନ୍‌ରେ ପୁରାଟିମ୍ ଲାଗି ପଡ଼ିଥିବା ବେଳେ ପୁରୀ ବେଳାଭୂମିରେ ପ୍ରସିଦ୍ଧ ବାଲୁକା ଶିଳ୍ପୀ ନିକୁଞ୍ଜ କିଶୋର ନାୟକଙ୍କ ଦ୍ୱାରା 'ବିନ୍ଦୁସାଗର'ର ସୁନ୍ଦର ବାଲୁକାକଳା ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଛି। ଅଭିନେତ୍ରୀ ପ୍ରକୃତି ମିଶ୍ର, ଅଭିନେତା ଦ୍ୱୀପାନ୍ୱିତ ଦାସ ମହାପାତ୍ର, ନିର୍ଦ୍ଦେଶକ ଅଭିଷେକ ସ୍ୱାଇଁ, କାହାଣୀକାର ଅଭିଷେକ ଦାସ, ସଙ୍ଗୀତ ନିର୍ଦ୍ଦେଶକ ମହାଦେବ ରାଉତ, ହରପ୍ରସାଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୁରୀ ଟାଉନ ଥାନାର ଭାରପ୍ରାପ୍ତ ଅଧିକାରୀ ଗୋକୁଳ ରଞ୍ଜନ ଦାସ ଓ ଗବେଷକ ଡ. କାଳନ୍ଦୀ ଚରଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ଲାଟୁନ୍ ୱାନ୍ ଫିଲ୍ମସ୍ ଦ୍ୱାରା ନିର୍ମିତ ଏହି ସିନେମାର ଫିଲ୍ମର ନିର୍ଦ୍ଦେଶନା ଅଭିଷେକ ସ୍ୱାଇଁ ଦେଇଥିବା ବେଳେ କାହାଣୀ ଲେଖିଛନ୍ତି ଅଭିଷେକ ଦାସ। ଏଥିରେ ମୋଟ୍ ନଅଟି ଗୀତ ରହିଥିବା ବେଳେ ହ୍ୟୁମାନ ସାଗର, ସୌରଭ ଭାରଦ୍ୱାଜ, ଅନ୍ତରା ଚକ୍ରବର୍ତ୍ତୀ, କୁଳଦୀପ ପଟ୍ଟନାୟକ, ଅନନ୍ୟା ଶ୍ରୀତମ ନନ୍ଦ, ଅସୀମା ପଣ୍ଡା ଓ ଆଶିଷ ପ୍ରଧାନ କଣ୍ଠଦାନ କରିଥିବା ବେଳେ ସ୍ୱର ସଂଯୋଜନା କରିଛନ୍ତି ମହାଦେବ ରାଉତଙ୍କ ସ୍ୱର ସଂଯୋଜନାରେ ଗୀତଗୁଡିକ ମନଛୁଆଁ ହୋଇ ପାରିଛି। ଶିଳାଦିତ୍ୟ ବୋରା, ବାଉଣ୍ଡଲେସ ବ୍ଲାକବଜ ଫିଲ୍ମର ବିନୟ ରେଡ୍ଡୀ ଓ ଶୁଭ ଶେଖର ଭଟ୍ଟାଚାର୍ଯ୍ୟଙ୍କ ସହ ଏମଡିସି ଫିଲ୍ମ ୱାର୍କସର ନିଖିଳ ଚୌଧୁରୀଙ୍କ ମିଳିତ ସହଯୋଗରେ ଏହି ସିନେମା ନିର୍ମାଣ କରାଯାଇଛି।

# ଗ୍ୟାସ୍‌ର ବିକଳ୍ପ ସାଜିଛି ପୋଡ଼ା ମୋବିଲ

**● ଫେବ୍ରିକେସନ୍ ୟୁନିଟ୍‌ରେ ପ୍ରସ୍ତୁତ ହେଉଛି ଚୁଲା**

ଭୁବନେଶ୍ୱର, ୬।୪(ସମିସ): ମଧ୍ୟପ୍ରାଚ୍ୟ ଯୁଦ୍ଧ ରନ୍ଧନ ଗ୍ୟାସ୍ ସଙ୍କଟକୁ ଉତ୍କଟ କରିଥିବାବେଳେ ସହରଠାରୁ ଗାଁ ପର୍ଯ୍ୟନ୍ତ ଖାଦ୍ୟ ପ୍ରସ୍ତୁତିକୁ ନେଇ ଚିନ୍ତାଜନକ ସ୍ଥିତି ଉପୁଜିଛି। ଅଧିକାଂଶ ହୋଟେଲ, ଫାଷ୍ଟଫୁଡ୍ ଓ ଜଳଖିଆ ଦୋକାନ ଗ୍ୟାସ୍ ଅଭାବ ଯୋଗୁଁ ବନ୍ଦ ହୋଇଗଲାଣି। ଗ୍ୟାସ୍ ବିତରଣରେ ଅଭାବନୀୟ ସ୍ଥିତି ଯୋଗୁଁ ରୋଷେଇ ପାଇଁ ସାଧାରଣଲୋକଙ୍କ ଘରେ ଭାଳେଣି ପଡ଼ିଛି। ଏଭଳି ସଂକଟରୁ ବର୍ତ୍ତିବା ପାଇଁ ଲୋକମାନେ ଏଲ୍‌ପିଜିର ବିକଳ୍ପ ଖୋଜିବାରେ ଲାଗିଛନ୍ତି। ଏହିକ୍ରମରେ ବୁଦ୍ଧି ଖଟାଇ କିଛି ଲୋକ ପୋଡ଼ା ମୋବିଲକୁ ଏଲ୍‌ପିଜି ଗ୍ୟାସ୍‌ର ବିକଳ୍ପ ଭାବେ ବ୍ୟବହାର କରିବା ଆରମ୍ଭ କଲେଣି। ଫେବ୍ରିକେସନ୍ ୟୁନିଟ୍‌ରେ ଗ୍ୟାସ୍ ଚୁଲା ପ୍ରସ୍ତୁତ କରି ଏଥିରେ ବଜାରରେ ମିଳୁଥିବା ପୋଡ଼ା ମୋବିଲ୍‌କୁ ଇନ୍ଧନ ଭାବେ ବ୍ୟବହାର କରୁଛନ୍ତି। ଏଭଳି ଚୁଲା ଏବେ ୧୦ରୁ ୧୫ହଜାର ଟଙ୍କାରେ ଅନେକ ସ୍ଥାନରେ ଉପଲବ୍ଧ ହେଲାଣି।



କମ୍ ଖର୍ଚ୍ଚରେ ଚୁଲା ପାଇବା ପାଇଁ ସ୍ଥାନୀୟ ଫେବ୍ରିକେସନ୍ ୟୁନିଟ୍‌ରେ ବରାଦ ଦେଇ କିଛି ଲୋକ ଚୁଲା ତିଆରି କରୁଛନ୍ତି।

ସୁନ୍ଦରପଦା ହାଇଟେକ୍ ଅଞ୍ଚଳରେ ଥିବା ଏକ ଫେବ୍ରିକେସନ୍ ୟୁନିଟ୍‌ରେ ସୋମବାର ଏଭଳି ଏକ ଚୁଲା ତିଆରି କରିବାରେ ସଫଳ ହୋଇଛନ୍ତି ଚନ୍ଦନ ଭୋଇ ଏବଂ ତାଙ୍କ ସହଯୋଗୀ ମିସ୍ତ୍ରିମାନେ। ବଜାରରେ ଉପଲବ୍ଧ ହେଉଥିବା ଏକ ମେସିନ ସହାୟତାରେ ପୋଡ଼ା ମୋବିଲ୍‌କୁ ଏକ ଲୁହା ପାଇପ୍ ଯୋଗେ ସ୍ପ୍ରେ କରାଇ ବର୍ଣ୍ଣର ଜଳାଇଛନ୍ତି, ଯେଉଁଥିରେ ଆରାମରେ ରୋଷେଇ ହୋଇପାରୁଛି। ସବୁ ପ୍ରକାର ଆବଶ୍ୟକ ଯନ୍ତ୍ରପାତିକୁ ମିଶାଇଲେ ଏଭଳି ଏକ ଚୁଲା ପ୍ରସ୍ତୁତ ପାଇଁ ୬ରୁ ୭ ହଜାର ଟଙ୍କା ଖର୍ଚ୍ଚ ହେବ ଏବଂ ଲାଭାଂଶ ସହ ଏହାକୁ ୧୦ହଜାର ଟଙ୍କାରେ ବିକିହେବ। ଏଥିରେ ଅଧ ଲିଟର ପୋଡ଼ା ମୋବିଲ୍ ବ୍ୟବହାର କରି ଗୋଟିଏ ଛୋଟ ପରିବାର ଦିନକୁ ଦୁଇ ଥର ରୋଷେଇ କରିପାରିବ ବୋଲି ଚନ୍ଦନ କହନ୍ତି।

# 'ଓଡ଼ିଆ ପକ୍ଷ' କ୍ରମରେ ଶାନ୍ତିସ୍ତୂପ ସଫେଇ

ଧଉଳି, ୬।୪(ସମିସ): ଭୁବନେଶ୍ୱର ବ୍ଲକ ପକ୍ଷରୁ ଓଡିଆ ପକ୍ଷ ପାଳନ ଅବସରରେ ଶାନ୍ତିସ୍ତୁପ ଧଉଳି ପରିସରରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ପର୍ଯ୍ୟଟନ ବିଭାଗର ସହକାରୀ ଅଧିକାରୀ ଅଞ୍ଜନ କୁମାର ବାରିକ, ଧଉଳି ଥାନା ଅଧିକାରୀ ସ୍ମୃତି ରଞ୍ଜନ ମହାନ୍ତି, ଏସ. ଆଇ ମନ୍ମଥ ବେହେରା, ରାଧା ବଲ୍ଲଭ ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟବ୍ରତ ସାମନ୍ତରାୟ, ଯୁବସମାଜସେବୀ ସୁମନ୍ତ କୁମାର ସୁବୁଦ୍ଧି ସଫେଇ କରିଥିଲେ।

# କବିତା ସଙ୍କଳନ 'ମିତରେ ମିତ' ଉନ୍ମୋଚିତ



ଭୁବନେଶ୍ୱର, ୬।୪(ସମିସ): ଚିତ୍ରା ସାହିତ୍ୟ ସଂସଦ ଆନୁକୂଲ୍ୟରେ କବି ଇତିଶ୍ରୀ ପତିଙ୍କ 'ମିତରେ ମିତ' କବିତା ସଂକଳନ ଓ ପତ୍ରିକା 'ସାଇକୃପା' ଗୀତଗୋବିନ୍ଦ ସଦନଠାରେ ଉନ୍ମୋଚିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରକ୍ଷକ ନାୟକ, ସରୋଜ ପଟ୍ଟନାୟକ, ଆଇନଜୀବୀ ଅଲେଖଚନ୍ଦ୍ର ତ୍ରିପାଠୀ, ଇଂ ଗୌରଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦେବାଶିଷ ମହାପାତ୍ର ସଭା ପରିଚାଳନା କରିଥିବାବେଳେ ପତିତପାବନ ପତି ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଡା. ଜୀବନ କୃଷ୍ଣ ମିଶ୍ର ବେଦପାଠ କରିଥିଲେ। ଏହି ଅବସରରେ ଅଲେଖ ଚରଣ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ କବିତା ଆସରରେ ୫୦ରୁ ଅଧିକ କବି ସ୍ୱରଚିତ କବିତାପାଠ କରିଥିଲେ।

# ଓଜେସିରେ କୌଣସି କର୍ମକର୍ତ୍ତା ମିଶିନାହାନ୍ତି: ଯୁବ କଂଗ୍ରେସ

ଭୁବନେଶ୍ୱର,୬।୪(ସମିସ): ମହମ୍ମଦ ମୋକିମ୍‌ଙ୍କ ନେତୃତ୍ୱରେ ନବଗଠିତ ଓଡ଼ିଶା ଜନତା କଂଗ୍ରେସ (ଓଜେସି) ସହ ଯୁବ କଂଗ୍ରେସର କର୍ମକର୍ତ୍ତା ଯୋଗଦେବା ଦାବି ଅମୂଳକ ବୋଲି ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି। ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି, ଯୁବ କଂଗ୍ରେସର କର୍ମୀ ବା କର୍ମକର୍ତ୍ତା ଗାନ୍ଧୀବାଦ ଓ ରାହୁଲ ଗାନ୍ଧୀଙ୍କର ବିଚାରଧାରାରେ ଅନୁପ୍ରାଣିତ। ମହମ୍ମଦ ମୋକିମ୍ କଂଗ୍ରେସ ଛାଡି ନୂଆ ଦଳ ଗଠନ କରିବା ପରେ ବିଜେପିର ନିର୍ଦ୍ଦେଶରେ କାର୍ଯ୍ୟ କରୁଛନ୍ତି। ଓଡ଼ିଶାରେ ସଂଖ୍ୟାଲଘୁ ସଂପ୍ରଦାୟଙ୍କ ଉପରେ ହେଉଥିବା ଅତ୍ୟାଚାର ବରୋଧରେ ମୋକିମ୍ ଲଢ଼ିବେ କି ବୋଲି ପ୍ରଶ୍ନ କରି ସେ ନିଜ ସଂପ୍ରଦାୟରସୁରକ୍ଷା ଏବଂ ସମସ୍ୟା ସଂପର୍କରେ ପଦିଏ କଥା କହିପାରିବେ ନାହିଁ ବୋଲି ଯୁବ କଂଗ୍ରେ କହିଛି। ତେଣୁ ତାଙ୍କ ଦଳ ସହ ଯୁବ କଂଗ୍ରେ କର୍ମକର୍ତ୍ତାଙ୍କ ଦାବିକୁ ଯୁବ କଂଗ୍ରେସ ଖଣ୍ଡନ କରିଛି।

# ସ୍ୱୟଂପ୍ରଭା ରଥଙ୍କ 'ଶବ୍ଦ ଫୁଲର ତର୍ପଣ' ଉନ୍ମୋଚିତ



ଭୁବନେଶ୍ୱର, ୬।୪(ସମିସ): କବି ଏବଂ ଲେଖିକା ସ୍ୱୟଂପ୍ରଭା ରଥଙ୍କ କବିତା ପୁସ୍ତକ 'ଶବ୍ଦ ଫୁଲର ତର୍ପଣ' ଆମେରିକାର ଡେନଭରରେ ଥିବା ଅନ୍ତର୍ଜାତୀୟ ମଞ୍ଚରେ ଓଡ଼ିଶା ସୋସାଇଟି ଅଫ୍ ଦି ଆମେରିକାର ରକି ମାଉଣ୍ଟେନ୍ ଚାପ୍ଟର ଦ୍ୱାରା ଆୟୋଜିତ 'ଓଡ଼ିଆ ପକ୍ଷ' ଉତ୍ସବରେ ଉନ୍ମୋଚିତ ହୋଇଯାଇଛି। ପୁସ୍ତକ ଉନ୍ମୋଚନ ପରେ ଶ୍ରୀମତୀ ରଥ ଓଡ଼ିଆ ସମ୍ପ୍ରଦାୟର ବୃତ୍ତିଗତ ଅବଦାନ, ଜୀବନର ସମସ୍ତ କ୍ଷେତ୍ରରେ ଉତ୍କର୍ଷତା ଏବଂ ଓଡ଼ିଶାର ପରମ୍ପରାକୁ ଏକ ଦୂର ଦେଶରେ ଜୀବନ୍ତ ରଖିବା ପାଇଁ ପ୍ରଶଂସା କରିଥିଲେ। ଏହି ଅବସରରେ ଓଏସ୍‌ଏ - ରକି ମାଉଣ୍ଟେନ୍ ଚାପ୍ଟରର ସଭାପତି ଏବଂ କୋଷାଧ୍ୟକ୍ଷ ରଜତ ପ୍ରଧାନ ଏବଂ ବିଜନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୁସ୍ତକଟି ଡେନଭରର ଓଡ଼ିଆ ସମ୍ପ୍ରଦାୟର ଅନ୍ୟତମ ବରିଷ୍ଠ ସଦସ୍ୟ ପ୍ରେମଲତା ପଣ୍ଡାଙ୍କ ଦ୍ୱାରା ଆନୁଷ୍ଠାନିକ ଭାବରେ ଉନ୍‌ମୋଚିତ ହୋଇଥିଲା। ବ୍ୟବସାୟୀ ମହିଳା ଏବଂ ସାମାଜିକ କର୍ମୀ ସୋନାଲି ସୁଚରିତା ଆହୁଜାଙ୍କ ଉପସ୍ଥିତିରେ ପ୍ରସିଦ୍ଧ ଟେକ୍ନୋକ୍ରାଟ୍ ଆନନ୍ଦ ମହାନ୍ତି ସ୍ୱୟଂପ୍ରଭା ରଥଙ୍କ ପରିଚୟ ପ୍ରଦାନ କରିଥିଲେ।

# ଯକ୍ଷ୍ମା ପୀଡ଼ିତ ଅସହାୟ ପରିବାରକୁ ସହାୟତା

ଭୁବନେଶ୍ୱର, ୬।୪(ସମିସ): ଶ୍ରୀକ୍ଷେତ୍ର ଅଞ୍ଚଳରେ ଜଗନ୍ନାଥଙ୍କ ପାଦଦେଶରେ ଏକ ଅସହାୟ ପରିବାରକୁ ସାହାଯ୍ୟ ସହାୟତା ଦେଇଛି 'ଆମ ସେବା ପରିବାର'। ବାସେଳୀ ସାହିର ଦୁଇ ଭଉଣୀ ବହୁ ବର୍ଷ ହେବ ଯକ୍ଷ୍ମା ରୋଗରେ ପୀଡିତ। ପୂର୍ବରୁ ତାଙ୍କର ମା ଓ ବାପାଙ୍କର୍ ମୃତ୍ୟୁ ହେଇଯାଇଛି। ଗତବର୍ଷ ମଧ୍ୟ ତାଙ୍କର ଜଣେ ଭାଇ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ତାଙ୍କ ପରିବାରରେ ସାହାଯ୍ୟ କରିବାକୁ କେହିବି ନାହାନ୍ତି। ଆଜି ପର୍ଯ୍ୟନ୍ତ କୌଣସି ଅନୁଷ୍ଠାନ କିମ୍ବା ସରକାରୀ ଦ୍ୱାରା କିଛି ସାହାଯ୍ୟ ମଧ୍ୟ ପାଇ ନାହାନ୍ତି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ପଦ୍ମିନୀଙ୍କ ସହଯୋଗରେ ଉକ୍ତ ପରିବାରକୁ ରାସନ ସାମଗ୍ରୀ ଓ କିଛି ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଇଛି।

# ଦେବଦୂତ ସାଜିଲେ ଏନଡିଆରଏଫ୍ ଓ ସିଆଇଏସଏଫ୍ ଯବାନ

ଭୁବନେଶ୍ୱର, ୬।୪(ସମିସ): ବିପଦ ସମୟରେ ଦେବଦୂତ ସାଜି ପହଞ୍ଚିଲେ ଏନଡିଆରଏଫ୍ ଓ ସିଆଇଏସଏଫ୍ ଯବାନ୍। ଜରୁରୀକାଳୀନ ସମୟରେ ରକ୍ତ ଦେବାକୁ ହସ୍ପିଟାଲର ପହଞ୍ଚିଲେ। ମୟୂରଭଞ୍ଜ ଜିଲ୍ଲାର ଏମ୍‌ଡି ସାରିକ (୧୦ ବର୍ଷ) ବାଳକ ନିମୋନିଆରେ ଆକ୍ରାନ୍ତ ହୋଇ ସ୍ଥାନୀୟ କିମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଶରୀରରେ ହିମୋଗ୍ଲୋବିନ ଦିନକୁ ଦିନ କମିବା ଦେଖି ଡାକ୍ତର ତାଙ୍କ ମା'ଙ୍କୁ ରକ୍ତ ଯୋଗାଡ଼ କରିବାକୁ ପରାମର୍ଶ ଦେଇଥିଲେ। ହେଲେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପିଲାଟିର ବିରଳ ରକ୍ତ ଗ୍ରୁପ୍ (ଏ-ନେଗେଟିଭ୍) ହୋଇଥିବାରୁ ଉକ୍ତ ଗ୍ରୁପ୍‌ର ତାଙ୍କ ପରିବାର ସଦସ୍ୟଙ୍କ ବ୍ଲଡ୍ ଗ୍ରୁପ୍ ସହ ମିଶୁନଥିବା ସହ ଦୂରରୁ ଆସିଥିବାରୁ ସେ ଭୁବନେଶ୍ୱରରେ ରକ୍ତ ଯୋଗାଡ କରିପାରିନଥିଲେ। ଏହାପରେ ସେ କୌଣସିମତେ ଓଡ଼ିଶା ରକ୍ତଦାତା ମହାସଂଘର ସଭାପତି ଡ. ନରେଶ ଚନ୍ଦ୍ର ସାହୁଙ୍କ ସହ ଯୋଗାଯୋଗ କରିଥିଲେ। ଡ. ସାହୁ ତୁରନ୍ତ କଟକ ଓ ଭୁବନେଶ୍ୱର ସମସ୍ତ ରକ୍ତଭଣ୍ଡାର ଷ୍ଟାଟସ୍ ନେବାରୁ ଜାଣିବାକୁ



ପାଇଥିଲେ ଯେ କୌଣସି ବ୍ଲଡ଼ ବ୍ୟାଙ୍କରେ ଉକ୍ତ ଗ୍ରୁପର ରକ୍ତ ଉପଲବ୍ଧ ନାହିଁ। ଏହାପରେ ସେ ବିଭିନ୍ନ ଗ୍ରୁପ୍, ଡି ଆଇଜି, ସିଆଇଏସଏଫ୍, ବରିଷ୍ଠ କମାଣ୍ଡାଣ୍ଟ, ଏନଡିଆରଏଫ୍‌ଙ୍କୁ ଅନୁରୋଧ କରିଥିଲେ। ଏହାପରେ ଏ-ନେଗେଟିଭ ଡୋନର୍ ସୁରଜିତ ସିଂ ଏବଂ ଦୀପକ ପରିଡ଼ା ଏମ୍‌ଡି. ରାଜେଶ ପଣ୍ଡାଙ୍କ ସହଯୋଗରେ ସରିକ୍‌ଙ୍କୁ ରକ୍ତଦାନ କରିଥିଲେ। ସେହିପରି ଆଜି ପୁନର୍ବାର ରକ୍ତ ଆବଶ୍ୟକତା ପଡ଼ିବାରୁ ସିଆଇଏସଏଫ୍ ମୁଣ୍ଡଳିର ସୁରିନ୍ଦର ଯାଦବ ଏହି ବିରଳ ଗ୍ରୁପ୍ ରକ୍ତଦାନ କରିଛନ୍ତି। ତେବେ ଓଡ଼ିଶା ରକ୍ତଦାତା ମହାସଂଘର ସଭାପତି ଡ. ସାହୁଙ୍କ ଅନୁରୋଧ କ୍ରମେ ସିଆଇଏସଏଫ୍ ଡିଆଇଜି, ଏନ୍‌ଡିଆରଏଫ୍ କମାଣ୍ଡାଣ୍ଟ ଏବଂ ରାଜେଶ ପଣ୍ଡାଙ୍କୁ ଜରୁରୀକାଳୀନ ସମୟରେ ଦେବଦୂତ ସାଜି ରକ୍ତଦାତା ଯୋଗାଡ଼ କରିଥିବାରୁ ଫେଡେରେଶନ ଅଫ ବ୍ଲଡ୍ ଡୋନର ଅର୍ଗାନାଇଜେଶନ ଅଫ୍ ଓଡ଼ିଶା ତରଫରୁ ଧନ୍ୟବାଦ ଜ୍ଞାପନ କରାଯିବା ସହ ସରିକ୍‌ଙ୍କ ପରିବାର ସଦସ୍ୟ ମଧ୍ୟ ରକ୍ତଦାତାଙ୍କୁ ସାଧୁବାଦ ଜଣାଇଛନ୍ତି।

# ୧୭ରୁ ଜିଲ୍ଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ଭୁବନେଶ୍ୱର, ୬।୪(ସମିସ): ଅଷ୍ଟମ ତୁଷାରଶ୍ରୀ ଜିଲ୍ଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଚଳିତ ମାସ ୧୭, ୧୮ ତାରିଖ ଦୁଇଦିନ ଧରି ଆଚାର୍ଯ୍ୟ ବିହାରସ୍ଥିତ ଆଚାର୍ଯ୍ୟ ହରିହର ପାର୍କ ନିକଟରେ ଅନୁଷ୍ଠିତ ହେବ। ତୁଷାର ଚାରିଟେବୁଲ ଟ୍ରଷ୍ଟ, ମା'ସୁନାଦେଇ ୱାକର୍ସ କ୍ଲବ ଏବଂ ଆଚାର୍ଯ୍ୟ ହରିହର ପରିଷଦର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୋମବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଚାର୍ଯ୍ୟ ହରିହର ପରିଷଦର ବରିଷ୍ଠ ସଦସ୍ୟ ଶିଶିର ମହାପାତ୍ର, ଅମ୍ଲେଷ ଦାସ, ଚିତ୍ରଶିଳ୍ପୀ ଓ ବୃକ୍ଷପ୍ରେମୀ ସୁନା ଭାଇ, ଜିତେନ୍ଦ୍ର କୁମାର ଜେନା, ରାକେଶ ସେଠୀ ପ୍ରମୁଖ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟର ସମ୍ପାଦକ ବିବେକାନନ୍ଦ ବାରିକ କହିଥିଲେ ଯେ, ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ ତୁଷାରଶ୍ରୀ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ୭ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ୮ମ ଥର ଏହି ତୁଷାରଶ୍ରୀ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ମହୋତ୍ସବ ହେବ।

# ଭିଙ୍ଗାରପୁରରେ ପଲ୍ଲୀରେ ପ୍ରଶାସନ



ବାଲିଅନ୍ତା, ୬।୪(ସମିସ): 'ପଲ୍ଲୀରେ ପ୍ରଶାସନ' କ୍ରମରେ ଭିଙ୍ଗାରପୁର ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପ ଠାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଭିଯୋଗ ଶୁଣାଣିରେ ମଣ୍ଡଳ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ସରପଞ୍ଚ ହୃଷୀକେଶ ବେହେରା, ପଞ୍ଚାୟତ ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ଅଭିଯୋଗ ଶୁଣାଣିରେ ସର୍ବମୋଟ ୫ଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଅଛି। ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୩ଟି, ପାନୀୟ ଜଳ ସମ୍ବନ୍ଧୀୟ ଗୋଟିଏ ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ଗୋଟିଏ ଅଭିଯୋଗ ଗ୍ରହଣ କରାଯାଇଥିଲା।

**ଆମ ରାଜଧାନୀ ଆମ ଐତିହ୍ୟ**

# କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ମଙ୍ଗଳେଶ୍ୱର ମନ୍ଦିର



ଭୁବନେଶ୍ୱର, ୬।୪(ସମିସ): ମନ୍ଦିରମାନଙ୍କର ସମୂହ ହେଉଛି ରାଜଧାନୀ। ପ୍ରତି ଛକ, ପ୍ରତି ଗଳିରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ଏହା କେବଳ ଐତିହ୍ୟ କିର୍ତ୍ତୀରାଜିର ମୂକ ସାକ୍ଷୀ ନୁହଁ ବରଂ ଲୋକଙ୍କ ଆଧ୍ୟାତ୍ମିକ ଭାବନା ସହ ମଧ୍ୟ ଜଡିତ। ଓଡ଼ିଶା ଇତିହାସର ଏପରି ଏନେକ ଗୌରବମୟ ଅତୀତକୁ ଛାତିରେ ଧରି ରଖିଛି ଏହି ସହର। ଓଡ଼ିଶାର ନା ଉଠିଲେ ଆଗ ମନେପଡେ ଏଠାରେ ରହିଥିବା ପୁରାତନ ଐତ୍ୟସ୍ଥଳୀ। ସେଥିମଧ୍ୟରୁ ଚତୁର୍ଦ୍ଦଶ ଶତାବ୍ଦୀର ମଙ୍ଗଳେଶ୍ୱର ମନ୍ଦିର ଅନ୍ୟତମ। ଯାହା କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମାଣ କରାଯାଇଛି।

ଏହି ମଙ୍ଗଳେଶ୍ୱର ମନ୍ଦିର ଲିଙ୍ଗରାଜ ମନ୍ଦିର ପଛପାଖରେ ରହିଛି। ମନ୍ଦିରରେ ପ୍ରଭୁ ଶିବଙ୍କୁ ପୂଜା କରାଯାଇଥାଏ। ଏହା କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମିତ ହୋଇଥିବା କୁହାଯାଏ। ଏହା ଏକ ଜୀବନ୍ତ ମନ୍ଦିର ବୋଲି ଶ୍ୱାସ ରହିଛି। ମନ୍ଦିରର ଏକ ବିମାନ ଏବଂ ଜଗମୋହନ ରହିଛି। ଏଠାରେ ସଂକ୍ରାନ୍ତି, ଶିବରାତ୍ରି ଏବଂ ଜଳଅଭିଷେକ ଆଦି ପାଳନ କରାଯାଇଥାଏ। କିମ୍ବଦନ୍ତୀ ଅନୁଯାୟୀ ଏଠାରେ ନବ ବିବାହିତ ଦମ୍ପତି ପୂଜାର୍ଚ୍ଚନା କଲେ ବାବା ମଙ୍ଗଳେଶ୍ୱରଙ୍କ ଆଶୀର୍ବାଦ ସଦାସର୍ବଦା ଦମ୍ପତିଙ୍କ ଉପରେ ରହିଥାଏ ଏବଂ ସାଂସାରିକ ଜୀବନ ଫଳପ୍ରଦ ହୁଏ ବୋଲି ମାନ୍ୟତା ରହିଛି। ତେଣୁ ଏହି ମନ୍ଦିରକୁ ଅଧିକାଂଶ ନିଜ ବାହାଘର ପାଇଁ ପ୍ରଥମ ନିମନ୍ତ୍ରଣ ପତ୍ର ମଙ୍ଗଳେଶ୍ୱରଙ୍କ ନିକଟରେ ଦେଇଥାନ୍ତି ବୋଲି ପୂଜାରୀଙ୍କଠୁ ଜାଣିବାକୁ ମିଳିଥିଲା।

## ଏବେ କେମିତି ରହିଛି

କୌଣସି କାରଣବସତଃ ଏହି ମନ୍ଦିରଟି କିଛି ବର୍ଷ ଧରି ବନ୍ଦ ରହିଥିଲା। ପରେ ପରେ ଏହାର ପୁନଃଉଦ୍ଧାର କରାଯାଇ ପୂଜାର୍ଚ୍ଚନା ଆରମ୍ଭ କରାଗଲା। ବଣ ଜଙ୍ଗଲରେ ଭର୍ତ୍ତି ହୋଇଥିବା ଏହି ମନ୍ଦିରଟିର ବର୍ତ୍ତମାନ ସ୍ଥିତି କିଛି ମାତ୍ରାରେ ସୁଧୁରିଥିଲେ ହେଁ, ପୁରାତନ ମନ୍ଦିର ହୋଇଥିବାରୁ ଏହା ଅଧିକ ରକ୍ଷଣାବେକ୍ଷଣ ଆବଶ୍ୟକ କରୁଛି। ମନ୍ଦିରରେ ରଙ୍ଗ ବଦଳିବା ସହ ମନ୍ଦିରର ଉପର ଭାଗରେ ଗଛଲତା ମାଡିଲେଣି। ସେହିପରି ମନ୍ଦିରର କୌଣସି ସ୍ୱତନ୍ତ୍ର ରୋଷଘର ନାହିଁ, ହେଲେ ମନ୍ଦିରର ପରିସରରେ ଛାତ ନଥିବା ଅଧାଖଣ୍ଡିଆ ହୋଇ ପଡ଼ିଥିବା ଏକ ଗୃହରେ ରୋଷେଇ ହେଉଥିବା ପରିଲକ୍ଷିତ ହେଉଛି। ଏହାଛଡା ମନ୍ଦିରକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ପାଣି ବ୍ୟବସ୍ଥା ସହ ପୂଜା ହେଉଥିବା ପାଣିର ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ରହିଥିବା ଦେଖିବାକୁ ମିଳୁଛି।

# ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନର ପ୍ରତିନିଧି

ଭୁବନେଶ୍ୱର, ୬।୪(ସମିସ): ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନର ଏକ ରାଜ୍ୟସ୍ତରୀୟ ପ୍ରତିନିଧି ମଣ୍ଡଳୀ ସୋମବାର ଅପରାହ୍ନରେ ରାଜ୍ୟର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ସାକ୍ଷାତ କରି ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଗଠନର ରାଜ୍ୟ ଅଧକ୍ଷ ରବି ରଥଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଉପସଭାପତି ସ୍ୱଦେଶ ଚନ୍ଦ୍ର ଦାସ, ଡ. ଜୀବନ କୁମାର ଦୀକ୍ଷିତ ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ଗୁଡ଼ିକ ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଅନ୍ୟ ରାଜ୍ୟ ଭଳି ସାମ୍ବାଦିକୟଙ୍କୁ ପେନସନ, ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ରଗୁଡ଼ିକୁ ରାଜଧାନୀରେ କାର୍ଯ୍ୟାଳୟ ନିମନ୍ତେ ସରକାରୀ ଗୃହ ପ୍ରଦାନ, ସରକାରୀ ସ୍ୱୀକୃତି ନିମନ୍ତେ ପଡ଼ି ରହିଥିବା ସମ୍ବାଦପତ୍ରଗୁଡ଼ିକୁ ସ୍ୱୀକୃତି ଦେବା ପାଇଁ ଏହି ପ୍ରତିନିଧି ମଣ୍ଡଳୀ ଆଲୋଚନା କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୩.୧୧
- ପାଉଣ୍ଡ ୧୨୩.୦୦
- ୟୁରୋ ୧୦୭.୨୮
- ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୮,୧୦୦ (ଭୁବନେଶ୍ୱର)
- ରୁପା : ୨,୫୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୪,୧୦୬.୦୦
- ନିଫ୍ଟି ୨୨,୯୬୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



ଏଲ୍‌ପିଜି ସଙ୍କଟ ଭୟଙ୍କର

# ଘରମୁହାଁ ପ୍ରବାସୀ ଶ୍ରମିକ

## ସୁରତ, ବେଙ୍ଗାଲୁରୁରୁ ଫେରୁଛନ୍ତି ଓଡ଼ିଆ ଶ୍ରମିକ

■ ଭୁବନେଶ୍ୱର, ୬।୪ (ସମିସ): କୋଭିଡ୍ ମହାମାରୀ ପରେ ଏବେ ପ୍ରବାସୀ ଶ୍ରମିକଙ୍କୁ ଲାଗିଛି ଆଉ ଏକ ବଡ଼ ଝଟ୍‌କା। ସେତେବେଳେ କୋଭିଡ୍ ପ୍ରବାସୀଙ୍କ ପାଇଁ ବଡ଼ ଆହ୍ୱାନ ପାଲଟିଥିବାବେଳେ ଏବେ ଏଲ୍‌ପିଜି ସଙ୍କଟ ବଡ଼ ସମସ୍ୟା ଆଣିଛି। ମଧ୍ୟପ୍ରାଚ୍ୟ ଅସ୍ଥିରତାରେ ଦେଖାଦେଇଥିବା ଏଲ୍‌ପିଜି ସିଲିଣ୍ଡର ଯୋଗାଣ ଜନିତ ଅଭାବ ପ୍ରବାସୀ ଶ୍ରମିକମାନଙ୍କୁ ଘରମୁହାଁ କରିଛି। ଏଥିରେ ଦେଶର ବଡ଼ ବଡ଼ ସହରକୁ ରୋଜଗାର ଆଶରେ ଯାଇଥିବା ହଜାର ହଜାର ସଂଖ୍ୟାରେ ଶ୍ରମିକ ଶ୍ରେଣୀର ଲୋକେ ଏବେ ସବୁ କାମ ଧନ୍ଦା ଛାଡି ନିଜ ଭିଟାମାଟିକୁ ଫେରୁଛନ୍ତି। କେବଳ ମୁମ୍ବଇ, ଦିଲ୍ଲୀ, ଚେନ୍ନଇ କି କୋଲକାତାରେ ନୁହେଁ; ଓଡ଼ିଶାରେ ମଧ ଏଭଳି ସ୍ଥିତି ଦେଖିବାକୁ ମିଳିଲାଣି। ଏଲ୍‌ପିଜି ସିଲିଣ୍ଡର ନ ମିଳିବା ଯୋଗୁଁ ଶ୍ରମିକମାନେମହାନଗର ଛାଡିବାକୁ ବାଧ ହେଉଛନ୍ତି। ଏଭଳି ସ୍ଥିତିରେ ସୁରତ ଏବଂ ବେଙ୍ଗାଲୁରୁରୁ ଅନେକ ସଂଖ୍ୟାରେ ଓଡ଼ିଆ ଶ୍ରମିକ ଏବେ ଘରକୁ ଫେରୁଛନ୍ତି, ଯାହା ଆଗାମୀ ଦିନରେ ରାଜ୍ୟେ ଏକ ଗମ୍ଭୀର ବେକାରି ସମସ୍ୟା ସୃଷ୍ଟି କରିବାକୁ ଯାଉଛି।

ଫେବୃଆରୀ ଶେଷ ଭାଗରେ ଆରମ୍ଭ ହୋଇଥିବା ଇରାନ୍ ଯୁଦ୍ଧ ବର୍ତ୍ତମାନ ଏଲପିଜି ସଙ୍କଟକୁ ଆହୁରି ତୀବ୍ର କରିଛି। ପଶ୍ଚିମ ଏସିଆରେ ସଂଘର୍ଷ ଯୋଗୁଁ ଦେଶରେ ଗ୍ୟାସ୍ ଯୋଗାଣ କ୍ଷେତ୍ରରେ ଏକ ଗୁରୁତର ସଙ୍କଟ ଦେଖାଦେଇଛି। ଏଥିଯୋଗୁଁ ସାରା ଦେଶରେ ରେସ୍ତୋରାଁ ଏବଂ ହୋଟେଲଗୁଡ଼ିକ ଧୀରେ ଧୀରେ ବନ୍ଦ ହେବାରେ ଲାଗିଛି। ଏହାର ଜ୍ୱଳନ୍ତ ଉଦାହରଣ ନୂଆଦିଲ୍ଲୀ, ମୁମ୍ବଇ ଏବଂ ବେଙ୍ଗାଲୁରୁ ରେଳ ଷ୍ଟେସନକୁ ଦେଖିଲେ ଅନୁମାନ କରାଯାଇପାରିବ। ଷ୍ଟେସନ୍‌ରେ ହଜାର ହଜାର ସଂଖ୍ୟାରେ ପ୍ରବାସୀ ଶ୍ରମିକ ଘରକୁ ଫେରିବାକୁ ଟ୍ରେନ୍ ପାଇଁ ଅପେକ୍ଷାରତ। ଦିଲ୍ଲୀରୁ ଉତ୍ତର ପ୍ରଦେଶ, ଓଡ଼ିଶା, ବିହାର, ହରିୟାଣା, ପଞ୍ଜାବ, ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ଆଦି ରାଜ୍ୟକୁ ଘର ଫେରନ୍ତା ଶ୍ରମିକଙ୍କ ସୁଅ ଛୁଟିଛି। ସେହିପରି ସୁରତ ଏବଂ ବେଙ୍ଗାଲୁରୁରୁ ଅନେକ ସଂଖ୍ୟାରେ ଓଡ଼ିଆ ଶ୍ରମିକ ଜାଳେଣି ସମସ୍ୟା ଯୋଗୁଁ ଘରକୁ ଫେରୁଛନ୍ତି। ରାଜ୍ୟର ବ୍ରହ୍ମପୁର, ଗଜପତି, ଖୋର୍ଦ୍ଧା ଏବଂ କଟକ ଜିଲାରୁ ବହୁସଂଖ୍ୟକ ଶ୍ରମିକ କାମ ଛାଡି ଘରକୁ ଫେରୁଥିବାବେଳେ କେନ୍ଦ୍ରାପଡା, ଜଗତ୍‌ସିଂହପୁର,ଯାଜପୁର ଏବଂ ଭଦ୍ରକ ଜିଲାରୁ

### ଛାତ୍ରଛାତ୍ରୀଙ୍କଠାରୁ ବ୍ୟାଚେଲର ସମସ୍ତେ ଅକଳରେ

ଶ୍ରମିକମାନେ ବେଙ୍ଗାଲୁରୁରୁ ନିଜ ବାସସ୍ଥାନକୁ ଫେରିବାରେ ଲାଗିଛନ୍ତି। ଶ୍ରମିକମାନଙ୍କ କହିବାନୁଯାୟୀ, ଏକ ୧୪.୨ କିଲୋଗ୍ରାମ ଓଜନର ଏଲପିଜି ସିଲିଣ୍ଡର ମୂଲ୍ୟ ଏବେ କଳାବଜାରରେ କିଲୋଗ୍ରାମ ପିଛା ପ୍ରାୟ ୫୦୦୦ ଟଙ୍କା ଉପରେ ବିକ୍ରି ହେଉଛି। ଯାହାଫଳରେ ନିମ୍ନ ଆୟକାରୀ ଦୈନିକ ମଜୁରିଆ ଶ୍ରମିକଙ୍କ ପାଇଁ ଏହା କିଣିବା କଷ୍ଟକର ହୋଇପଡ଼ିଛି।

ଫେବୃଆରୀ ଶେଷ ଭାଗରେ ଆରମ୍ଭ ହୋଇଥିବା ଇରାନରେ ଯୁଦ୍ଧ ଦ୍ୱାରା ଏଲପିଜି ସଙ୍କଟ ଆହୁରି ତୀବ୍ର ହୋଇଛି ଏବଂ ବର୍ତ୍ତମାନ ଏହା ପଞ୍ଚମ ସପ୍ତାହରେ ପହଞ୍ଚିଛି। ପ୍ରବାସୀ ଶ୍ରମିକଙ୍କ ବ୍ୟତୀତ ବାହାର ସହରଗୁଡିକରେ ରହିଥିବା ଅନେକ ଛାତ୍ରଛାତ୍ରୀ ଏବଂ



ଚାକିରିଆ ବ୍ୟାଚେଲରଙ୍କ ଅବସ୍ଥା କହିଲେ ନ ସରେ। କେଉଁଠି ଶିକ୍ଷାନୁଷ୍ଠାନର କ୍ୟାଣ୍ଟିନ୍ ବନ୍ଦ ତ କେଉଁଠାରେ ହୋଟେଲ ବନ୍ଦ। ନିଜସ୍ୱ ରୋଷେଇ ବ୍ୟବସ୍ଥା କରି ନ ଥିବା ଏହି ପାଠପଢ଼ା ପିଲା ଏବଂ ପ୍ରଫେସନାଲମାନେ ରନ୍ଧନ ଗ୍ୟାସ୍‌ର ଅଭାବ ଯୋଗୁଁ ନିଜ ନିଜର ଘରକୁ ଫେରି ଆସୁଛନ୍ତି। ଉତ୍ତର ପ୍ରଦେଶଗାମୀ କାମାୟନୀ ଏକ୍ସପ୍ରେସ୍, ବିହାରଅଭିମୁଖୀ ଲୋକମାନ୍ୟ ତିଳକ ଟର୍ମିନସ୍-ରାଜଗିର ଏକ୍ସପ୍ରେସ୍ ,ଓଡ଼ିଶା ଆସୁଥିବା ପୁରୀ-ଅହମ୍ମଦାବାଦ୍ ସୁପରଫାଷ୍ଟ ଏବଂ ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍ ଏବଂ ପଶ୍ଚିମବଙ୍ଗ ଅଭିମୁଖୀ ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍-ହାୱଡା ମେଲ୍ ଭଳି ଟ୍ରେନ୍‌ରେ ବହୁ ସଂଖ୍ୟାରେ ଯାତ୍ରୀ ନିଜ ଭିଟାମାଟିକୁ ଫେରୁଥିବା ଦେଖିବାକୁ ମିଳୁଛି। ଏହାଛଡା ଅନିୟମିତ ଗ୍ୟାସ୍ ଯୋଗାଣ ଯୋଗୁଁ ବଡ଼ ବଡ଼ ସହରରେ ରେସ୍ତୋରାଁ ଏବଂ ହୋଟେଲ ବନ୍ଦ ହୋଇଯାଉଥିବାରୁ ସେଠାରେ କାମ କରୁଥିବା ହଜାର ହଜାର ସଂଖ୍ୟାରେ ଲୋକ ଅନିଶ୍ଚିତତାର ସମ୍ମୁଖୀନ ହୋଇ ବର୍ତ୍ତମାନ ସେମାନଙ୍କ ଗାଁକୁ ଫେରିଆସୁଛନ୍ତି। ଶ୍ରମିକମାନେ କହିଛନ୍ତି ଯେ ଚାକିରି ଉପଲବ୍ଧ ଥିଲେ ମଧ ଚଢ଼ାଦରରେ ରୋଷେଇ ଗ୍ୟାସ୍ କିଣିବା ସେମାନଙ୍କ ସାଧ ବାହାରେ ହୋଇଯାଉଛି। ତେଣୁ ବାହାରେ ଖାଇବା ବହୁତ ମହଙ୍ଗା ହେବା ଯୋଗୁଁ ସେମାନେ ସହର ଛାଡିବାକୁ ବାଧ ହେଉଛନ୍ତି।

# ଏଲ୍‌ପିଜି ଓ ପିଏନ୍‌ଜି ଟିକସମୁକ୍ତ କରିବାକୁ ଦାବି

ନୂଆଦିଲ୍ଲୀ, ୬।୪ (ଏଜେନ୍ସି): ବର୍ଦ୍ଧିତ ମୁଦ୍ରାସ୍ଫୀତି ଏବଂ ଗ୍ୟାସ ସଙ୍କଟ ମଧ୍ୟରେ ଏଲ୍‌ପିଜିରୁ ଜିଏସ୍‌ଟି ଏବଂ ପିଏନ୍‌ଜି (ପାଇପ୍ ପ୍ରାକୃତିକ ଗ୍ୟାସ) ଉପରୁ ଭାଟ୍ ଉଚ୍ଛେଦ କରିବାକୁ ଦାବି ଜୋର ଧରିଛି। ଏହି ଦୁଇ ଇନ୍ଧନ ସାଧାରଣ ଲୋକ ଏବଂ ବ୍ୟବସାୟୀମାନଙ୍କୁ ଆଶ୍ୱସ୍ତି ଦେବ ଏବଂ ବର୍ଦ୍ଧିତ ଶକ୍ତି ଖର୍ଚ୍ଚ ହ୍ରାସ କରିବ। ଭାରତରେ ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଏବଂ ଗ୍ୟାସ ଅଭାବ ମଧ୍ୟରେ ଟିକସ ମୁକ୍ତ ପିଏନ୍‌ଜି ଏବଂ ଏଲ୍‌ପିଜି ପାଇଁ ଦାବି ତୀବ୍ର ହୋଇଛି। ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (ସିଟିଆଇ)ର ଅଧ୍ୟକ୍ଷ ବ୍ରିଜେଶ ଗୋୟଲ ଏହି ଦୁଇଟି ଇନ୍ଧନ ଉପରେ ଟିକସ ଉଚ୍ଛେଦ କରିବାକୁ ଦାବି କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଚିଠି ଲେଖିଛନ୍ତି।

ସିଟିଆଇ କହିଛି ଯେ ଏଲ୍‌ପିଜିଏବଂ ପିଏନ୍‌ଜି ଉପରେ ବର୍ତ୍ତମାନର ଟିକସ ସାଧାରଣ ଲୋକ ଏବଂ ବ୍ୟବସାୟ ଉପରେ ଅତିରିକ୍ତ ବୋଝ ପକାଉଛି। ବର୍ତ୍ତମାନ, ଘରୋଇ ଏଲ୍‌ପିଜି ଉପରେ ୫% ଜିଏସ୍‌ଟି ଲାଗୁ ହୁଏ, ଯେତେବେଳେ ବାଣିଜ୍ୟିକ ଏଲ୍‌ପିଜି ଉପରେ ୧୮% ଜିଏସ୍‌ଟି ଲାଗୁ କରାଯାଉଛି। ତଥାପି, ପିଏନ୍‌ଜି ଜିଏସ୍‌ଟି ମୁକ୍ତ କିନ୍ତୁ ବିଭିନ୍ନ ରାଜ୍ୟରେ ଭାଟ୍ ୩%ରୁ ୧୪.୫% ପର୍ଯ୍ୟନ୍ତ ଲାଗୁ କରାଯାଉଛି। ପିଏନ୍‌ଜିରେ ଦିଲ୍ଲୀରେ ୫% ଭାଟ୍ ରହିଛି। ସିଟିଆଇ ଅଧିକାରୀଙ୍କ ଅନୁଯାୟୀ, ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଏବଂ ଉତ୍ତେଜନା ବିଶ୍ୱ ତୈଳ ଏବଂ ଗ୍ୟାସ ଯୋଗାଣକୁ ପ୍ରଭାବିତ କରିଛି। ଏହି ପ୍ରଭାବ ଭାରତରେ ମଧ ଅନୁଭୂତ ହେଉଛି, ଯେଉଁଠାରେ ଏଲପିଜି ଅଭାବ ବୃଦ୍ଧି ପାଉଛି ଏବଂ ଲୋକମାନେ ଦ୍ରୁତ ଗତିରେ ପିଏନ୍‌ଜିକୁ ସ୍ଥାନାନ୍ତରିତ ହେଉଛନ୍ତି। ଏହାର ପ୍ରଭାବରେ ଦିଲ୍ଲୀରେ ପିଏନଜି ସଂଯୋଗର ଚାହିଦାରେ ଏକ ଉଲ୍ଲେଖନୀୟ ବୃଦ୍ଧି ଦେଖିବାକୁ ମିଳିଛି। ଫେବୃଆରୀରେ ପ୍ରତିଦିନ ପ୍ରାୟ ୬୮୬ ଟି ନୂତନ ସଂଯୋଗ ଦିଆଯାଇଥିବାବେଳେ, ମାର୍ଚ୍ଚ ମାସରେ ଏହି ସଂଖ୍ୟା ପ୍ରତିଦିନ ପ୍ରାୟ ୨୦୦୦ କୁ ବୃଦ୍ଧି ପାଇଛି। ଅପରପକ୍ଷେ ରାଜଧାନୀରେ ପୂର୍ବରୁ ପ୍ରାୟ ୫.୬ ନିୟୁତ ଘରୋଇ ଏଲପିଜି ସଂଯୋଗ ରହିଛି।

### ଘରୋଇ ଏଲ୍‌ପିଜି ୫%, ବାଣିଜ୍ୟିକ ଏଲ୍‌ପିଜିରେ ୧୮% ଜିଏସ୍‌ଟି

ଶ୍ରୀ ଗୋୟଲ ତାଙ୍କ ପତ୍ରରେ ଦାବି କରିଛନ୍ତି ଯେ ଏଲପିଜି ଉପରେ ଜିଏସ୍‌ଟି ଶୂନ୍ୟକୁ ହ୍ରାସ କରାଯାଉ ଏବଂ ପିଏନ୍‌ଜି ଉପରେ ଭାଟ୍ ସମ୍ପୂର୍ଣ୍ଣ ଭାବରେ ଉଚ୍ଛେଦ କରାଯାଉ। ସେ କହିଛନ୍ତି ଯେ ଏହା ସାଧାରଣ ଏବଂ ବ୍ୟବସାୟୀ ଉଭୟଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ ଏବଂ ଇନ୍ଧନ ଖର୍ଚ୍ଚ ହ୍ରାସ କରିବ। ଯଦି ସରକାର ଏହି ଦାବିକୁ ଗ୍ରହଣ କରନ୍ତି, ତେବେ ଗ୍ୟାସ ମୂଲ୍ୟ ଉପରେ ସିଧାସଳଖ ପ୍ରଭାବ ପଡ଼ିବ। ଏହା ପରିବାରଗୁଡ଼ିକର ବଜେଟ୍ ଉପରେ ଚାପ କମ୍ କରିବ ଏବଂ ଶିଳ୍ପ ପାଇଁ ଖର୍ଚ୍ଚ ହ୍ରାସ କରିବ। ଯେତେବେଳେ ବିଶ୍ୱରେ ଶକ୍ତି ସଙ୍କଟ ଗଭୀର ହେଉଛି, ଏହି ପଦକ୍ଷେପ ଲୋକଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିପାରିବ।

## ଆମେରିକାରେ ତେଲ ମହଙ୍ଗା

# କ୍ରୁଡ୍ ମୂଲ୍ୟ ୧୧୫ ଡଲାର ଟପିଲା

ନୂଆଦିଲ୍ଲୀ,୬।୪(ଏଜେନ୍ସି): ସୋମବାର ଏସୀୟ ଷ୍ଟକ୍ ବଜାରରେ ହ୍ରାସ ପରିଲକ୍ଷିତ ହୋଇଛି। କାରଣ ନିବେଶକମାନେ ଭୟ କରୁଛନ୍ତି ଯେ ଉପସାଗରୀୟ ବିବାଦ ଆହୁରି ଲମ୍ବିପାରେ। ଏହି ଉତ୍ତେଜନା ଯୋଗୁଁ ତେଲ ଦରରେ ତୀବ୍ର ବୃଦ୍ଧି ଘଟିଛି, ଯାହା ମୁଦ୍ରାସ୍ଫୀତି ଏବଂ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥାର ଆଶଙ୍କା ବଢ଼ାଇଛି। ଏହି ସମୟରେ ଦେଶରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୧୫ ଡଲାର ଅତିକ୍ରମ କରିଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଇରାନ ହର୍ମୁଜ୍ ପ୍ରଣାଳୀ ବନ୍ଦ କରିବା ଯୋଗୁ ବିଶ୍ୱ ବଜାର ପ୍ରଭାବିତ ହୋଇଛି। ବିଶେଷଜ୍ଞମାନେ ଆକଳନ କରୁଛନ୍ତି ଯେ ଏହି ସଂଘର୍ଷ ଜୁନ୍ ପର୍ଯ୍ୟନ୍ତ ଚାଲିପାରେ। ଏହି ଅବରୋଧ ଯୋଗୁଁ ତେଲ, ଗ୍ୟାସ, ସାର, ପ୍ଲାଷ୍ଟିକ୍, ଆଲୁମିନିୟମ୍ ଏବଂ ବିମାନ ଇନ୍ଧନର ମୂଲ୍ୟ ବୃଦ୍ଧି ପାଇଛି। ଏହା ବ୍ୟତୀତ, ଖାଦ୍ୟ, ଔଷଧ ଏବଂ ପେଟ୍ରୋକେମିକାଲ୍ସର ମୂଲ୍ୟ ମଧ ବୃଦ୍ଧି ପାଇପାରେ। ଏହା ବିଶେଷ ଭାବରେ ଏସୀୟ ଦେଶମାନଙ୍କ ପାଇଁ ଚିନ୍ତାଜନକ ବିଷୟ। କାରଣ ସେମାନେ ଶକ୍ତି ପାଇଁ ମଧ୍ୟପ୍ରାଚ୍ୟ ଉପରେ ଅତ୍ୟଧିକ ନିର୍ଭରଶୀଳ। ଜାପାନର ନିକେଇ ସୂଚକାଙ୍କ ହ୍ରାସର ସଙ୍କେତ ଦେଖାଉଛି, ଯେତେବେଳେ ଆମେରିକୀୟ ଷ୍ଟକ୍ ବଜାର ଫ୍ୟୁଚର୍ ମଧ ହ୍ରାସ ପାଇଛି।

ଆଜି ବିଶ୍ୱ ବଜାରରେ ବ୍ରେଣ୍ଟ ଅଶୋଧିତ ତୈଳ ବ୍ୟାରେଲ ପିଚା ୧୧୫ ଡଲାର ବା ୨.୪% ବୃଦ୍ଧି ପାଇଛି। ଚଳିତମାସରେ ଏଥିରେ ପ୍ରାୟ ୫୯% ବୃଦ୍ଧି ପାଇଛି। ଏହି ସମୟରେ, ଆମେରିକାର ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୧୦୨ ଡଲାର ଅତିକ୍ରମ କରିଛି। ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଯଦି ହର୍ମୁଜ୍ ପ୍ରଣାଳୀ ଦୀର୍ଘ ସମୟ ପାଇଁ ବନ୍ଦ ରହେ, ତେବେ ତେଲ



ଏବଂ ଗ୍ୟାସ ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ। ଯଦି ଏହି ପରିସ୍ଥିତି ଗୋଟିଏ ମାସ ପାଇଁ ଜାରି ରହେ, ତେବେ ତେଲ ବ୍ୟାରେଲ ପିଛା ୧୫୦ ଡଲାରରେ ପହଞ୍ଚିପାରେ। ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଭୟରେ ନିବେଶକମାନେ ଏବେ ଅନୁମାନ କରୁଛନ୍ତି ଯେ ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ସୁଧ ହାର କମାଇବା ପରିବର୍ତ୍ତେ ବୃଦ୍ଧି କିମ୍ବା କଠୋର କରିପାରେ। ଏହି ସପ୍ତାହରେ, ଆମେରିକାରେ ଖୁଚୁରା ବିକ୍ରୟ, କାରଖାନା ଉତ୍ପାଦନ ଏବଂ ଚାକିରି ସମ୍ପର୍କିତ ତଥ୍ୟ ପ୍ରକାଶିତ ହେବ, ଯାହା ଅର୍ଥନୀତିର ସ୍ଥିତି ବିଷୟରେ ଏକ ଧାରଣା ପ୍ରଦାନ କରିବ।

# ହୋଣ୍ଡା ମୋଟରସାଇକଲର ୧୦ ନିୟୁତ ବିକ୍ରି ମାଇଲଖୁଣ୍ଟ ହାସଲ

ଭୁବନେଶ୍ୱର,୬।୪: ଦୁଇ-ଚକିଆ ଯାନ ନିର୍ମାତା ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମଏସଆଇ) ପୂର୍ବାଞ୍ଚଳରେ ମୋଟ ୧୦ ନିୟୁତ ବିକ୍ରି ମାଇଲଖୁଣ୍ଟ ହାସଲ କରିଛି, ଯାହା ପଶ୍ଚିମବଙ୍ଗ, ବିହାର, ଓଡ଼ିଶା, ଝାଡଖଣ୍ଡ ଏବଂ ଉତ୍ତର- ପୂର୍ବାଞ୍ଚଳ ରାଜ୍ୟସମୂହ ସମେତ ସମସ୍ତ ପ୍ରମୁଖ ବଜାରଗୁଡିକରେ ଏହାର ଅଭିବୃଦ୍ଧି ଯାତ୍ରାରେ ଏକ ଉଲ୍ଲେଖନୀୟ ଅଧ୍ୟାୟ ହୋଇଛି। ଏହି ଉଲ୍ଲେଖନୀୟ ସଫଳତା ଉଭୟ ମେଟ୍ରୋ ସହର ଏବଂ ନୂତନ ଅର୍ଦ୍ଧ-ସହରାଞ୍ଚଳ ବଜାରଗୁଡିକରେ ମଜଭୁତ ଓ ସ୍ଥିର ସମ୍ପ୍ରସାରଣକୁ ପ୍ରତିଫଳିତ କରୁଛି, ଯେଉଁଠାରେ ଦୁଇ-ଚକିଆ ଯାନଗୁଡିକ ଦୈନନ୍ଦିନ ଗମନା ଗମନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। କୋଲକାତା, ପାଟନା, ରାଞ୍ଚି, ଭୁବନେଶ୍ୱର ଏବଂ ଗୁଆହାଟି ଭଳି ସମସ୍ତ ପ୍ରମୁଖ ସହରଗୁଡିକର ସମର୍ଥନରେ ଏହି ଅଭିବୃଦ୍ଧିରେ ପଶ୍ଚିମବଙ୍ଗ ଏବଂ ବିହାର ମୁଖ୍ୟ ଅବଦାନ ରଖିଛନ୍ତି। ଏଚଏମଏସଆଇର ଉତ୍ପାଦ ବର୍ଗମାଳା ଏହି ଅଭିବୃଦ୍ଧିରେ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିଛି। ସ୍କୁଟରଗୁଡିକ ମଧ୍ୟରେ ଆକ୍ଟିଭା ଏବଂ ଡିଓ ମଜଭୁତ ଗ୍ରହଣୀୟତା ହାସଲ କରିଛି ଏବଂ ସେହି ସମୟରେ ମୋଟରସାଇକଲ ବର୍ଗରେ ଏସପି୧୨୫ ଏବଂ ଶାଇନ୧୨୫ ଏହି ଅଂଚଳରେ ମୋଟ ବିକ୍ରିରେ ଉଲ୍ଲେଖନୀୟ ଅବଦାନ ରଖିଥିବା ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆର ଡାଇରେକ୍ଟର-ସେଲସ୍ ଆଣ୍ଡ ମାର୍କେଟିଂ ମୁସୁଓ ଉସୁଇ କହିଛନ୍ତି।

# କୋଲ୍ ଗ୍ୟାସିଫିକେସନ ମାଧ୍ୟମରେ ସ୍ୱଦେଶୀ କୋଇଲା ବ୍ୟବହାରରେ ଆଗରେ ଜିନ୍ଦଲ ଷ୍ଟିଲ୍

ଭୁବନେଶ୍ୱର, ୬।୪(ଏଜେନ୍ସି): ଜିନ୍ଦଲ ଷ୍ଟିଲ୍ ଉନ୍ନତ କୋଇଲା ଗ୍ୟାସିଫିକେସନ୍ ମାଧ୍ୟମରେ ସ୍ୱଦେଶୀ କୋଇଲା ବ୍ୟବହାରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି, ଯାହା ଭାରତର ଶକ୍ତି ସୁରକ୍ଷାକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିବା ସହିତ କମ୍-କାର୍ବନ ଇସ୍ପାତ ଉତ୍ପାଦନକୁ ସକ୍ଷମ କରିଛି। ବିଶ୍ୱର ପ୍ରଥମ କମ୍ପାନି ଭାବେ ଜିନ୍ଦଲ ଷ୍ଟିଲର ଭାରତରେ କୋଲ ଗ୍ୟାସିଫିକେସନ ଆଧାରିତ ଡାଇରେକ୍ଟ ରେଡ୍ୟୁସଡ ଆଇରନ୍ (ଡିଆରଆଇ) ପ୍ଲାଣ୍ଟ ସ୍ଥାପନ ସହ ଇସ୍ପାତ ପ୍ରସ୍ତୁତି ପାଇଁ ସିନ-ଗ୍ୟାସର ବ୍ୟବହାର କରୁଛି।



ପ୍ରାକୃତିକ ଗ୍ୟାସ, ଏଲପିଜି ଓ ପ୍ରୋପେନର କମ୍ ଉପଲବ୍ଧତା ପରିସ୍ଥିତିରେ ଗାଲଭାନାଇଜିଂ ଓ କଲର୍ କୋଟିଂ ଲାଇନ୍ ଫର୍ନେସ୍‌ରେ ଜିନ୍ଦଲ ଷ୍ଟିଲ ସିନ୍-ଗ୍ୟାସର ସଫଳ ବ୍ୟବହାର କରିଛି। ଇସ୍ପାତ ଶିଳ୍ପରେ ଏପରି ବ୍ୟବହାର ପ୍ରଥମ ଥର ପାଇଁ ହୋଇଛି। ଏହା ଇନ୍ଧନ ଅଭାବକୁ ମୁକାବିଲା କରିବାରେ କମ୍ପାନିକୁ ସହାୟକ ହୋଇଛି। ଜିନ୍ଦଲ ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ. ବିଜୁ ନାୟାର କହିଛନ୍ତି, ସ୍ୱଦେଶୀ କୋଇଲାରୁ ଉତ୍ପାଦିତ ସିନ୍-ଗ୍ୟାସ ବିଦେଶରୁ ଆମଦାନି ହେଉଥିବା ମେଥାନଲ, ଆମୋନିଆ, ଆମୋନିୟମ ନାଇଟ୍ରେଟ ଓ ଏଲଏନଜିର ସ୍ଥାନ ପୂରଣ କରିପାରିବ । ଦେଶର ପ୍ରଗତି ଓ ବିଦେଶୀ ମୁଦ୍ରାଭଣ୍ଡାରକୁ ମଜଭୁତ କରିବା ପାଇଁ, ଦେଶରେ ମହଜୁଦ ବିଶାଳ କୋଇଲା ଭଣ୍ଡାରର ସଠିକ ଉପଯୋଗ ହେବା ଆବଶ୍ୟକ।

# ସେଭିଂ ଅଭିଜ୍ଞତାକୁ ଏକ ନୂଆ ରୂପ ଦେଉଛି ଜିଲେଟ୍

ମୁମ୍ବଇ, ୬।୪ (ଏଜେନ୍ସି): ଭାରତୀୟ ଯୁବପିଢ଼ୀଙ୍କୁ ଉନ୍ନତମାନର ଗ୍ରୁମିଂ ଉପରକୁ ପ୍ରଦାନ କରିବା ପ୍ରତିଶ୍ରୁତିକୁ ଦୋହରାଇ, ଜିଲେଟ୍ ପକ୍ଷରୁ ଅଭିଷେକଶର୍ମାଙ୍କୁ ନେଇ ଏକ ନୂତନ ଅଭିଯାନ ମାଧ୍ୟମରେ ଅଲ-ନିଉ ଜିଲେଟ୍‌ଗାଡର୍ ୩-ଇନ-୧ର ଶୁଭାରମ୍ଭ କରାଯାଇଛି। ଗାଡର୍ ୩-ଇନ-୧ ହେଉଛି ଭାରତୀୟ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଏକ ଉଚ୍ଚ-କ୍ଷମତାସମ୍ପନ୍ନ ଅପଗ୍ରେଡ଼। ଏହି ନୂତନତ୍ୱର ମୁଖ୍ୟ ଚେହେରା ଭାବେ ଅଭିଷେକ 'ବଡେ ଲିଗ୍ କା ଶେଭ୍' ଅଭିଯାନରେ ନଜର ଆସିଛନ୍ତି, ଯାହା ନୂତନ ପିଢ଼ୀର ପୁରୁଷମାନଙ୍କୁ ସାଧାରଣ ସେଭିଂରୁ ଉର୍ଦ୍ଧ୍ୱକୁ ଯାଇ ଏକ ଆତ୍ମବିଶ୍ୱାସୀ ଓ ଉନ୍ନତ ଗ୍ରୁମିଙ୍ଗ ଅଭିଜ୍ଞତା ଆପଣାଇବାକୁ ଉତ୍ସାହିତକରୁଛି। ଜିଲେଟ୍ ଗାଡର୍ ୩-ଇନ-୧ ହେଉଛି ଯୁବ ଭାରତର ଆକାଂକ୍ଷାର ଏକ ପ୍ରତିଫଳନ-ସେହି ପୁରୁଷମାନଙ୍କ ପାଇଁ ଯେଉଁମାନେ "ଚଳିବ ବୋଲି" ସାଧାରଣ ସମାଧାନରୁ ବାହାରି ଏକ ଉନ୍ନତ ଗ୍ରୁମିଙ୍ଗ ଅଭିଜ୍ଞତା ଚାହୁଁଛନ୍ତି। ଅଭିଷେକ ଶର୍ମାଙ୍କ ନେତୃତ୍ୱରେ ଏହି ଅଭିଯାନ ଉତ୍ପାଦକୁ ପ୍ରଗତିର ଏକ ପ୍ରତିକଭାବରେ ଉପସ୍ଥାପିତ କରୁଛି, ଯାହା ଗ୍ରାହକଙ୍କୁ ଜୀବନର ବଡ଼ ସୁଯୋଗ ପାଇଁ ଆତ୍ମ ବିଶ୍ୱାସର ସହ ପ୍ରସ୍ତୁତ ରହିବାରେ ସାହାଯ୍ୟ କରିବ।

# ଦି ଇଣ୍ଟରଭ୍ୟୁ ଟାଇମ୍ସ 'ପକ୍ଷରୁ ରାଜ୍ୟ ସିଏସ୍‌ଆର କନକ୍ଲେଭ




ଭୁବନେଶ୍ୱର,୬।୪(ସମିସ): ଇଣ୍ଟରଭ୍ୟୁ ଟାଇମ୍ସ ପକ୍ଷରୁ ସିଏସ୍‌ଆର କନକ୍ଲେଭ -୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ପାଣିପାଗ ବିଭାଗର ଡେପୁଟି ଜେନେରାଲ ମୃତ୍ୟୁଞ୍ଜୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଏବଂ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ସ୍ୱତନ୍ତ୍ର ସମ୍ମାନିତ ଅତିଥି ,ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମର ସିଏମଡି ଶୁଭ୍ରାଂଶୁ ଶେଖର ଆଚାର୍ଯ୍ୟ, ସିଏସଆଇଆର-ଆଇଆଇଏମ୍‌ଟିର ନିର୍ଦ୍ଦେଶକ ରାମାନୁଜ ନାରାୟଣନ, ସମ୍ମାନିତ ଅତିଥି ଭାବେ ଇଫକୋ ପାରାଦ୍ୱିପ ୟୁନିଟ ମୁଖ୍ୟ ପି କେ ମହାପାତ୍ର, ଏସ୍ ଏନ୍ ଗ୍ରୁପ୍ ଏମ୍‌ଡି ପ୍ରବୋଧ ମହାନ୍ତି, ଅଧ୍ୟକ୍ଷ ଏଆରଏସ୍‌ଏସ୍ ଶୁବାଷିସ୍ ଅଗ୍ରଓ୍ୱାଲ, ଶ୍ରୀତୃପ୍ତି ବାଲାଜୀ ଗ୍ରୁପ ଏମ୍‌ଡି ବିନୋଦ କୁମାର ଅଗ୍ରଓ୍ୱାଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ବକ୍ତା ଆଇଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆଶିଷ ଘୋଷ ଯୋଗ ଦେଇଥିବାବେଳେ 'ଦି ଇରଭ୍ୟୁ ଟାଇମ୍ସ'ର ଗ୍ରୁପ ଏଡିଟର ଦିବ୍ୟଜିତ୍ ସାହୁ ସ୍ୱାଗତ ଭାଷଣ ଦେଇଥଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ରର ଡିଜି ମୃତ୍ୟୁଞ୍ଜୟ ମହାପାତ୍ର,ଅଧ୍ୟକ୍ଷ କିଟ୍ ଓ କିସ୍ ଅଚ୍ୟୁତ ସାମନ୍ତ, କଳିଙ୍ଗ ହସ୍ପିଟାଲର ଅଧ୍ୟକ୍ଷ ସୀତିକଣ୍ଠ ଦାସ୍, ପ୍ରତିଷ୍ଠାତା ଅଧ୍ୟକ୍ଷ ସିଓ୍ୱାଇଏସ୍‌ଡି ଡଃ ପ୍ରଫୁଲ୍ଲ କୁମାର ସାହୁଙ୍କୁ ଜୀବନ ବ୍ୟାପୀ ସାଧନା ପୁରସ୍କାର ସହ ୩୦ ଜଣଙ୍କୁ ସିଏସ୍‌ଆର ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ 'ଦି ଇଣ୍ଟରଭ୍ୟୁ ଟାଇମ୍ସ ଟାଇମ୍ସ'ର ସଦସ୍ୟ ଅରୁଣ କୁମାର ମାହାନା, ପ୍ରମୋଦ କୁମାର ଲେଙ୍କା ଓ ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ରାଜୀବ ନୟନ ରଥ ପ୍ରମୁଖ ଉପସ୍ଥିତ ଥିଲେ।

ବଢ଼ିଲା ମୁଦ୍ରାସ୍ଫୀତି

# ଇରାନ୍ ଯୁଦ୍ଧରେ ଦଣ୍ଡ ଗଣୁଛନ୍ତି ଆମେରିକାବାସୀ

## ଖାଦ୍ୟ ସାମଗ୍ରୀ ସହ ବିମାନ ଯାତ୍ରା ମହଙ୍ଗା

ନୂଆଦିଲ୍ଲୀ,୬।୪(ଏଜେନ୍ସି): ଇରାନ ବିରୋଧରେ ଜାରି ଯୁଦ୍ଧର ପ୍ରଭାବ ଏବେ ଆମେରିକାର ଅର୍ଥ ବ୍ୟବସ୍ଥା ଓ ଲୋକଙ୍କ ପକେଟ୍ ଉପରେ ପଡିବା ଆରମ୍ଭ କରିଦେଲାଣି। ଏଥିରେ ଇନ୍ଧନ ଦର ବୃଦ୍ଧି ଯୋଗୁ ଲୋକେ ଅଧିକ ଚାପ ଅନୁଭବ କରୁଛନ୍ତି। ଦେଶରେ ପେଟ୍ରୋଲ ଓ ଡିଜେଲ ଉଭୟ ମହଙ୍ଗା ହୋଇଯାଇଛି। ଫଳରେ ପରିବହନ, କୃଷି, ଉଦ୍ୟୋଗ ଗତିବିଧି ବାବଦ ବ୍ୟୟ ଦ୍ରୁତ ବଢିବାରେ ଲାଗିଛି। ଏଣୁ ଦେଶରେ ମୂଲ୍ୟ ବୃଦ୍ଧିର ପ୍ରଭାବ ସିଧା ନାଗରିକଙ୍କ ଉପରେ ପଡୁଛି। ଜେଟ୍ ଫୁଏଲ ମୂଲ୍ୟ ମଧ ଆକାଶ ଛୁଆଁ ହେବା ଯୋଗୁ ଦେଶରେ ବିମାନ ଯାତ୍ରା ମହଙ୍ଗା ହୋଇଛି।

ଆମେରିକାରେ ପେଟ୍ରୋଲ ଏବଂ ଡିଜେର ଦର ଗତ କିଛି ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। କୃଷି, ନିର୍ମାଣ ଓ ଟ୍ରାନ୍ସପୋର୍ଟ ପାଇଁ ଦେଶରେ ଡିଜେଲର ଆବଶ୍ୟକାତ ଢେର ଅଧିକ। ଏଣୁ ଡିଜେଲ ମୂଲ୍ୟ ବୃଦ୍ଧିର ଏବେ ବ୍ୟାପକ ପ୍ରଭାବ ଦେଖାଯାଉଛି। ଇନ୍ଧନ ମୂଲ୍ୟ ବୃଦ୍ଧିର ପ୍ରଭାବ ବଡ଼ କର୍ପୋରେଟ ସଂସ୍ଥାଙ୍କ ଉପରେ ମଧ ପଡିଛି। ଇ-କମର୍ସ କମ୍ପାନୀ ଆମାଜନ ଏପ୍ରିଲ ୧୭ରୁ ତାଙ୍କର ଥାର୍ଡ ପାର୍ଟି ବିକ୍ରେତାଙ୍କ ଉପରେ ୩.୫% ଅତିରିକ୍ତ ଇନ୍ଧନ ଓ ଲଜିଷ୍ଟିକ୍ ଶୁଳ୍କ ଲଗାଇବାକୁ ନିଷ୍ପତ୍ତି ନେଇଛି। କମ୍ପାନୀର କହିବା କଥା ହେଉଛି ବର୍ଦ୍ଧିତ ମୂଲ୍ୟ ଏ ପର୍ଯ୍ୟନ୍ତ କମ୍ପାନୀ ବହନ କରିଆସୁଥିଲା। ହେଲେ ଏବେକା ପରିସ୍ଥିତିରେ ଆଉ ଖର୍ଚ୍ଚ ଭାର ବହନ ସମ୍ଭବ ନୁହେଁ। ସେହିପରି ଆମେରିକୀୟ ଡାକ ସେବା ପାର୍ସଲ ଓ ଏକ୍ସପ୍ରେସ ଡେଲିଭରୀ ଉପରେ ଅସ୍ଥାୟୀ ଇନ୍ଧନ ସରଚାର୍ଜ ଲଗାଇବାକୁ ପ୍ରସ୍ତୁତି କରୁଛି।

ଏହି ସମ୍ପୂର୍ଣ୍ଣ ସଙ୍କଟର ଏକ ବଡ଼ କାରଣ ହେଉଛି ହୋର୍ମୁଜ ପ୍ରଣାଳୀ ଅବରୋଧ ହେବା। ଏହି ସାମୁଦ୍ରିକ ମାର୍ଗ ଦେଇ ବିଶ୍ୱର ବିସ୍ତୃତ ଅଞ୍ଚଳକୁ ତୈଳ ଓ ଗ୍ୟାସ୍ ପହଞ୍ଚି ଥାଏ। ହେଲେ ଏବେ ଇରାନ କଟକଣା ଯୋଗୁ ଏହି ମାର୍ଗରେ ଯାତାୟାତ ବାଧିତ ହୋଇଛି। ବିଶେଷଜ୍ଞଙ୍କ କହିବା କଥା ହେଉଛି ଯଦି ଏହି ମାର୍ଗ ଦୀର୍ଘ ସମୟ ପର୍ଯ୍ୟନ୍ତ ଅବରୋଧ ରହେ ତେବେ ଯୋଗାଣ ଶୃଙ୍ଖଳା ଉପରେ ଗୁରୁତର ପ୍ରଭାବ ପଡିବ। ଏଥିରେ ଅର୍ଥନୀତିଜ୍ଞ ପରିବହନ ବାବଦ ବ୍ୟୟ ବଢିଲେ ଅନ୍ୟ ସାମଗ୍ରୀର ମୂଲ୍ୟ ମଧ ବଢିବ ବୋଲି ଚେତାବନୀ ଦେଇଛନ୍ତି। ଏଣୁ ଦେଶର ମୁଦ୍ରାସ୍ଫୀତି ବଢିପାରେ। ଆମେରିକାର ମୁଦ୍ରାସ୍ଫୀତି ହାର କିଛି ସମୟ ପର୍ଯ୍ୟନ୍ତ ନିୟନ୍ତ୍ରିତ ଥିଲା। ହେଲେ ତୈଳ ମୂଲ୍ୟ ବୃଦ୍ଧି ଓ ଯୁଦ୍ଧ ବାବଦ ଖର୍ଚ୍ଚ ବଢିଚାଲିବା ଦେଶର ଅର୍ଥନୀତିକୁ ପ୍ରଭାବିତ କରିଛି। ଏବେ ଯୁଦ୍ଧ ଆହୁରି ଦୀର୍ଘ ହୋଇପାରେ ବୋଲି ଆଶଙ୍କା କରାଯାଉଥିବା ବେଳେ ବିଶେଷଜ୍ଞମାନେ ଆଗାମୀ ସମୟରେ ମୁଦ୍ରାସ୍ଫୀତି ୪% ବା ତାଠୁ ଅଧିକ ହୋଇପରେ ବୋଲି ଆଶଙ୍କା କରୁଛନ୍ତି। ଏଣୁ ଦେଶରେ ସାଧାରଣ ଲୋକଙ୍କ ଆର୍ଥିକ ସମସ୍ୟା ଗୁରୁତର ହୋଇପାରେ ବୋଲି ଆକଳନ କରାଯାଉଛି।

### ୟୁରୋପକୁ ମୁଦ୍ରାସ୍ଫୀତି ବିପଦ

ୟୁରୋପରେ ମଧ ମୁଦ୍ରାସ୍ଫୀତି ବୃଦ୍ଧି ପାଇବାର ଆଶା କରାଯାଉଛି। ମାର୍ଚ୍ଚ ମାସରେ, ମୁଦ୍ରାସ୍ଫୀତି ୧.୯% ରୁ ୨.୭% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଶକ୍ତି ସଙ୍କଟ, ମହଙ୍ଗା ଋଣ ଏବଂ ପ୍ରତିରକ୍ଷା ଖର୍ଚ୍ଚ ବୃଦ୍ଧି ସରକାରଗୁଡ଼ିକ ଉପରେ ଆର୍ଥିକ ଚାପ ବୃଦ୍ଧି କରୁଛି। ଏହା ସରକାରୀ ବଣ୍ଡ ବଜାରକୁ ମଧ ପ୍ରଭାବିତ କରିଛି। ଆମେରିକୀୟ ଡଲାର ମଜବୁତ ହେଉଛି କାରଣ ଲୋକମାନେ ଏହାକୁ ଏକ ସୁରକ୍ଷିତ ନିବେଶ ବୋଲି ବିବେଚନା କରନ୍ତି। ଏହା ବ୍ୟତୀତ, ଆମେରିକା ଶକ୍ତି ରପ୍ତାନି କରେ, ଏହାକୁ ଅନ୍ୟ ଦେଶଗୁଡ଼ିକ ତୁଳନାରେ ଏକ ସୁବିଧା ପ୍ରଦାନ କରେ। ଜାପାନୀ ୟେନ୍ ଡଲାର ତୁଳନାରେ ଦୁର୍ବଳ ହୋଇଛି, ଯେତେବେଳେ ୟୁରୋ ଉଲ୍ଲେଖନୀୟ ଭାବରେ ମଜବୁତ ହୋଇନାହିଁ। ନିବେଶକମାନେ ଅଧିକ ସତର୍କ ରହୁଥିବାରୁ ସୁନାର ମୂଲ୍ୟ ତୁଳନାତ୍ମକ ଭାବରେ ସ୍ଥିର ରହିଛି।

### ସିପିସିବି ନୋଟିସ ପରେ କାର୍ଯ୍ୟାନୁଷ୍ଠାନ

# ସିଲ୍ ହେଲା ଶ୍ୟାମ ମେଟାଲିକ୍ସ

■ ପ୍ଲାଣ୍ଟ ସହ ୨୧ ଫର୍ଣ୍ଣେସ୍ ସିଲ୍
■ କମ୍ପାନୀକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ

ସମ୍ବଲପୁର, ୬।୪ (ସମିସ): ଶେଷରେ ସିଲ୍ ହୋଇଛି ରେଙ୍ଗାଲି ବ୍ଲକ୍ ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସ ଓ ଏନର୍ଜି ଲିମିଟେଡ୍। ପାଣି, ବାୟୁପ୍ରଦୂଷଣ ନିୟନ୍ତ୍ରଣ ଆଇନ ଉଲ୍ଲଂଘନ କରୁଥିବାରୁ କମ୍ପାନୀକୁ ସିଲ୍ କରାଯାଇଛି। ସମ୍ବଲପୁର ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡାଙ୍କ ନେତୃତ୍ୱରେ ଏନ୍‌ଫୋର୍ସମେଣ୍ଟ ଟିମ, ରେଙ୍ଗାଲ ତହସିଲଦାର କାର୍ଯ୍ୟାଳୟ ଅଧିକାରୀ ଓ ପୁଲିସ୍ ଉପସ୍ଥିତିରେ ପ୍ଲାଣ୍ଟରେ ତାଲା ପଡ଼ିଛି। କମ୍ପାନୀର ଫେରୋ ଆଲୋଏଜ୍ ପ୍ଲାଣ୍ଟ, ଡିଆରଆଇ କିଲ୍‌ନ, ଏସଏମ୍‌ଏସ୍ ଓ ପ୍ୟାଲେଟ୍ ପ୍ଲାଣ୍ଟଗୁଡ଼ିକୁ ସିଲ୍ କରାଯାଇଛି। ଏହାସହ ୟୁନିଟ୍ ଭିତରେ ଥିବା ସବ୍-ୟୁନିଟ୍‌ଗୁଡ଼ିକ ଓ ୨୧ଟି ଫର୍ଣ୍ଣେସ୍‌ଗୁଡ଼ିକ ମଧ୍ୟ ସିଲ୍ କରାଯାଇଛି।

ସୂଚନାନୁସାରେ, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପକ୍ଷରୁ ଶ୍ୟାମ ମେଟାଲିକ୍ସକୁ ବନ୍ଦ (କ୍ଲୋଜର୍) ପାଇଁ ମାର୍ଚ୍ଚ ୩୦ରେ ନୋଟିସ୍ ଆସିଥିଲା। ପାଣି, ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଉଲ୍ଲଂଘନ କରୁଥିବାରୁ ନୋଟିସ୍ ଜାରି ହୋଇଥିଲା। କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଓଡ଼ିଶା ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷ, ସମ୍ବଲପୁର ଜିଲ୍ଲାପାଳ, ପରିବେଶ ମନ୍ତ୍ରଣାଳୟ ନିର୍ଦ୍ଦେଶକ, ମୁଖ୍ୟମନ୍ତ୍ରୀଙ୍କ ସମେତ ୯ ଅଧିକାରୀଙ୍କୁ ଏହି କ୍ଲୋଜର୍ ନୋଟିସ୍ ପଠାଯାଇଥିଲା।



ହେଲେ ବିଳମ୍ବରେ ଆଜି କମ୍ପାନୀକୁ ସିଲ୍ କରାଯାଇଛି। କମ୍ପାନୀକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ମଧ୍ୟ କରାଯାଇଛି।

ସମ୍ବଲପୁର ଉପଜିଲ୍ଲାପାଳ ଡ. ପଣ୍ଡା କହିଛନ୍ତି, ଶ୍ୟାମ ମେଟାଲିକ୍ସ ଓ ଏନର୍ଜି କମ୍ପାନୀକୁ ତୁରନ୍ତ ବନ୍ଦ କରିବା ପାଇଁ କେନ୍ଦ୍ରୀୟ ପ୍ରଦୂଷଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଆସିଥିଲା। ଏହାସହ କେନ୍ଦ୍ର ପ୍ରଦୂଷଣ ବିଭାଗରୁ ରାଜ୍ୟ ପ୍ରଦୂଷଣ ବିଭାଗକୁ ମଧ୍ୟ ନିର୍ଦ୍ଦେଶ ଆସିଥିଲା। ଏହି ଦୁଇ ବିଭାଗରର ନିର୍ଦ୍ଦେଶକ୍ରମେ କମ୍ପାନୀକୁ ପ୍ରଶାସନ ବନ୍ଦ କରାଯାଇଛି। ସମ୍ବଲପୁର ଅତିରିକ୍ତ ଏସ୍‌ଏପି ଶ୍ରୀମନ୍ତ ବାରିକ କହିଛନ୍ତି ସକାଳୁ ପୁଲିସ ଟିମ କମ୍ପାନୀକୁ ପହଞ୍ଚିଥିଲା। ପ୍ରାୟ ୩ ପ୍ଲାଟୁନ ଫୋର୍ସ ମୃତୟନ ହୋଇଥିଲେ। କମ୍ପାନୀର ଏଚ୍. ଆର୍ ପ୍ରବୀଣ କୁମାର ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି ଯେ ଆମେ କିଛି ଜାଣିନାହିଁ, ପ୍ରଶାସନିକ ଅଧିକାରୀମାନେ ଆସି କମ୍ପାନୀର ବିଭିନ୍ନ ୟୁନିଟ୍‌ଗୁଡ଼ିକୁ ବନ୍ଦ କରିଛନ୍ତି।

ସୂଚନାନୁସାରେ, ୨୦୨୪ ଅଗଷ୍ଟରେ କୋଲକାତାର କେନ୍ଦ୍ରୀୟ ଟିମ୍ କମ୍ପାନୀ ପରିଦର୍ଶନରେ ଆସିଥିଲେ। ୨୦୨୫ ମେ'ରେ ବିଭିନ୍ନ ପ୍ରକାରର ନିର୍ଦ୍ଦେଶ ପାଳନ କରିବାକୁ କମ୍ପାନୀକୁ କହିଥିଲେ। କିନ୍ତୁ, କମ୍ପାନୀ ପ୍ରଦୂଷଣ ବୋର୍ଡର କୌଣସି ନିୟମ ମାନି ନଥିଲା। ସୂଚନାନୁସାରେ, ଷ୍ଟିଲ୍ ତିଆରି କରୁଥିବା ଫର୍ଣ୍ଣେସ୍‌ଗୁଡ଼ିକରୁ ବହୁତ ଧୂଆଁ ଓ ଧୂଳି ବାହାରିଥାଏ। କିନ୍ତୁ, ଏହାକୁ ନିୟନ୍ତ୍ରଣ କରିବାକୁ ବ୍ୟବସ୍ଥା କମ୍ପାନୀ ପାଖରେ ନାହିଁ। ଆର୍ଥିକ ବର୍ଷ ୨୦୨୪-୨୦୨୫ପାଇଁ ବାର୍ଷିକ ଆସ୍ ଅଡିଟ୍ ରିପୋର୍ଟକୁ ନିର୍ଦ୍ଧାରିତ ସମୟ ୨୦୨୫ ନଭେମ୍ବର ୩୦ ତାରିଖ ସୁଦ୍ଧା ସିପିସିବି ପାଖରେ ଦାଖଲ କରିବାରେ ବିଫଳ ହୋଇଛି। ପ୍ରାୟ ୨୬ ନିୟମର ଉଲ୍ଲଂଘନ କରିଥିବା ଜଣାପଡ଼ିଛି। ତେଣୁ, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନୋଟିସ୍ ଆଧାରରେ କମ୍ପାନୀକୁ ସିଲ୍ କରାଯାଇଥିବା ସୂଚନା ରହିଛି।

# ବଂଶଧାରା ନଦୀ ଜଳବଣ୍ଟନ ନିଷ୍ପତ୍ତି ଓଡ଼ିଶା ବିରୋଧୀ: କଂଗ୍ରେସ

ଭୁବନେଶ୍ୱର,୬।୪(ସମିସ): ବଂଶଧାରା ନଦୀ ଜଳବଣ୍ଟନରେ ଓଡ଼ିଶା ଏବଂ ଆନ୍ଧ୍ରର ୫୦:୫୦ ପରିମାଣର ବଣ୍ଟନ ଦୁର୍ଭାଗ୍ୟଜନକ ଓ ଓଡ଼ିଶା ବିରୋଧୀ ବୋଲି କହିଛି କଂଗ୍ରେସ। ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି




■ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ସନ୍ତୁଷ୍ଟ କରିବା ପାଇଁ କେନ୍ଦ୍ରର ଷଡ଼ଯନ୍ତ୍ର
■ ମହାନଦୀ ଜଳ ପ୍ରସଙ୍ଗରେ କାହିଁକି ହେଉଛି ପାତରଅନ୍ତର

କହିଛନ୍ତି, ଏହି ନିଷ୍ପତ୍ତି ଓଡ଼ିଶାର ସ୍ୱାର୍ଥର ପରିପନ୍ଥୀ ଓ ଡବଲ ଇଞ୍ଜିନ ସରକାରର ଓଡ଼ିଶା ବିରୋଧୀ ମନୋଭାବର ପ୍ରତିଫଳନ। ଏଭଳି ଓଡିଶା ସ୍ୱାର୍ଥ ବିରୋଧୀ ନିଷ୍ପତ୍ତିକୁ ଓଡ଼ିଶାରୁ ସଂସଦକୁ ନିର୍ବାଚିତ ହୋଇଥିବା ୨୦ ଜଣ ବିଜେପି ସାଂସଦ ପ୍ରତିବାଦ କରିନାହାନ୍ତି। ଏପରିକି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ବିଜେପି ପକ୍ଷରୁ ଏହାକୁ ନାପସନ୍ଦ କରାଯାଇନାହିଁ। ସୁତରାଂ ବିଜେପି ଦଳର ସ୍ୱାର୍ଥ ଏବଂ ଆନ୍ଧ୍ରର ଚନ୍ଦ୍ରବାବୁ ନାଇଡୁଙ୍କୁ ତୁଷ୍ଟିକରଣ କରିବା ପାଇଁ ଓଡ଼ିଶାର ସ୍ୱାର୍ଥକୁ ବଳି ଦିଆଯାଇଛି ବୋଲି ତାରା କହିଛନ୍ତି। ଏହା ସହିତ ବଂଶଧାରା ପାଣି ପାଇଁ ଯେପରି କେନ୍ଦ୍ର ସରକାର ଆନ୍ଧ୍ର କ୍ଷେତ୍ରରେ ହୃଦୟକୁ ପୁରା ଖୋଲି ଦେଇଛନ୍ତି, ମହାନଦୀ ଜଳ କ୍ଷେତ୍ରରେ ଓଡ଼ିଶା ପାଇଁ କାହିଁକି ସେପରି ମନୋଭାବ ଦେଖାଉନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

୨୦୧୦ ମସିହାରେ ବଂଶଧାରା ଜଳ ବିବାଦ ଟ୍ରିବୁନାଲ ପ୍ରତିଷ୍ଠା ହୋଇଛି। ଏହା ସତ୍ତ୍ୱେ ଆନ୍ଧ୍ର ପ୍ରଦେଶ ନେରେଡି ବ୍ୟାରେଜ୍ ନିର୍ମାଣ କରି ଜଳ ଯୋଗାଣ ପାଇଁ ସ୍ଥିର କରିଛି। ନେରେଡି ବ୍ୟାରେଜ୍ ନିର୍ମାଣ ହେଲେ ଏବଂ କାଟ୍ରାଗଡ ସାଇଡ୍ ଓ୍ୟାର୍ ନିର୍ମାଣ ହେଲେ ଓଡ଼ିଶାରେ ନଦୀ ଶଯ୍ୟାର ଜଳ ଏବଂ ଭୂତଳ ଜଳକୁ ପ୍ରଭାବିତ କରିବ। ପଚ୍ଛୁଆ ଅଞ୍ଚଳରେ ଜଳାଭାବ ଦେଖାଦେବା ସହ ଚାଷକୁ ମଧ୍ୟ ଭୟଙ୍କର ପ୍ରଭାବ ଦେଖାଦେବ। ବଂଶଧାରା ନଦୀର ଉତ୍ସସ୍ଥଳ ହେଉଛି ନିୟମଗିରି ଓ ଏହାର ସମୁଦାୟ ୧୦୮୩୦ ବର୍ଗକିଲୋମିଟର କ୍ୟାଚମେଣ୍ଟ ଏରିଆରୁ ଓଡ଼ିଶାରେ ୮୦୧୫ ବର୍ଗ କି.ମି. ଓ ଆନ୍ଧ୍ରରେ ୨୮୧୫ ବର୍ଗ କିମି ରହିଛି। କେଉଁ ନ୍ୟାୟରେ ଏହି ଜଳବଣ୍ଟନ ୫୦:୫୦ ପରିମାଣରେ କରାଯାଇଛି ତାହା ଆଜି ଓଡ଼ିଶାବାସୀଙ୍କ ପ୍ରଶ୍ନ ବୋଲି ଦଳ ପକ୍ଷରୁ କୁହାଯାଇଛି। ବଂଶଧାରା ନଦୀ କଳାହାଣ୍ଡି, ରାୟଗଡା ଓ ଗଜପତି ଜିଲ୍ଲାର ଚାଷୀଙ୍କ ପାଇଁ ଏକ ଲାଇଫ୍ ଲାଇନ୍। ବର୍ଷାଋତୁ ଛାଡି ଥିଲେ ଅନ୍ୟ ସମୟରେ ବଂଶଧାରା ଶୁଖିଲା ପଡିଛି। ସବୁ ପାଣି ଆନ୍ଧ୍ରକୁ ବହିଯାଉଥିବାରୁ ୩ଟି ପ୍ରକଳ୍ପ କରି ଆନ୍ଧ୍ର ଏହାର ଫାଇଦା ନେବ। ସୁତରାଂ ଓଡିଶା ସରକାର ଓ ବିଜେପି ଦଳ ବଂଶଧାରା ଜଳ ବଣ୍ଟନର ନିଷ୍ପତ୍ତିକୁ ସମର୍ଥନ ଦେଉଛି। ତେଣୁ କଂଗ୍ରେସ ଦଳ ଏହାକୁ ସଂପୂର୍ଣ୍ଣ ବିରୋଧ କରିବ ବୋଲି ସେ କହିଛନ୍ତି।

■ ପାଟପୁର ଥାନା ଅଞ୍ଚଳରେ ଫୁଟିଲା ଗୁଳି

## ସୁନା ଦୋକାନୀଙ୍କୁ ହାଣି ପକାଇଲେ

ସାନଖେମୁଣ୍ଡି, ୫।୪(ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ ପାଟପୁର ଥାନା ସିଙ୍ଗିପୁର ପଞ୍ଚାୟତ ଖଜୁରିପଦା ଗ୍ରାମରେ ଜଣେ ସୁନା ବ୍ୟବସାୟଙ୍କଠାରୁ ଲୁଟ୍ ଉଦ୍ୟମ ହୋଇଛି। ଦୁର୍ବୃତ୍ତମାନେ ୩ ରାଉଣ୍ଡ ଫାଙ୍କା ଗୁଳିଚାଳନା କରି ଭୟଭୀତ କରିବା ପରେ ତାଙ୍କ ମୁଣ୍ଡକୁ ମାରଣାସ୍ତ୍ରରେ ହାଣି



ଲୁଟ୍ ଉଦ୍ୟମ ବିଫଳ

ପକାଇଛନ୍ତି। କିନ୍ତୁ, ଏତେ ସବୁ ପରେ ତାଙ୍କଠାରୁ ସୁନା ଲୁଟି ପାରିନାହାନ୍ତି। ଆହତ ସୁନା ବ୍ୟବସାୟୀଜଣଙ୍କ ହେଲେ, ଶ୍ରୀଦୁର୍ଗା ଜୁଏଲର୍ସ ମାଲିକ ପବିତ୍ର ବିଶୋୟୀ। ତାଙ୍କ ଘର ସିଙ୍ଗିପୁର ପଞ୍ଚାୟତ ଖଜୁରିପଦାରେ। ସୂଚନା ମୁତାବକ, ପବିତ୍ର ରାତି ପ୍ରାୟ ୮ଟା ୧୫ରେ ଦୋକାନରୁ ଘରକୁ ଫେରୁଥିବା ବେଳେ ଖଜୁରିପଦା ଗ୍ରାମ ଶେଷ ମୁଣ୍ଡରେ ୨ଜଣ ଯୁବକ ତାଙ୍କ ବାଟ ଓଗାଳିଥିଲେ। ସେ କିଛି ବୁଝିବା ପୂର୍ବରୁ ଅଭିଯୁକ୍ତମାନେ ୩ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରି ତାଙ୍କୁ ଭୟଭୀତ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ପବିତ୍ର ଏଥିରେ ଭୟଭୀତ ନ ହେବାରୁ ଅଭିଯୁକ୍ତମାନେ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡକୁ ହାଣି ପକାଇଥିଲେ। ଏହା ସତ୍ତ୍ୱେ ପବିତ୍ରଙ୍କଠାରୁ ସେମାନେ ଲୁଟି ନପାରି ଫେରାର୍ ହୋଇଯାଇଥିଲେ। ଗୁରୁତର ପବିତ୍ରଙ୍କୁ ଡେଙ୍ଗାଓସ୍ତା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପାଟପୁର ଥାନାଧିକାରୀ ଦୀପ୍ତିରଞ୍ଜନ ବେହେରା ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ଠେଙ୍ଗାରେ ପିଟି ନେଇଗଲେ ୭ କେଜି ରୁପା

ପୁରୁଷୋତ୍ତମପୁର, ୬।୪ (ସମିସ): ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ହୁଣ୍ଡତ ଖୋସାଳପଲ୍ଲୀ ରାସ୍ତାରେ ଜଣେ ରୁପା ବ୍ୟବସାୟୀଙ୍କୁ ମାଡ଼ ମାରି ଦୁର୍ବୃତ୍ତମାନେ ତାଙ୍କଠାରୁ ୭କେଜି ରୁପା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ବ୍ୟବସାୟୀଜଣଙ୍କ ହେଲେ, ପୁରୁଷୋତ୍ତମପୁର ଗଡ଼ସାହିର ଅଭିମନ୍ୟୁ ନାୟକ। ସୋମବାର ସକାଳ ପ୍ରାୟ ୮ଟାରେ ସେ ବାଇକ୍‌ରେ ଗ୍ରାମାଞ୍ଚଳରେ ବ୍ୟବସାୟ କରିବାକୁ ରୁପା ଅଳଙ୍କାର ନେଇ ଘରୁ ବାହାରିଥିଲେ। ହୁଣ୍ଡତ ଖୋସାଳପଲ୍ଲୀ ରାସ୍ତାର ଏକ ନିଛାଟିଆ ସ୍ଥାନରେ ଏକ ବାଇକରେ ୨ଜଣ ଆସି ତାଙ୍କୁ ଅଟକାଇବା ସହ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଅଭିମନ୍ୟୁ ତଳେ ପଡ଼ିଯିବା ପରେ ତାଙ୍କୁ ମାରଣାସ୍ତ୍ର ଦେଖାଇ ତାଙ୍କଠାରୁ ରୁପା ଅଳଙ୍କାର ଭର୍ତ୍ତି ବ୍ୟାଗ୍ ଧରି ଚମ୍ପଟ ମାରିଥିଲେ। ଅଭିମନ୍ୟୁଙ୍କ ଚିତ୍କାର ଶୁଣି ପାଖ ବିଲରେ କାମ କରୁଥିବା ଲୋକମାନେ ତାଙ୍କୁ ଉଦ୍ଧାର କରି ପରିବାରଲୋକଙ୍କୁ ଖବର ଦେଇଥିଲେ। ପରିବାରଲୋକ ତାଙ୍କୁ ପୁରୁଷୋତ୍ତମପୁର ମେଡିକାଲରେ ଭର୍ତ୍ତି କରାଇଥିଲେ। ଏ ସଂପର୍କରେ ଅଭିମନ୍ୟୁ ପୁଲିସ ନିକଟରେ ଅଭିଯୋଗ କରିବା ପରେ ନଂ.୨୧୦/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ କହିଛନ୍ତି।

# ମେଟ୍ରୋ ପ୍ରକଳ୍ପର ବନ୍ଦ ନିଷ୍ପତ୍ତିକୁ ତୀବ୍ର ବିରୋଧ

ଭୁବନେଶ୍ୱର,୬।୪(ସମିସ): ରାଜଧାନୀ ଭୁବନେଶ୍ୱରରେ ପ୍ରସ୍ତାବିତ ମେଟ୍ରୋ ରେଳ ପ୍ରକଳ୍ପ ବନ୍ଦକୁ ତୀବ୍ର ବିରୋଧ କରିଛି ବିଜେଡି । ସାଂସଦ ସସ୍ମିତ ପାତ୍ର ଏ ସଂକ୍ରାନ୍ତରେ କେନ୍ଦ୍ର ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ଓ ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ଏହି ପ୍ରସଙ୍ଗରେ ଆନ୍ଦୋଳନ ଧମକ ଦେଇଛନ୍ତି । ସେହିପରି କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ବିରାଟ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି।

ବିଜେଡି ସାଂସଦ ସସ୍ମିତ ପାତ୍ର ଏ ସଂକ୍ରାନ୍ତରେ କେନ୍ଦ୍ର ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଚିଠି ଲେଖି ରାଜ୍ୟବାସୀଙ୍କ ଅସନ୍ତୋଷ ଜାହିର କରିଛନ୍ତି। ଏହି ପ୍ରକଳ୍ପ ବନ୍ଦ କରାଯିବା ପରିବର୍ତ୍ତେ କାର୍ଯ୍ୟକାରିତା ସୁନିଶ୍ଚିତ କରିବାକୁ ସେ ଦାବି କରିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପରିକଳ୍ପିତ ଏହି ମେଟ୍ରୋ ପ୍ରକଳ୍ପ ଭୁବନେଶ୍ୱର-କଟକ-ଖୋର୍ଦ୍ଧା-ପୁରୀ କରିଡରର ସାଧାରଣ ପରିବହନ ସେବାର ମେରୁଦଣ୍ଡ ଭାବେ ବିବେଚିତ ହେବ। ଏହାକୁ ବନ୍ଦ କରିବା ଫଳରେ ଓଡ଼ିଶାର ଜନସାଧାରଣଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ପରିବହନ ସୁବିଧାରୁ ବଞ୍ଚିତ କରାଯିବ ଏବଂ ପୂର୍ଣ୍ଣ ଯୋଜନାକୃତ ଭିତ୍ତିଭୂମି ପ୍ରୟାସକୁ ଦୁର୍ବଳ କରିଦେବ। କେନ୍ଦ୍ର ସରକାରଙ୍କ ଜାତୀୟ ନଗର ପରିବହନ ନୀତି ଏବଂ ମେଟ୍ରୋ ରେଳ ନୀତି ୨୦୧୭ ଅନୁଯାୟୀ ହସ୍ତକ୍ଷେପ କରି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ଡ. ପାତ୍ର ଦାବି କରିଛନ୍ତି। ଅତଏବ ଏହି ପ୍ରକଳ୍ପ

■ କେନ୍ଦ୍ର ସରକାରଙ୍କୁ ବିଜେଡି ସାଂସଦଙ୍କ ଚିଠି
■ ଆନ୍ଦୋଳନ ଧମକ ଦେଲେ କଂଗ୍ରେସ ନେତା

ବନ୍ଦ ନକରିବା ପାଇଁ ଆପଣଙ୍କ ମନ୍ତ୍ରାଳୟ ପଦକ୍ଷେପ ନେଉ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି ।

ବିଜେଡି ନେତା ପ୍ରଶାନ୍ତ ମୁଦୁଲି କହିଛନ୍ତି, ବିଜେପି ସରକାର ମେଟ୍ରୋ ପ୍ରକଳ୍ପ ବନ୍ଦ କରିବା ଦୁର୍ଭାଗ୍ୟ ଜନକ। ୨ବର୍ଷ ହେବ ବିଜେପି ସରକାରରେ ବିକାଶ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ନବୀନ ପଟ୍ଟନାୟକଙ୍କ ସମୟରେ ଆରମ୍ଭ ହୋଇଥିବା ବିଭିନ୍ନ ପ୍ରକଳ୍ପ ୯୦ ପ୍ରତିଶତ କାମ ସାରିଥିଲେ ମଧ୍ୟ ବିଜେପି ସରକାର ତାହାକୁ ସମ୍ପୂର୍ଣ୍ଣ କରୁନାହିଁ। ରାଜଧାନୀରେ ମେଟ୍ରୋ ପ୍ରକଳ୍ପ କାମ ଆରମ୍ଭ ହୋଇଯାଇଥିଲା। ହେଲେ ବିଜେପି ଏହାକୁ ବନ୍ଦ କରିଛି। ରାଜ୍ୟରେ ବିକାଶ ବିରୋଧୀ ସରକାର ଚାଲିଛି ବୋଲି ପ୍ରମାଣିତ ହୋଇଥିବା ସେ କହିଛନ୍ତି। ଯଦି ମେଟ୍ରୋର ପୁନର୍ବିଚାର ବିଚାର ନ କରାଯିବ ତାହା ହେଲେ ବିଜେଡି ଏହା ବିରୋଧରେ ଜୋରଦାର ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି।

ଅପରପକ୍ଷରେ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ କହିଛନ୍ତି, ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଯୋଗୁଁ ରାଜଧାନୀରେ ମେଟ୍ରୋ କାମ ଆରମ୍ଭ ହୋଇଥିଲା। ହେଲେ ବିଜେପି ଆସିବା ପରେ ଏହାକୁ ବନ୍ଦ କରିଛି। ତାହା ଦୁଃଖ ଦାୟକ। ମେଟ୍ରୋ ହେଲେ କାଳେ ନବୀନ ପଟ୍ଟନାୟକ ନାଁ ନେଇଯିବେ ତେଣୁ ବିଜେପି ସରକାର ତାହାକୁ ବନ୍ଦ କରିଦେଲେ। ଯଦି ମାସେ ଭିତରେ ମେଟ୍ରୋ ପ୍ରକଳ୍ପ କାମ ଆରମ୍ଭ କରିବା ନିଷ୍ପତି ନ ନିଅନ୍ତି ତେବେ କଂଗ୍ରେସ ବିରାଟ ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି।

# ଗୈରିକୀକରଣ ଉଦ୍ୟମର କୁପରିଣାମ କୁଳପତି ମରୁଡ଼ି: ବିଜେଡି

ଭୁବନେଶ୍ୱର, ୬।୪(ସମିସ): ଚଳିତ ମାସ ଶେଷ ସୁଦ୍ଧା ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ପଦ ପୂରଣ ନ ହେଲେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୋମବାର ଅପରାହ୍ଣରେ ବିଜୁ ଜନତା ଦଳ ଚେତାବନୀ ଦେବା ପରେ ସରକାର ସନ୍ଧ୍ୟାରେ ସମସ୍ତ ୧୪ ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ନିଯୁକ୍ତ କରିଛନ୍ତି। ତେବେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ କୁଳପତି ଏବଂ ବହୁ ସଂଖ୍ୟାରେ ଅଧ୍ୟାପକ ପଦ ଫାଙ୍କା ପଡ଼ିବାକୁ ନେଇ ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଶଙ୍ଖ ଭବନରେ ସୋମବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ଉଚ୍ଚଶିକ୍ଷା ବିଭାଗର ଏଭଳି ଦୁର୍ଦ୍ଦଶା ରାଜ୍ୟ ସରକାରଙ୍କ ଅପାରଗପଣିଆର ପରିଣାମ ବୋଲି ଅଭିଯୋଗ କରିଛନ୍ତି।

ଯୁବ ଜନତା ଦଳର ସଭାପିତ ଚିନ୍ମୟ ସାହୁ କହିଥିଲେ ଯେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏକ ପ୍ରକାର ପଙ୍ଗୁ ହୋଇଯାଇଛି। ରାଜ୍ୟର ୧୭ରୁ ୧୪ଟି ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନାହାନ୍ତି। ଅଧିକାଂଶ ସ୍ଥାନରେ ଅଧ୍ୟାପକ ପଦ ମଧ୍ୟ ଖାଲି ପଡିଛି। ସ୍ଥାୟୀ କୁଳପତି ନିଯୁକ୍ତି ନ ହେଲେ ଅଧ୍ୟାପକ ପଦ ପୂରଣ ହୋଇପାରିବ ନାହିଁ। ଫଳରେ ଶିକ୍ଷାଦାନ ଗୁରୁତର ପ୍ରଭାବିତ ହେବ ଓ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭବିଷ୍ୟତ ଅନ୍ଧକାରମୟ ହୋଇଯିବ। ବିଶ୍ୱବିଦ୍ୟାଳୟରେ ତୁରନ୍ତ କୁଳପତି ନିଯୁକ୍ତି ଦାବିରେ ପୂର୍ବରୁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ କରାଯିବା ସହ



ରାଜ୍ୟପାଳଙ୍କ ନିକଟରେ ମଧ୍ୟ ଦାବି ଉପସ୍ଥାପନ କରାଯାଇଥିଲା। ଶୀଘ୍ର ନିଯୁକ୍ତି ମିଳିବ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇବାର ୯ ମାସ ପରେ ବି ନିଯୁକ୍ତି ପ୍ରକ୍ରିୟା ସରିପାରୁ ନ ଥିବା ଅଭିଯୋଗ କରି ସରକାରଙ୍କ ଉପରେ ବର୍ଷିଥିଲେ। ସେ ଆହୁରି କହିଥିଲେ ଯେ ନବୀନ ସରକାରଙ୍କ ସମୟରେ ଏହି ନିଯୁକ୍ତି ଦାୟିତ୍ୱ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)କୁ ଦିଆଯାଇଥିଲା। କୁଳପତିଙ୍କ କାର୍ଯ୍ୟକାଳ ସରିବାର ୬ ମାସ ପୂର୍ବରୁ ନିଯୁକ୍ତି ପ୍ରକ୍ରିୟା ଶେଷ ହେଉଥିଲା। କିନ୍ତୁ ସେ ବ୍ୟବସ୍ଥାକୁ ଉଚ୍ଛେଦ କରିଦିଆଯିବାରୁ ଲମ୍ବା ସମୟ ଧରି ଏହି ପଦଗୁଡିକ ଖାଲି ପଡ଼ିଛି। ସେହିପରି ନବୀନ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ସମେତ ସମସ୍ତ ୨୧ଟି ଅଧ୍ୟାପକ ପଦ ଖାଲି ପଡିଛି। ବିଜେପି ରାଜ୍ୟରେ କ୍ଷମତାସୀନ ହେବା ପରେ ବିଶ୍ୱବିଦ୍ୟାଳୟଗୁଡିକୁ ଗୈରିକୀକରଣ କରିବାକୁ ପ୍ରୟାସ କରାଯାଉଛି। ଯୋଗ୍ୟତା ଭିତିରେ ନୁହେଁ; ବରଂ ଆନୁଗତ୍ୟକୁ ପ୍ରାଥମିକତା ଦିଆଯାଉଛି। ବିଶ୍ୱବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତାକୁ ଅକ୍ଷୁଣ୍ଣ ରଖି ସ୍ୱଚ୍ଛତାର ସହିତ ନିଯୁକ୍ତି ପ୍ରକ୍ରିୟା ସାରିବାକୁ ଦାବି କରିଛନ୍ତି। ଅନୁରୂପ ଭାବେ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ ଯେ ଶିକ୍ଷା ବ୍ୟବସ୍ଥା ସମାଜ ବିକାଶର ମେରୁଦଣ୍ଡ ହୋଇଥିଲେ ମଧ୍ୟ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ବିଜେପି ସରକାରଙ୍କ ଗୈରିକୀକରଣ ମନୋଭାବ ଏବଂ କିଏ କେଉଁଠି ରହିବେ, ସେ ନେଇ ଦଳୀୟ ନେତାଙ୍କ ମଧ୍ୟରେ ମତଭେଦ ଯୋଗୁଁ ଏହି ନିଯୁକ୍ତି ପ୍ରକ୍ରିୟା ହୋଇପାରୁ ନ ଥିବା ସେ ଅଭିଯୋଗ କରିଥିଲେ।

### ପୁଲିସ କର୍ମଚାରୀଙ୍କ ମାନସିକ ଚାପ ହ୍ରାସ ଓ ଖାଲି ପଦବୀ ପୂରଣ ପ୍ରସଙ୍ଗ

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

କଟକ, ୬।୪ (ସମିସ): ଓଡ଼ିଶା ପୁଲିସରେ ଦୀର୍ଘ ଦିନରୁ ଖାଲି ପଡ଼ିଥିବା ପଦଗୁଡ଼ିକୁ ପୂରଣ କରିବା ଓ କର୍ମଚାରୀମାନଙ୍କ ମାନସିକ ଚାପ ହ୍ରାସ ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ରୁଜୁ ଏହି ଆବେଦନରେ ପୁଲିସ୍ ବାହିନୀରେ ବଢୁଥିବା ଅବସାଦ ଓ କାର୍ଯ୍ୟଭାର ଚାପକୁ ହ୍ରାସ ପାଇଁ ପଦକ୍ଷେପ ନେବା ପାଇଁ ପ୍ରାର୍ଥନା କରାଯାଇଛି। ଆବେଦନକାରୀ ଦର୍ଶାଇଛନ୍ତି ଯେ ପୁଲିସ ବିଭାଗରେ କର୍ମଚାରୀଙ୍କ ଅଭାବ ବର୍ତ୍ତମାନ କାର୍ଯ୍ୟରତ କର୍ମଚାରୀମାନଙ୍କ ଉପରେ ଅତ୍ୟଧିକ ଚାପ ସୃଷ୍ଟି ସହ ଓ ମାନସିକ ଅବସାଦର କାରଣ ପାଲଟିଛି।

କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଗତ ୨୦୨୪ ଜାନୁଆରିର ତଥ୍ୟ ଅନୁସାରେ, ଓଡ଼ିଶା ପୁଲିସରେ ମୋଟ ୩୫୦୨୪ ମଞ୍ଜୁରିପ୍ରାପ୍ତ ପଦ ରହିଥିବା ବେଳେ ୨୫୭୬୬ଜଣ କାର୍ଯ୍ୟରତ ଅଛନ୍ତି। ୧୬୩୪ଟି ଏସ୍‌ଆଇ ପଦ, ୬୨୧୮ଟି କନଷ୍ଟେବଲ ପଦ ଖାଲି ପଡ଼ିଛି। ସେହିଭଳି ମଞ୍ଜୁରିପ୍ରାପ୍ତ ପଦ ଅନୁସାରେ ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ପୁଲିସ କର୍ମଚାରୀ ସଂଖ୍ୟା ୭୫.୮୮ ରହିବା କଥା, ହେଲେ ପଦ ଖାଲି ହେତୁ ତାହା ଏବେ ୫୫.୮୨ ରହିଛି। ଫଳରେ ପୁଲିସ କର୍ମଚାରୀ ଚାପର ବଶବର୍ତ୍ତୀ ହେଉଛନ୍ତି। ଏଣୁ, ପୁଲିସ କର୍ମଚାରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ମାନସିକ ସ୍ୱାସ୍ଥ୍ୟ ଏବଂ ମାନସିକ ପରାମର୍ଶ ବ୍ୟବସ୍ଥା ପ୍ରତିଷ୍ଠା କରିବା, ଏହି ସମସ୍ୟାର ଅନୁଧ୍ୟାନ ପାଇଁ ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର କମିଟି ଗଠନ କରିବା, କାର୍ଯ୍ୟଭାର ହ୍ରାସ କରିବା ପାଇଁ ତୁରନ୍ତ ଖାଲି ଥିବା ପଦଗୁଡ଼ିକୁ ପୂରଣ କରିବା ସହ ପୁଲିସବାହିନୀ ମଧ୍ୟରେ ନିର୍ଯାତନା ବା କ୍ଷମତାର ଅପବ୍ୟବହାର କରୁଥିବା ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆବେଦନକାରୀ ଅଦାଲତଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ପୂର୍ବରୁ ଗତ ୨୦୨୩ ଫେବ୍ରୁଆରି ୮ରେ ହାଇକୋର୍ଟ ଏକ ସମାନ ମାମଲାରେ ଡିଜିପିଙ୍କୁ ଅନୁଧ୍ୟାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶାବଳୀର କାର୍ଯ୍ୟକାରିତା ଦିଗରେ କି ପଦକ୍ଷେପ ନେଇଛନ୍ତି, ତାହାର ରିପୋର୍ଟ ତଲବ କରିବାକୁ ମଧ୍ୟ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଏହି ମାମଲାରେ ରାଜ୍ୟ ସରକାରଙ୍କ ଗୃହ ବିଭାଗର ପ୍ରମୁଖ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି।

### ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କୁ ଡାକ୍ତର ନିଯୁକ୍ତିରେ ବିଳମ୍ବ

# ଓପିଏସ୍‌ସି ଅଫିସ୍ ଆଗରେ ଏମ୍‌ବିବିଏସ୍ ଡିଗ୍ରୀଧାରୀ ଆଶାୟୀଙ୍କ ବିକ୍ଷୋଭ

କଟକ, ୬।୪(ସମିସ): ରାଜ୍ୟରେ ୫ ହଜାରରୁ ଅଧିକ ଡାକ୍ତର ପଦ ଖାଲି ପଡ଼ିଥିବା ବେଳେ ସରକାର ଏହି ପଦ ପୂରଣ କରୁନାହାନ୍ତି। ଗତବର୍ଷ ମେ'ରେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ଆୟୋଜିତ ଡାକ୍ତର ନିଯୁକ୍ତି ପରୀକ୍ଷାରେ ଯୋଗ୍ୟବିବେଚିତ ୧୦୧୮ ଜଣ ପ୍ରାର୍ଥୀଙ୍କୁ ଏବେ ବି ନିଯୁକ୍ତି ପ୍ରଦାନ କରାଯାଇନାହିଁ। ଆଜି ଏହାର ପ୍ରତିବାଦରେ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଶତାଧିକ ଏମ୍‌ବିବିଏସ୍ ଡିଗ୍ରୀଧାରୀ ଆଶାୟୀ ଡାକ୍ତର ଓପିଏସ୍‌ସି କାର୍ଯ୍ୟାଳୟ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆନ୍ଦୋଳନକାରୀମାନେ ହାତରେ ପ୍ଲା'କାର୍ଡ ଧରି ଓପିଏସ୍‌ସି ଓ ସରକାରଙ୍କ ଏଭଳି ମାନସିକତାକୁ ତୀବ୍ର ସମାଲୋଚନା କରିଛନ୍ତି।

ଓଡ଼ିଶା ମେଡିକାଲ ଏବଂ ହେଲ୍ଥ ସର୍ଭିସ୍ କ୍ୟାଡର୍‌ରେ ମେଡିକାଲ ଅଫିସର୍ (ଆସିଷ୍ଟାଣ୍ଟ ସର୍ଜନ) ପଦବୀ ପାଇଁ ଓପିଏସ୍‌ସି ପକ୍ଷରୁ ବିଜ୍ଞାପନ ପ୍ରକାଶ ପାଇଥିଲା। ଗତବର୍ଷ ମେ'ରେ ଓପିଏସ୍‌ସି ଦ୍ୱାରା ଆୟୋଜିତ ଏହି ନିଯୁକ୍ତି ପରୀକ୍ଷାରେ ମୋଟ ୧୮୪୦ଜଣ ପ୍ରାର୍ଥୀ ଯୋଗ୍ୟ ବିବେଚିତ ହୋଇଥିଲେ। ହେଲେ, ଓପିଏସ୍‌ସି ପକ୍ଷରୁ ମୋଟ ୮୨୨ ଜଣଙ୍କ ନାଁ ମେଧା ତାଲିକାରେ ପ୍ରକାଶ ପାଇବା ସହ ସରକାରଙ୍କ ପକ୍ଷରୁ ନିଯୁକ୍ତିପତ୍ର ଦିଆଯାଇଥିଲା। ତେବେ ବାକି ୧୦୧୮ ଜଣ ଯୋଗ୍ୟ ବିବେଚିତ ହେବା ସହ ସେମାନଙ୍କ ପ୍ରମାଣପତ୍ର




ଯାଞ୍ଚ ଶେଷ କରାଯିବା ପରେ ବି ନିଯୁକ୍ତି ପ୍ରଦାନରେ ବିଳମ୍ବ ହୋଇଥିବା ଅଭିଯୋଗ ହୋଇଛି। ପୂର୍ବରୁ ମେଡିକାଲ ଅଫିସର୍ ନିଯୁକ୍ତି ପ୍ରକ୍ରିୟା ଉପରେ ଥିବା ଅନ୍ତରୀଣ ଅଙ୍କୁଶ ହାଇକୋର୍ଟ ହଟାଇ ସାରିଛନ୍ତି।

ଏପରିକି, ଦୀର୍ଘ ବର୍ଷ ଧରି ଡାକ୍ତର ପଦ ପୂରଣ ହୋଇ ନଥିବାରୁ ହାଇକୋର୍ଟ ମଧ୍ୟ ସମାନ ଅନୁପାତରେ ସଂରକ୍ଷିତ ଓ ଅସଂରକ୍ଷିତ ବର୍ଗରୁ ୪୧୧ ଲେଖାଁଏ ପ୍ରାର୍ଥୀଙ୍କ ନାମ ସୁପାରିସ କରିବାକୁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ଓପିଏସ୍‌ସି ଦ୍ୱାରା ଯୋଗ୍ୟବିବେଚିତ ବାକି ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନରେ ବିଳମ୍ବ ନେଇ ଆଶାୟୀ ଡାକ୍ତରମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଛନ୍ତି।

# ଶିକ୍ଷାନବୀଶ ଡିଏସ୍‌ପିଙ୍କ ଦୀକ୍ଷାନ୍ତ ସମାରୋହ

ଭୁବନେଶ୍ୱର, ୬।୪ (ସମିସ): ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀରେ ନବମ ବ୍ୟାଚ୍ ଡିଏସ୍‌ପି ପ୍ରୋବେସନର୍ଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ନବମ ବ୍ୟାଚ୍‌ର ୫ ଜଣ ଡିଏସ୍‌ପି ସଫଳତାର ସହ ମୌଳିକ ପ୍ରଶିକ୍ଷଣ ସମାପ୍ତ କରି ଏହି ଦୀକ୍ଷାନ୍ତ ସମାରୋହରେ ଭାଗ ନେଇଥିଲେ। ଏହି ଅବସରରେ ଡିଜିପି ସମସ୍ତ ନବନିଯୁକ୍ତ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କୁ ଓଡ଼ିଶା ପୁଲିସର ନୂତନ ଶକ୍ତି ଭାବେ ଜନସେବାରେ ନିବେଶିତ ହେବାକୁ ଆହ୍ୱାନ ଦେଇଥିଲେ।

ପୁଲିସ ଡିଜି ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ ଏକାଡେମୀ ପକ୍ଷରୁ ପ୍ରଦାନ କରାଯାଇଥିବା ଗୁଣାତ୍ମକ ପ୍ରଶିକ୍ଷଣ ନୂତନ ଅଧିକାରୀମାନଙ୍କୁ ଦାୟିତ୍ୱବାନ, ସକ୍ଷମ ଓ ପେସାଦାର ଭାବେ ଗଢ଼ି ତୋଳିବ। ଆଗାମୀ ଦିନରେ ସାଇବର ଅପରାଧ, ସଂଗଠିତ ଅପରାଧ ଓ ଅନ୍ୟାନ୍ୟ ଚ୍ୟାଲେଞ୍ଜକୁ ସାହସ ଓ ସତ୍ୟନିଷ୍ଠାର ସହ ମୁକାବିଲା କରିବା ପାଇଁ ଡିଜିପି ପରାମର୍ଶ ଦେଇଥିଲେ।

ରାଜ୍ୟ ସରକାରଙ୍କ ଦ୍ୱାରା ପୁଲିସ ବ୍ୟବସ୍ଥାକୁ ସଶକ୍ତ ଓ ଆଧୁନିକ କରିବା ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ମଧ୍ୟ ସେ ଉଲ୍ଲେଖ କରିଥିଲେ। ନୂତନ ପଦ ସୃଷ୍ଟି, ନିଯୁକ୍ତି ପ୍ରକ୍ରିୟା, ଓଏସ୍‌ଏସ୍‌ଏଫ୍, ଓଆଇଏସ୍‌ଏଫ୍ ଓ ଓଡ୍ରାଫ୍ ୟୁନିଟ୍‌ର ବିସ୍ତାର ଓ ଟ୍ରାଫିକ୍ ପରିଚାଳନାକୁ ସୁଦୃଢ଼ କରିବା ପଦକ୍ଷେପଗୁଡ଼ିକ ପୁଲିସ୍ ବାହିନୀକୁ ଆହୁରି ଶକ୍ତିଶାଳୀ କରୁଥିବା ସେ କହିଥିଲେ।

ସେହିପରି ନୂତନ ଅପରାଧିକ ଆଇନଗୁଡ଼ିକର ସଠିକ୍ କ୍ରିୟାନ୍ୱୟନ ଓ ସାଧାରଣଲୋକଙ୍କ ମଧ୍ୟରେ



ସଚେତନତା ବୃଦ୍ଧିରେ ପୁଲିସର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେବା ଓ ସୁରକ୍ଷା ହେଉଛି ଓଡ଼ିଶା ପୁଲିସର ମୂଳମନ୍ତ୍ର ଏବଂ ସମାଜର ଦୁର୍ବଳ ଶ୍ରେଣୀ, ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପ୍ରଥମ କର୍ତ୍ତବ୍ୟ। ପେସାଦାରିତା, ସମ୍ବେଦନଶୀଳତା ଓ ଉତ୍ତମ ବ୍ୟବହାର ଦ୍ୱାରା ପୁଲିସର ପ୍ରତିଛବିକୁ ଉଜ୍ଜ୍ୱଳ କରିବାକୁ ଡିଜି ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଡିଜିପି କୃତୀ ପ୍ରଶିକ୍ଷାର୍ଥୀମାନଙ୍କୁ ସମ୍ମାନିତ ଓ ପୁରସ୍କୃତ କରିଥିଲେ। ସୃଷ୍ଟି ପ୍ରଧାନଙ୍କୁ ସର୍ବଶ୍ରେଷ୍ଠ ପ୍ରୋବେସନର୍ ଭାବେ ଗଭର୍ଣ୍ଣର ମେଡାଲ ଓ ଟ୍ରଫି ପ୍ରଦାନ କରିଥିଲେ। ଏହାସହ ସୃଷ୍ଟି ଇନଡୋର୍ ବିଷୟରେ ସର୍ବୋଚ୍ଚ ନମ୍ବର ଓ ଏନ୍‌ଆଇସିଏଫ୍‌ଏସ୍ ମେଡାଲ୍ ଅର୍ଜନ କରିଥିଲେ। ସେହିପରି, ସୌରଭ ରଞ୍ଜନ ପ୍ରଧାନ ଦ୍ୱିତୀୟ ସର୍ବଶ୍ରେଷ୍ଠ ପ୍ରୋବେସନର ଭାବେ ସମ୍ମାନିତ ହେବା ସହ ଆଉଟଡୋର୍ ବିଷୟରେ ସର୍ବୋଚ୍ଚ ନମ୍ବର ପାଇଥିଲେ। ପଙ୍କଜ ମାଝୀ ଏଇଟି କୋର୍ସରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଡାଇରେକ୍ଟର୍ ଟ୍ରଫି ଲାଭ କରିଥିଲେ। ଏହି ସଫଳତା ପ୍ରଶିକ୍ଷାର୍ଥୀମାନଙ୍କ କଠୋର୍ ପରିଶ୍ରମ, ନିଷ୍ଠା ଓ ଉଚ୍ଚମାନର ପ୍ରଶିକ୍ଷଣ ପାଇଁ ସମ୍ଭବ ହୋଇଥିଲା। ଆୟୋଜିତ ଏହି ସମାରୋହରେ ଏକାଡେମୀର ନିର୍ଦ୍ଦେଶିକା ତଥା ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଏସ୍ ସାଇନି, ବରିଷ୍ଠ ପୁଲିସ ଅଧିକାରୀ, ଅବସରପ୍ରାପ୍ତ ଅଧିକାରୀ, ପ୍ରଶିକ୍ଷାର୍ଥୀଙ୍କ ପରିବାରବର୍ଗ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ବୃଷ:** କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ପୁରୁଣା ନିବେଶରୁ ଲାଭ ମିଳିପାରେ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ।

**ମିଥୁନ:** ଲୋକ ସମ୍ପର୍କ ବୃଦ୍ଧି ପାଇବ। ଅକସ୍ମାତ ଧନ ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ମନ ପ୍ରସନ୍ନ ରହିବ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ରାଜନେତାଙ୍କ ପାଇଁ ଦିନଟି ଭଲ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁନି। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ।

**ସିଂହ:** ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ନୂତନ ବ୍ୟବସାୟରେ ଜୀବନସାଥୀଙ୍କ ସହଯୋଗ ମିଳିବ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କନ୍ୟା:** ଆର୍ଥିକ ଯୋଜନା ପ୍ରସ୍ତୁତ କରିବାକୁ ଅନୁକୂଳ ସମୟ। ପୁରୁଣା ନିବେଶରୁ ଲାଭ ମିଳିପାରେ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଆଜି ଦିନଟିରେ ଆପଣଙ୍କ ମନ ପ୍ରଫୁଲ୍ଲିତ ରହିବ। କଠିନ ପରିଶ୍ରମର ଫଳ ମିଳିବ। ପିତାଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। କିଛି କ୍ଷେତ୍ରରେ ନିବେଶ କରିବାକୁ ଯୋଜନା କରିପାରନ୍ତି। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ଦାନ ଧର୍ମ କରନ୍ତୁ।

**ଧନୁ:** ପରିବାର ସଦସ୍ୟଙ୍କ ସହିତ ସମୟ ବିତାଇବେ। ଅପରାହ୍ନ ପରେ ଖୁସି ଖବର ମିଳିପାରେ। ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଭଲ ରହିବ। ମଧୁର କଥାରେ ସମସ୍ତଙ୍କ ହୃଦୟ ଜିତିବେ।

**ମକର:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। କଣ୍ଠଶିଳ୍ପୀ ପ୍ରଶଂସିତ ହୋଇପାରନ୍ତି। ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିପାରେ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟାର ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** କୌଣସି କଥାକୁ ନେଇ ମନରେ ଅଶାନ୍ତି ସୃଷ୍ଟି ହେବ। ଲୋକସମ୍ପର୍କ ବଢ଼ିବ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। ରାଜନେତାଙ୍କ ପାଇଁ ଦିନଟି ଭଲ।

## ଆଜିର ଇତିହାସ

- ୧୯୨୦- ପ୍ରସିଦ୍ଧ ସିତାର ବାଦକ ପଣ୍ଡିତ ରବିଶଙ୍କରଙ୍କ ଜନ୍ମ।
- ୧୯୪୬- ସିରିଆ ଫ୍ରାନ୍ସଠାରୁ ସ୍ୱତନ୍ତ୍ର ହେଲା।
- ୧୯୫୫- ୱିନଷ୍ଟନ ଚର୍ଚ୍ଚିଲ ବ୍ରିଟେନର ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେ।
- ୨୦୦୦- ବ୍ରାଜିଲ୍‌ର ସବୁଠୁ ଛୋଟ ସମ୍ବାଦପତ୍ର 'ୟୋର୍ ଅନର୍'ର ପ୍ରକାଶନ ଆରମ୍ଭ।
- ୨୦୧୨- ସିଆଚିନ୍‌ରେ ହୋଇଥିବା ଭୂସ୍ଖଳନ ଯୋଗୁଁ ୧୨୯ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ।

# ଅଲ୍ଲୀ ଅବ୍ବାସଙ୍କ ଫିଲ୍ମର ସୁଟିଂ ଆରମ୍ଭ କଲେ ଅହାନ୍



ଅଲ୍ଲୀ ଅବ୍ବାସ ଜାଫର୍ ଇତିମଧ୍ୟରେ ତାଙ୍କ ଆଗାମୀ ଫିଲ୍ମର ସୁଟିଂ ଆରମ୍ଭ କରି ଦେଇଛନ୍ତି। ଏହା ଏକ ବଡ଼ ବଜେଟ୍‌ର ଆକ୍ସନ୍- ରୋମାଣ୍ଟିକ୍ ଫିଲ୍ମ। ୟଶରାଜ୍ ଫିଲ୍ମସ୍ ଏହାର ନିର୍ମାଣ କରୁଛି। ଅଲ୍ଲୀ ଅବ୍ବାସ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ ସେୟାର୍ କରି ଲେଖିଛନ୍ତି- 'ଆଣ୍ଡ ଇଟ୍ ବିଗିନ୍ସ'। ଏଥିରୁ ଫିଲ୍ମର ସୁଟିଂ ଆରମ୍ଭ ହୋଇ ଯାଇଛି ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ଏହାସହ ସେ ଅହାନ୍ ପାଣ୍ଡେଙ୍କର ଏକ ଫଟୋ ମଧ୍ୟ ସେୟାର୍ କରିଛନ୍ତି। ଅହାନ୍‌ଙ୍କ ଫାଷ୍ଟ ଲୁକ୍ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ହେଲେ ଏଯାବତ୍ ଫିଲ୍ମର ଟାଇଟଲ ଘୋଷଣା କରାଯାଇ ନାହିଁ। ଏଥିରେ ଅହାନ୍‌ଙ୍କ ବ୍ୟତୀତ ଶରଭରୀ ୱାଗ୍, ବବି ଦେଓ୍ୱଲ ଓ ଐଶ୍ୱର୍ଯ୍ୟା ଠାକ୍‌ରେ ଆଦି ମଧ୍ୟ ନଜର ଆସିବେ। ଗତ ଫେବୃଆରୀ ମାସରେ ମଧ୍ୟ ଅଲ୍ଲୀ ଅବ୍ବାସ ଏହାର ଝଲକ ଦେଖାଇଥିଲେ। ଏହି ସମୟରେ ସେ ଅହାନ୍‌ଙ୍କ ସହ ଷ୍ଟୁଡିଓ ଭିତରେ ଦେଖାଯାଇଥିଲେ। ଅହାନ୍ ଏହାପୂର୍ବରୁ ଅନୀତ ପଡ୍ଡାଙ୍କ ସହ 'ସୈୟାରା' ଫିଲ୍ମରେ ନଜର ଆସିଥିଲେ। ଏହା ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଏହି ଫିଲ୍ମ ହିଟ୍ ହେବା ପରେ ସେ ଜେନ୍ ଜେଡ୍‌ଙ୍କ ପ୍ରିୟ କଳାକାର ପାଲଟି ଯାଇଛନ୍ତି। ତେବେ ଏହି ଫିଲ୍ମ ମାଧ୍ୟମରେ ପ୍ରଥମ ଥର ଅହାନ୍, ଶରଭରୀଙ୍କ ସହ ସ୍କ୍ରିନ୍ ସେୟାର୍ କରିବେ।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସ



ପ୍ରତିବର୍ଷ ଏପ୍ରିଲ ୭ ତାରିଖକୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଭାବେ ପାଳନ କରାଯାଏ। ସୁସ୍ଥ ଶରୀରରେ ହିଁ ସୁସ୍ଥ ମନ ବାସ କରେ, ତେଣୁ ସ୍ୱାସ୍ଥ୍ୟର ଯତ୍ନ ନେବା ଜୀବନର ପ୍ରଥମ ପ୍ରାଥମିକତା ହେବା ଉଚିତ। ଦେହ ଓ ମନ ଭଲ ନ ରହିଲେ, ମଣିଷ ଠିକ୍ ଭାବରେ ଜୀବନଧାରଣ କରିପାରିବ ନାହିଁ। ଉତ୍ତମ ସ୍ୱାସ୍ଥ୍ୟ ଉଭୟ ବ୍ୟକ୍ତି ଓ ସମାଜ ପାଇଁ ସବୁଠାରୁ ବଡ ସମ୍ପତ୍ତି, ଯାହା ବିନା ଜୀବନର ସ୍ୱପ୍ନ ପୂରଣ ହେବା କଷ୍ଟସାଧ୍ୟ ହୋଇଥାଏ। ଏହି ପରିପ୍ରେକ୍ଷୀରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ପ୍ରତିବର୍ଷ ଏପ୍ରିଲ୍ ୭ ତାରିଖକୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଭାବେ ପାଳନ କରାଯାଉଛି। ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ସଚେତନ କରିବା ହେଉଛି ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ବିଶ୍ୱବାସୀଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନ କରିବା ତଥା ସେମାନଙ୍କର ସ୍ୱାସ୍ଥ୍ୟ ସଂକ୍ରାନ୍ତ ସମସ୍ୟାର ସମାଧାନ ଏବଂ ଉନ୍ନତି ଉଦ୍ଦେଶ୍ୟରେ ୧୯୪୮ ଏପ୍ରିଲ ୭ରେ ସ୍ଥାପିତ ହୋଇଥିଲା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ। ଏହି ସଂସ୍ଥା ଆନୁକୂଲ୍ୟରେ ୧୯୫୦ରୁ ପ୍ରତିବର୍ଷ ଏପ୍ରିଲ ୭କୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଭାବରେ ପାଳନ କରାଯାଇଆସୁଅଛି। ମ୍ୟାଲେରିଆ, ଏଡ୍‌ସ, କର୍କଟ ଏବଂ ମାନସିକ ସ୍ୱାସ୍ଥ୍ୟ ଭଳି ଅନେକ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଏହି ଦିନ ସଚେତନତା ସୃଷ୍ଟି କରିଥାଏ। ଏହି ଦିନ ଲୋକଙ୍କୁ ଏକ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ପ୍ରେରଣା ଦିଆଯାଏ। ଯଦି ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବ, ତେବେ ମଣିଷ ପାଖରେ ଯେତେ ଧନ ସମ୍ପତ୍ତି ଥିଲେ ବି ତାହା ମୂଲ୍ୟହୀନ। କାରଣ ଏ ସୁନ୍ଦର ପୃଥିବୀକୁ ଉପଭୋଗ କରିବାକୁ ହେଲେ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ କୁହାଯାଏ, ସ୍ୱାସ୍ଥ୍ୟ ହିଁ ସମ୍ପଦ। ଏହି ଉକ୍ତିକୁ ପ୍ରତିଟି ବ୍ୟକ୍ତିଙ୍କୁ ହୃଦୟଙ୍ଗମ କରାଇବା ଉଦ୍ଦେଶ୍ୟରେ ଏହି ଦିବସର ପରିକଳ୍ପନା କରାଯାଇଛି। ଶରୀରକୁ ସୁସ୍ଥ ରଖିବାକୁ ହେଲେ ସୁସ୍ଥ ଖାଦ୍ୟ, ବ୍ୟାୟାମ, ମାନସିକ ସ୍ତରରେ ଫିଟ୍ ରହିବା ନିହାତି ଆବଶ୍ୟକ। ଏହାଦ୍ୱାରା ଏକ ସୁସ୍ଥ ଓ ସୁନ୍ଦର ବିଶ୍ୱ ସମ୍ଭବ ହୋଇପାରିବ।

# ଫ୍ରିଜ୍ ଟିଓ୍ୱେଲ




ଖରାଦିନେ ପ୍ରବଳ ତାତି ଏବଂ ବାଷ୍ପୀକରଣ ଯୋଗୁଁ ବିଭିନ୍ନ ସ୍ଥାନରେ ଭୂତଳ ଜଳସ୍ତର ହ୍ରାସ ପାଉଛି, ଯାହା ପାନୀୟ ଜଳ ସଙ୍କଟ ସୃଷ୍ଟି କରୁଛି। ଏହି କ୍ରମରେ ଝାଡ଼ଖଣ୍ଡ ପଲାମୁରେ ମହେନ୍ଦ୍ର ରାମଙ୍କ ୧୯୯୨ ମସିହାର ଟିଓ୍ୱେଲ ଏବେ ଚର୍ଚ୍ଚାରେ ଅଛି। ୧୪ ଫୁଟ ଗଭୀରରେ ହିଁ ବର୍ଷ ତମାମ ଏଥିରୁ ଥଣ୍ଡା ପାଣି ବାହାରି ଥାଏ। ଭୀଷଣ ଗରମରେ ଏହି ଟିଓ୍ୱେଲର ପାଣି ଫ୍ରିଜ୍ ଭଳି ଥଣ୍ଡା ଲାଗିଥାଏ। ଯାହାକି ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିଥାଏ। ସେହିପରି ଏହି ଟିଓ୍ୱେଲର ପାଣି କେବଳ ଥଣ୍ଡା ନୁହେଁ, ବରଂ ସ୍ୱଚ୍ଛ ଓ ମଧୁର। ସ୍ଥାନୀୟ ଲୋକଙ୍କ ବିଶ୍ୱାସ, ଏହି ଟିଓ୍ୱେଲ ପାଣି ପିଇବା ଦ୍ୱାରା ପେଟଜନିତ ସମସ୍ୟାଗୁଡ଼ିକ ଦୂର ହୁଏ। ଏହି କାରଣ ଯୋଗୁଁ ଦୂରଦୂରାନ୍ତରୁ ଲୋକେ ଏହାର ପାଣି ପିଇବା ପାଇଁ ଆସନ୍ତି। ଅନ୍ୟପଟେ ଏହି ଟିଓ୍ୱେଲ ସାଧାରଣ ଲୋକଙ୍କ ସମେତ ଗବେଷକଙ୍କ ପାଇଁ ଗବେଷଣାର ବିଷୟ ପାଲଟିଛି। ମହେନ୍ଦ୍ର ଏହି ଟିଓ୍ୱେଲଟିକୁ ୧୯୯୨ ମସିହାରେ ଖୋଳାଇଥିଲେ। ଏହାର ସମୁଦାୟ ଗଭୀରତା ୩୦ ଫୁଟ। ଜଳସ୍ତର ୧୪ ଫୁଟରେ ରହିଛି। ଏହାର ବିଶେଷତ୍ୱ ହେଉଛି, ଆଖପାଖ ଅଞ୍ଚଳରେ ୨୦୦ରୁ ୨୫୦ ଫୁଟ୍ ଉଚ୍ଚତାରେ ଯେଉଁଠି ପାଣି ମିଳୁଛି, ଏହି ଟିଓ୍ୱେଲରେ ଏତେ କମ୍ ଗଭୀରରେ ବି ବର୍ଷ ତମାମ ପାଣି ଉପଲବ୍ଧ ରହିଥାଏ। ଏହାର ଆଉ ଏକ ବିଶେଷତ୍ୱ ହେଉଛି, ଆଜି ଯାଏଁ ଏହାର ପାଣି କେବେ ବି ଶୁଖି ନାହିଁ। ସେହିପରି ଗରମ ଦିନରେ ବି ଏହାର ପାଣି ଥଣ୍ଡା ରହେ। ଯାହାକୁ ଲୋକେ ଫ୍ରିଜ୍ ପାଣି ବୋଲି କହନ୍ତି। ସହରର ଅଲଗା ଅଲଗା ସ୍ଥାନରୁ ଏଠାକୁ ଲୋକେ ନିତିଦିନ ପାଣି ନେବାକୁ ଆସନ୍ତି। ଲୋକେ ବୋତଲ, ମାଠିଆରେ ପାଣି ନେବା ସତ୍ତ୍ୱେ ବି ଏହାର ପାଣି କେବେ ବି ହ୍ରାସ ପାଏ ନାହିଁ। ସ୍ଥାନୀୟ ଲୋକଙ୍କ ମତରେ, ଏହି ଟିଓ୍ୱେଲ ନିକଟରେ ଏକ ବିରଳ ୯୦୦ ବର୍ଷ ପୁରୁଣା ଦୁର୍ଲଭ କଳ୍ପତରୁ ଗଛ ଅଛି। ଏହି ଗଛର ଚେର ବହୁତ ଗଭୀର ହୋଇଥିବାରୁ ଏହା ପ୍ରଚୁର ପରିମାଣରେ ପାଣି ସଂରକ୍ଷଣ କରୁଥିବା କୁହାଯାଏ। ତେବେ କିଛି ଲୋକଙ୍କ ବିଶ୍ୱାସ ଏହି ଗଛର ଚେର ଯୋଗୁଁ ଟିଓ୍ୱେଲର ଜଳସ୍ତର ସବୁବେଳେ ବଜାୟ ରହିଥାଏ। ଆଉ କେତେକଙ୍କ ମତରେ, ଭୂତଳରେ ଥିବା ଏକ ବିଶେଷ ପଥର କିମ୍ବା ପ୍ରାକୃତିକ ଜଳଧାରାର ଏହା ପ୍ରଭାବ। ତେବେ ଏବେ ବି ଏହାର ପ୍ରକୃତ କାରଣ ଗବେଷଣାର ବିଷୟ ହୋଇ ଅଛି। ଅବଶ୍ୟ ଭୀଷଣ ଗରମରେ ଏହି ଟିଓ୍ୱେଲ ଲୋକଙ୍କୁ ଥଣ୍ଡା ଓ ମଧୁର ପାଣି ଯୋଗାଇବା କୌଣସି ଚମତ୍କାରଠାରୁ କମ୍ ନୁହେଁ।



# କଦଳୀ ପତ୍ର ଝାଉଁଳୁଥିଲେ...

**ଅନ୍ୟ ଋତୁ ତୁଳନାରେ ଗ୍ରୀଷ୍ମଋତୁରେ ତାପମାତ୍ରା ଅଧିକ ରହୁଥିବାରୁ କଦଳୀ ଗଛର ପତ୍ର ଗୁଡିକ ହଳଦିଆ ପଡ଼ି ଯାଇଥାଏ। ବାଉଙ୍ଗା ମୂଳରୁ ଭାଙ୍ଗିଯାଇ ଓହଳି ରହେ। ଗଛ ଝାଉଁଳି ମରିଯାଇଥାଏ। ତେଣୁ ଖରାଦିନେ କଦଳୀ ଗଛର ପତ୍ର ହଳଦିଆ ପଡ଼ି ଝାଉଁଳୁଥିଲେ ଏହି ଉପାୟ ଆପଣାନ୍ତୁ।**

ଖରାଦିନେ କଦଳୀ ଗଛ ଅଧିକ ପାଣି ଆବଶ୍ୟକ କରେ। ଏହି ସମୟରେ ମାଟିର ସ୍ଥିତିକୁ ଅନୁଧ୍ୟାନ କରି ପ୍ରତିଦିନ ସକାଳୁ ଗଛରେ ପାଣି ଦେଇ ପାରିବେ। ଏହା ଦ୍ୱାରା ମାଟିର ଆର୍ଦ୍ରତା ଠିକ ରୁହେ। ଗଛ ଚାରିପାଖେ ଅନାବନା ଘାସ ଥିଲେ ଉପାଡ଼ି ଦେବା ଭଲ। ଗଛକୁ ସୁରକ୍ଷା ଦେବା ପାଇଁ ସେଡ୍‌ନେଟ୍ ଲଗାଇବା ଆବଶ୍ୟକ। ଏହି ଜାଲି ସୂର୍ଯ୍ୟଙ୍କ ଅଧିକ କିରଣରୁ ଗଛକୁ ଛାଇ ପ୍ରଦାନ କରେ। ଜାଲିକୁ ଗଛ ଉପରେ ଟେଣ୍ଟ ପରି ବିଛାଇ ପାରିବେ।

ସେହିପରି କଦଳୀ ଗଛକୁ ସୁରକ୍ଷା ଦେବାକୁ ମଲଚିଂ କରିପାରିବେ। ଏଥିପାଇଁ ମାଟି ଉପରେ ଶୁଖିଲା ପତ୍ର, ନଡ଼ିଆ କତାରେ ଘୋଡାଇ ପାଣି ଦେବା ଦ୍ୱାରା ମାଟିର ତାପମାତ୍ରା ନିୟନ୍ତ୍ରିତ ରହିଥାଏ। ସୂର୍ଯ୍ୟଙ୍କ ଉତ୍ତାପ କଦଳୀ ଗଛ ପତ୍ରକୁ ଗରମ କରି ଶୁଖାଇ ଦିଏ। ଏପରିସ୍ଥିତିରେ ସକାଳୁ ହାଲୁକା ପତ୍ର ସିଞ୍ଚନ କରିପାରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗ୍ରୀଷ୍ମଋତୁରେ କଦଳୀ ଗଛ ମୂଳ ଦୁର୍ବଳ ହୋଇଯାଏ ତେଣୁ ରାସାୟନିକ ସାର କମ୍ ଉପଯୋଗ କରି ଏହା ବଦଳରେ ଗୋବର ଖତ ତଥା ଜୈବିକ ପୋଷକତତ୍ତ୍ୱ ଦେଇ ପାରିବେ। ଜୈବିକ ଖତ ମାଟିର ଗୁଣବତ୍ତା ବଜାୟ ରଖି ଗଛର ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି କରାଏ।

# ଖରାଦିନେ ଗାଈଙ୍କ ଯତ୍ନ

**ଗ୍ରୀଷ୍ମଋତୁରେ ବାୟୁମଣ୍ଡଳ ଉତ୍ତପ୍ତ ରହିବା ସଙ୍ଗେ ଗରମ ପବନ ବହିଥାଏ। ଏହା ଗୃହପାଳିତ ପଶୁଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକେଇବା ସହ ସେମାନଙ୍କର ଦୁଗ୍ଧ ଉତ୍ପାଦନ କ୍ଷମତା ମଧ୍ୟ କମି ଯାଇଥାଏ। ତେଣୁ ଗ୍ରୀଷ୍ମରେ ଗାଈଙ୍କ ଯତ୍ନ କିପରି ନେବେ ଜାଣନ୍ତୁ।**



ତାପମାତ୍ରା ବୃଦ୍ଧି ଯୋଗୁଁ ଗାଈମାନେ ଖାଦ୍ୟ କମ୍ ଖାଇବା ସହ ପାକୁଳି କମ୍ କରିଥାନ୍ତି। ଖାଦ୍ୟ ଠିକ ଭାବେ ହଜମ ହୋଇ ପାରେନି। ସେମାନେ ଦୁର୍ବଳ ହୋଇଯାଆନ୍ତି। କ୍ଷୀର ଉତ୍ପାଦନ ପ୍ରଭାବିତ ହୁଏ। ସେମାନଙ୍କ ଶରୀରର ଆଭ୍ୟନ୍ତରୀଣ ତାପମାତ୍ରା ବଢ଼ିଯାଇ ପାଟିରୁ ଲାଳ, ଫେଣ ବାହାରିବା ସହ ଖାଇବା କମେଇ ଦିଅନ୍ତି। ତେଣୁ ଗ୍ରୀଷ୍ମ ଦାଉରୁ ରକ୍ଷା ପାଇବା ପାଇଁ ଗାଈଙ୍କର ଗୁହାଳର ଉଚ୍ଚତା ଅଧିକ ହେବା ସହିତ ପଙ୍ଖା, ଭେଣ୍ଟିଲେଟର, ସ୍ପ୍ରିଙ୍କଲର ଆଦି ଲାଗିବା ଦରକାର। ଗୁହାଳ ଚାରିପାଖେ ଝଙ୍କାଳିଆ ଗଛ ଲଗାନ୍ତୁ। ଗୁହାଳ ଛାତ ଆଜବେଷ୍ଟସ୍‌ରେ ହୋଇଥିଲେ ଏହା ଉପରେ ଧଳା ରଙ୍ଗ ଏବଂ ତଳ ପଟେ କଳା ରଙ୍ଗ ମାରନ୍ତୁ। ଗୁହାଳକୁ ଥଣ୍ଡା ରଖିବା ପାଇଁ ଛାତ ଉପରେ ନଡ଼ା, କୁଟା, ଗଛର ଡାଳପତ୍ର ଆଦି ପକାଇବା ଉଚିତ। ଓଦା ଝୋଟ ଅଖା ଗୁହାଳର ଝରକା କବାଟରେ ଟାଙ୍ଗିବା ଦରକାର।

ଏହିଦିନେ ଗାଈଙ୍କୁ ପ୍ରଚୁର ପରିମାଣରେ ସ୍ୱଚ୍ଛ ଓ ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ। ସକାଳେ, ସନ୍ଧ୍ୟା କିମ୍ବା ରାତିରେ ଖାଦ୍ୟ ଖାଇବାକୁ (ବେଶୀ ପରିମାଣର ସବୁଜ ଘାସ, ସନ୍ତୁଳିତ ଦାନା ଏବଂ କମ୍ ତନ୍ତୁ ଜାତୀୟ, ସୋଡିୟମ ଓ ପୋଟାସିୟମ ଖଣିଜ ଲବଣ ଆକାରରେ ଖାଇବାକୁ) ଦେବା ଆବଶ୍ୟକ। ଗାଈଙ୍କୁ ଦିନର ଥଣ୍ଡା ସମୟରେ ଚରିବାକୁ ଛାଡ଼ନ୍ତୁ। ଖରାଦିନେ ଦେଖା ଦେଉଥିବା ସାହାଣ, ଫାଟୁଆ ଆଦି ସଂକ୍ରାମକ ରୋଗ ପାଇଁ ଟିକାକରଣ କରିବା ଉଚିତ। ନିୟମିତ ଗୋବର ପରୀକ୍ଷା କରି କୃମିନାଶକ ଔଷଧ ଦେବା ଉଚିତ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ମୁଗ, ବିରି, ଚିନାବାଦାମ ଫସଲ ଅମଳ ଉପଯୋଗୀ ହୋଇଥିଲେ ଅମଳ କରି ନିଅନ୍ତୁ ଏବଂ ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଆଖୁ ଗଛମୂଳ ଓଦା ରଖିବା ପାଇଁ ଶୁଖିଲା ପତ୍ର ଦ୍ୱାରା ନାଲି ଗୁଡ଼ିକୁ ଆଚ୍ଛାଦନ କରନ୍ତୁ। ଗ୍ରୀଷ୍ମ ଋତୁରେ ଜଳାଭାବରୁ ଫସଲରୁ ରକ୍ଷା କରିବା ପାଇଁ ଶତକଡ଼ା ୪ ଭାଗ ପଟାସ୍ ସାର ପତ୍ର ସିଞ୍ଚନ କରନ୍ତୁ।
- ବର୍ଷା ଯୋଗୁଁ ଫସଲରେ ପତ୍ର ପୋଡା, ଝାଉଁଳା ଓ ମୂଳ ସଢ଼ା ଦେଖା ଦେବାର ସମ୍ଭାବନା ଅଛି। ତେଣୁ ବର୍ଷା ଛାଡ଼ି ଗଲା ପରେ ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ + ମାଙ୍କୋଜେବକୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ।
- ଭେଣ୍ଡି ଫସଲରେ ସାହେବୀ ରୋଗର ପରିଚାଳନା ପାଇଁ ଏହାର ବାହକ ଧଳାମାଛି ନିୟନ୍ତ୍ରଣ ନିହାତି ଜରୁରି। ଆକ୍ରାନ୍ତ ଗଛକୁ ଉପାଡ଼ି ଦୂରରେ ନଷ୍ଟ କରି ଦିଅନ୍ତୁ। ଶୁଖିଲା ପାଗ ଦେଖି ପ୍ରାଥମିକ ଅବସ୍ଥାରେ ଧଳାମାଛିର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ସୁବର୍ଣ୍ଣା




# ଉନ୍ନତ କଲରା କିସମ



ଆମ ରାଜ୍ୟର ଅଧିକାଂଶ ଚାଷୀ କଲରା ଚାଷକରି ଲାଭବାନ ହୋଇଥାନ୍ତି। ତେଣୁ କଲରା ଚାଷରୁ ଅଧିକ ଅମଳ ପାଇବା ପାଇଁ ଏହାର ଉନ୍ନତ କିସମ ଚୟନ କରିବା ଜରୁରି। ତେବେ ବର୍ତ୍ତମାନ କଲରା ଚାଷରେ ସଙ୍କର କିସମକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏନେଇ ନିକଟସ୍ଥ କୃଷି ଭଣ୍ଡାରରୁ ସଙ୍କର କିମ୍ବା ଦେଶୀ କଲରା ବିହନ ପାଇ ପାରିବେ। ଏହି କ୍ରମରେ କଲରାର ସଙ୍କର କିସମ ହେଉଛି ଭିଏନ୍‌ଆରର ନବଧନ୍। ଏହି କିସମ ୧୦ ଗ୍ରାମକୁ ୧୫୦ଟଙ୍କା। ଲିଟିଲ୍ ଷ୍ଟାର ୧୦ ଗ୍ରାମକୁ ୨୫୦ ଟଙ୍କା, ବିଟରଗୋଡ ଲଙ୍ଗ ତ୍ରିଶା ୧୦ ଗ୍ରାମ୍‌କୁ ୧୪୦ ଟଙ୍କା। କାବେରୀ- ୬୪ର ମୂଲ୍ୟ ୧୦ ଗ୍ରାମ୍‌କୁ ୨୨୦ ଟଙ୍କା ରହିଛି।

# ପିଆଜ ଫସଲରେ ଜଳସେଚନ

**ପିଆଜ ଚାଷ ଅଧିକ ଲାଭଜନକ। ହେଲେ ଏପ୍ରିଲ ମାସରେ ତାପମାତ୍ରା ଅଧିକ ରହୁଥିବାରୁ ଏହି ସମୟେ ପିଆଜ ଫସଲରେ ହାଲୁକା ଜଳସେଚନ କରିବା ଜରୁରି।**



ଏପ୍ରିଲ ମାସରେ ତାପମାତ୍ରା ଅଧିକ ରହିଥାଏ। ଏହି ସମୟରେ ପିଆଜ ଫସଲ ପାଇଁ ଜଳସେଚନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜମିର ସ୍ଥିତି ଦେଖି ଜଳସେଚନ କରିବା ଜରୁରି। ଏହାସହ ଚାଷୀଭାଇ ଜମିର ଆର୍ଦ୍ରତାକୁ ମାପି ୭ରୁ ୧୦ ଦିନ ଅନ୍ତରରେ ଜଳସେଚନ କରି ପାରିବେ। ଫସଲରେ ପାଣି ଯୋଗାଇବାକୁ ବୁନ୍ଦାଜଳସେଚନ, ସିଞ୍ଚନ ବିଧି ଆପଣାଇ ପାରିବେ। ବିଶେଷ କଥା ହେଉଛି, ଫସଲରେ ସର୍ବଦା ସକାଳ ଓ ସନ୍ଧ୍ୟା ସମୟରେ ଜଳସେଚନ କରନ୍ତୁ। ଏହା ଦ୍ୱାରା ଜଳର ସୁବିନିଯୋଗ ହୋଇପାରିବ। ଗଛ ବୃଦ୍ଧିରେ ସହାୟକ ହେବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅମଳ ହେବାକୁ ଥିବା ପିଆଜ ଫସଲରେ ସାତ ଦିନ ପୂର୍ବରୁ ଜଳ ସେଚନ ବନ୍ଦ କରି ଅମଳ କରିବା ଉଚିତ। ଏହାଦ୍ୱାରା ପିଆଜ ଶୁଖିଲା ଓ ଭଲ ଗୁଣବତ୍ତାର ହୋଇଥାଏ।

ସକାଳ
www.sakalaepaper.com

## ସିଏସ୍‌କେରେ ରହିବା ଯନ୍ତ୍ରଣାଦାୟକ ଓ ବିରକ୍ତିକର

ଚେନ୍ନଇ,୬।୪(ଏଜେନ୍ସି): ସିଏସକେ ପକ୍ଷରୁ ଆଇପିଏଲ ଖେଳିବା ମୋ ଲାଗି ମାନସିକ ଭାବେ ବରିକ୍ତିକର ଓ ଯନ୍ତ୍ରଣାଦାୟକ ସମୟ ବୋଲି ଭାରତର ଅନ୍ୟତମ କିମ୍ବଦନ୍ତୀ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ



କହିଛନ୍ତି। 'ଆଶ କି ବାତ୍' ୟୁ ଟ୍ୟୁବ୍ ଚ୍ୟାନେଲରେ ସେ ଆଇପିଏଲ୍‌ରୁ କାହିଁକି ଅବସର ନେଲେ ସେ ସମ୍ପର୍କରେ ପ୍ରତିକ୍ରିୟା ପ୍ରକାଶ କରିବା ସହ କାରଣ ଦର୍ଶାଇଥିଲେ। ସିଏସ୍‌କେର ଯେଉଁ ସମୟ ରହିଛି, ସେଥିରେ ମୋର ଭୂମିକା, ଭବିଷ୍ୟତ ସମ୍ପର୍କରେ କିଛି ସ୍ୱଷ୍ଟତା ନ ଥିଲା। ଯାହା ଫଳରେ ନିଜକୁ ପ୍ରସ୍ତୁତ କରି ପାରୁ ନ ଥିଲେ। ସତକହିବାକୁ ଗଲେ ପରବର୍ତ୍ତୀ ସିଜନରେ ଫ୍ରାଞ୍ଚାଇଜ୍ ବଦଳାଇବା ଓ ଖେଳିବାକୁ ମୋର ଆଉ ଇଛା ନ ଥିଲା। ଘରୋଇ ମାଟିରେ ଖେଳିବାର ଯେଉଁ ଇଛା ଥିଲା ତାହା ପୂରଣ ହୋଇ ପାରିଲା ନାହିଁ। ଏଭଳି ଯନ୍ତ୍ରଣାଦାୟକ ଭାବେ ରହିବା ଅପେକ୍ଷା ମୁଁ ଅବସର ନେବାକୁ ଚିନ୍ତା କରିଥିଲି ବୋଲି ସେ କହିଛନ୍ତି।

## ୨୦୨୦ ପରେ ଟିମ୍‌ରେ ନାହାନ୍ତି ସୁନୀଲ-ବରୁଣ

କୋଲକାତା, ୬।୪ (ଏଜେନ୍ସି): ବିଶ୍ୱର ଦୁଇ ଜଣ ଖ୍ୟାତନାମା ସ୍ପିନର ହେଉଛନ୍ତି ୱେଷ୍ଟଇଣ୍ଡିଜ୍‌ର ସୁନୀଲ ନାରିନ୍ ଓ ବରୁଣ ଚକ୍ରବର୍ତ୍ତୀ। ସୁନୀଲ ଦୀର୍ଘଦିନ ହେବ କେକେଆର୍ ପକ୍ଷରୁ ଖେଳିଆସୁଛନ୍ତି। ୨୦୨୦ରୁ ବରୁଣ ଦଳରେ ଅଛନ୍ତି। କେକେଆର୍‌ରେ ବରୁଣ ଯୋଗଦେବା ପରଠାରୁ ଉଭୟ ବୋଲର ପ୍ରାୟ ଚୂଡାନ୍ତ ଏକାଦଶରେ ଖେଳିଥାନ୍ତି। କେବଳ ଆହତ ସମସ୍ୟା ଯୋଗୁଁ କେହି ଦଳରୁ ବାଦ୍ ପଡ଼ିଥାନ୍ତି। ଆଜି ଏଠାରେ ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍‌ରେ ଉଭୟ ଖେଳାଳିଙ୍କୁ କେକେଆର୍‌ର ଚୂଡାନ୍ତ ଏକାଦଶରେ ଖେଳିବାକୁ ସୁଯୋଗ ମିଳିନାହିଁ। ଉଭୟ ମଧ୍ୟ ଇମ୍ପାକ୍ଟ ଖେଳାଳି ତାଲିକାରେ ନାହାନ୍ତି। ଏହା ଫଳରେ ୨୦୨୦ ପରେ ପ୍ରଥମଥର ଲାଗି ଦୁଇଜଣ ଟିମ୍‌ରେ ଖେଳୁ ନାହାନ୍ତି। ଚଳିତ ସିଜନରେ କେକେଆର୍ ୨ଟି ମ୍ୟାଚ୍ ଖେଳି ୨ଟିଯାକରେ ପରାଜିତ ହୋଇଛି। ଏହି ଦୁଇ ସ୍ପିନର ଆଦୌ ପ୍ରଭାବଶାଳୀ ସାବ୍ୟସ୍ତ ହୋଇ ପାରି ନାହାନ୍ତି। ସେମାନଙ୍କୁ ଦଳରୁ ବାଦ୍ ଦେବା ସମ୍ପର୍କରେ କେହି କିଛି ମନ୍ତବ୍ୟ ଦେଇ ନାହାନ୍ତି, କିନ୍ତୁ ଫର୍ମ ନ ଥିବା କାରଣରୁ ସେମାନଙ୍କୁ ଖେଳିବା ସୁଯୋଗ ମିଳିନାହିଁ ବୋଲି କୁହାଯାଉଛି। ଏହି ମ୍ୟାଚ୍‌ରୁ ମଧ୍ୟ ଜିମ୍ବାୱେ ଫାଷ୍ଟ ବୋଲର ବ୍ଲେସିଂ ମୁଜାରବାନିଙ୍କୁ ଖେଳିବା ସୁଯୋଗ ମିଳିନାହିଁ।

## ଗୋଟିଏ ଟିମ୍ ବିପକ୍ଷରେ କୋହଲିଙ୍କ ସର୍ବାଧିକ ରନ୍

ବେଙ୍ଗାଲୁରୁ, ୬।୪ (ଏଜେନ୍ସି): ଆର୍‌ସିବିର ବିରାଟ କୋହଲି ରବିବାର ଅନୁଷ୍ଠିତ ଚେନ୍ନଇ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ବଡ଼ କୀର୍ତ୍ତିମାନ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ କୋହଲି ୧୮ ବଲ୍‌ରୁ ୨୮ ରନ୍ କରିଥିଲେ। ଏହି ଇନିଂସ ବଳରେ ଏକ ଆଇପିଏଲ୍ ଦଳ ବିପକ୍ଷରେ ସର୍ବାଧିକ ରନ୍ କରିବାର କୀର୍ତ୍ତିମାନ କୋହଲି ହାସଲ କରିଛନ୍ତି। କେବଳ ଚେନ୍ନଇ ସୁପର କିଙ୍ଗ୍‌ସ (ସିଏସ୍‌କେ) ବିପକ୍ଷରେ କୋହଲି ସର୍ବାଧିକ ୧୧୭୪ ରନ୍ କରିଛନ୍ତି। ଫଳରେ ରୋହିତ ଶର୍ମାଙ୍କ କୀର୍ତ୍ତିମାନକୁ କୋହଲି ଭାଙ୍ଗି ଦେଇଛନ୍ତି। କେକେଆର୍ ବିପକ୍ଷରେ ରୋହିତ ୧୧୬୧ ରନ୍ କରିଥିଲେ; ଯାହାକୁ ଟପି ଯାଇଛନ୍ତି କୋହଲି। ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ବିରାଟ କୋହଲି ଓ ଡେଭିଡ୍ ୱାର୍ଣ୍ଣର ଯଥାକ୍ରମେ ୧୧୫୯ ଓ ୧୧୩୪ ରନ୍ କରିଛନ୍ତି। ଚତୁର୍ଥ ଫ୍ରାଞ୍ଚାଇଜି ଦିଲ୍ଲୀ କ୍ୟାପିଟାଲ୍‌ସ ବିପକ୍ଷରେ ମଧ୍ୟ କୋହଲି ସର୍ବାଧିକ ୧୧୩୦ ରନ୍ କରିଛନ୍ତି।

## ଅଭ୍ୟାସ କଲେ ହାର୍ଦ୍ଦିକ ପାଣ୍ଡ୍ୟା

ଗୁଆହାଟୀ, ୬।୪ (ଏଜେନ୍ସି): ଅସୁସ୍ଥ ଥିବାରୁ ମୁମ୍ବଇ ଇଣ୍ଡିଆନ୍‌ସର ଅଧିନାୟକ ହାର୍ଦିକ ପାଣ୍ଡ୍ୟା ଦିଲ୍ଲୀ କ୍ୟାପିଟାଲ୍‌ସ ବିପକ୍ଷ ୨ୟ ମ୍ୟାଚ୍ ଖେଳିନଥିଲେ। ରବିବାର ସନ୍ଧ୍ୟାରେ ଗୁଆହାଟୀରେ ମୁମ୍ବଇ ଇଣ୍ଡିଆନ୍‌ସ ଅଭ୍ୟାସ କରିଥିବା ବେଳେ ହାର୍ଦିକ ମଧ୍ୟ ଏଥିରେ ଭାଗ ନେଇଥିଲେ। ମୁମ୍ବଇ ପାଇଁ ଏହା ନିଶ୍ଚୟ ଖୁସିର ଖବର। ହାର୍ଦିକ ୱାର୍ମଅପ୍ କରିବା ପରେ ଖାଲି ନେଟ୍‌ସରେ ବେଶ୍ କିଛି ସମୟ ବୋଲିଂ କରିଥିଲେ। ଅଭ୍ୟାସରେ ୟର୍କର ପକାଇବା ଉପରେ ହାର୍ଦିକ ଧ୍ୟାନ ଦେଇଥିଲେ। ପରେ ହାର୍ଦିକ ବ୍ୟାଟିଂ କରିଥିବା ବେଳେ ବ୍ୟାଟିଂ ପ୍ରଶିକ୍ଷକ କାଇରନ୍ ପୋଲାର୍ଡଙ୍କ ତୀକ୍ଷ୍ଣ ନଜର ତାଙ୍କ ଉପରେ ଥିଲା। ହାର୍ଦିକ କେକେଆର୍ ବିପକ୍ଷରେ ଗୋଟିଏ ୱିକେଟ୍ ନେବା ପରେ ଅପରାଜିତ ୧୮ ରନ୍ କରିଥିଲେ ଏବଂ ମୁମ୍ବଇ ଜିତିଥିଲା।

### ବର୍ଷା ଯୋଗୁଁ ଇଡେନ ଗାର୍ଡେନରେ ମ୍ୟାଚ୍ ବାତିଲ

# ପଏଣ୍ଟ ଭାଗ କଲେ କେକେଆର୍- ପଞ୍ଜାବ କିଙ୍ଗ୍‌ସ

କୋଲକାତା,୬।୪(ଏଜେନ୍ସି): କାଳବୈଶାଖୀ ବର୍ଷା, ପବନ ଯୋଗୁଁ ଆୟୋଜକ କେକେଆର୍ (କୋଲକାତା ନାଇଟ୍ ରାଇଡର୍ସ) ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଆଜି ଇଡେନ୍ ଗାର୍ଡେନରେ ଖେଳାଯିବାକୁ ଥିବା ଆଇପିଏଲ୍‌ର ଦ୍ୱାଦଶ ଲିଗ୍ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ କରାଯାଇଛି। ଏହା ଫଳରେ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ପାଇଛି। କ୍ରମାଗତ ପରାଜୟ ପରେ କେକେଆର୍ ପଏଣ୍ଟ ଖାତା ଖୋଲିଥିଲାବେଳେ କ୍ରମାଗତ ୨ଟି ମ୍ୟାଚ୍ ଜିତିବା ପରେ ପଞ୍ଜାବ ବାତିଲ ମ୍ୟାଚ୍‌ରୁ ନିରାଶ ହୋଇଛି। ଏଠାରେ ଆସନ୍ତା ଗୁରୁବାର କେକେଆର୍ ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ସମାନ କାରଣ ଯୋଗୁଁ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି।



ଆଜି ଏଠାରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ କେକେଆର ଅଧିନାୟକ ଆଜିଙ୍କ୍ୟ ରାହାଣେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ପଞ୍ଜାବ କିଙ୍ଗ୍‌ସର ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ଜାଭିୟର ବାର୍ଟଲେଟ୍ କେକେଆର ଇନିଂସର ଦ୍ୱିତୀୟ ଓଭରରେ ଦୁଇ ବିଦେଶୀ ବ୍ୟାଟର ଫିନ୍ ଆଲେନ (ନ୍ୟୁଜିଲାଣ୍ଡ) ଓ କାମେରନ ଗ୍ରୀନ୍ (ଅଷ୍ଟ୍ରେଲିଆ)ଙ୍କୁ ଆଉଟ କରି ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ୧୬ରନ୍‌ରେ ୨ ୱିକେଟ ହରାଇ ବିପଦରେ ପଡ଼ିଥିଲା ଘରୋଇ ଦଳ। ଏହି ସମୟରେ ଭ୍ରମଣକାରୀ ଫାଷ୍ଟ ବୋଲର ବାର୍ଟଲେଟଙ୍କ ରିଦମରେ ବ୍ରେକ୍ ଲଗାଇଥିଲା ବର୍ଷା। ସେ ତାଙ୍କ ସ୍ପେଲର ଦ୍ୱିତୀୟ ଓଭର ବା କେକେଆର୍ ଇନିଂସରେ ୩.୪ ଓଭର ବୋଲିଂ ଶେଷ ହେବା ପରେ ଇଡେନ୍‌ରେ ପ୍ରବଳ ବର୍ଷା ହୋଇଥିଲା। ଏହି ସମୟରେ କେକେଆର୍ ୨ ୱିକେଟ ହରାଇ ୨୫ ରନ୍ କରିଥିଲା। ଆଜିଙ୍କ୍ୟ ରାହାଣେ ୮ ଓ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ଅଙ୍ଗକ୍ରିସ୍ ରଘୁବଂଶୀ ୭ ରନ୍ କରି ବ୍ୟାଟିଂ କରୁଥିଲେ। ଆଲେନ ୬ ଓ ଗ୍ରୀନ୍ ୪ ରନ୍ କରି ବାର୍ଟଲେଟ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏମାନେ ୩ଟି ବଲ୍‌ରେ ପାଭିଲିୟନ ଫେରିଥିଲେ। ଟସ୍ ଜିତି କେକେଆର୍ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ତାଙ୍କ ନିଷ୍ପତ୍ତି କାମ ଦେଇ ନ ଥିଲା। କ୍ରମାଗତ ବର୍ଷା ଯୋଗୁଁ ଆଉ ଖେଳ ସମ୍ଭବ ହୋଇ ପାରି ନ ଥିଲା। ରାତି ୭ଟା ୪୭ ମିନିଟ୍‌ରେ ବର୍ଷା ହେବା ଫଳରେ ଖେଳକୁ ବନ୍ଦ ରଖାଯାଇଥିଲା। ରାତି ୧୦ଟା ୩୫ ମିନିଟ୍‌ରେ ବର୍ଷା ବନ୍ଦ ହୋଇଥିଲା। ରାତି ୧୧ଟା ୧୩ ମିନିଟ୍‌ରେ ୫ ଓଭର ଖେଳ ଆରମ୍ଭ କରିବାକୁ ସୂଚନା ଥିଲା। ୧୧ଟା ୧୪ରୁ ଖେଳ ଆରମ୍ଭ ହୋଇ ୧୧ଟା ୪୦ରେ ଖେଳ ଶେଷ କରିବାକୁ ମ୍ୟାଚ୍ ରେଫରିଙ୍କ ନିର୍ଦ୍ଦେଶାବଳୀ ରହିଥିଲା। ବର୍ଷା ବନ୍ଦ ହେବା ଓ ୫ ଓଭର ବିଶିଷ୍ଟ ଖେଳ ଆରମ୍ଭ ହେବା ମଧ୍ୟରେ ୪୫ ମିନିଟ୍ ବ୍ୟବଧାନ ରହିଥିଲା। ପଡ଼ିଆରେ ଘୋଡାଯାଇଥିବା ପାଲରେ ପାଣି ଭରପୁର ରହିଥିଲା। ୧୧ଟା ୧୪ ମିନିଟ ମଧ୍ୟରେ ପଡ଼ିଆକୁ ଶୁଖାଇବା ସମ୍ଭବପର ନ ହେବାରୁ ମ୍ୟାଚକୁ ବାତିଲ କରିବା ଲାଗି ଅମ୍ପାୟାର ଜେ ମଦନଗୋପାଳ, ଅଭିଜିତ ବାଙ୍ଗେରୀ ଓ ମ୍ୟାଚ୍ ରେଫରୀ ଜାଭାଗଲ ଶ୍ରୀନାଥ ନିଷ୍ପତ୍ତି ନେଇଥିଲେ।

| ଆଜିର ଆଇପିଏଲ୍ ମ୍ୟାଚ୍ |
| --- |
| ରାଜସ୍ଥାନ ବନାମ ମୁମ୍ବଇ |
| ଭେନ୍ୟୁ-ଗୌହାଟୀ |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |

## ୨୨ଟି ମ୍ୟାଚ୍‌ରେ ୧୪ ପରାଜୟ
# ସଂକଟରେ ଚେନ୍ନଇ ନେତୃତ୍ୱ

ଚେନ୍ନଇ,୬।୪(ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଚେନ୍ନଇ ସୁପର କିଙ୍ଗ୍‌ସ (ସିଏସ୍‌କେ)ର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହି ପରିଚୟ ହେଉଛି ନିୟମିତ ସଫଳତା ପାଇବା। କିନ୍ତୁ ଦଳର ନୂଆ ଅଧିନାୟକ ଋତୁରାଜ ଗାଏକ୍ୱାଡ ଏବେ ନେତୃତ୍ୱ ନେବାରେ ପରିପକ୍ୱ ହୋଇ ନାହାନ୍ତି। ତାଙ୍କ ନେତୃତ୍ୱରେ ଦଳ ଗତ ୨୨ଟି ମ୍ୟାଚ୍‌ରେ ୧୪ଥର ପରାଜିତ ହୋଇଥିଲାବେଳେ ୮ଟିରେ ବିଜୟୀ ହୋଇଛି। ଜଣେ ନୂଆ ଅଧିନାୟକଙ୍କ ହାତରେ ଟିମ୍ ଖରାପ ପ୍ରଦର୍ଶନ କରିବା କିଛି ନୂଆ କଥା ନୁହେଁ। କିନ୍ତୁ ସଂଖ୍ୟାରେ ଦେଖିଲେ ଚଳିତବର୍ଷ ହ୍ୟାଟ୍ରିକ୍ ପରାଜୟ, ୨୨ ମ୍ୟାଚ୍‌ରୁ ୧୪ତମ ପରାଜୟର ସଂଖ୍ୟାକୁ ଦେଖିଲେ ଚେନ୍ନଇ ନେତୃତ୍ୱରେ



କେଉଁଠି ନା କେଉଁଠି ତ୍ରୁଟି ପରିଲକ୍ଷିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହା ଫରେ ଦଳର ପରିଚୟ ହଜିବାକୁ ବସିଲାଣି। ଅନ୍ୟପକ୍ଷରେ ଦେଖିଲେ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ଦଳ ଯେଉଁ ରଣନୀତି ଗ୍ରହଣ କରିଆସିଛି ତାହା ଏବେ ଚେନ୍ନଇର ଧାରାରେ ପଡ଼ିଯାଇଛି। ଏହା ସତ୍ତ୍ୱେ ଦଳ ସଫଳତା ନ ପାଇବା ନେତୃତ୍ୱ ଶୈଳୀ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଚଳିତ ସିଜନରେ ଚେନ୍ନଇର ଖେଳାଳିଙ୍କୁ ଦେଖିଲେ ସେପରି କିଛି ଗୁରୁତ୍ୱପୂର୍ଣ୍ଣ ବିଦେଶୀ ଦଳରେ ନାହାନ୍ତି। ନିଜେ ଅଧିନାୟକ ଗାଏକ୍ୱାଡ ପ୍ରଥମ ୩ଟି ମ୍ୟାଚ୍‌ରେ ୨ଥର ଶୂନରେ ଆଉଟ ହେବା ଓ ସଞ୍ଜୁ ସାମସନ ୩ଟି ଯାକ ଇନିଂସରେ ବଡ଼ ସ୍କୋର କରି ନ ପାରିବା ଦଳର ରଣନୀତିକୁ ପ୍ରଭାବିତ କରୁଛି। ଯେଉଁକିଛି ପ୍ରତିଭା ଦଳରେ ଅଛନ୍ତି, ସେମାନଙ୍କୁ ଉଚିତ ସମୟରେ କାମରେ ଲଗାଇ ସଫଳତା ପାଇବା ଧୋନିଙ୍କ ପରି ଗାଏକ୍ୱାଡ ସମର୍ଥ ହେଉ ନାହାନ୍ତି। ସେ ଏପରି ଜଣେ ଅଧିନାୟକ ଯିଏକି ଦଳର ରଣନୀତି ଅନୁଯାୟୀ ନେତୃତ୍ୱ ନେଉଛନ୍ତି। ବ୍ୟକ୍ତିଗତ ଭାବେ କୌଣସି ନିଷ୍ପତ୍ତି ନେଉ ନାହାନ୍ତି।

ଏଭଳି ସ୍ଥିତିରେ ଦଳୀୟ ରଣନୀତି ଫେଲ ମାରିଲେ ସଫଳତାର ମନ୍ତ୍ର କିଏ ଦେବ। ପଡ଼ିଆ ଭିତରେ କେବଳ ଅଧିନାୟକ ପରିସ୍ଥିତିକୁ ଠିକ୍ ଭାବେ ବୁଝିପାରିବେ। ଏଣୁ ଗାଏକ୍ୱାଡ୍ ଏଥିରେ ବିଫଳ ହେଲେ ତାଙ୍କ ସ୍ଥାନରେ ସାମସନ ଉପଯୁକ୍ତ ବ୍ୟକ୍ତିଭାବେ ଦାୟିତ୍ୱ ନେଇପାରିବେ। କିନ୍ତୁ ଫ୍ରାଞ୍ଚାଇଜ୍ ଏଭଳି ନିଷ୍ପତ୍ତି ନେବା ଲାଗି ବିଳମ୍ବ ହୋଇପାରେ।

## ଆଇସିସି ଶ୍ରେଷ୍ଠ ଖେଳାଳି ଦୌଡ଼ରେ ସାମ୍‌ସନ୍ ଓ ବୁମ୍‌ରା

ଦୁବାଇ,୬।୪(ଏଜେନ୍ସି): ମାର୍ଚ୍ଚ ମାସ ଲାଗି ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ବା ଏ ମାସର ଶ୍ରେଷ୍ଠ ଖେଳାଳି ଦୌଡ଼ରେ ଭାରତର ଦୁଇ ଖେଳାଳି ସଞ୍ଜୁ ସାମସନ ଓ ଯଶପ୍ରୀତ୍ ବୁମ୍‌ରା ସାମିଲ ହୋଇଛନ୍ତି। ସେହିପରି ଦକ୍ଷିଣ ଆଫ୍ରିକାର ଯୁବ ବ୍ୟାଟର କନ୍ନର ଇସ୍ତରହୁଇଜେନ୍ ମଧ୍ୟ ଏହି ଦୌଡ଼ରେ ରହିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ସେ ୨୦୦ ରନ୍ କରିଥିଲେ। ଅନ୍ୟପକ୍ଷରେ ଏହି ମାସରେ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଥିବା ଭାରତୀୟ ଦଳର ସଞ୍ଜୁ ସାମସନ ଓ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ୧୫ଟି ୱିକେଟ ନେଇ ଏହି ତାଲିକାରେ ରହିଛନ୍ତି। ସାମସନ ଭାରତ ଲାଗି ନିଶ୍ଚିତ ଜିତିବାକୁ ଥିବା ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୯୭ ଓ ଏହାପରେ ସେମିଫାଇନାଲ ଓ ଫାଇନାଲରେ ୮୯ ରନ୍ ଲେଖାଏଁ ସଂଗ୍ରହ କରି ଭାରତକୁ ଚାମ୍ପିଅନ କରାଇବା ସହ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ସାବ୍ୟସ୍ତ ହୋଇଥିଲେ। ବ୍ୟାଟିଂ ଲାଗି ସହାୟକ ହେଉଥିବା ଫାଇନାଲ ମ୍ୟାଚ୍ ଖେଳାଯାଇଥିବା ପିଚ୍‌ରେ ବୁମ୍‌ରା ଉଚ୍ଚକୋଟୀର ବୋଲିଂ କରି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହେବା ସହ ଭାରତକୁ ଚାମ୍ପିଅନ କରାଇଥିଲେ।

### ଚାର୍ଲଷ୍ଟନ ଓପନ୍ ଟେନିସ୍

# ଟାଇଟଲ ବଜାୟ ରଖିଲେ ପେଗୁଲା

ୱାଶିଂଟନ,୬।୪(ଏଜେନ୍ସି): ଆମେରିକାର ଜେସିକା ପେଗୁଲା ଚାର୍ଲଷ୍ଟନ ଓପନ ମହିଳା ଟେନିସ ଟୁର୍ଣ୍ଣାମେଣ୍ଟରେ ଏକକ ଟାଇଟଲ ବଜାୟ ରଖିଛନ୍ତି। ଡିଫେଣ୍ଡିଂ ଚାମ୍ପିଅନ ପେଗୁଲା ଫାଇନାଲ ମ୍ୟାଚ୍‌ରେ ୟୁକ୍ରେନର ଏସ୍. ଜୁଲିଆଙ୍କୁ ୬-୨,



୬-୨ ସିଧାସଳଖ ସେଟରେ ପରାସ୍ତ କରି ସେ ତାଙ୍କ କ୍ୟାରିୟରର ଏକାଦଶ ଏବଂ ଚଳିତ ବର୍ଷ ଦୁବାଇ ଓପନ ପରେ ଦ୍ୱିତୀୟ ଟାଇଟଲ ବିଜୟୀ ହୋଇଛନ୍ତି। ନ୍ୟୁୟର୍କର ଏହି ୩୨ ବର୍ଷିଆ ଖେଳାଳି ଫାଇନାଲକୁ ମାତ୍ର ଏକ ଘଣ୍ଟା ୨୨ ମିନିଟ୍‌ରେ ଶେଷ କରିଥିଲେ।

## ୟୁଏସ୍ ପୁରୁଷ କ୍ଲେ କୋର୍ଟ ଟେନିସ
# ଟମି ପଲ୍ ଚାମ୍ପିଅନ

ନ୍ୟୁୟର୍କ,୬।୪(ଏଜେନ୍ସି): ଆମେରିକାର ଟମି ପଲ୍ ଲଢୁଆ ଖେଳ ପ୍ରଦର୍ଶନ କରି ୩ଟି ମ୍ୟାଚ୍ ପଏଣ୍ଟ ବଞ୍ଚାଇ ଏଠାରେ ଶେଷ ହୋଇଥିବା



ୟୁଏସ୍ ପୁରୁଷ କ୍ଲେ କୋର୍ଟ ଟେନିସ ଚାମ୍ପିଅନସିପ୍‌ରେ ଟାଇଟଲ ବିଜୟୀ ହୋଇଛନ୍ତି। ରବିବାର ୨ଘଣ୍ଟା ୪୦ ମିନିଟ ଧରି ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଟମି ୬-୧, ୩-୬, ୭-୫ ସେଟ୍‌ରେ ଆର୍ଜେଣ୍ଟିନାର ରୋମାନ ବୁରୁଚୁଗାଙ୍କୁ ପରାସ୍ତ କରିଥିଲେ। ଆମେରିକା ଏହି ୮୯ତମ ମାନ୍ୟତାପ୍ରାପ୍ତ ଖେଳାଳିଙ୍କର ଏହା ୫ମ ଏଟିପି ଟାଇଟଲ। ଟମି ପ୍ରତିଦ୍ୱନ୍ଦ୍ୱୀ ରୋମାନଙ୍କ ପ୍ରତ୍ୟେକ ଚାଲ୍‌କୁ ପଛରେ ପକାଇ ଏଠାରେ ଟାଇଟଲ ଜିତିବାରେ ସମର୍ଥ ହୋଇଥିଲେ।

## ଏସିଆନ୍ ବକ୍ସିଂ: ଫାଇନାଲରେ ପ୍ରିୟା, ପ୍ରୀତି ଓ ଅରୁନ୍ଧତୀ

ନୂଆଦିଲ୍ଲୀ,୬।୪(ଏଜେନ୍ସି): ଭାରତର ୩ ଜଣ ମହିଳା ପ୍ରତିଯୋଗୀ ପ୍ରିୟା, ପ୍ରୀତି ପାୱାର ଓ ଅରୁନ୍ଧତୀ ଚୌଧୁରୀ ମଙ୍ଗୋଲିଆର ଉଲାନବାତରଠାରେ ଚାଲିଥିବା ଏସିଆନ ବକ୍ସିଂ ଚାମ୍ପିଅନସିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ୫୪ କେଜି ଫାଇନାଲରେ ପ୍ରୀତିଙ୍କ ସହ ଚାଇନିଜ୍ ତାଇପେର ୩ଥର ବିଶ୍ୱଚାମ୍ପିଅନ ହୁଆଙ୍ଗ୍, ୬୦ କେଜିରେ ପ୍ରିୟାଙ୍କ ସହ ଉତ୍ତର କୋରିଆର ଉନ୍ ଗ୍ୟୋଙ୍ଗ୍ ଓନ୍, ୭୦ କେଜିରେ ଅରୁନ୍ଧତୀ କାଜାଖସ୍ତାନର ବାକିତ ସେଇଦିଶଙ୍କୁ ଭେଟିବେ। ଅନ୍ୟ ମହିଳାଙ୍କ ମଧ୍ୟରେ ବିଶ୍ୱ ଚାମ୍ପିଅନ ନିଖତ ଜରିନ, ଲଭଲିନା ବୋରୋଗୋହାଁଇ, ଅଙ୍କୁଶିତା ବୋରୋ, ପୂଜା ରାଣୀ ସେମିଫାଇନାଲରେ ପରାଜିତ ହୋଇଛନ୍ତି। ଜଣେ ପୁରୁଷ ବିଭାଗ ଫାଇନାଲରେ ପ୍ରବେଶ କରିଥିଲାବେଳେ ଆସନ୍ତାକାଲି ମହିଳା ବିଭାଗରେ ଆଉ ୨ଜଣ ସେମିଫାଇନାଲ ଖେଳିବେ।

## ବିସିସିଆଇ କ୍ୟାମ୍ପରେ ଭାଗନେବେ ସମ୍ବିତ

କଟକ, ୬।୪ (ସମିସ): ବେଙ୍ଗାଲୁରୁ ସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସେଲେନ୍‌ସ (ସିଓଇ)ରେ ୨୫ ବର୍ଷରୁ କମ୍ ପ୍ରତିଭାବାନ କ୍ରିକେଟରଙ୍କ ହାଇ ପରଫର୍ମାନ୍‌ସ ତାଲିମ ଶିବିର ଅନୁଷ୍ଠିତ ହେବ। ଏପ୍ରିଲ ୧୨ରୁ ମେ' ୭ ପର୍ଯ୍ୟନ୍ତ ଏହି ଶିବିର ଚାଲିବ। ଏଥିରେ ଭାଗନେବା ପାଇଁ ଓଡ଼ିଶାର ଏକମାତ୍ର କ୍ରିକେଟର ଭାବେ ଅଲ୍‌ରାଉଣ୍ଡର ସମ୍ବିତ ବରାଳ ମନୋନୀତ



ହୋଇଛନ୍ତି। ୨୩ ବର୍ଷ ବୟସ୍କ ସମ୍ବିତ ୨୦୨୨୫-୨୬ ଋତୁରେ ଓଡ଼ିଶା ପାଇଁ ତିନିଟିଯାକ ଫର୍ମାଟରେ ଖେଳିଥିଲେ। ସେ ୬ଟି ରଣଜୀ ଟ୍ରଫି ମ୍ୟାଚ୍‌ରୁ ୧୫ଟି ୱିକେଟ୍ ନେବା ସହ ୧୮୫ ରନ୍ କରିଥିଲ। ପୁଣି ୭ଟି ଲିଷ୍ଟ-ଏ ବା ଦିନିକିଆ ମ୍ୟାଚ୍‌ରେ ସମ୍ବିତ ୯ଟି ୱିକେଟ୍ ନେବା ସହ ୮୫ ରନ୍ ଏବଂ ୯ଟି ଟ୍ୱେଣ୍ଟି୨୦ ମ୍ୟାଚ୍‌ରେ ଗୋଟିଏ ୱିକେଟ୍ ନେବା ସହ ୪୬ ରନ୍ କରିଥିଲେ।

### ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା ଉଦ୍‌ଯାପିତ

# କଟକ ଜିଲ୍ଲା ଚାମ୍ପିଅନ, ଖୋର୍ଦ୍ଧା ରନର୍ସଅପ୍

ଭୁବନେଶ୍ୱର,୬।୪(ସମିସ)

୪୬ତମ ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା ଉତ୍କଳ କରାଟେ ସ୍କୁଲ ପରିସରରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାରୁ ୧୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଶେଷରେ କଟକ ଜିଲ୍ଲା ମୋଟ ୨୦ଟି ସ୍ୱର୍ଣ୍ଣ ପଦକ ପାଇ ପ୍ରଥମ, ଖୋର୍ଦ୍ଧା ଜିଲ୍ଲା ୫ଟି ସ୍ୱର୍ଣ୍ଣ ପଦକ ପାଇ ରନର୍ସ ଅପ୍ ଓ ପୁରୀ ଜିଲ୍ଲା ୩ଟି ସ୍ୱର୍ଣ୍ଣ ପଦକ ପାଇ ତୃତୀୟ ସ୍ଥାନରେ ରହିଥିଲା। ବ୍ୟକ୍ତିଗତ ବିଭାଗରେ ପୁରୁଷ ବିଭାଗରେ କଟକର ଚନ୍ଦନ ମହାପାତ୍ର, ମହିଳାରେ ଖୋର୍ଦ୍ଧାର ଲକିରାଣୀ ପାତ୍ର ଓ କନିଷ୍ଠ ପୁରୁଷ ବିଭାଗରେ ଖୋର୍ଦ୍ଧାର ପ୍ରତ୍ୟୁଷ ପ୍ରିୟଦର୍ଶୀ, ପାରା ଖେଳାଳି ବିଭାଗରେ ଶୁଭଜିତ ପାଢ଼ୀ ଓ ମାଷ୍ଟର ପୁରୁଷ ବିଭାଗରେ କଟକର ଉମେଶ



ପୃଷ୍ଟି ଶ୍ରେଷ୍ଠ ଖେଳାଳି ବା ଚାମ୍ପିଅନ ଅଫ୍ ଚାମ୍ପିଅନ୍ସ ଭାବେ ବିବେଚିତ ହୋଇଥିଲେ।

ପୁରୁଷ ବିଭାଗ ୫୫ କେଜିରେ କଟକର ଆଲୋକ ମହାପାତ୍ର, ୬୫ କେଜିରେ କଟକର ରାହୁଲ ମୁଖୀ, ୭୫ କେଜିରେ କଟକର ଶୁଭମ ସାହୁ, ୮୦ କେଜିରେ ପୁରୀର ଚିନ୍ମୟ ରାଉତ୍, ୯୦ କେଜିରେ କଟକର ଆଦିତ୍ୟ ନାୟକ, ୧୦୦ କେଜି ବାମ ହାତ ଓ ୧୦୦ରୁ ଊର୍ଦ୍ଧ୍ୱ କେଜି ଡାହାଣହାତରେ କଟକର ଚନ୍ଦନ ମହାପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ।

ମହିଳା ୬୦ କେଜିରେ କଟକର ମଧୁସ୍ମିତା ସେନାପତି, ୭୦ କେଜିରେ ଗଜପତିର ଶିଳା ସାମନ୍ତରାୟ, ୮୦ କେଜିରେ ଖୋର୍ଦ୍ଧାର ସୌମ୍ୟା ଦାଶ୍, ୯୦ କେଜିରେ ଖୋର୍ଦ୍ଧାର ଲକିରାଣୀ ପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବାମହାତୀ ପୁରୁଷ ବିଭାଗ ୬୦ କେଜିରେ କଟର ରୁଦ୍ର ନାୟକ, ୬୫ କେଜିରେ କଟକର ରାହୁଲ ନାୟକ, ୭୦ କେଜିରେ କଟକର ସତମ ଧଳ, ଶୁଭମ ବେହେରା, ୯୦ କେଜିରେ କଟକର ଆଦିତ୍ୟ ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

### ■ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ରଗ୍‌ବୀ

# କିଟ୍ ମହିଳା ଚାମ୍ପିଅନ, ପୁରୁଷ ରନର୍ସଅପ୍



ଭୁବନେଶ୍ୱର,୬।୪(ସମିସ): ଏଠାରେ ଆଜି ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ରଗବୀ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। କିଟ୍ ପରିସରରେ ଖେଳାଯାଇଥିବା ଏହି ପ୍ରତିଯୋଗିତାର ମହିଳା ବିଭାଗରେ କିଟ୍ ଚାମ୍ପିଅନ ହୋଇଥିଲାବେଳେ ପୁରୁଷ ବିଭାଗରେ ରନର୍ସ ଅପ୍ ହୋଇଛି। ଉଭୟ ଦଳ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଏଠାରେ ରଗ୍‌ବୀ-୭ ଓ ରଗବୀ -୧୫ କାଟାଗୋରୀରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରଗ୍‌ବୀ-୭ରେ କିଟ୍‌କୁ ଏହି ସଫଳତା ମିଳିଥିଲା। ମହିଳା ବିଭାଗରେ କୋଲ୍‌ହାପୁରର ଶିବାଜୀ ବିଶ୍ୱବିଦ୍ୟାଳୟ ରନର୍ସଅପ୍ ହୋଇଥିଲାବେଳେ କିସ୍ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ପୁରୁଷ ବିଭାଗ ରଗ୍‌ବୀ-୭ରେ ମୋହାଲିସ୍ଥିତ ଚଣ୍ଡିଗଡ ବିଶ୍ୱବିଦ୍ୟାଳୟ ଚାମ୍ପିଅନ ହୋଇଥିଲାବେଳେ କିସ୍ ୭ମ ସ୍ଥାନରେ ରହିଥିଲା। ରଗ୍‌ବୀ-୧୫ ଏ ସାଇଡ୍‌ରେ କିଟ୍ କିମ୍ବା କିସ୍ ପ୍ରଥମ ୪ଟି ଦଳ ମଧ୍ୟରେ ସ୍ଥାନ ପାଇ ନ ଥିଲେ। କିଟ୍‌ର ପଦକ ବିଜେତାଙ୍କୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS